# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ସେପ୍ଟେମ୍ବର ୧୯/୨୦୨୩ (୧୬ ପୃଷ୍ଠା) | Bhubaneswar, Tuesday, September 19/2023 | Page 16 | ₹ 7.00

୪୯ଶ ଭାଗ ୨୯୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 49 ISSUE 295 | ମୂଲ୍ୟ₹୭/-




ଧରିତ୍ରୀ DHARITRI
ଭୁବନେଶ୍ୱର, ମଙ୍ଗଳବାର, ୧୯ ସେପ୍ଟେମ୍ବର , ୨୦୨୩

## ଆମେରିକା ଯୁଦ୍ଧ ବିମାନ ନିଖୋଜ

ଆମେରିକାର ଦକ୍ଷିଣ କରୋଲିନାଠାରୁ ଯୁଦ୍ଧ ବିମାନ (ଏଫ୍-୩୫) ରବିବାର ନିଖୋଜ ହୋଇଯାଇଛି। ତେବେ ଏହାର ପାଇଲଟ୍ ସୁରକ୍ଷିତ ଅଛନ୍ତି। ଏହି ବିମାନଟିକୁ ଖୋଜି ବାହାର କରିବା ପାଇଁ ଆମେରିକା ମିଲିଟାରି ବିଭାଗ ପକ୍ଷରୁ ଲୋକଙ୍କୁ ଅନୁରୋଧ କରାଯାଇଛି। ସେହିପରି ଚାର୍ଲେଷ୍ଟନ୍ ସହରର ଉତ୍ତର ପାର୍ଶ୍ୱରେ ଖୋଜାଖୋଜି କରାଯାଉଛି ବୋଲି ବିଭାଗୀୟ କର୍ତ୍ତୃପକ୍ଷ କହିଛନ୍ତି।



**ସଂକ୍ଷେପରେ**

## ତାଇୱାନ୍‌କୁ ୧୦୩ ଯୁଦ୍ଧ ବିମାନ ପଠାଇଲା ଚାଇନା

**ତାଇପେଇ,୧୮।୯:** ଚାଇନା ସୈନ୍ୟବାହିନୀ ୨୪ ଘଣ୍ଟା ମଧ୍ୟରେ ତାଇୱାନ୍‌କୁ ୧୦୩ ଯୁଦ୍ଧବିମାନ ପଠାଇ ଭୟର ବାତାବରଣ ସୃଷ୍ଟି କରିଥିବା ତାଇପେଇ ପକ୍ଷରୁ କୁହାଯାଇଛି। ରବିବାର ସକାଳ ୬ରୁ ସୋମବାର ସକାଳ ୬ ମଧ୍ୟରେ ଏହି ବିମାନଗୁଡ଼ିକୁ ଦେଖିବାକୁ ମିଳିଥିଲା ବୋଲି ତାଇୱାନ ପ୍ରତିରକ୍ଷା ମନ୍ତ୍ରଣାଳୟ ସୂଚନା ଦେଇଛି। ତେବେ ସେଗୁଡ଼ିକ ତାଇୱାନ୍‌ରେ ପହଞ୍ଚିବା ପୂର୍ବରୁ ଫେରିଯାଇଥିଲେ। ଚାଇନା ଯୁଦ୍ଧବିମାନ ନିୟମିତ ଅଳ୍ପ ସଂଖ୍ୟାରେ ତାଇୱାନ୍‌କୁ ଆସିଥାନ୍ତି। ତେବେ ଗୋଟିଏ ଦିନରେ ଏତେସଂଖ୍ୟାରେ ବିମାନ ପଠାଯିବାର କାରଣ କ'ଣ ତାହା ଜଣାପଡ଼ିନାହିଁ।

## ବାଘଙ୍କ ଗତିବିଧି ଉପରେ ନଜର ରଖିବ ଏଆଇ କ୍ୟାମେରା

**ନାଗପୁର,୧୮।୯:** ବାଘର ଗତିବିଧି ସମ୍ପର୍କରେ ଦ୍ରୁତ ସୂଚନା ଦେବା ଲାଗି ଏକ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) କ୍ୟାମେରା ବିକଶିତ ହୋଇଛି। ଏହି ଟେକ୍ନୋଲଜିକୁ ଟ୍ରାଏଲ୍‌ଗାର୍ଡ ଏଆଇ କମ୍ପାନୀ ପକ୍ଷରୁ ବିକଶିତ କରାଯାଇଛି। ଏହି ଏଆଇ କ୍ୟାମେରା ବାଘଙ୍କୁ ଖୋଜି ବାହାର କରିବା ସହ ୩୦ ସେକେଣ୍ଡ ମଧ୍ୟରେ ଏହାର ଫଟୋ ଉଠାଇ ମୋବାଇଲକୁ ପଠାଇବ। ଗ୍ଲୋବାଲ୍ ଟାଇଗର ଫୋରମ (ଜିଟିଏଫ୍) ପକ୍ଷରୁ କୁହାଯାଇଛି ଭାରତରେ ଏହି ଟେକ୍ନୋଲଜିକୁ ବିକଶିତ କରାଯାଇଛି। ଏହା କେବଳ ବନ୍ୟଜନ୍ତୁଙ୍କ ଫଟୋ ଉଠାଇବ ନାହିଁ ବରଂ ସେମାନଙ୍କ ପ୍ରଜାତି ବିଷୟରେ ମଧ୍ୟ ସଠିକ୍ ସୂଚନା ଦେବ।

## ଗୋଟିଏ ସାମ୍ବିଧାନିକ ଧର୍ମ ଆବେଦନ ସୁପ୍ରିମକୋର୍ଟରେ ଖାରଜ

**ନୂଆଦିଲ୍ଲୀ,୧୮।୯:** ସାରା ଦେଶରେ ଗୋଟିଏ 'ସାମ୍ବିଧାନିକ ଧର୍ମ' ପ୍ରଚଳନ ଲାଗି ହୋଇଥିବା ଏକ ଆବେଦନକୁ ସୁପ୍ରିମକୋର୍ଟ ସୋମବାର ଖାରଜ କରିଦେଇଛନ୍ତି। ନିଜ ଧର୍ମ ବିଶ୍ୱାସରୁ ଲୋକଙ୍କୁ ଦୂରେଇ ରଖିପାରିବ କି ବୋଲି ସର୍ବୋଚ୍ଚ ଅଦାଲତ ଆବେଦନକାରୀଙ୍କୁ ପ୍ରଶ୍ନ କରିଥିଲେ। ଏଭଳି ପିଟିଶନ ଦାଏର କରିବା ଚିନ୍ତାଧାରା ତାଙ୍କ ମନକୁ କିପରି ଆସିଲା ଓ ଏହାର ଉଦ୍ଦେଶ୍ୟ କ'ଣ ବୋଲି ଜଷ୍ଟିସ୍ ସଞ୍ଜୀୟ କିଷନ କୌଲ ଏବଂ ସୁଧାଂଶୁ ଧୁଲିଆଙ୍କ ଖଣ୍ଡପୀଠ ପଚାରିଥିଲେ। ମୁକେଶ କୁମାର ଏବଂ ମୁକେଶ ମାନଭିର ସିଂ ରେଜିଷ୍ଟ୍ରାରଙ୍କ ଜରିଆରେ ସୁପ୍ରିମକୋର୍ଟରେ ପିଟିଶନ ଦାଏର କରିଥିଲେ।

## ଶିନ୍ଦେ ଗୋଷ୍ଠୀ ବିଧାୟକଙ୍କୁ ଅଯୋଗ୍ୟ ଘୋଷଣା ପାଇ ସମୟସୀମା ସ୍ଥିର କର

**ମହାରାଷ୍ଟ୍ର ବାଚସ୍ପତିଙ୍କୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ**

**ନୂଆଦିଲ୍ଲୀ,୧୮।୯:** ଉଦ୍ଧବ ଠାକ୍‌ରେଙ୍କ ନେତୃତ୍ୱାଧୀନ ଶିବସେନାରୁ କେତେଜଣ ବିଧାୟକ ଓହରିଯାଇ ବିଦ୍ରୋହୀ ନେତା ଏକନାଥ ଶିନ୍ଦେଙ୍କ ଗୋଷ୍ଠୀରେ ସାମିଲ ହେବା ଯୋଗୁ ମହାରାଷ୍ଟ୍ରରେ ଶିବସେନା-ଏନ୍‌ସିପି-କଂଗ୍ରେସ ମେଣ୍ଟ ସରକାର ଭାଙ୍ଗିଯାଇଥିଲା। ନେତୃତ୍ୱ ବଦଳାଇଥିବା ବିଧାୟକମାନଙ୍କୁ ଅଯୋଗ୍ୟ ଘୋଷଣା ନିଷ୍ପତ୍ତିକୁ ବିଧାନସଭା ବାଚସ୍ପତି ରାହୁଲ ନରୱେକର ଏଡ଼ାଇ ଚାଲିଥିବାରୁ ଏଥିପାଇଁ ସମୟସୀମା ଧାର୍ଯ୍ୟ କରିବାକୁ ସୋମବାର ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ନିଷ୍ପତ୍ତିକୁ ବାଚସ୍ପତି ଝୁଲାଇ ରଖିପାରିବେ ନାହିଁ ବୋଲି ସିଜେଆଇ ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଖଣ୍ଡପୀଠ କହିଛନ୍ତି। ଅଦାଲତଙ୍କ ମେ' ୧୧ ରାୟ ପରେ ବାଚସ୍ପତି କ'ଣ ପଦକ୍ଷେପ ନେଇଛନ୍ତି, ତାହା ଜଣାଇବାକୁ ଖଣ୍ଡପୀଠ ସଲିସିଟର ଜେନେରାଲ ତୁଷାର ମେହେଟ୍ଟାଙ୍କୁ କହିଛନ୍ତି।



ଗଣେଶ ଚତୁର୍ଥୀ ପୂର୍ବରୁ କୋଲକାତାରେ ଜଣେ କାରିଗର ଗଣେଶ ମୂର୍ତ୍ତି ବିକ୍ରି ପାଇଁ ରଖିଛନ୍ତି।

## ତଥ୍ୟ ସଂଗ୍ରହ କଲା ଆଦିତ୍ୟ-ଏଲ୍୧

**ବେଙ୍ଗାଲୁରୁ,୧୮।୯**

ଭାରତର ପ୍ରଥମ ସୌର ଅଭିଯାନରେ ଯାଇଥିବା ମହାକାଶ ଯାନ ଆଦିତ୍ୟ-ଏଲ୍୧ ତଥ୍ୟ ସଂଗ୍ରହ କରିବା ଆରମ୍ଭ କରିଦେଇଛି। ଏହା ପୃଥିବୀ ଚତୁଃପାର୍ଶ୍ୱରେ ଥିବା କଣିକାଗୁଡ଼ିକର ଗୁଣ ସମ୍ପର୍କରେ ଅନୁଶୀଳନ କରିବାରେ ବୈଜ୍ଞାନିକମାନଙ୍କୁ ସହାୟକ ହେବ ବୋଲି ଇସ୍ରୋ କହିଛି। ଆଦିତ୍ୟ-ଏଲ୍୧ରେ ଲାଗିଥିବା ଉପକରଣର ସେନ୍‌ସର ପୃଥିବୀଠାରୁ ୫୦ ହଜାର କିଲୋମିଟର ଦୂରରେ ଥିବା ସୁପ୍ରା-ଥର୍ମାଲ ଏବଂ ଶକ୍ତିଯୁକ୍ତ ଆୟନ ଓ ଇଲେକ୍ଟ୍ରୋନ୍‌ଗୁଡ଼ିକୁ ମାପିବା ଆରମ୍ଭ କରିଛି। ଏଲ୍୧ ନିକଟରେ ମହାକାଶ ଯାନ ପହଞ୍ଚିବା ପରେ ସେଠାରୁ ଯେଉଁ ତଥ୍ୟ ସଂଗ୍ରହ କରିବ, ତାହା ସୌର ବାୟୁ ଏବଂ ମହାକାଶ ଜଳବାୟୁର ମୂଳ, ଏହାର ବେଗ ବୃଦ୍ଧି ସମ୍ପର୍କରେ ଆଲୋକପାତ କରିବ ବୋଲି ଇସ୍ରୋ ପକ୍ଷରୁ କୁହାଯାଇଛି। ଅହମଦାବାଦର ସ୍ପେସ୍ ଆପ୍ଲିକେଶନ ସେଣ୍ଟର ସହଯୋଗରେ ଫିଜିକାଲ ରିସର୍ଚ୍ଚ ଲାବରେଟୋରି ଉକ୍ତ ଉପକରଣର ବିକାଶ କରିଛି। ସେପ୍ଟେମ୍ବର ୨ରେ ଆଦିତ୍ୟ-ଏଲ୍୧ ଲଞ୍ଚ୍ ହୋଇଥିଲା। ସୂର୍ଯ୍ୟଙ୍କ ସମ୍ପର୍କରେ ଅଧ୍ୟୟନ ଲାଗି ଏଥିରେ ୭ଟି ଭିନ୍ନ ଭିନ୍ନ ପେଲୋଡ୍ ରହିଛି।

# ଆଜିଠୁ ନୂଆ ପାର୍ଲାମେଣ୍ଟ ବିଲ୍ଡିଂରେ ଅଧିବେଶନ

**ନୂଆଦିଲ୍ଲୀ,୧୮।୯(ପି.ଟି.)**



ରାଜ୍ୟ ସଭା ଏବଂ ଲୋକ ସଭା ଅଧିବେଶନ ମଙ୍ଗଳବାର ନୂଆ ପାର୍ଲାମେଣ୍ଟ ବିଲ୍ଡିଂରେ ଆରମ୍ଭ ହେବ। ନୂଆ ଚାମ୍ବରରେ ସଂଗଠିତ ବିଶୃଙ୍ଖଳା ଏବଂ ପ୍ଲାକାର୍ଡ ଦେଖାଇବାରୁ ଦୂରେଇ ରହିବାକୁ ଲୋକ ସଭା ବାଚସ୍ପତି ଓମ୍ ବିର୍ଲା ସଦସ୍ୟମାନଙ୍କୁ ନିବେଦନ କରିଛନ୍ତି। ନବନିର୍ମିତ ସଂସଦ ଭବନର ଉଚ୍ଚ ସଦନରେ ରାଜ୍ୟ ସଭା ଅଧିବେଶନ ଅପରାହ୍ନ ୨ଟା ୧୫ରେ ଆରମ୍ଭ ହେବାକୁ ଥିବାବେଳେ ନିମ୍ନ ସଦନରେ ଅପରାହ୍ନ ୧ଟା ୧୫ରେ ଲୋକ ସଭା ଅଧିବେଶନ ଆରମ୍ଭ ହେବ। ସୋମବାର ଉଭୟ ଗୃହର ସଦସ୍ୟମାନେ ପୁରୁଣା ସଂସଦ ଭବନକୁ ବିଦାୟ ଜଣାଇବା ଅବସରରେ ୭୫ ବର୍ଷର ସଂସଦୀୟ ଯାତ୍ରା ସମ୍ପର୍କରେ ଆଲୋଚନା କରିଥିଲେ। ଅଧିବେଶନ ଶେଷ କରିବା ପୂର୍ବରୁ ବାଚସ୍ପତି ବିର୍ଲା କହିଥିଲେ, ଐତିହାସିକ ତଥା ମର୍ଯ୍ୟାଦାଜନକ ଚାମ୍ବରରେ ଶେଷ ଦିନରେ ଗଠନମୂଳକ ଆଲୋଚନା ହୋଇଛି। ପ୍ରଧାନମନ୍ତ୍ରୀ ଓ ସବୁ ଦଳର ନେତା ଦେଶର ଗଣତାନ୍ତ୍ରିକ ଯାତ୍ରା ଓ ଐତିହାସିକ ନିଷ୍ପତ୍ତି ସମ୍ପର୍କରେ ସେମାନଙ୍କ ମତାମତ ଓ ଅଭିଜ୍ଞତା କହିଥିଲେ। ଏହା ସମସ୍ତଙ୍କ ପାଇଁ ଏକ ଐତିହାସିକ ଏବଂ ଅଭୁଲା ମୁହୂର୍ତ୍ତ। ଆମେ ନୂଆ ଭବନରେ ପ୍ରବେଶ କରିବାକୁ ଯାଉଥିଲାବେଳେ ପୁରୁଣା ବିଲ୍ଡିଂର ସ୍ମୃତି ଆମ ହୃଦୟରେ ସବୁବେଳେ ରହିବ ବୋଲି ବିର୍ଲା କହିଥିଲେ। ନୂଆ ଭବନରେ ଆମେ ଆମର ସଂସଦୀୟ ଗଣତନ୍ତ୍ରର ଯାତ୍ରା ଆରମ୍ଭ କରିବା। ସେଠାରେ ଆମେ ନୂଆ ମାଇଲଖୁଣ୍ଟ ପ୍ରତିଷ୍ଠା କରିବା ନେଇ ବାଚସ୍ପତି ଆଶାବ୍ୟକ୍ତ କରିଥିଲେ। ସେଥିପାଇଁ ସଦସ୍ୟମାନେ କେତେକ ପୁରୁଣା କାର୍ଯ୍ୟ ଯଥା ପ୍ଲାକାର୍ଡ ଦେଖାଇବା, ସଂଗଠିତ ଭାବେ ଗୃହ କାର୍ଯ୍ୟରେ ବିଶୃଙ୍ଖଳା ସୃଷ୍ଟି କରିବାରୁ ଦୂରେଇ ରହି ସର୍ବୋଚ୍ଚ ଗଣତାନ୍ତ୍ରିକ ପରମ୍ପରା ସ୍ଥାପନ କରିବାକୁ ବାଚସ୍ପତି ଅନୁରୋଧ କରିଥିଲେ। ରାଜ୍ୟ ସଭା ଅଧିବେଶନ ନୂଆ ବିଲ୍ଡିଂରେ ଅପରାହ୍ନ ୨ଟା ୧୫ରେ ଆରମ୍ଭ ହେବ ବୋଲି ଅଧ୍ୟକ୍ଷ ଜଗଦୀପ୍ ଧନ୍‌କର କହିଛନ୍ତି।

## ଗୋଟିଏ ଦଳ ଏକଚ୍ଛତ୍ରବାଦ ଶାସନ ଚଳାଇଛି: ଅଧୀର

**ସ୍ୱତନ୍ତ୍ର ଅଧିବେଶନର ପ୍ରଥମ ଦିନ**

■ହୁଇଲ୍ ଚେୟାରରେ ଆସିଲେ ମନମୋହନ

ସ୍ୱତନ୍ତ୍ର ଅଧିବେଶନର ପ୍ରଥମ ଦିନ ତଥା ପୁରୁଣା ସଂସଦ ଭବନରେ ଶେଷ ଦିନରେ ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂ ହୁଇଲ୍ ଚେୟାରରେ ରାଜ୍ୟ ସଭାରେ ଯୋଗ ଦେଇଥିଲେ। ୯୦ ବର୍ଷୀୟ ନେତା ଚୁପ୍‌ଚାପ୍ ୧ ଘଣ୍ଟା ବସିରହି ସଂସଦୀୟ ଗଣତନ୍ତ୍ରର ୭୫ ବର୍ଷର ଯାତ୍ରା ଉପରେ ଗୃହର ନେତା ପୀୟୂଷ ଗୋୟଲ ଏବଂ ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ୍ ଖାର୍ଗେଙ୍କ ଭାଷଣ ଶୁଣିଥିଲେ। ସେହିପରି ଅଧିବେଶନ ଆରମ୍ଭରେ କେ. ଚନ୍ଦ୍ରଶେଖର ରାଓଙ୍କ ଭାରତ ରାଷ୍ଟ୍ର ସମିତି (ବିଆର୍‌ଏସ୍) ପକ୍ଷରୁ ଏହାର ଏମ୍‌ପିମାନେ ମହିଳା ସଂରକ୍ଷଣ ଦାବିରେ ଗୃହରେ ପୋଷ୍ଟର ପ୍ରଦର୍ଶନ କରାଯାଇଥିଲା। ବିଆର୍‌ଏସ୍ ନେତା କେ. କେଶବ ରାଓ ପୋଷ୍ଟର ଧରି ଆଲୋଚନାରେ ଭାଗ ନେଇଥିଲେ। ପୋଷ୍ଟର ଦେଖାଇ ନିୟମ ଉଲ୍ଲଂଘନ କଲେ



ଅଧୀର ରଞ୍ଜନ ଚୌଧୁରୀ

କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ରାଜ୍ୟ ସଭା ଅଧ୍ୟକ୍ଷ ଜଗଦୀପ୍ ଧନ୍‌କର କହିଥିଲେ। ସରକାର ବହୁସଂଖ୍ୟକବାଦ ଆପଣାଇବା ସହ ସଂସଦୀୟ ଗଣତନ୍ତ୍ରର ସିଦ୍ଧାନ୍ତକୁ ଅଣଦେଖା କରୁଥିବା ରାଜ୍ୟ ସଭାରେ ବିରୋଧୀ ସଦସ୍ୟମାନେ ଅଭିଯୋଗ ଆଣିଥିଲେ। ଗଣତନ୍ତ୍ର ଅର୍ଥ ସଂଖ୍ୟାଗରିଷ୍ଠଙ୍କ ଅତ୍ୟାଚାରରୁ ସୁରକ୍ଷା ଦେବା ବୋଲି ସମ୍ବିଧାନ ପ୍ରଣେତା ବି.ଆର୍. ଆମ୍ବେଡ୍‌କରଙ୍କ ଉକ୍ତିକୁ ଉଦ୍ଧାର କରି ଆର୍‌ଜେଡି ସଦସ୍ୟ ମନୋଜ କୁମାର ଝା କହିଥିଲେ।

ଲୋକ ସଭାରେ କଂଗ୍ରେସ ନେତା ଅଧୀର ରଞ୍ଜନ ଚୌଧୁରୀ ଦେଶରେ ଗୋଟିଏ ଦଳର ଏକଚ୍ଛତ୍ରବାଦ ଚାଲିଛି ଏବଂ ବିରୋଧୀ ଦଳ ଶାସିତ ରାଜ୍ୟଗୁଡ଼ିକରେ ଅସ୍ଥିରତା ସୃଷ୍ଟି ଲାଗି ଉଦ୍ୟମ ହେଉଛି ବୋଲି ଅଭିଯୋଗ କରିଥିଲେ। ବିରୋଧୀ ନେତାଙ୍କୁ ଟାର୍ଗେଟ କରି କେନ୍ଦ୍ରୀୟ ଏଜେନ୍ସିଗୁଡ଼ିକର ଅପବ୍ୟବହାର କରାଯାଉଥିବା ସେ କହିଥିଲେ। ବିଭିନ୍ନ ଦଳର ଏମ୍‌ପିମାନଙ୍କ ମଧ୍ୟରେ ଭ୍ରାତୃଭାବ ଏବଂ ପାରସ୍ପରିକ ସମ୍ମାନ ରହିବା ଆବଶ୍ୟକ ବୋଲି ତୃଣମୂଳ କଂଗ୍ରେସ ସଦସ୍ୟ ସୁଦୀପ୍ ବନ୍ଦୋପାଧ୍ୟାୟ କହିଥିଲେ।



ଗୁଜରାଟର ନର୍ମଦା ଜିଲାରେ ପ୍ରବଳ ବର୍ଷାଜନିତ ବନ୍ୟାପାଣି ଘେରରୁ ଲୋକମାନଙ୍କୁ ଏନ୍‌ଡିଆର୍‌ଏଫ୍ କର୍ମଚାରୀମାନେ ଉଦ୍ଧାର କରୁଛନ୍ତି।

## ତାମିଲନାଡୁରେ ଭାଜପା ହାତ ଛାଡ଼ିଲା ଏଆଇଏଡିଏମ୍‌କେ

**ଆନ୍ନାମଲାଇ ମେଣ୍ଟ ବିରୋଧରେ କାମ କରୁଥିବା ଅଭିଯୋଗ**

**ନୂଆଦିଲ୍ଲୀ,୧୮।୯**

ତାମିଲନାଡୁରେ ଭାଜପା ସହ ମେଣ୍ଟ ନ ଥିବା ଏଆଇଏଡିଏମ୍‌କେ ସୋମବାର ଘୋଷଣା କରିଛି। ମେଣ୍ଟ ସମ୍ପର୍କିତ କୌଣସି ନିଷ୍ପତ୍ତି ନିର୍ବାଚନ ବେଳେ ନିଆଯିବ ବୋଲି ଦଳ ପକ୍ଷରୁ ସ୍ପଷ୍ଟ କରିଦିଆଯାଇଛି। ତାମିଲନାଡୁ ଭାଜପା ସଭାପତି ଆନ୍ନାମଲାଇଙ୍କୁ ଏଥିପାଇଁ ଏଆଇଏଡିଏମ୍‌କେ ଦାୟୀ କରିଛି। ଭାଜପା କ୍ୟାଡରମାନେ ମେଣ୍ଟ ସପକ୍ଷରେ ଥିବାବେଳେ ଆନ୍ନାମଲାଇ ଏହା ବିରୋଧରେ କାର୍ଯ୍ୟ କରୁଥିବା ଅଭିଯୋଗ ହୋଇଛି।

ଏଆଇଏଡିଏମ୍‌କେ ଦୀର୍ଘଦିନ ଧରି ଭାଜପା ନେତୃତ୍ୱାଧୀନ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ)ର ଅଂଶବିଶେଷ ରହିଥିଲା। ଗତ ଜୁଲାଇରେ ନୂଆଦିଲ୍ଲୀରେ ଅନୁଷ୍ଠିତ ଏନ୍‌ଡିଏ ବୈଠକରେ ଏହି ଦଳ ଯୋଗ ଦେଇଥିଲା। ତେବେ ଆନ୍ନାମଲାଇ ମେଣ୍ଟ ଚାହୁଁ ନାହାନ୍ତି। ସେ ସବୁବେଳେ ଆମ ନେତାମାନଙ୍କୁ ସମାଲୋଚନା କରୁଛନ୍ତି। ସେ ଭାଜପା ରାଜ୍ୟ ସଭାପତି ହେବାକୁ ଯୋଗ୍ୟ ନୁହନ୍ତି ବୋଲି ବରିଷ୍ଠ ଏଆଇଏଡିଏମ୍‌କେ ନେତା ଡି. ଜୟକୁମାର କହିଛନ୍ତି। ସେ ଆମ ନେତ୍ରୀ ଜୟଲଳିତାଙ୍କୁ ସମାଲୋଚନା କରିଆସୁଛନ୍ତି। ସେତେବେଳେ ଆମେ ଆନ୍ନାମଲାଇଙ୍କ ବିରୋଧରେ ପ୍ରସ୍ତାବ ଗୃହୀତ କରାଇଥିଲୁ। ନେତାମାନଙ୍କୁ ସମାଲୋଚନାକୁ ଆମେ ବରଦାସ୍ତ କରିପାରିବୁ ନାହିଁ ବୋଲି ଜୟକୁମାର କହିଛନ୍ତି। ଭାଜପା ସହ ମେଣ୍ଟ ଭାଙ୍ଗିବାର କୌଣସି ପ୍ରଭାବ ରାଜ୍ୟରେ ଦଳର ନିର୍ବାଚନୀ ଫଳାଫଳ ଉପରେ ପଡ଼ିବ ନାହିଁ। ଆଗାମୀ ନିର୍ବାଚନରେ ଏଆଇଏଡିଏମ୍‌କେ ନିଶ୍ଚୟ ଜିତିବ, ଭାଜପା ଖାତା ଖୋଲିପାରିବ ନାହିଁ ବୋଲି ଜୟକୁମାର କହିଛନ୍ତି।

## ଯୌନ ସମ୍ପର୍କ ପାଇଁ ଜୀବନସାଥୀ ମନା କରିବା ନିଷ୍ଠୁରତା: ହାଇକୋର୍ଟ

**ନୂଆଦିଲ୍ଲୀ,୧୮।୯**

ଜୀବନସାଥୀ ଯଦି ଉଦ୍ଦେଶ୍ୟମୂଳକ ଭାବେ ଯୌନ ସମ୍ପର୍କ ରଖିବାକୁ ମନା କରନ୍ତି, ତେବେ ଏହାକୁ ନିଷ୍ଠୁରତା ବିବେଚନା କରାଯିବ ବୋଲି ଦିଲ୍ଲୀ ହାଇକୋର୍ଟ କହିଛନ୍ତି। ମାତ୍ର ୩୫ ଦିନ ବୈବାହିକ ଜୀବନ ବିତାଇଥିବା ଏବଂ ବିବାହର ସ୍ୱାଦ ଚାଖି ନ ଥିବା ଏକ ଦମ୍ପତିଙ୍କ ଛାଡ଼ପତ୍ରକୁ ହାଇକୋର୍ଟ କାଏମ ରଖିଛନ୍ତି। ପରିବାର ଅଦାଲତ ଉଭୟଙ୍କ ବିବାହ ବିଚ୍ଛେଦକୁ ଅନୁମତି ଦେଇଥିବାବେଳେ ସ୍ତ୍ରୀ ଏହାକୁ




ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ଯୌନ ସମ୍ପର୍କ ବିନା ବିବାହ ଏକ ଅଭିଶାପ। ବିବାହରେ ଯୌନ ସମ୍ପର୍କ ନ ରଖିବା ଦୁଃଖଠାରୁ ଅଧିକ ମାରାତ୍ମକ କିଛି ନାହିଁ ବୋଲି ଜଷ୍ଟିସ ସୁରେଶ କୁମାର କାଏତ୍‌ଙ୍କ ନେତୃତ୍ୱାଧୀନ ଖଣ୍ଡପୀଠ କହିଛନ୍ତି। ସ୍ତ୍ରୀଙ୍କ ପ୍ରତିରୋଧ ଯୋଗୁ ସ୍ୱାମୀ ବୈବାହିକ ସୁଖରୁ ବଞ୍ଚିତ ହୋଇଛନ୍ତି। ତାଙ୍କୁ ଯୌତୁକ ନିର୍ଯାତନା ଦିଆଯାଉଥିବା ସ୍ତ୍ରୀ ପୋଲିସରେ ଅଭିଯୋଗ ମଧ୍ୟ ଦାଏର କରିଥିଲେ, ଯାହାର କୌଣସି ପ୍ରମାଣ ନାହିଁ। ଏହା ମଧ୍ୟ ଏକ ନିଷ୍ଠୁରତା ବୋଲି ଖଣ୍ଡପୀଠ କହିଛନ୍ତି। ଇଚ୍ଛାକୃତ ଭାବେ ଜୀବନସାଥୀ ଯୌନ ସମ୍ବନ୍ଧକୁ ମନା କରିବା ନିଷ୍ଠୁରତା, ବିଶେଷ କରି ନବବିବାହିତଙ୍କ କ୍ଷେତ୍ରରେ ଏହା ଛାଡ଼ପତ୍ର ପାଇଁ ଯଥେଷ୍ଟ କାରଣ ବୋଲି ଖଣ୍ଡପୀଠ ସ୍ପଷ୍ଟ କରିଦେଇଛନ୍ତି।

## ମଣିପୁରରେ ଏକତା ପାଇଁ ଆମେରିକାରେ ରାଲି

**ୱାଶିଂଟନ,୧୮।୯**

ମଣିପୁରରେ ଦୀର୍ଘ ୪ମାସରୁ ଊର୍ଦ୍ଧ୍ୱ ସମୟ ହେଲା ହିଂସା ଜାରି ରହିଛି। ଏଭଳି ସ୍ଥିତିରେ ରାଜ୍ୟରେ ଏକତା ଆଣିବା ପାଇଁ ଆମେରିକାରେ ରାଲି ଅନୁଷ୍ଠିତ ହୋଇଛି। ସେଠାରେ ରହୁଥିବା ଜୋ ସମ୍ପ୍ରଦାୟ ଭାରତୀୟ ଦୂତାବାସ ଆଗରେ ଶାନ୍ତିପୂର୍ଣ୍ଣ ଶୋଭାଯାତ୍ରା କରିଛନ୍ତି। ହିଂସା ଯୋଗୁ ମଣିପୁରରେ ରହୁଥିବା ମେଇତି ଓ କୁକି ସମ୍ପ୍ରଦାୟ ଅଧିକ ପ୍ରଭାବିତ ହୋଇଛନ୍ତି ବୋଲି ଆମେରିକାରେ ଥିବା ଜୋମି ଇନକୁଆନ ଅନୁଷ୍ଠାନ ପକ୍ଷରୁ କୁହାଯାଇଛି। ଏହି ହିଂସା ଓ ରାଜ୍ୟ ସରକାରଙ୍କ




କାର୍ଯ୍ୟାନୁଷ୍ଠାନ ଯୋଗୁ ଜୋମି-କୁକି ସମ୍ପ୍ରଦାୟ ଅଧିକ ପ୍ରଭାବିତ ହୋଇଛନ୍ତି ବୋଲି ଅନୁଷ୍ଠାନ ପକ୍ଷରୁ ଅଭିଯୋଗ କରାଯାଇଛି। ଏହି ରାଲିରେ ଜୋମି ସମ୍ପ୍ରଦାୟର ସଦସ୍ୟ ଓ ସମର୍ଥକମାନେ ଯୋଗଦେଇ ମଣିପୁରରେ ଶାନ୍ତି ଫେରାଇ ଆଣିବା ଲାଗି ତୁରନ୍ତ ପଦକ୍ଷେପ ନେବାକୁ ଦାବି କରିଥିଲେ। ଜୋମି ଇନ୍‌କୁଆନର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଯୋଗଦେଇ କହିଥିଲେ, 'ଆମ ଭୂମି, ଆମ ଅଧିକାର, ଆମର ସ୍ୱାଧୀନତା' ଏଗୁଡ଼ିକ କେବଳ ସ୍ଲୋଗାନ ନୁହେଁ ବରଂ ଆମ ସଂଘର୍ଷର ଆତ୍ମା। ମଣିପୁରରେ ଲାଗି ରହିଥିବା ହିଂସା ଯୋଗୁ ଆମ ଲୋକମାନେ ପ୍ରଭାବିତ ହୋଇଛନ୍ତି। ସୂଚନାଯୋଗ୍ୟ, ଗତ ୪ ମାସ ଧରି ମଣିପୁରରେ ହିଂସାକାଣ୍ଡ ଲାଗି ରହିଥିବାବେଳେ ଏଥିରେ ୧୨୦ ଜଣଙ୍କ ମୃତ୍ୟୁ ଘଟିଛି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ସେପ୍ଟେମ୍ବର ୧୯/୨୦୨୩ Bhubaneswar, Tuesday, September 19/2023

DSPL - 238

ଓଡ଼ିଶା ସରକାର

# ସବୁଜ ଓଡ଼ିଶା ସମୃଦ୍ଧ ଓଡ଼ିଶା

**ଜଙ୍ଗଲ, ବନ୍ୟପ୍ରାଣୀ ଓ ପରିବେଶ ସୁରକ୍ଷା ଏବଂ ଉନ୍ନତି ନିମନ୍ତେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ନିରବଚ୍ଛିନ୍ନ ଉଦ୍ୟମ।**

୧ ଭାରତୀୟ ବନ ସର୍ବେକ୍ଷଣ ସଂସ୍ଥାର ସର୍ବଶେଷ, ୨୦୨୧ ମସିହା ରିପୋର୍ଟ ଅନୁସାରେ ଓଡ଼ିଶାରେ ମୋଟ ୮୯୩ ବର୍ଗ କି.ମି. ଜଙ୍ଗଲ ଓ ବୃକ୍ଷ ଆଚ୍ଛାଦନ ବୃଦ୍ଧି।

୨ କେନ୍ଦୁପତ୍ର ସଂଗ୍ରହ ଓ ଏଥିରେ ସଂଶ୍ଳିଷ୍ଟ ଥିବା କର୍ମଚାରୀଙ୍କ ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ୨୫୦ କୋଟି ଟଙ୍କାର ସହାୟତା ପ୍ରଦାନ ପାଇଁ ନିର୍ଦ୍ଦେଶ। "ମୁଖ୍ୟମନ୍ତ୍ରୀ କେନ୍ଦୁପତ୍ର କଲ୍ୟାଣ ପାଣ୍ଠି" ପାଇଁ ୫୦ କୋଟି ଟଙ୍କାର ପାଣ୍ଠି ପାଇଁ ବଜେଟ୍‌ରେ ଘୋଷିତ।

୩ ମନୁଷ୍ୟ-ବନ୍ୟପ୍ରାଣୀ ସଂଘର୍ଷ ଜନିତ କ୍ଷୟକ୍ଷତି ନିମନ୍ତେ ଅନୁକମ୍ପା ରାଶି ବୃଦ୍ଧି।

- ମନୁଷ୍ୟ ମୃତ୍ୟୁ କ୍ଷେତ୍ରରେ ୪ ଲକ୍ଷରୁ ୬ ଲକ୍ଷ ଟଙ୍କାକୁ ବୃଦ୍ଧି / ୬୦% ରୁ କମ୍ ଅକ୍ଷମତା ପାଇଁ ୧.୫୦ ଲକ୍ଷ ଟଙ୍କା ଓ ଏହାଠାରୁ ଅଧିକ ଅକ୍ଷମତା କ୍ଷେତ୍ରରେ ୨.୫୦ଲକ୍ଷ ଟଙ୍କା / ସାମାନ୍ୟ ଆହତଙ୍କ ପାଇଁ ମାଗଣା ଚିକିତ୍ସା ସହ ୫,୦୦୦ରୁ ୧୦,୦୦୦ ଟଙ୍କା।
- ଗାଈ ବା ମଇଁଷି ମୃତ୍ୟୁରେ ୫,୦୦୦ ରୁ ୩୭,୫୦୦ ଟଙ୍କାକୁ ଓ ବଳଦ ମୃତ୍ୟୁରେ ୫,୦୦୦ରୁ ୩୨,୦୦୦ ଟଙ୍କାକୁ ବୃଦ୍ଧି।
- ଏକର ପିଛା ଧାନ ଓ ଅନ୍ୟାନ୍ୟ ଖାଦ୍ୟଶସ୍ୟ ପାଇଁ ୧୦,୦୦୦ ରୁ ୨୦,୦୦୦ ଟଙ୍କାକୁ ଓ ଅର୍ଥକାରୀ ଫସଲ ପାଇଁ ୧୨,୦୦୦ ରୁ ୨୫,୦୦୦ ଟଙ୍କାକୁ ବୃଦ୍ଧି।
- ଆଂଶିକ ଘର ଭାଙ୍ଗିଥିଲେ ୨,୦୦୦ ରୁ ୧୦,୦୦୦ ଟଙ୍କାକୁ ବୃଦ୍ଧି। ସମ୍ପୂର୍ଣ୍ଣ ଘର ଭାଙ୍ଗିଥିଲେ ବିଜୁ ପକ୍କାଘର କିମ୍ବା ସେହି ମୂଲ୍ୟ ସହିତ ଅତିରିକ୍ତ ଅର୍ଥ ୧୦,୦୦୦ ରୁ ୨୦,୦୦୦ ଟଙ୍କାକୁ ବୃଦ୍ଧି।





CMO.Odisha
@CMO_Odisha

ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ
ଓଡ଼ିଶା ସରକାର

OIPR-08001/13/0001/2324

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୧୯ ସେପ୍ଟେମ୍ବର, ୨୦୨୩



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଚୁଟିଆ ମୂଷା**
**ଧାନ ଟୋକି ଘରେ କଲୁଣି ବସା ।**

ଚୁଟିଆ ମୂଷା ଧାନ ଚାଉଳ ଖାଇବା ଲାଳସାରେ ଘରେ ବସା ବାନ୍ଧିଥାଏ । ଘରେ ଲୁଚିରହି ଆସବାବ ପ୍ରଭୃତି କାଟିକୁଟି ନଷ୍ଟ କରିଦେଇଥାଏ । ଆଧ୍ୟାତ୍ମିକ ଭାବରେ ବିଚାର କଲେ ଜୀବନର ସଞ୍ଚିତ କର୍ମରାଶିକୁ ଯିଏ ଅପହରଣ କରିଥାଏ ତାକୁ ମୂଷିକ କୁହାଯାଏ । ଘରେ ପଶି ଲୁଚେଇ ଛପେଇ ଆତ୍ମସାତ କରୁଥିବା ବ୍ୟକ୍ତିଙ୍କ ପ୍ରତି ଏଭଳି ଉକ୍ତି ପ୍ରକାଶ କରାଯାଇଛି ।

**ଚହଟ ମଲ୍ଲୀ**
**ଗାଁ ଚାରିପାଖ ବୁଲି ଅଇଲି**
**କେହି ନ କହିଲେ ବଅସ ବୋଲି ।**

ଯେଉଁଠି ଆଦର ଅଭ୍ୟର୍ଥନା ନ ଥାଏ ସେଠି ସମ୍ପର୍କ ପାଣିଚିଆ ବା ମୂଲ୍ୟହୀନ ଲାଗିଥାଏ । ସମ୍ପର୍କର ରଙ୍ଗ ଯେତେବେଳେ ଫିକା ହୋଇଯାଏ ସେତେବେଳେ ମନର ସରାଗ ଆପେ ଆପେ ମଉଳିଯାଏ । ଆନ୍ତରିକତାବିହୀନ ସମ୍ପର୍କକୁ ନେଇ ମନରେ ସୃଷ୍ଟି ହେଉଥିବା ହତାଶାଭାବ ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି ।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ

# ଅକ୍ଟୋବର ୧୫ରୁ ରତ୍ନଭଣ୍ଡାର ମରାମତି

## ହାଇକୋର୍ଟରେ ଶ୍ରୀମନ୍ଦିର ରତ୍ନଭଣ୍ଡାର ମାମଲା

- ଉପଯୋଗ ହେବ ମାଡ୍ରାସ ଆଇଆଇଟି ଜ୍ଞାନକୌଶଳ
- ଆବେଦନକାରୀଙ୍କ ପକ୍ଷରୁ ପ୍ରତିଜବାବ ଦାଖଲ
- ପାଳନ ହେଉନି ଶ୍ରୀମନ୍ଦିର ଆଇନ୍
- ପରବର୍ତ୍ତୀ ଶୁଣାଣି ଅକ୍ଟୋବର ୧୯ରେ



କଟକ,୧୮।୯ (କାର୍ତ୍ତିକ ସାହୁ)

ପୁରୀ ଶ୍ରୀମନ୍ଦିରର ରତ୍ନଭଣ୍ଡାର ମରାମତି ଆସନ୍ତା ଅକ୍ଟୋବର ୧୫ରୁ ଆରମ୍ଭ କରିବାକୁ ହାଇକୋର୍ଟ ସୋମବାର ନିର୍ଦ୍ଦେଶ ଦେଇଛନ୍ତି। ଏଥିପାଇଁ ଆବଶ୍ୟକ ଜ୍ଞାନକୌଶଳ ମାଡ୍ରାସ୍ ଆଇଆଇଟିରୁ ଅଣାଯିବା ସହ କିଏ କାମ କରିବ ସେ ନେଇ ଅକ୍ଟୋବର ୧୫ ପୂର୍ବରୁ ନିଷ୍ପତ୍ତି ନିଆଯିବ ବୋଲି ହାଇକୋର୍ଟ ନିର୍ଦ୍ଦେଶରେ ସ୍ପଷ୍ଟ କରିଛନ୍ତି । ହାଇକୋର୍ଟ ମୁଖ୍ୟ ବିଚାରପତି ଶୁଭାଶିଷ ତାଳପତ୍ର ଓ ବିଚାରପତି ସାବିତ୍ରୀ ରଥଙ୍କ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରିଛନ୍ତି। ପରବର୍ତ୍ତୀ ଶୁଣାଣି ଆସନ୍ତା ଅକ୍ଟୋବର ୧୯ ତାରିଖକୁ ଧାର୍ଯ୍ୟ ହୋଇଛି।

ସୂଚନା ଅନୁଯାୟୀ, ହାଇକୋର୍ଟରେ ଦାଖଲ ହୋଇଥିବା ରତ୍ନଭଣ୍ଡାର ମରାମତି ସଂକ୍ରାନ୍ତ ରିପୋର୍ଟ ଉପରେ ଆବେଦନକାରୀ ଦିଲ୍ଲୀପ କୁମାର ମହାପାତ୍ର ଶୁକ୍ରବାର ପ୍ରତିଜବାବ ଦାଖଲ କରିଛନ୍ତି। ପ୍ରତିଜବାବରେ ସେ ଦର୍ଶାଇଛନ୍ତି ଯେ, ସେକ୍ସନ-୯ରେ ରହିଥିବା ଶ୍ରୀମନ୍ଦିର ଆଇନ-୧୯୬୦ ପାଳନ ହେଉନାହିଁ। ଏହି ଆଇନ ଅନୁଯାୟୀ ରତ୍ନଭଣ୍ଡାରର ଅଳଙ୍କାର ଦେଖାଶୁଣା କରିବା ନିମନ୍ତେ ଗଠିତ କୋର୍ କମିଟି ପ୍ରତି ୩ ବର୍ଷରେ ଥରେ ତିଆରି ହେବା ଅଥବା ରିନ୍ୟୁ ହେବା କଥା। ସେହିପରି ରୁଲ୍-୮ ଅନୁସାରେ କୋର୍ କମିଟି ଗଠନ ହୋଇଯିବା ପରେ ଉକ୍ତ କମିଟି ୩ଟି ଯାକ ରତ୍ନଭଣ୍ଡାରରେ ଅଳଙ୍କାର ଯାଞ୍ଚ କାର୍ଯ୍ୟ ନିଜେ ଉପସ୍ଥିତ ରହି କରିବ। ଏପରି ହେଲେ ୧୯୭୮ ମସିହାରୁ ୨୦୨୩ ମଧ୍ୟରେ ୧୫ ଥର ଅଳଙ୍କାର ଯାଞ୍ଚ ହେବା କଥା। କିନ୍ତୁ ଏହି ସମୟ ମଧ୍ୟରେ କୌଣସି କୋର୍ କମିଟି ଗଠନ ବା ରିନ୍ୟୁ ହୋଇ ନ ଥିବା ବେଳେ ଅଳଙ୍କାର ଯାଞ୍ଚ ବି ହେଉ ନାହିଁ। ଯଦ୍ୱାରା ଶ୍ରୀମନ୍ଦିର ଆଇନ ଉଲ୍ଲଂଘନ ହେଉଥିବା ଆବେଦନକାରୀ ପ୍ରତିଜବାବରେ ଦର୍ଶାଇଛନ୍ତି। ଆଇନଜୀବୀ ଆଲୋକ ମହାପାତ୍ର ଏହି ମାମଲା ପରିଚାଳନା କରୁଛନ୍ତି।

ପ୍ରକାଶ ଯେ, ଶ୍ରୀମନ୍ଦିର ଜଗମୋହନ, ନାଟମଣ୍ଡପ ଏବଂ କୋଣାର୍କ ସୂର୍ଯ୍ୟ ମନ୍ଦିର ମରାମତି ନେଇ ଦିଲ୍ଲୀପ ମହାପାତ୍ରଙ୍କ ପକ୍ଷରୁ ହାଇକୋର୍ଟରେ ୨ଟି ମାମଲା ଦାଏର କରାଯାଇଥିଲା। ସେହିପରି ଶ୍ରୀମନ୍ଦିର ରତ୍ନଭଣ୍ଡାର ଚାବି ହଜିବା ଓ ରତ୍ନଭଣ୍ଡାର ଖୋଲାଯିବା ପ୍ରସଙ୍ଗରେ ଅଭିଷେକ ଦାସଙ୍କ ପକ୍ଷରୁ ଅନ୍ୟ ଏକ ମାମଲା ରୁଜୁ ହୋଇଥିଲା।

# କବାଟ ଖୋଲୁ ଖୋଲୁ ଜୀବନ ଗଲା

ବୈଶିଙ୍ଗା(ରତନ ଦାଶ)/ବେତନଟୀ(ଧରଣୀଧର ମହାନ୍ତି),୧୮।୯

କବାଟ ପାଖରେ ଜଗି ରହିଥିଲା ମୃତ୍ୟୁ । ଘରକୁ ଫେରି କବାଟ ଖୋଲିବା ମାତ୍ରେ ବିଦ୍ୟୁତ୍ ଆଘାତରେ ଚାଲିଗଲା ଯୁବକଙ୍କ ଜୀବନ । ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଧୀନ ଗଡ଼ଗଡିଆ ଗ୍ରାମରେ ସୋମବାର ଏଭଳି ଏକ ଅଭାବନୀୟ ଘଟଣା ଘଟିଛି । ମୃତ ଯୁବକ ଜଣକ ହେଲେ ସ୍ୱର୍ଗତଃ ଲୁନ୍ଦ୍ରା ଟୁଡୁଙ୍କ ପୁଅ ଦମନ (୩୫) ।

ଅପରାହ୍ଣରେ ଦମନ ଘରକୁ ଫେରି କବାଟ ଖୋଲୁଥିବା ବେଳେ ପୂର୍ବରୁ ସର୍ଟସର୍କିଟ ବଶତଃ ଚାର୍ଜ ହୋଇଯାଇଥିବା ସମ୍ମୁଖ ଦ୍ୱାର ସଂସ୍ପର୍ଶରେ ଆସି ଯାଇଥିଲେ। ଗୁରୁତର ଅବସ୍ଥାରେ ପରିବାର ଲୋକେ ତାଙ୍କୁ ଚିକିତ୍ସା ପାଇଁ ବେତନଟୀ ଡାକ୍ତରଖାନାକୁ ନେଇଥିଲେ ମଧ୍ୟ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ବୈଶିଙ୍ଗା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବାରିପଦା ପଠାଇଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୩୫/୨୩) ରୁଜୁ ହୋଇଛି।

# କାର୍-ଟ୍ରକ୍ ମୁହାଁମୁହିଁ ଧକ୍କା: ୪ ମୃତ

ଟିଗିରିଆ, ୧୮।୯(ଜାଫର ଖାଁ)

କଟକ ଜିଲା ଟିଗିରିଆ ଥାନା ଅନ୍ତର୍ଗତ ନୂଆସଡ଼କ ଛକରେ ସୋମବାର ଅପରାହ୍ଣରେ ଏକ କାର ଓ ଟ୍ରକ ମୁହାଁମୁହିଁ ଧକ୍କା ହୋଇଛି। ଫଳରେ କାର୍‌ରେ ଥିବା ୪ ଜଣଙ୍କ ମୃତ୍ୟୁ ଘଟିଛି। ଅନ୍ୟ ଜଣଙ୍କୁ ଗୁରୁତର ଅବସ୍ଥାରେ କଟକ ବଡ଼ ଡାକ୍ତରଖାନା ପଠାଯାଇଛି। ମୃତକମାନେ ହେଲେ ଟିଗିରିଆ ଥାନା ଅନ୍ତର୍ଗତ ବିନ୍ଧାଣିମା ଗ୍ରାମର ଭୀମସେନ ବେହେରାଙ୍କ ପୁଅ ସୁବାସଚନ୍ଦ୍ର (୩୬), ଉକ୍ତ ଗ୍ରାମର ଗଣେଶ୍ୱର ଖଟୁଆଙ୍କ ପୁଅ ଚନ୍ଦନ (୨୯), ବାଲିପୁଟ ପଞ୍ଚାୟତ ବାଣେଶ୍ୱରପଡା ଗ୍ରାମର ମଙ୍ଗୁଳି ବେହେରାଙ୍କ ପୁଅ ଆନନ୍ଦ (୩୯) ଓ ଟିଗିରିଆ ଥାନା ଅନ୍ତର୍ଗତ ନୂଆପାଟଣା ଗ୍ରାମର ବୀରବର ପୃଷ୍ଟିଙ୍କ ପୁଅ ସିଲୁ (୩୨)। ଗୁରୁତର ଯୁବକ ଜଣକ ହେଲେ ନୂଆପାଟଣାସ୍ଥିତ ସୁରେନ୍ଦ୍ରପାଟଣାର ଦୀପକ ସାହୁ। ଦୁର୍ଘଟଣାରେ କାର୍‌ଟି ଭାଙ୍ଗିରୁଜି ଯାଇଛି। ଖବରପାଇ ଟିଗିରିଆ ଆଇଆଇସି ଜ୍ଞାନରଞ୍ଜନ ସାମଲ ଓ ଅନ୍ୟ କର୍ମଚାରୀମାନେ ସ୍ଥାନୀୟ ଲୋକଙ୍କ ସହାୟତାରେ କାର୍‌ରୁ ମୃତଦେହ ବାହାର କରି ଆଠଗଡ଼ ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଛନ୍ତି। ଏଥିସହ ଦୁର୍ଘଟଣାଗ୍ରସ୍ତ ଗାଡ଼ିଦ୍ୱୟକୁ ଜବତ କରିଛନ୍ତି। ଏନେଇ ଟିଗିରଆ ଥାନାରେ ମାମଲା (ନଂ. ୧୮୬/୨୩) ରୁଜୁ ହୋଇଛି। କାର୍‌ରେ ଥିବା ଯୁବକମାନେ ସାଙ୍ଗହୋଇ ଆଠଗଡ଼ ଯାଇଥିଲେ। ସେମାନେ କଟକ-ନରସିଂହପୁର ୬୫ ନଂ. ରାଜ୍ୟ ରାଜପଥ ଦେଇ ଦ୍ରୁତଗତିରେ ଫେରୁଥିଲେ। ଏହି ସମୟରେ ନୂଆସଡ଼କ ଛକରେ ବିପରୀତ ଦିଗ ବଡ଼ମ୍ବା ପଟୁ ଆସୁଥିବା ଏକ ଟ୍ରକ୍ ସହ ଧକ୍କା ହୋଇଥିଲା।

# ଆଶାୟୀଙ୍କୁ ପରୀକ୍ଷା ସୁଯୋଗ ଦିଅ: ହାଇକୋର୍ଟ

## ଫାୟାରମ୍ୟାନ ନିଯୁକ୍ତିରେ ବୟସସୀମା କୋହଳ ମାମଲା

କଟକ,୧୮।୯(କାର୍ତ୍ତିକ ସାହୁ)

ଓଡ଼ିଶା ଅଗ୍ନିଶମ ସଂସ୍ଥାରେ ଫାୟାରମ୍ୟାନ ନିଯୁକ୍ତିରେ ବୟସସୀମା କୋହଳକୁ ନେଇ ଆଗତ ମାମଲାର ଶୁଣାଣି ସୋମବାର ହାଇକୋର୍ଟରେ ହୋଇଛି। ବିଚାରପତି ଶଶିକାନ୍ତ ମିଶ୍ର ମାମଲାର ଶୁଣାଣି କରି ନିଯୁକ୍ତି ପ୍ରକ୍ରିୟାରୁ ବଞ୍ଚିତ ହୋଇଥିବା ଆବେଦନକାରୀଙ୍କ ସମେତ ସମସ୍ତ ଆଶାୟୀଙ୍କୁ ପରୀକ୍ଷା ଦେବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଅଦାଲତଙ୍କ ବିନା ଅନୁମତିରେ ପରୀକ୍ଷାଫଳ ପ୍ରକାଶ ନ କରିବାକୁ ବିଚାରପତି ତାଙ୍କ ନିର୍ଦ୍ଦେଶରେ ସ୍ପଷ୍ଟ କରିଛନ୍ତି।

ମାମଲାର ବିବରଣୀ ଅନୁସାରେ, ଓଡ଼ିଶା ଅଗ୍ନିଶମ ସେବା ସଂସ୍ଥା ପକ୍ଷରୁ ୨୦୨୩ ଅଗଷ୍ଟରେ ୨୯୮୨୬ଟି ଅଗ୍ନିକ (ଫାୟାରମ୍ୟାନ), ୧୧୫ଟି ଅଗ୍ନିକ ଗାଡ଼ି ଚାଳକ ପଦ ପୂରଣ ନିମନ୍ତେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏଥିରେ ସାଧାରଣବର୍ଗଙ୍କ ନିମନ୍ତେ ବୟସସୀମା ୧୮ରୁ ୨୫ ବର୍ଷ ରହିଥିଲା। ଏସ୍‌ସି, ଏସ୍‌ଟି ଆଦି ବର୍ଗଙ୍କ ପାଇଁ ୫ବର୍ଷ ବୟସସୀମା କୋହଳ ରହିଥିଲା। ହେଲେ ସାଧାରଣବର୍ଗ ଆବେଦନକାରୀଙ୍କ ବୟସସୀମା କୋହଳ ସଂକ୍ରାନ୍ତ କୌଣସି ସୂଚନା ନ ଥିଲା। କୋଭିଡ୍ ମହାମାରୀ ସମୟରେ ନିଯୁକ୍ତି ନିମନ୍ତେ କୌଣସି ପରୀକ୍ଷା ହୋଇ ନ ଥିବାରୁ ସାଧାରଣବର୍ଗର ପ୍ରାର୍ଥୀଙ୍କ ନିମନ୍ତେ ବୟସସୀମା କୋହଳ କରାଯିବା କଥା। ମାତ୍ର ଏହା ନ ହେବା ଦ୍ୱାରା ବହୁ ଆଶାୟୀ ନିଯୁକ୍ତି ପ୍ରକ୍ରିୟାରୁ ବଞ୍ଚିତ ହୋଇଥିଲେ। ପରେ ରାଜ୍ୟ ସରକାର ବୟସସୀମା କୋହଳ ନେଇ ନିୟମ କରିଥିଲେ। ଏଥିରେ ଆବେଦନକାରୀଙ୍କ ବୟସସୀମା ୩୨ ବର୍ଷରୁ ୩୮ ବର୍ଷ ପର୍ଯ୍ୟନ୍ତ ବୃଦ୍ଧି କରିଥିଲେ। ମାତ୍ର ଉପରୋକ୍ତ କ୍ଷେତ୍ରରେ ତାହା କରାଯାଇ ନ ଥିବାରୁ ଏହାର ପ୍ରତିବାଦ କରି ବୟସ ସୀମା କୋହଳ କରିବା ନିମନ୍ତେ ଆବେଦନକାରୀ ହିରଣ୍ୟ କୁମାର ସାମଲ ଏବଂ ଅନ୍ୟମାନେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହି ଆବେଦନ ଉପରେ ହାଇକୋର୍ଟ ବିଚାର କରି ଆବେଦନକାରୀ ଆଶାୟୀଙ୍କୁ ଫର୍ମ ପକାଇବା ତଥା ପରୀକ୍ଷା ଦେବା ଲାଗି ସୁଯୋଗ ଦେବାକୁ ହାଇକୋର୍ଟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ରାଜୀବ ରଥ ମାମଲା ପରିଚାଳନା କରିଥିଲେ।

# ଭିଡ଼ ହିଂସାକାରୀଙ୍କୁ କଠୋର ଦଣ୍ଡ

## ସଚେତନ କଲା ଓଡ଼ିଶା ପୋଲିସ

ଭୁବନେଶ୍ୱର,୧୮।୯(ଅନିଲ ଦାସ)

ଭିଡ଼ ହିଂସାରେ ସାମିଲ ବ୍ୟକ୍ତିଙ୍କୁ ଆଇନ ଅନୁଯାୟୀ କଠୋର ଦଣ୍ଡରେ ଦଣ୍ଡିତ କରାଯିବ। ସୁପ୍ରିମକୋର୍ଟଙ୍କ ରାୟ ଆସିବା ପରେ ସୋମବାର ଓଡ଼ିଶା ପୋଲିସ ପକ୍ଷରୁ ଏ ନେଇ ଏକ ପ୍ରେସ ବିଜ୍ଞପ୍ତରେ ସୂଚନା ଦିଆଯାଇଛି।

ସର୍ବୋଚ୍ଚ ନ୍ୟାୟାଳୟ ତେହେସିନ୍ ଏସ୍‌ପୁନାୱାଲା ବନାମ ଭାରତ ସରକାର ମୋକଦ୍ଦମାର ବିଚାର ସମୟରେ ସମସ୍ତ ପକ୍ଷଙ୍କ ଶୁଣାଣି କରି ୨୦୧୮ ସେପ୍ଟେମ୍ବର୨୪ ରାୟରେ ପ୍ରକାଶ କରିଛନ୍ତି ଯେ, ଭିଡ଼ ହିଂସା ଏକ ଅପରାଧ ଓ ସେଥିରେ ଭାଗ ନେଉଥିବା ଯେ କୌଣସି ବ୍ୟକ୍ତିଙ୍କୁ କଠୋରରୁ କଠୋରତମ ଦଣ୍ଡ ବିଧାନ କରାଯିବ। ଜଣଙ୍କର ଅପରାଧ ପାଇଁ ଦଳ ଓ ଷଡ଼ଯନ୍ତ୍ରରେ ଭାଗ ନେଉଥିବା ସମସ୍ତ ବ୍ୟକ୍ତି ଆଇନ ଅନୁଯାୟୀ ଦଣ୍ଡନୀୟ ହେବେ। ଏହାକୁ ଦୃଷ୍ଟିରେ ରଖି ଓଡ଼ିଶା ପୋଲିସ ତରଫରୁ ଜନସାଧାରଣଙ୍କୁ କୌଣସି ପ୍ରକାର ଭିଡ଼ ହିଂସାରେ ଭାଗ ନ ନେବା ପାଇଁ କୁହାଯାଇଛି। ଏଥିରୁ ନିବୃତ୍ତ ରହିବା ପାଇଁ ଓଡ଼ିଶା ପୋଲିସ ପକ୍ଷରୁ ପ୍ରେସ୍ ବିବୃତି ମାଧ୍ୟମରେ ଏକ ସଚେତନତା ବାର୍ତ୍ତା ମଧ୍ୟ ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଜାରି କରାଯାଇଛି।

# ୪୮ ଘଣ୍ଟାରେ ଲଘୁଚାପ

## ୨୧,୨୨ ରେ ପ୍ରବଳ ବର୍ଷା ସମ୍ଭାବନା

ଭୁବନେଶ୍ୱର,୧୮।୯(ଅନିଲ ଦାସ)

ପୂର୍ବ କେନ୍ଦ୍ରୀୟ ବଙ୍ଗୋପସାଗର ଓ ଏହାର ଆଖପାଖ ଅଞ୍ଚଳରେ ଏକ ଘୂର୍ଣ୍ଣବଳୟ କ୍ଷେତ୍ର ସୃଷ୍ଟି ହୋଇଛି। ଆସନ୍ତା ୪୮ ଘଣ୍ଟାରେ ଉତ୍ତର ପଶ୍ଚିମ ବଙ୍ଗୋପସାଗରରେ ଏହା ଲଘୁଚାପରେ ପରିଣତ ହେବ। ଏହାର ପ୍ରଭାବରେ ୧୯ ତାରିଖରୁ ରାଜ୍ୟର ବିଭିନ୍ନ ଭାଗରେ ବର୍ଷା ହେବାର ସମ୍ଭାବନା ରହିଛି। ଆସନ୍ତା ୪ ଦିନ ଯାଏ ବର୍ଷା ଜାରି ରହିବ।

ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଆସନ୍ତା ୨୪ ଘଣ୍ଟା ମଧ୍ୟରେ କେନ୍ଦୁଝର, ମୟୂରଭଞ୍ଜ, ଅନୁଗୋଳ, ଢେଙ୍କାନାଳ, ବୌଦ୍ଧ, କନ୍ଧମାଳ, ଗଞ୍ଜାମ, ଗଜପତି, ରାୟଗଡା ଏବଂ କୋରାପୁଟ ଜିଲାର କେତେକ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହି ସମୟରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ, ଗଞ୍ଜାମ, ଗଜପତି, କେନ୍ଦୁଝର, ମୟୂରଭଞ୍ଜ, ଅନୁଗୋଳ, ଢେଙ୍କାନାଳ, ସମ୍ବଲପୁର, ସୋନପୁର, ବୌଦ୍ଧ, କନ୍ଧମାଳ, ରାଗୟଡା, ମାଲକାନଗିରି ଏବଂ କୋରାପୁଟ ଜିଲାର ଗୋଟିଏ ଦୁଇଟି ସ୍ଥାନରେ ଘଡଘଡି ସହ ବର୍ଷା ହେବାର ସମ୍ଭାବନା ରହିଛି। ଏହି ସବୁ ଜିଲା ପାଇଁ ୟେଲୋୱାର୍ନିଂ ଜାରି କରାଯାଇଛି। ଲଘୁଚାପ ଯୋଗୁ ଆସନ୍ତା ୨୧ ତାରିଖରେ ଅନୁଗୋଳ, କେନ୍ଦୁଝର, ବୌଦ୍ଧ, ସମ୍ବଲପୁର, ବଲାଙ୍ଗୀର, ବରଗଡ, ସୋନପୁର, କଳାହାଣ୍ଡି, କନ୍ଧମାଳ ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ। ଏହି ସବୁ ଜିଲା ପାଇଁ ଅରେଞ୍ଜୱାର୍ନିଂ ଜାରି କରାଯାଇଛି। ସେହିପରି ୨୨ ତାରିରେ ନୂଆପଡା, ବଲାଙ୍ଗୀର, କଳାହାଣ୍ଡି, ବରଗଡ, ଝାରସୁଗୁଡା ଏବଂ ସୁନ୍ଦରଗଡ ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହି ସବୁ ଜିଲା ପାଇଁ ଅରେଞ୍ଜୱାର୍ନିଂ ଜାରି କରାଯାଇଛି।

ଅନ୍ୟପଟେ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ୱେଲମାର୍କ ଲୋପ୍ରେସର ଦୁର୍ବଳ ହୋଇ ଲଘୁଚାପରେ ପରିଣତ ହେବା ସହ ଦକ୍ଷିଣ-ପୂର୍ବ ରାଜସ୍ଥାନ ଏବଂ ପଶ୍ଚିମ ମଧ୍ୟପ୍ରଦେଶ ଉପରେ ରହିଛି।

ଭାରତୀୟ ପାଣିପାଗ ବିଭାଗ ସୂଚନା ଅନୁଯାୟୀ ରାଜ୍ୟରେ ଜୁନ୍ ପହିଲାରୁ ସେପ୍ଟେମ୍ବର ୧୮ ମଧ୍ୟରେ ସ୍ୱାଭାବିକ ଭାବେ ୧୦୭୬.୬ ମିଲିମିଟର ବର୍ଷା ହେବାକୁ ଥିବା ବେଳେ ହୋଇଛି ୧୦୧୩ ମିଲିମିଟର। ରାଜ୍ୟର ୩୦ ଜିଲାରୁ ୨୪ ଜିଲାରେ ସ୍ୱାଭାବିକ ବର୍ଷା ହୋଇଥିବା ବେଳେ ୨ଟି ଜିଲାରେ ୨୧ ପ୍ରତିଶତ ଅଧିକ ବର୍ଷା ହୋଇଛି। ତେବେ ୪ ଜିଲାରେ ଏବେ ମଧ୍ୟ ସ୍ୱାଭାବିକଠାରୁ କମ୍ ବର୍ଷା ହୋଇଛି। କଳାହାଣ୍ଡିରେ ୨୭, କେନ୍ଦ୍ରାପଡା ୨୪, ନୂଆପଡା ୨୯ ଏବଂ ପୁରୀ ଜିଲାରେ ୨୧ ପ୍ରତିଶତ କମ ବର୍ଷା ହୋଇଛି। ଆଉ ଏକ ଲଘୁଚାପ ଦାନା ବାନ୍ଧୁ ଥିବାରୁ ରାଜ୍ୟର ୪ ନିଅଣ୍ଟିଆ ଜିଲାରେ ଭରଣା ହେବ ବୋଲି ଅନୁମାନ କରାଯାଉଛି।

# ଏବିଭିପି ପକ୍ଷରୁ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା

## ଉଚ୍ଚ ଶିକ୍ଷାନୁଷ୍ଠାନରେ ଛାତ୍ର ସଂସଦ ନିର୍ବାଚନ ବନ୍ଦ ମାମଲା

କଟକ,୧୮।୯(କାର୍ତ୍ତିକ ସାହୁ)

ରାଜ୍ୟର ସରକାରୀ, ବେସରକାରୀ ଏବଂ ଅନୁଦାନପ୍ରାପ୍ତ କଲେଜ ଓ ବିଶ୍ୱବିଦ୍ୟାଳୟଗୁଡ଼ିକରେ ଛାତ୍ର ସଂସଦ ନିର୍ବାଚନ କରାଇବାକୁ ନିର୍ଦ୍ଦେଶ ଦେବା ନିମନ୍ତେ ପ୍ରାର୍ଥନା କରି ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ପକ୍ଷରୁ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ଦାଏର ହୋଇଛି। ଏବିଭିପିର ରାଜ୍ୟ ସମ୍ପାଦକ ଅରିଜିତ ପଟ୍ଟନାୟକ ଓ ଜାତୀୟ କାର୍ଯ୍ୟକାରିଣୀ ସଦସ୍ୟ ଚଣ୍ଡୀପ୍ରସାଦ ସୁଆରଙ୍କ ପକ୍ଷରୁ ଏହି ମାମଲା ଦାଏର କରାଯାଇଛି।

ଆବେଦନର ବିବରଣୀ ଅନୁଯାୟୀ, ଗତ ୫ବର୍ଷ ଧରି ରାଜ୍ୟର ଉଚ୍ଚଶିକ୍ଷାନୁଷ୍ଠାନଗୁଡ଼ିକରେ ଛାତ୍ର ସଂସଦ ନିର୍ବାଚନ ହେଉନାହିଁ। ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟ କ୍ୟାମ୍ପସଗୁଡ଼ିକ ଉଚ୍ଛୃଙ୍ଖଳ ତଥା ଅଶାନ୍ତ ରହିବା ସହ ଲିଙ୍ଗ୍‌ଡୋ କମିଶନ ନିୟମ ପାଳନ କରା ନ ଯିବା ଦର୍ଶାଇ ରାଜ୍ୟ ସରକାର ଛାତ୍ର ସଂସଦ ନିର୍ବାଚନ କରାଉ ନାହାନ୍ତି। ହେଲେ ସମ୍ବିଧାନ ଓ ଲିଙ୍ଗ୍‌ଡୋ କମିଶନଙ୍କ ରିପୋର୍ଟ ଅନୁଯାୟୀ, ୧୮ବର୍ଷ ବୟସରେ ଜଣେ ବ୍ୟକ୍ତି ଜନପ୍ରତିନିଧି ଆଇନର ପରିସର ମଧ୍ୟରେ ଦେଶ ତଥା ରାଜ୍ୟର ନେତା ମନୋନୀତ କରିବାର ଅଧିକାର ପାଉଛନ୍ତି। ନିଜର ନେତା ଓ ପ୍ରତିନିଧିଙ୍କୁ ମହାବିଦ୍ୟାଳୟରେ ଜଣେ ପ୍ରାପ୍ତବୟସ୍କ ଛାତ୍ର ସଂସଦ ନିର୍ବାଚନ ଜରିଆରେ ନିଜର ପ୍ରତିନିଧି ବାଛି ନ ପାରିବା ଗଣତାନ୍ତ୍ରିକ ବ୍ୟବସ୍ଥାର ବିରୁଦ୍ଧାଚରଣ କରେ ବୋଲି ଆବେଦନକାରୀଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିବା ବରିଷ୍ଠ ଆଇନଜୀବୀ ପୀତାମ୍ବର ଆଚାର୍ଯ୍ୟ ସୂଚାଇଛନ୍ତି। ଏହି ମାମଲାରେ ମୁଖ୍ୟ ଶାସନ ସଚିବ, ଶିକ୍ଷା ସଚିବ, ଉଚ୍ଚଶିକ୍ଷା ବିଭାଗ ନିର୍ଦ୍ଦେଶକ, ଗଣଶିକ୍ଷା ବିଭାଗ ସଚିବଙ୍କୁ ପକ୍ଷଭୁକ୍ତ କରାଯାଇଛି। ମାମଲାର ଗୁରୁତ୍ୱ ଦୃଷ୍ଟିରୁ ଶୀଘ୍ର ଶୁଣାଣି ପାଇଁ ମୁଖ୍ୟ ବିଚାରପତିଙ୍କ ଅଦାଲତରେ ପ୍ରାର୍ଥନା କରାଯିବ ବୋଲି ଜଣାପଡ଼ିଛି। ଆଇନଜୀବୀ ସୌମିକ ତ୍ରିପାଠୀ ଏବଂ ସୁମନ ପ୍ରିୟଦର୍ଶିନୀ ପ୍ରମୁଖ ମାମଲା ପରିଚାଳନାରେ ସହଯୋଗ କରୁଛନ୍ତି।

# ବନ ବିଭାଗକୁ ଘାରିଛି ଛୁଆହାତୀଙ୍କ ସୁରକ୍ଷା ଚିନ୍ତା

## ଖାଲରୁ ଉଦ୍ଧାର ହେଲା ୨୦ ଦିନର ଶାବକ

କେନ୍ଦୁଝର, ୧୮।୯(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ପାଟଣା ରେଞ୍ଜ ଓ ମୟୂରଭଞ୍ଜ ଜିଲା କରଞ୍ଜିଆ ଡିଭିଜନର କରଞ୍ଜିଆ ରେଞ୍ଜ ସୀମାନ୍ତରେ କିଛି ଦିନ ହେଲା ୨୨ ଟିକିଆ ହାତୀଙ୍କ ଉପଦ୍ରବ ଯୋଗୁ ଉଭୟ ଜିଲାର ବନ କର୍ମଚାରୀମାନେ ନାକେଦମ୍ ହୋଇ ପଡ଼ିଲେଣି। ଧନଜୀବନର ସୁରକ୍ଷା ପାଇଁ ଲୋକେ ଘଉଡ଼ାଉ ଥିବାରୁ ହାତୀପଲ ପଥଭ୍ରଷ୍ଟ ହୋଇ ଏଣେତେଣେ ଧାଉଁଛନ୍ତି। ଫଳରେ ବିନା ବିଶ୍ରାମରେ ସେମାନଙ୍କ ସ୍ୱାସ୍ଥ୍ୟ ଖରାପ ହେଉଥିବା କୁହାଯାଉଛି। ହାତୀପଲରେ ରହୁଥିବା ଛୁଆ ହାତୀ ମା' ସହ ଭୟଭୀତ ଅବସ୍ଥାରେ ଧାଉଁଥିବା ବେଳେ ବିପଦରେ ପଡୁଛନ୍ତି। ଯଦି ସେମାନଙ୍କୁ ମଣିଷ ଛୁଇଁ ଦେଉଛନ୍ତି ତେବେ ହାତୀପଲ ଆଉ ଦଳରେ ପୂରାଉ ନାହାନ୍ତି। କ୍ଷତବିକ୍ଷତ ହୋଇ ମଧ୍ୟ ହାତୀଛୁଆଙ୍କ ଜୀବନ ଯାଉଥିବା ନଜିର ରହିଛି। ହାତୀପଲରେ ଥିବା ଏହି ଛୁଆ ହାତୀଙ୍କ ସୁରକ୍ଷା ଚିନ୍ତା ଏବେ ବନ ବିଭାଗକୁ ଘାରିଛି। ହାତୀଙ୍କ ସୁରକ୍ଷା ପାଇଁ ଲୋକଙ୍କୁ ସଚେତନ କରିବା ସହ ସେମାନଙ୍କ ଗତିବିଧି ଉପରେ ବନ ବିଭାଗ ନଜର ରଖିଥିବା ସୂଚନା ଦେଇଛି।

ସୂଚନା ଅନୁଯାୟୀ, ଉପଦ୍ରବ କରୁଥିବା ହାତୀ ପଲରେ ତିନୋଟି ହାତୀ ଛୁଆ ଥିଲେ। ୨ ଦିନ ତଳେ କରଞ୍ଜିଆ ରେଞ୍ଜ ଅଧୀନ ଭଅଁରା ଗ୍ରାମ ନିକଟରେ ଏକ ୨୦ ଦିନର ଏକ ହାତୀ ଛୁଆ ୫/୬ ଫୁଟର ଖାଲରେ ପଡ଼ିଯାଇଥିଲା। ଘଉଡ଼ାଇବା ପାଇଁ ପଛରେ ଧାଉଁଥିବା ଗ୍ରାମବାସୀ ପହଞ୍ଚିବାରୁ ମା' ଓ ଅନ୍ୟ ହାତୀ ଛୁଆକୁ ଛାଡ଼ି ଜଙ୍ଗଲକୁ ପଳାଇ ଯାଇଥିଲେ। ଗ୍ରାମବାସୀ ଛୁଆ ହାତୀକୁ ଉଦ୍ଧାର କରିଥିଲେ। ଘଟଣାସ୍ଥଳକୁ ସ୍ଥାନୀୟ ଡିଏଫ୍‌ଓ ଓ ଅନ୍ୟ ବନ କର୍ମଚାରୀ ଯାଇ ହାତୀ ଛୁଆକୁ କରଞ୍ଜିଆ ରେଞ୍ଜ ଅଫିସକୁ ଆଣିଥିଲେ। ସେଠାରେ ବାରିପଦାରୁ ଆସିଥିବା ୱାଇଲ୍ଡ ଟ୍ରଷ୍ଟ ଅଫ୍ ଇଣ୍ଡିଆର ଡାକ୍ତରୀ ଟିମ୍ ଏବଂ ସ୍ଥାନୀୟ ପ୍ରାଣୀ ଚିକିତ୍ସକ ଟିମ୍ ତାହାର ଚିକିତ୍ସାରେ ଲାଗିଛନ୍ତି।



ଖାଲରୁ ଉଦ୍ଧାର ହୋଇଥିବା ଛୁଆହାତୀ ।

ଏନେଇ କରଞ୍ଜିଆ ଡିଏଫ୍‌ଓଙ୍କୁ ପଚାରିବାରୁ ହାତୀ ଛୁଆଟି ସୁରକ୍ଷିତ ଅଛି। ଦୁଇଟି ଡାକ୍ତରୀଟିମ୍‌ଙ୍କ ଦ୍ୱାରା ଚିକିତ୍ସା ପରେ ସେ ସୁସ୍ଥ ହୋଇ ଖେଳାବୁଲା କରୁଛି। ସମ୍ପୂର୍ଣ୍ଣ ସୁସ୍ଥ ହୋଇଯିବା ପରେ ତାହାକୁ ଥଇଥାନ କରାଯିବ ବୋଲି ସେ କହିଛନ୍ତି। ତେବେ ଲୋକେ ଘଉଡ଼ାଉଥିବାରୁ ହାତୀ ପଲରେ ଥିବା ୫/୬ ମାସର ଦୁଇଟି ଛୁଆ ହାତୀକୁ ନେଇ ବନ ବିଭାଗର ଚିନ୍ତା ପଡ଼ିଛି। ହାତୀଙ୍କୁ ନ ଘଉଡ଼ାଇବା ପାଇଁ ବନ ବିଭାଗ ପକ୍ଷରୁ ଲୋକଙ୍କୁ ନିବେଦନ କରାଯାଉଥିଲେ ମଧ୍ୟ କେହି ଶୁଣୁନାହାନ୍ତି। ଏଣୁ ହାତୀ ପଲ ଗୋଟିଏ ସ୍ଥାନରୁ ଅନ୍ୟସ୍ଥାନକୁ ଧାଉଁଥିବା ବେଳେ ବିଶ୍ରାମ ନେଇ ପାରୁନାହାନ୍ତି। ଫଳରେ ସେମାନଙ୍କ ଜୀବନ ପ୍ରତି ବିପଦ ରହୁଛି। ଉଲ୍ଲେଖଯୋଗ୍ୟ, ହାତୀମାନଙ୍କୁ ଘଉଡ଼ାଇବା ବେଳେ ସେମାନେ ଏଣେତେଣେ ଧାଉଁଛନ୍ତି। ଅନେକ ସମୟରେ ଖାଲଖମାରେ ପଡ଼ି କ୍ଷତବିକ୍ଷତ ହେବା ସମ୍ଭାବନା ରହୁଛି। ଏଣୁ ସେମାନଙ୍କ ସ୍ୱାସ୍ଥ୍ୟ ପାଇଁ ବନବିଭାଗ ଚିନ୍ତିତ ରହିଥିବା ବେଳେ ସେମାନଙ୍କ ଗତିପଥ ନିରୀକ୍ଷଣ କରିବା ସହ ସ୍ୱାସ୍ଥ୍ୟ ସମସ୍ୟା ଉପରେ ନଜର ରଖିବାକୁ ପଡୁଛି ବୋଲି ବନ ବିଭାଗ ଅଧିକାରୀମାନେ କହୁଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ପାରିବାରିକ ସମସ୍ୟା ସମାଧାନ ସକାଶେ ବନ୍ଧୁ ମାର୍ଗଦର୍ଶକ ସାଜିବେ । ସମ୍ପର୍କୀୟମାନେ ପାଖ ମାଡ଼ିବେ ନାହିଁ । ଆବଶ୍ୟକତା ପୂରଣ କରିବା ସକାଶେ ଧାର କରଜ କରି କାମ ଚଳାଇନେବା ସକାଶେ ଚେଷ୍ଟା କରିପାରନ୍ତି । ଚୁ-ନାମାକ୍ଷର ବ୍ୟକ୍ତିଙ୍କ ପରିବହନ, ବ୍ୟବସାୟ ବାଣିଜ୍ୟ କ୍ଷେତ୍ରରେ ସୁଫଳ ପ୍ରାପ୍ତି ହୋଇପାରେ ।

**ବୃଷ**
ଆଜି ବ-ନାମାକ୍ଷର ବ୍ୟକ୍ତି ସାମାଜିକ କାମରେ ସମୟ ନେବାକୁ ବାଧ୍ୟ ହେବେ । ଶିଳ୍ପ, ବାଣିଜ୍ୟ ଓ ପରିବହନ ପାଇଁ ଅସୁବିଧା ହେବ ନାହିଁ । କର୍ମକ୍ଷେତ୍ରରେ ମନୋବଳ ଟାଣ ରହିବ ଓ ଅଟକି ରହିଥିବା କାମକୁ ଶେଷ କରିପାରିବେ । ପରିବାରରେ ସମସ୍ୟା ଭିତରେ ଗତିକରି ମଧ୍ୟ ନିଜକୁ ନିୟନ୍ତ୍ରଣ ମଧ୍ୟରେ ରଖିବା ପାଇଁ ସମର୍ଥ ହେବେ ।

**ମିଥୁନ**
ପାରିବାରିକ ସମସ୍ୟା ଥିଲେ ମଧ୍ୟ କାମ ସଫଳତାର ସହ ସମ୍ପନ୍ନ କରିବେ । କିଛି ଗୋଳମାଳିଆ ପରିସ୍ଥିତିରେ ମଧ୍ୟସ୍ଥତା କରିଥିବାରୁ ଅନ୍ୟକୁ କୈଫିୟତ୍ ଦେବାକୁ ପଡ଼ିପାରେ । ବ୍ୟବସାୟରେ କ୍ରମଶଃ ସମସ୍ୟା ବଢ଼ି ବଢ଼ି ବଡ଼ ଆକାର ଧାରଣ କରିବା ସମ୍ଭାବନା ରହିଛି । କୁ-ନାମାକ୍ଷର ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟଗତ ସମସ୍ୟାର ସମାଧାନ ହୋଇପାରେ ।

**କର୍କଟ**
ଆପଣଙ୍କ ମଧୁର ବିନୟ ବଚନ ପ୍ରଭାବରୁ ସମସ୍ୟା ଗୁଡ଼ିକର ସରଳ ସମାଧାନ କରିବାରେ ସଫଳ ହେବେ । ଅଫିସରେ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି । ପାରିବାରିକ କଳହକୁ କେନ୍ଦ୍ରକରି ସାୟାହ୍ନେ ଭାବପ୍ରବଣ ହୋଇପାରନ୍ତି । ବ୍ୟବସାୟ କିମ୍ବା ପରିବହନରେ ଲାଭ ହେବା ବଦଳରେ କ୍ଷତିରେ ହିଁ ପଡ଼ିବେ ।

**ସିଂହ**
କାମର ଚାପ ବୃଦ୍ଧି ପାଇବା କାରଣରୁ ସ୍ଥିରତା ରହିବ ନାହିଁ । କର୍ମକ୍ଷେତ୍ରରେ ସୋମବାର ପରି ମଙ୍ଗଳବାର ମଧ୍ୟ ପରିସ୍ଥିତି ଅପରିବର୍ତ୍ତିତ ରହିବ । ମ-ନାମାକ୍ଷର ବ୍ୟକ୍ତି ମାତ୍ରାଧିକ ଭ୍ରମଣ ଯୋଗୁ କ୍ଳାନ୍ତି ଅନୁଭବ କରିପାରନ୍ତି । ପରିବାରରେ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ ।

**କନ୍ୟା**
ବନ୍ଧୁ କଥାରେ ପ୍ରଭାବିତ ହୋଇ କୌଣସି ଭୁଲ୍ କାମ କରିପାରନ୍ତି । ଅନ୍ୟମାନଙ୍କ ଦ୍ୱାରା ପ୍ରଭାବିତ ହୋଇ ସତ୍‌ସଙ୍ଗ ଓ ଧର୍ମଚର୍ଚ୍ଚା ଦିଗକୁ ମନ ବଳାଇବେ । କଳା, ସାହିତ୍ୟ ଓ ସଭାସମିତିରେ ସମସ୍ୟା ସମାଧାନ ପାଇଁ ରାସ୍ତା ଖୋଜି ବାହାର କରିବାରେ ସମର୍ଥ ହେବେ । ପୂ-ନାମାକ୍ଷର ବ୍ୟକ୍ତି ନିଜ ମନ ପସନ୍ଦର ଜିନିଷ କିଣିବାରେ ସମର୍ଥ ହେବେ ।

**ତୁଳା**
ପରିବାରରେ ସୁଖଶାନ୍ତି ଫେରାଇ ଆଣିବା ଦିଗରେ ପ୍ରଯତ୍ନ କଲେ ବିଫଳ ହେବନାହିଁ । ଶିଳ୍ପ, ବ୍ୟବସାୟ ଓ ପରିବହନରେ ସଫଳତା ଅବଶ୍ୟ ମିଳିବ । କେତେକ କ୍ଷେତ୍ରରେ ସୁଯୋଗ ହରାଇବା ସକାଶେ ବ୍ୟଥିତ ହୋଇପାରନ୍ତି । ରୁ-ନାମାକ୍ଷରଙ୍କର ସାଧାରଣ କଥାରେ ତର୍କ କାରଣରୁ ସ୍ତ୍ରୀଙ୍କ ସହ ମତପାର୍ଥକ୍ୟ ଦେଖାଦେଇପାରେ ।

**ବିଛା**
ଗତକାଲିଠାରୁ ଯେଉଁ ବିଷୟରେ ଚିନ୍ତିତ ରହିଛନ୍ତି ସେଥିରେ ଅସୁବିଧା ହେବନାହିଁ । ନ-ନାମାକ୍ଷର ବ୍ୟକ୍ତି କର୍ମକ୍ଷେତ୍ରରେ ସାହସିକତା ପ୍ରଦର୍ଶନକରି ପ୍ରଶଂସିତ ହେବେ । ସାମ୍ବାଦିକତା, ପ୍ରଶାସନ, ରାଜନୀତି, ସାହିତ୍ୟ ଓ ସଙ୍ଗୀତରେ ସୁନାମ ଅର୍ଜନ କରିବେ । ସରକାରୀ କାମରେ ପଦସ୍ଥ ବ୍ୟକ୍ତିବିଶେଷଙ୍କ ଦେଖାସାକ୍ଷାତରୁ ଉପକୃତ ହେବେ ।

**ଧନୁ**
ସବୁକଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡ଼ିବେ । ପରିବହନ, ଆଲୋଚନା, ସଭାସମିତି, ତର୍କ ଓ ବିବାଦରେ, ଆଇନ ଅଦାଲତରେ ସ୍ଥଗିତ କାମକୁ ପୂରା କରିବେ । ଭ-ନାମାକ୍ଷର ବ୍ୟକ୍ତି ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧା ଭୋଗିବେ । ବନ୍ଧୁ ପ୍ରତିଶ୍ରୁତି ରକ୍ଷାକରି ଠିକ୍ ସମୟରେ ଆସିବେ ଓ ଆପଣଙ୍କୁ ସାହାଯ୍ୟ କରିବେ ।

**ମକର**
ଯେତେ ଚେଷ୍ଟାକଲେ ମଧ୍ୟ କାମ ବିଳମ୍ବିତ ହେବ । କୌଣସି ନୂତନ କାର୍ଯ୍ୟରେ ହାତଦେବାକୁ ସ୍ଥିର କରିବେ ଓ ସାମୟିକ ଅସୁବିଧାର ସମ୍ମୁଖୀନ ହେବେ । ଖ-ନାମାକ୍ଷର ବ୍ୟକ୍ତିଙ୍କ ପରିବାର କ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢ଼ିପାରେ । ପାଖରେ ନ ଥିବା ଜିନିଷଟି ପାଇଁ ବନ୍ଧୁଙ୍କ ସହ ତର୍କ ଓ ବିବାଦ ବଢ଼ିପାରେ ।

**କୁମ୍ଭ**
କର୍ମକ୍ଷେତ୍ରରେ ସହକର୍ମୀଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାନ୍ତୁ ନାହିଁ । ଶ-ନାମାକ୍ଷର ବ୍ୟକ୍ତିଙ୍କ ପରିବାର ଓ ପ୍ରତ୍ୟେକ କ୍ଷେତ୍ରରେ ବୁଝାମଣା ଠିକ୍ ରହିବ । ମାଙ୍ଗଳିକ କାର୍ଯ୍ୟ, କଚେରି ମାମଲାରେ, ଜମିଜମା ବିବାଦରେ, ଉପକୃତ ହେବେ । ଘରୋଇ କଳିର କୁପ୍ରଭାବରେ ପାରିବାରିକ ସମସ୍ୟା ଭିତରେ ଗତି କରିବେ ।

**ମୀନ**
ସମସ୍ୟାକୁ ସାମ୍ନା କରି ନ ପାରି ବିବ୍ରତ ବୋଧ କରିପାରନ୍ତି । ପଡ଼ୋଶୀ ଏବଂ ସହକର୍ମୀଙ୍କ ସହାନୁଭୂତି ଯୋଗୁ ହାତକୁ ନେଇଥିବା କାମ ସମ୍ପନ୍ନ କରିବାରେ ଅସୁବିଧା ହେବ ନାହିଁ । ଦ-ନାମାକ୍ଷର ବ୍ୟକ୍ତିମାନେ ଭୁଲ୍ ବୁଝାମଣା କାରଣରୁ ପାରିବାରିକ ଜୀବନରେ ଅନାଦର ପାଇପାରନ୍ତି । ଯାତ୍ରା, ବିବାଦ, ସଭାସମିତି ପ୍ରଭୃତିରୁ ଆଶ୍ୱସ୍ତି ଲାଭ କରିବେ ।

ଆଜି ଶ୍ରୀଗଣେଶ ଚତୁର୍ଥୀ, ଭାଦ୍ରବ ଶୁକ୍ଳ ଚତୁର୍ଥୀଯୁକ୍ତ ୫ମୀ ମଙ୍ଗଳବାର, ସେପ୍ଟେମ୍ବର ୧୯ ତାରିଖ । ରାଶି ନକ୍ଷତ୍ର-ଦିବା ଘ.୦୧।୪୭ ମି. ପର୍ଯ୍ୟନ୍ତ ସ୍ୱାତୀ/ତୁଳା, ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ୫ମୀର ପାର୍ବଣ ଶ୍ରାଦ୍ଧ । ସକାଳ ଘ. ୦୫।୩୮ ଗତେ, ଘ.୦୬।୨୬ ମଧ୍ୟେ, ଘ.୦୮।୩୯ ଗତେ, ଘ.୧୧।୧୬ ମଧ୍ୟେ ଶୁଦ୍ଧ ଶୁଭବେଳା । ଅପରାହ୍ଣ ଘ.୦୨।୪୧ ଗତେ ଘ.୦୪।୧୨ ମଧ୍ୟେ ରାହୁକାଳ ।

# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ସେପ୍ଟେମ୍ବର ୧୯/୨୦୨୩ | Bhubaneswar, Tuesday, September 19/2023 | ପୃଷ୍ଠା-୧




**ସଲମାନ୍‌ଙ୍କ ସହ ନଜର ଆସିବେ ସାମନ୍ଥା**

ସାଉଥ୍ ଅଭିନେତ୍ରୀ ସାମନ୍ଥା ରୁଥ୍ ପ୍ରଭୁଙ୍କୁ ଆଗକୁ ବଲିଉଡ୍ ଭାଇଜାନ୍ ସଲମାନ୍ ଖାନ୍‌ଙ୍କ ସହ ଏକାଠି ଦେଖିବାକୁ ମିଳିବ।

୦୯

୧୨

**ଡୁପ୍ଲାଣ୍ଟିସଙ୍କ ନୂଆ ବିଶ୍ୱ ରେକର୍ଡ**

ପୋଲ୍‌ଭଲ୍ଟରେ ନୂଆ ବିଶ୍ୱ ରେକର୍ଡ କରିଛନ୍ତି ସୁଇଡେନ୍‌ର ଆର୍ମାଣ୍ଡ ଡୁପ୍ଲାଣ୍ଟିସ୍।





ସୋମବାର ପାର୍ଲାମେଣ୍ଟର ସ୍ୱତନ୍ତ୍ର ଅଧିବେଶନ ଆରମ୍ଭ ହୋଇଛି। ଏଥିରେ ପୁରୁଣା ସଂସଦ ଭବନକୁ ବିଦାୟ ଦିଆଯାଇଥିବାବେଳେ ମଙ୍ଗଳବାରଠାରୁ ନୂତନ ସଂସଦ ଭବନରେ ଅଧିବେଶନ ବସିବ।

# ପୁରୁଣା ସଂସଦ ଭବନକୁ ବିଦାୟ

**ଦୀର୍ଘବର୍ଷର ସ୍ମୃତିବିଜଡ଼ିତ ପୁରୁଣା ସଂସଦ ଭବନରେ ସୋମବାର ଅନ୍ତିମ ଉଚ୍ଚାରଣ ହୋଇଛି। ତତ୍କାଳୀନ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁ ସଂସଦ ଭବନରେ ପ୍ରଥମେ ଭାଷଣ ଦେଇଥିବା ବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କୁ ପ୍ରଶଂସା କରିଛନ୍ତି। ପୁରୁଣା ପାର୍ଲାମେଣ୍ଟକୁ ବିଦାୟ ଦେବା ବେଳେ ମୋଦି ଅନେକ ଐତିହାସିକ ଘଟଣାବଳୀକୁ ମନେ ପକାଇଦେଇଛନ୍ତି। ସେ କହିଛନ୍ତି, 'ସ୍ୱାଧୀନତା ପୂର୍ବରୁ ପୁରୁଣା ସଂସଦ ଭବନରେ ଇମ୍ପେରିଆଲ ଲେଜିସ୍‌ଲେଟିଭ୍ କାଉନସିଲ ବସିଥିଲା। ସ୍ୱାଧୀନତା ପରେ ଏହା ସଂସଦ ଭବନରେ ପରିଣତ ହୋଇଥିଲା। ଏଭଳି ଏକ ଶୌଧ ନିର୍ମାଣ ଲାଗି ବ୍ରିଟିଶ ଶାସକ ନିଷ୍ପତ୍ତି ନେଇଥିଲେ ମଧ କଠିନ ଶ୍ରମ ଓ ଅର୍ଥଦାନ କରିଥିଲେ ଭାରତବାସୀ'। ଅନ୍ୟପକ୍ଷରେ ମଙ୍ଗଳବାର ଗଣେଶ ପୂଜାରେ ଭାରତର ଲୋକ ପ୍ରତିନିଧିମାନେ ନୂଆ ପାର୍ଲାମେଣ୍ଟ ବିଲ୍ଡିଂରେ ଦେଶ ପାଇଁ ଚିନ୍ତା କରିବାର ଅବସର ସୃଷ୍ଟି ହୋଇଛି।**

ନୂଆଦିଲ୍ଲୀ,୧୮।୯

ପାର୍ଲାମେଣ୍ଟର ସ୍ୱତନ୍ତ୍ର ଅଧିବେଶନ ପ୍ରଥମ ଦିନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପୁରୁଣା ସଂସଦ ଭବନକୁ ବିଦାୟ ଜଣାଇଛନ୍ତି। ଏହିଅବସରରେ ସେ ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ୍ ନେହେରୁଙ୍କ ସ୍ତୁତିଗାନ କରିଥିଲେ। ପାର୍ଲାମେଣ୍ଟରେ ନେହେରୁଙ୍କ ଐତିହାସିକ ଉଦ୍‌ବୋଧନ ଦେଶର ନିର୍ବାଚିତ ଜନପ୍ରତିନିଧିମାନଙ୍କୁ ଅନୁପ୍ରାଣୀତ କରିଚାଲିଥିବ ବୋଲି ମୋଦି କହିଥିଲେ। ୧୯୪୭ ଅଗଷ୍ଟ ୧୫ ମଧ୍ୟରାତ୍ରରେ ନେହେରୁ ରାଷ୍ଟ୍ରକୁ ସମ୍ବୋଧିତ କରି କହିଥିଲେ, ଯେତେବେଳେ ବିଶ୍ୱ ଶୋଇଥିବ, ଭାରତ ସେତେବେଳେ ସ୍ୱାଧୀନତାର ସହ ଜାଗ୍ରତ ହେବ। ଏଥିସହିତ ମୋଦି ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲ୍ ବାହାଦୂର ଶାସ୍ତ୍ରୀ, ଇନ୍ଦିରା ଗାନ୍ଧୀ, ପି.ଭି. ନରସିଂହ ରାଓ, ଅଟଳବିହାରୀ ବାଜପେୟୀଙ୍କ କାର୍ଯ୍ୟର ପ୍ରଶଂସା କରିଥିଲେ। ତେବେ ମନମୋହନ ସିଂଙ୍କ ସରକାରରେ 'ଭୋଟ ପାଇଁ ନୋଟ୍' ଦୁର୍ନୀତି ପ୍ରସଙ୍ଗକୁ ମଧ ପ୍ରଧାନମନ୍ତ୍ରୀ ଲୋକ ସଭାରେ ମନେ ପକାଇଦେଇଥିଲେ।

## ନେହେରୁଙ୍କୁ ପ୍ରଶଂସା କଲେ ମୋଦି

'ସମ୍ବିଧାନ ସଭାରୁ ଆରମ୍ଭ କରି ସଫଳତା, ଅଭିଜ୍ଞତା, ସ୍ମୃତି ଓ ଶିକ୍ଷା- ପାର୍ଲାମେଣ୍ଟର ୭୫ ବର୍ଷର ଯାତ୍ରା' ଶୀର୍ଷକ ଉପରେ ଆଲୋଚନା ଆରମ୍ଭ କରି ପ୍ରଧାନମନ୍ତ୍ରୀ କହିଥିଲେ, ବାଜପେୟୀ ସରକାର ସମୟରେ ଉତ୍ତରାଖଣ୍ଡ, ଝାଡ଼ଖଣ୍ଡ ଏବଂ ଛତିଶଗଡ଼ ରାଜ୍ୟ ଗଠନ ହେଲାବେଳେ ସବୁଆଡ଼େ ଉତ୍ସବ ପାଳନ ହୋଇଥିଲା। କିନ୍ତୁ ଆନ୍ଧ୍ରପ୍ରଦେଶରୁ ତେଲଙ୍ଗାନା ଅଲଗା ହେବା ବେଳେ ଉଭୟ ରାଜ୍ୟରେ ତିକ୍ତତା ଓ ରକ୍ତପାତ ହୋଇଥିଲା। ପୁରୁଣା ଭବନକୁ ବିଦାୟ ଦେବା ଅତ୍ୟନ୍ତ ଆବେଗପୂର୍ଣ୍ଣ ମୁହୂର୍ତ୍ତ। ଆମେ ଏହି ଶୌଧକୁ ଛାଡ଼ିଯାଉଥିବାବେଳେ ଆମ ମନ ଅନେକ ଭାବାବେଗ ଓ ସ୍ମୃତିରେ ଭରିରହିଥିବା ପ୍ରଧାନମନ୍ତ୍ରୀ କହିଥିଲେ। ଏହି ଅବସରରେ ସେ ଗୃହରେ ଅନୁମୋଦନ ଲାଭ କରିଥିବା ଅନୁଚ୍ଛେଦ ୩୭୦ ଉଚ୍ଛେଦ ବିଲ୍, ଜିଏସ୍‌ଟି, ୱାନ୍ ର୍‍ୟାଙ୍କ୍ ୱାନ୍ ପେନ୍‌ସନ (ଓଆର୍‌ଓପି), ଆର୍ଥିକ ଦୁର୍ବଳ ବର୍ଗଙ୍କ ପାଇଁ ୧୦ ପ୍ରତିଶତ ସଂରକ୍ଷଣ ଆଦି ଗୁରୁତ୍ୱପୂର୍ଣ୍ଣ ବିଲ୍‌କୁ ମନେ ପକାଇଥିଲେ। ଆମେ ନୂଆ ସଂସଦ ଭବନକୁ ଯାଇପାରୁ, ହେଲେ ପୁରୁଣା ବିଲ୍ଡିଂ ବହୁ ପିଢ଼ିଙ୍କୁ ସବୁବେଳେ ଅନୁପ୍ରାଣିତ କରୁଥିବ ☞ପୃଷ୍ଠା-୭

# ମହିଳା ସଂରକ୍ଷଣ ବିଲ୍‌କୁ କ୍ୟାବିନେଟ ମଞ୍ଜୁରୀ

ନୂଆଦିଲ୍ଲୀ,୧୮।୯

ଲୋକ ସଭା ଏବଂ ରାଜ୍ୟ ବିଧାନସଭାଗୁଡ଼ିକରେ ମହିଳାମାନଙ୍କ ପାଇଁ ୩୩ ପ୍ରତିଶତ ସ୍ଥାନ ସଂରକ୍ଷଣ ରଖିବା ସଂକ୍ରାନ୍ତ ବିଲ୍‌କୁ କେନ୍ଦ୍ର କ୍ୟାବିନେଟ୍ ସୋମବାର ରାତିରେ ମଞ୍ଜୁରୀ ପ୍ରଦାନ କରିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ କମିଟି ବୈଠକରେ ଏହି ବହୁ ପ୍ରତୀକ୍ଷିତ ବିଧେୟକକୁ ଅନୁମୋଦନ କରାଯାଇଛି। ୯୦ ମିନିଟ୍‌ର ଆଲୋଚନା ପରେ ବିଲ୍‌ରେ ମୋହର ବାଜିଥିବା ଏକ ସୂତ୍ରରୁ ଜଣାପଡ଼ିଛି।

ବୈଠକରେ କେନ୍ଦ୍ରମନ୍ତ୍ରୀ ରାଜନାଥ ସିଂ, ଅମିତ୍ ଶାହା, ପୀୟୂଷ ଗୋୟଲ, ପ୍ରହ୍ଲାଦ ଜୋଷୀ, ଏସ୍. ଜୟଶଙ୍କର, ନିର୍ମଳା ସୀତାରାମନ୍, ଧର୍ମେନ୍ଦ୍ର ପ୍ରଧାନ, ନୀତୀନ ଗଡକରୀ ଏବଂ ଅର୍ଜୁନ ରାମ ମେଘୱାଲ ପ୍ରମୁଖ ଉପସ୍ଥିତ ଥିଲେ। ପାର୍ଲାମେଣ୍ଟର ସ୍ୱତନ୍ତ୍ର ଅଧିବେଶନରେ ଐତିହାସିକ ନିଷ୍ପତ୍ତି ନିଆଯିବ ବୋଲି ପ୍ରଧାନମନ୍ତ୍ରୀ ପୂର୍ବରୁ କହିଥିଲେ। ଇତିମଧ୍ୟରେ ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପୀୟୂଷ ଗୋୟଲ ଏବଂ ସଂସଦୀୟ ବ୍ୟାପାର ମନ୍ତ୍ରୀ ପ୍ରହ୍ଲାଦ ଜୋଷୀଙ୍କ ନେତୃତ୍ୱରେ ଏକାଧିକ ବୈଠକ ବସିଥିଲା। ସେଥିରେ ଭାଜପା ଅଧ୍ୟକ୍ଷ ଜେ.ପି. ନଡ୍ଡା ଉପସ୍ଥିତ ଥିଲେ। ସ୍ୱତନ୍ତ୍ର ଅଧିବେଶନର କାର୍ଯ୍ୟସୂଚୀ ସମ୍ପର୍କରେ ସରକାର ପୂର୍ବରୁ କୌଣସି ସୂଚନା ଦେଇ ନ ଥିବାରୁ ମହିଳା ସଂରକ୍ଷଣ ବିଲ୍ କିମ୍ବା 'ଗୋଟିଏ ରାଷ୍ଟ୍ର ଏକ ନିର୍ବାଚନ' ପ୍ରସଙ୍ଗ ଉପରେ ଆଲୋଚନା ହୋଇପାରେ ବୋଲି କଳ୍ପନା ଜଳ୍ପନା ପ୍ରକାଶ ପାଇଥିଲା। ତେବେ ଚଳିତ ସ୍ୱତନ୍ତ୍ର ଅଧିବେଶନରେ ଏହି ବିଲ୍ ପାର୍ଲାମେଣ୍ଟରେ ଉପସ୍ଥାପିତ ହେବ ବୋଲି ସୂଚନା ମିଳିଛି।

ସୂଚନା ଦିଆଯାଇପାରେ, ଦେଶର ବ୍ୟବସ୍ଥାପକ ପ୍ରକ୍ରିୟାରେ ମହିଳାମାନଙ୍କ ପ୍ରତିନିଧିତ୍ୱକୁ ସୁଯୋଗ ଦିଆଯାଇ ଲିଙ୍ଗଗତ ବୈଷମ୍ୟକୁ ଦୂର କରିବା ଦିଗରେ ମହିଳା ସଂରକ୍ଷଣ ବିଲ୍ ସପକ୍ଷରେ ଦୀର୍ଘଦିନ ହେବ ଦାବି ହୋଇ ଆସୁଥିଲା। ୧୯୯୬ରୁ ସଂସଦରେ ଏହି ବିଲ୍‌କୁ ବାରମ୍ବାର ଆଗତ କରାଯାଇଥିଲେ ମଧ ରାଜନୈତିକ ବିରୋଧ ଯୋଗୁ ତାହା ଫଳପ୍ରଦ ହୋଇପାରି ନ ଥିଲା। ସମର୍ଥକମାନଙ୍କ ଯୁକ୍ତି ହେଉଛି ଯେ, ଲିଙ୍ଗଗତ ସମାନତାକୁ ବଜାୟ ରଖିବା ସହ ନିଷ୍ପତ୍ତି ନେବା କ୍ଷେତ୍ରରେ ମହିଳାମାନଙ୍କୁ ସଶକ୍ତ କରିବା ଦିଗରେ ଏହା ସହାୟକ ହୋଇପାରିବ। କ୍ୟାବିନେଟରେ ମହିଳା ସଂରକ୍ଷଣ ବିଲ୍‌କୁ ମଞ୍ଜୁରୀ ମିଳିବା ପରେ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ଦଳୀୟ ଏମ୍‌ପିମାନଙ୍କୁ ଭେଟିଛନ୍ତି।

# ଶିକ୍ଷୟିତ୍ରୀ ସ୍ତ୍ରୀ, ୨ ପୁଅଙ୍କୁ ବିଷ ଦେଇ ହତ୍ୟା

ଶେରଗଡ଼,୧୮।୯
(ସୂର୍ଯ୍ୟନାରାୟଣ ଦାଶ)

## ଜଣେ ଗୁରୁତର, ସ୍ୱାମୀ ଗିରଫ

ଶିକ୍ଷୟିତ୍ରୀ ସ୍ତ୍ରୀ ଓ ଦୁଇ ପୁଅଙ୍କୁ ଖାଦ୍ୟରେ ବିଷ ଦେଇ ସ୍ୱାମୀ ହତ୍ୟା କରିଥିବା ଅଭିଯୋଗ ହୋଇଛି। ଏଭଳି ଅଭାବନୀୟ ଘଟଣା ଘଟିଛି ଗଞ୍ଜାମ ଜିଲା ଶେରଗଡ଼ସ୍ଥିତ ଶ୍ରୀରାମନଗର ସାହିରେ। ମୃତକମାନେ ହେଲେ ଶିକ୍ଷୟିତ୍ରୀ ସାବିତ୍ରୀ କୁମାରୀ ବେହେରା, ଦୁଇ ପୁଅ ଶିବେଶ ଓ ପ୍ରୀତିଶ। ମୃତା ସାବିତ୍ରୀଙ୍କ ଭାଇଙ୍କ ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ହତ୍ୟା ମାମଲା ରୁଜୁ କରି ଅଭିଯୁକ୍ତ ସ୍ୱାମୀଙ୍କୁ ଗିରଫ କରିଛି।

ପ୍ରକାଶ ଯେ, ଶେରଗଡ଼ସ୍ଥିତ ମହାତ୍ମା ଗାନ୍ଧୀ ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ସାବିତ୍ରୀ କୁମାରୀ ବେହେରା ଶ୍ରୀରାମନଗର ସାହିରେ ଭଡ଼ାରେ ଦୀର୍ଘଦିନ ହେଲା ରହିଆସୁଛନ୍ତି। ସ୍ୱାମୀ ପ୍ରଶାନ୍ତ ଡାକୁଆ, ଶାଶୁ ଉର୍ମିଳା ଓ ୫ବର୍ଷର ଦୁଇ ଯାଆଁଳା ପୁଅ ଶିବେଶ, ପ୍ରୀତିଶ ମଧ ସେଠାରେ ରହୁଥିଲେ। ପ୍ରଶାନ୍ତ ଏକ ଫାଇନାନ୍ସ କମ୍ପାନୀରେ ଚାକିରି କରନ୍ତି। ବିଭିନ୍ନ କାରଣକୁ ନେଇ ପରିବାରରେ ପ୍ରାୟ ସମୟରେ ଅଶାନ୍ତି ଲାଗି ରହୁଥିଲା। ରବିବାର ରାତିରେ ସମସ୍ତେ ଖାଇସାରି ଶୋଇଥିଲେ। ରାତିରେ ସ୍ୱାମୀ ପ୍ରଶାନ୍ତଙ୍କୁ ଛାଡ଼ି ଅନ୍ୟ ସମସ୍ତେ ବାନ୍ତି କରି ଅସୁସ୍ଥ ହୋଇପଡ଼ିଥିଲେ। ସୋମବାର ସକାଳୁ ସମସ୍ତଙ୍କୁ ଅଚେତ ଅବସ୍ଥାରେ ପ୍ରଶାନ୍ତ ଶେରଗଡ଼ ଡାକ୍ତରଖାନାକୁ ନେଇଥିଲେ। ଡାକ୍ତର ସେଠାରେ ସାବିତ୍ରୀ, ଦୁଇ ପୁଅ ଶିବେଶ ଓ ପ୍ରୀତିଶଙ୍କୁ ମୃତ ଘୋଷଣା କରିଥିଲେ। ☞ପୃଷ୍ଠା-୭

# ବନ୍ୟା ଜଳରେ ଭାସିଗଲା କାର୍: ୨ ଯୁବକ ଉଦ୍ଧାର



ପାଣିରେ ଭାସିଯିବା ପରେ ଚାଳକ କାର୍ ଉପରେ ବସିଛନ୍ତି।

କୁଜଙ୍ଗ,୧୮।୯(ମନୋଜ ପ୍ରଧାନ)

ହୀରାକୁଦ ଡ୍ୟାମ୍‌ର ୨୬ଟି ଗେଟ୍ ଖୋଲାଯିବା ପରେ ମହାନଦୀରେ ବନ୍ୟାଜଳ ପ୍ରଭାବିତ ହେଉଛି। ଏହାଦ୍ୱାରା ମହାନଦୀର ଶାଖା ନଦୀଗୁଡ଼ିକ ଏବଂ ଅବବାହିକା ଅଞ୍ଚଳ ଜଳପ୍ଲାବିତ ହୋଇଛି। ଜଗତ୍‌ସିଂହପୁର ଜିଲାର ରାହାମା-ହରିପୁର ରାସ୍ତାରେ ଶାଖା ନଦୀ 'ଗଇ'ର ବନ୍ୟାଜଳ ୩ ଫୁଟ ଉଚ୍ଚରେ ପ୍ରବାହିତ ହେଉଥିବାବେଳେ ସୋମବାର ଏକ ଧଳାରଙ୍ଗର କାର୍ ଭାସିଯାଇଛି। ତେବେ କାର୍‌ଟି କିଛି ଦୂରରେ ଥିବା ଏକ ଗଛରେ ଲାଗି ଅଟକି ଯିବାରୁ ☞ପୃଷ୍ଠା-୭

# ଆନ୍ଦୋଳନରତ ଶିକ୍ଷକ ସଂଘରେ ଫାଟ

## ଓହରିଲେ ୨ ସଂଘ, ଅନ୍ୟ ସଂଘ ପକ୍ଷରୁ ଧାରଣା ଜାରି

ଭୁବନେଶ୍ୱର, ୧୮।୯
(ଅସମାପିକା ସାହୁ)

ଆନ୍ଦୋଳନ ଚଳାଇଥିବା ୧୦ ପ୍ରାଥମିକ ଶିକ୍ଷକ ସଂଘ ମଧ୍ୟରେ ଫାଟ ସୃଷ୍ଟି ହୋଇଛି। ସୋମବାର ଆନ୍ଦୋଳନ ୧୧ ଦିନରେ ପହଞ୍ଚିଥିବାବେଳେ ଶିକ୍ଷକଙ୍କ ଦାବି ନେଇ ଆନ୍ତଃମନ୍ତ୍ରୀସ୍ତରୀୟ କମିଟି ବୈଠକ ବସିଥିଲା। ହେଲେ ତାହା ଫଳପ୍ରଦ ହୋଇ ନ ଥିବାବେଳେ ଆନ୍ଦୋଳନକୁ ନେଇ ସଂଘଗୁଡ଼ିକ ମଧ୍ୟରେ ସୃଷ୍ଟି ହୋଇଥିବା ମତଭେଦ ପଦାକୁ ଆସିଛି। ବୈଠକ ପରେ ୨ ଶିକ୍ଷକ ସଂଘ ଆନ୍ଦୋଳନରୁ ଓହରିଯାଇଥିବାବେଳେ ଅନ୍ୟ ଶିକ୍ଷକ ସଂଘଗୁଡ଼ିକ ଆନ୍ଦୋଳନ ଜାରି ରଖିବାକୁ ନିଷ୍ପତ୍ତି ନେଇଛନ୍ତି।

### ଫଳପ୍ରଦ ହେଲାନି ଆନ୍ତଃମନ୍ତ୍ରୀସ୍ତରୀୟ କମିଟି ବୈଠକ

ଆନ୍ଦୋଳନ ଡାକରା ଦେଇଥିବା ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେଶନ(ଏୟୁପିଟିଏଫ୍) ଆନ୍ଦୋଳନକୁ ସ୍ଥଗିତ ରଖିଛି। ତେବେ ପୂର୍ବପରି କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରଖିବାକୁ ମିଳିତ ପ୍ରାଥମିକ ଶିକ୍ଷକ ମହାସଂଘ ନିଷ୍ପତ୍ତି ନେଇଛି। ସରକାର ପ୍ରାଥମିକ ଶିକ୍ଷକଙ୍କ ଦାବିଗୁଡ଼ିକୁ ଗ୍ରହଣ କରୁ ନ ଥିବାରୁ ଏହି ଆନ୍ଦୋଳନ ଜାରି ରହିବ ବୋଲି କୁହାଯାଇଛି।

ମୁଖ୍ୟ ଶାସନ ସଚିବଙ୍କ ସମ୍ମିଳନୀ କକ୍ଷରେ ଅର୍ଥମନ୍ତ୍ରୀ ବିକ୍ରମ କେଶରୀ ଆରୁଖଙ୍କ ଅଧ୍ୟକ୍ଷତାରେ ଆନ୍ତଃମନ୍ତ୍ରୀସ୍ତରୀୟ କମିଟି ବୈଠକ ବସିଥିଲା। ପ୍ରାଥମିକ ଶିକ୍ଷକ ସଂଘକୁ ଆଲୋଚନା ପାଇଁ ଡକାଯାଇଥିଲା। ବୈଠକରେ ସଂଘର ଦାବିଗୁଡ଼ିକ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏଥିପାଇଁ ବହୁ ସମୟ ରହିଥିବାରୁ ବର୍ତ୍ତମାନ ଆନ୍ଦୋଳନରୁ ଓହରିଯିବା ପାଇଁ କମିଟି ଶିକ୍ଷକମାନଙ୍କୁ ଅନୁରୋଧ କରିଥିଲେ। ସରକାରଙ୍କ ସହ ଆଲୋଚନା ପରେ ଶିକ୍ଷକ ଭବନରେ ଷ୍ଟିୟରିଂ କମିଟି ବୈଠକ ବସି ପରବର୍ତ୍ତୀ ☞ପୃଷ୍ଠା-୭

**ଆଜିର ସମ୍ପାଦକୀୟ**

**ଅସନ୍ତୁଳିତ**




# ୧୪୩ ବର୍ଷରେ ୨୦୨୩ ସବୁଠୁ ଉତ୍ତପ୍ତ

ନ୍ୟୁୟର୍କ,୧୮।୯

## ନାସା ରିପୋର୍ଟ

ଗ୍ଲୋବାଲ ୱାର୍ମିଂ ଯୋଗୁ ସାରା ବିଶ୍ୱରେ ଏବେ ଜଳବାୟୁ ପରିବର୍ତ୍ତନ ଘଟିବାରେ ଲାଗିଛି। ପରିଣାମ ସ୍ୱରୂପ ଅନିୟମିତ ବର୍ଷା ହେଉଥିବାବେଳେ ସ୍ୱାଭାବିକ ଠାରୁ ଅଧିକ ଗ୍ରୀଷ୍ମ ପ୍ରବାହ ଅନୁଭୂତ ହେଉଛି। ଏହି ସ୍ଥିତି ଜାରି ରହିଲେ ଆଗାମୀ ଦିନରେ ପରିସ୍ଥିତି ଅଧିକ ଜଟିଳ ହେବ ବୋଲି ନାସା ପକ୍ଷରୁ କୁହାଯାଇଛି। ୧୮୮୦ ପରେ ୨୦୨୩ ହେଉଛି ସବୁଠୁ ଉତ୍ତପ୍ତ ବର୍ଷ। ପ୍ରାୟ ୧୪୩ ବର୍ଷ ପରେ ଚଳିତ ବର୍ଷ ଗ୍ରୀଷ୍ମଋତୁରେ ପ୍ରବଳ ଗରମ ଅନୁଭୂତ ହୋଇଥିଲା। ଏସିଆ, ୟୁରୋପ, ଉତ୍ତର ଆମେରିକା ସମେତ ସାରା ବିଶ୍ୱରେ ଚଳିତବର୍ଷ ପ୍ରବଳ ଗ୍ରୀଷ୍ମ ପ୍ରବାହ ହୋଇଥିଲା ବୋଲି ନ୍ୟାଶନାଲ ଏରୋନଟିକ୍ସ ଆଣ୍ଡ ସ୍ପେଶ୍ ଆଡମିନିଷ୍ଟ୍ରେଶନ(ନାସା) ପକ୍ଷରୁ କୁହାଯାଇଛି। ଗ୍ଲୋବାଲ ୱାର୍ମିଂ ଯୋଗୁ ଚଳିତ ବର୍ଷ ଏଲ୍‌ନିନୋ ପ୍ରଭାବ ରହିଥିଲା। ଫଳରେ ସାରା ବିଶ୍ୱରେ ଗ୍ରୀଷ୍ମ ପ୍ରବାହ ଜାରି ରହିଥିଲା।



ନାସା ପକ୍ଷରୁ ଜାରି କରାଯାଇଥିବା ଏକ ବିବୃତି ଅନୁସାରେ, ଚଳିତ ବର୍ଷ ଅଗଷ୍ଟ ମାସର ତାପମାତ୍ରା ସ୍ୱାଭାବିକଠାରୁ ୧.୨ ଡିଗ୍ରୀ ଅଧିକ ଥିଲା। ଫଳରେ ଆମେରିକାର ଦକ୍ଷିଣ ଓ ଦକ୍ଷିଣପଶ୍ଚିମାଞ୍ଚଳରେ ରହୁଥିବା ୫୭ ନିୟୁତ ଲୋକ ପ୍ରଭାବିତ ହୋଇଥିଲେ। ଜୁନ, ଜୁଲାଇ ଏବଂ ଅଗଷ୍ଟ ମାସର ତାପମାତ୍ରାକୁ ଯଦି ତୁଳନା କରାଯିବ, ତେବେ ଅନ୍ୟ ବର୍ଷଗୁଡ଼ିକ ଅପେକ୍ଷା ଚଳିତ ବର୍ଷ ଏହି ୩ ମାସରେ ତାପମାତ୍ରା ସ୍ୱାଭାବିକ ଠାରୁ ୦.୨୩ ଡିଗ୍ରୀ ଅଧିକ ଥିଲା। ଜଳବାୟୁ ପରିବର୍ତ୍ତନ ସମସ୍ୟାକୁ ନେଇ ଗତମାସରେ ନାସା ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ବୈଜ୍ଞାନିକମାନେ ଏକଥା ଦର୍ଶାଇଥିଲେ ଯେ, ଗତ ୫ବର୍ଷର ଜୁଲାଇ ମାସ ☞ପୃଷ୍ଠା-୭

ଏକ ଆଧାତ୍ମିକ ଜୀବନ ବଞ୍ଚିବା ପାଇଁ ବିଶ୍ୱ ସଂଗ୍ରାମ କରି ଚାଲିଛି। କିନ୍ତୁ ଅଦିବ୍ୟ ଓ ବିରୋଧୀ ଶକ୍ତିମାନେ ଏଠାରେ ଠୁଳ ହୋଇ ସମସ୍ତଙ୍କୁ ଭୀତତ୍ରସ୍ତ କରୁଛନ୍ତି। ପ୍ରଭୁ ! ଆମେ ଚାହୁଁ – ଆପଣଙ୍କ ପକ୍ଷରେ ରହି ବୀର ଯୋଦ୍ଧା ରୂପେ ଲଢିବାକୁ ଏବଂ ବିଜୟ ଲାଭକରିବାକୁ। –ଶ୍ରୀମା

# ଅସନ୍ତୁଳିତ

ସୁସ୍ଥ ଶିଶୁଙ୍କ ଉପରେ ଦେଶର ଭବିଷ୍ୟତ ନିର୍ଭରଶୀଳ। ଏହି ବିଚାରରେ ଶୈଶବ ସ୍ୱାସ୍ଥ୍ୟପ୍ରଦ ହେବା ଜରୁରୀ। କିନ୍ତୁ ଭାରତରେ ଜନ୍ମରୁ ୫ ବର୍ଷ ବୟସ ବର୍ଗ ମଧ୍ୟରେ ଥିବା ୭ କୋଟି ୨୪ ଲକ୍ଷ ୫୬ ହଜାର ୪୫୮ ଜଣ ଶିଶୁଙ୍କ ମଧ୍ୟରୁ ୪୩ ଲକ୍ଷରୁ ଅଧିକ ପିଲା ମେଦବହୁଳତା କିମ୍ବା ଅଧିକ ଓଜନର ଶିକାର ହୋଇଥିବା ପୋଷଣ ଟ୍ରାକର୍ ଆପ୍ ଦ୍ୱାରା ସଂଗୃହୀତ ତଥ୍ୟରୁ ଜଣାପଡ଼ିଛି। ସାରା ଦେଶରେ ଥିବା ଅଙ୍ଗନୱାଡିର ମୋଟ ପିଲାଙ୍କ ସଂଖ୍ୟାର ଏହା ପାଖାପାଖି ୬%। ଗୁରୁତ୍ୱପୂର୍ଣ୍ଣ ହେଉଛି ପାଖାପାଖି ସମାନ ସଂଖ୍ୟକ ପିଲା ମଧ୍ୟ କୁପୋଷଣରେ ଆକ୍ରାନ୍ତ ହୋଇଥିବା ଦର୍ଶାଯାଇଛି। ସରକାରଙ୍କ ଦ୍ୱାରା ପରିଚାଳିତ ଶିଶୁ ସୁରକ୍ଷା କେନ୍ଦ୍ରଗୁଡ଼ିକର ତଥ୍ୟ ଏହି ସର୍ଭେର ଯଥାର୍ଥକୁ ଦର୍ଶାଇଛି। ୨୦୨୧ରେ ପୋଷଣ ଟ୍ରାକର୍ ଆପ୍ ଆରମ୍ଭ ହେବା ପୂର୍ବରୁ ନ୍ୟାଶନାଲ ଫାମିଲି ହେଲ୍‌ଥ ସର୍ଭେ (ଏନ୍‌ଏଫ୍‌ଏଚ୍‌ଏସ୍) ଦ୍ୱାରା ଏ ସମ୍ପର୍କିତ ତଥ୍ୟ ସଂଗ୍ରହ କରାଯାଇ ଆସୁଥିଲା। ଉଭୟର ତଥ୍ୟକୁ ତୁଳନା କଲେ ପିଲାଙ୍କ ମେଦବହୁଳତା କ୍ରମାଗତ ଭାବେ ବଢ଼ିବା ଲକ୍ଷ୍ୟ କରାଯାଉଛି। ଏନ୍‌ଏଫ୍‌ଏଚ୍‌ଏସ୍ ୨୦୧୫–୧୬ରେ ୫ ବର୍ଷରୁ କମ୍ ବୟସ ବର୍ଗର ପିଲାଙ୍କ କ୍ଷେତ୍ରରେ ମେଦବହୁଳତା ହାର ୨.୧% ଥିଲାବେଳେ ୨୦୧୯–୨୧ରେ ଏହା ବୃଦ୍ଧି ପାଇ ୩.୪% ହୋଇଥିଲା। ତେବେ ବର୍ତ୍ତମାନର ଅତ୍ୟଧିକ ବୃଦ୍ଧି ସମ୍ପର୍କିତ ତଥ୍ୟ ପ୍ରକାଶ ପାଇବା ପରେ ତାହା ସନ୍ଦେହ ଘେରକୁ ଆସିବା ସହ ଶିଶୁଙ୍କ ସ୍ୱାସ୍ଥ୍ୟକୁ ନେଇ କାର୍ଯ୍ୟକାରୀ ପୋଷଣ କାର୍ଯ୍ୟକ୍ରମ ଉପରେ ପ୍ରଶ୍ନ ଉଠିଛି।

ଯେଉଁମାନେ ଅଙ୍ଗନୱାଡି ବିଷୟରେ ଜାଣିଛନ୍ତି ଓ ତାହାକୁ ନିକଟରୁ ଦେଖିଛନ୍ତି ସେମାନେ କହିପାରିବେ ଯେ, ଏହି ତଥ୍ୟ ସନ୍ଦେହଜନକ। କେବଳ ଓଡ଼ିଶାରେ କାହିଁକି ସାରା ଭାରତରେ ଅଙ୍ଗନୱାଡିକୁ ଖାଦ୍ୟ ବାବଦରେ ଯେଉଁ ଟଙ୍କା ଦିଆଯାଏ ସେହି ମୂଲ୍ୟର ଖାଦ୍ୟ ସେଠାରେ ପିଲାଙ୍କୁ ମିଳେନାହିଁ। ମୂଲ୍ୟ ତ ଦୂରର କଥା ଖାଦ୍ୟର ମାନ ମଧ୍ୟ ଠିକ୍ ରହେନାହିଁ। ଏହାର ପ୍ରମାଣ ବହୁ ସମୟରେ ଗଣମାଧ୍ୟମରୁ ଜାଣିବାକୁ ମିଳେ। ଅନେକ ସମୟରେ ସାରା ଦେଶରେ ଅଙ୍ଗନୱାଡିର ଖାଦ୍ୟକୁ ନେଇ ପ୍ରଶ୍ନ ଉଠିଆସିଛି। ପୋକରା ଡାଲି କିମ୍ବା ଚାଉଳ ବା କାଞ୍ଜିଆ ଅଣ୍ଡା ଖବର ଶୁଣିବାକୁ ମିଳିଛି। ଅଙ୍ଗନୱାଡିରେ ପ୍ରତିଦିନ ପନିପରିବାଯୁକ୍ତ ପୁଷ୍ଟିକର ରନ୍ଧାଖାଦ୍ୟ ମିଳେନାହିଁ ବୋଲି ଅନେକ ଥର ପୂର୍ବରୁ ପ୍ରକାଶ ପାଇଛି। କେତେବେଳେ କେମିତି ସପ୍ତାହରେ ଥରେ ଅଧେ ଅଣ୍ଡା ଦିଆଯାଏ। ଏଭଳି ଖାଦ୍ୟ ଖାଇ ସେଠାରେ ପିଲାମାନେ ମେଦବହୁଳତାର ଶିକାର ହେବାର କୌଣସି ସୁଯୋଗ ଉପୁଜୁନାହିଁ। ସେହିଭଳି ପୁଷ୍ଟିକର ଆହାରର ଅଭାବ ଯୋଗୁ ଆହୁରି ଅନେକ ପିଲା ଯେଉଁଭଳି ଭାବେ ଅପପୁଷ୍ଟିର ଶିକାର ହୋଇଛନ୍ତି ତାହା ଦର୍ଶାଉଛି ଯେ, ଅଙ୍ଗନୱାଡି ଖାଦ୍ୟ ସନ୍ତୁଳିତ ନୁହେଁ। ତଥ୍ୟ ପରେ ତଥ୍ୟ ପ୍ରକାଶ ପାଇପାରେ, କିନ୍ତୁ ପିଲାଙ୍କର ଏହି ମୌଳିକ ଚାହିଦା ପ୍ରତି ଦୃଷ୍ଟି ପକାଇବାକୁ ଆମ ଦେଶରେ କାହାରି ସମୟ କିମ୍ବା ଇଚ୍ଛା ନାହିଁ। ଆମେ ସମସ୍ତେ ଏଥିପାଇଁ ଦାୟୀ। ଏହାର ମୁଖ୍ୟ କାରଣ ହେଉଛି ନୀତି ପ୍ରଣୟନ କରୁଥିବା ସବୁ ବ୍ୟକ୍ତି ଧନୀ ହୋଇଥିବାରୁ ଗରିବ ପିଲାଙ୍କର ସର୍ବନିମ୍ନ ଅଧିକାରକୁ ସମ୍ମାନ ଦେବାରେ ତିଳେମାତ୍ର ଇଚ୍ଛା ନାହିଁ। ଏଠାରେ ମନେପଡ଼େ କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ ଅଫ୍ ସୋସିଆଲ ସାଇନ୍ସର ପଦ୍ଧତି। ନିୟମିତ ଭାବେ ଏହି ସଂସ୍ଥା ତରଫରୁ ସାମାଜିକ ଗଣମାଧ୍ୟମରେ ଫଟୋ ଅପ୍‌ଲୋଡ କରାଯାଏ, ଯେଉଁଥିରେ ସକାଳ, ଦ୍ୱିପ୍ରହର ଏବଂ ରାତ୍ରି ସମୟର ଖାଇବାର ଦୃଶ୍ୟ ସାଧାରଣରେ ଦେଖିବାକୁ ମିଳେ। ସରକାର ମଧ୍ୟ ଏହିଭଳି ରିପୋର୍ଟ ବ୍ୟବସ୍ଥା ପ୍ରତ୍ୟେକ ଅଙ୍ଗନୱାଡି ପାଇଁ ଲାଗୁ କରିପାରନ୍ତେ।

**ତଥ୍ୟ ପରେ ତଥ୍ୟ ପ୍ରକାଶ ପାଇପାରେ, କିନ୍ତୁ ପିଲାଙ୍କର ଏହି ମୌଳିକ ଚାହିଦା ପ୍ରତି ଦୃଷ୍ଟି ପକାଇବାକୁ ଆମ ଦେଶରେ କାହାରି ସମୟ କିମ୍ବା ଇଚ୍ଛା ନାହିଁ। ଆମେ ସମସ୍ତେ ଏଥିପାଇଁ ଦାୟୀ। ଏହାର ମୁଖ୍ୟ କାରଣ ହେଉଛି ନୀତି ପ୍ରଣୟନ କରୁଥିବା ସବୁ ବ୍ୟକ୍ତି ଧନୀ ହୋଇଥିବାରୁ ଗରିବ ପିଲାଙ୍କର ସର୍ବନିମ୍ନ ଅଧିକାରକୁ ସମ୍ମାନ ଦେବାରେ ତିଳେମାତ୍ର ଇଚ୍ଛା ନାହିଁ।**

# ମନ୍ଦିରରେ ଦିଅଁ ଦେବତା ନାହିଁ



ବୈକୁଣ୍ଠନାଥ ମିଶ୍ର

ବିଭୁକୃପା ଲାଭ, ମାନସିକ ଶାନ୍ତି ପ୍ରାପ୍ତି ଓ କର୍ମମୟ ଜୀବନର ଅବସାଦ ବିମୋଚନ ପାଇଁ ମଣିଷ କେଉଁ ଅନାଦିକାଳରୁ ଦେବାଳୟ ପ୍ରତିଷ୍ଠାକରି ପୂଜା ଆରାଧନା କରି ଆସୁଛି। ସମୟ ଥିଲା ସନ୍ଧ୍ୟାବେଳେ ଦେବାଳୟ ପ୍ରାଙ୍ଗଣ ଭକ୍ତି ପିପାସୁ ନରନାରୀଙ୍କ ଗହଳିରେ ମୁଖରିତ ହେଉଥିଲା। ସନ୍ଧ୍ୟା ଆଳତି ପରେ ଆରମ୍ଭ ହେଉଥିଲା ପୁରାଣ ଓ ଭାଗବତ ଚର୍ଚ୍ଚା। ପୁରାଣ ପଣ୍ଡା ଅତି ଶୁଦ୍ଧପୂତଭାବେ ପୁରାଣ ପାଠକରି ଲୋକଙ୍କୁ ବୋଧଗମ୍ୟ କରାଉଥିବାର ପରମ୍ପରା ଥିଲା ଉତ୍କଳୀୟ ସଂସ୍କୃତିର ଅବିଚ୍ଛେଦ୍ୟ ଅଙ୍ଗ। ପୁରାଣଶାସ୍ତ୍ର ପ୍ରଦତ୍ତ ନୀତିଶିକ୍ଷା ଗ୍ରହଣକରି ଲୋକଚରିତ୍ର ଥିଲା ବଳିଷ୍ଠ ଓ ପରୋପକାରର ମହନୀୟତାରେ ଉଦ୍‌ବୁଦ୍ଧ ହେଉଥିଲା ଗ୍ରାମ୍ୟ ଜୀବନ। ଭାଇଚାରା ସଂଦର୍ଶନର ମୂଳପିଣ୍ଡ ଥିଲା ଆମ ଦେବାଳୟ ସବୁ। ରାଜା ମହାରାଜା ଓ ଜମିଦାରଙ୍କ ସକଳ ଅତ୍ୟାଚାର ସତ୍ତ୍ୱେ ସେମାନଙ୍କର ଏକ ଦିବ୍ୟଗୁଣ ଥିଲା ମନ୍ଦିର ନିର୍ମାଣ ଓ କୂପ ପୁଷ୍କରିଣୀ ଖନନ। ବାରମାସର ତେର ପର୍ବରେ ଗ୍ରାମବାସୀଙ୍କ ସାମୂହିକ ଯୋଗଦାନ ମନ୍ଦିର ପରିବେଶକୁ କରୁଥିଲା ଉତ୍ସବମୁଖର। ପ୍ରତି ଗ୍ରାମରେ ଅତି କମ୍‌ରେ ଗୋଟିଏ ଗ୍ରାମଦେବୀ ମନ୍ଦିର ଯେଉଁଠି ପୂଜା ପାଇ ଆସୁଛନ୍ତି ଶକ୍ତି ପ୍ରଦାୟିନୀ ମା' ଦୁର୍ଗାଙ୍କର ଅଂଶ ସ୍ୱରୂପା। ମା'ଙ୍କର ଦଶହରା, ନବରାତ୍ରରେ ସକଳ ଗ୍ରାମବାସୀଙ୍କର ସମ୍ମିଳିତ ଭୋଜି ଥିଲା ଅତ୍ୟନ୍ତ ସୁଖପ୍ରଦ। ମନୋରଞ୍ଜନର ଅନ୍ୟ କୌଣସି ସୁବିଧା ନ ଥିବାରୁ ରଜ, ଦୋଳ, ଦଶହରା ପ୍ରଭୃତିରେ ପାରମ୍ପରିକ ଯାତ୍ରା, ପାଲା, ଦାସକାଠିଆ ପରିବେଷଣ ଦେଉଥିଲା ଲୋକଙ୍କୁ ପର୍ଯ୍ୟାପ୍ତ ଆତ୍ମତୃପ୍ତି। ଧାର୍ମିକ ପରିବେଶ ସହ ମନୋରଞ୍ଜନର ଅପୂର୍ବ ସମାହାରରେ ଉଦ୍‌ବୁଦ୍ଧ ହେଉଥିଲା ଗ୍ରାମ୍ୟଜୀବନ।

ଆଧୁନିକ ମଣିଷ ଆଧ୍ୟାତ୍ମିକତାରୁ ଦୂରେଇଯାଇ ଆପଣେଇନେଲା କୁତ୍ସିତ, କାଳିମାମୟ, ଅରୁଚିକର ଓ ଅପାଙ୍‌କ୍ତେୟ ଜୀବନଚର୍ଯ୍ୟା। ଏଥିରୁ ଦେବାଳୟ ପରି ପବିତ୍ର ସ୍ଥାନ ମଧ୍ୟ ବାଦ୍ ପଡ଼ିଲେ ନାହିଁ। ଲୋକଦେଖାଣିଆ ଭକ୍ତି ସହ ମନୋରଞ୍ଜନର ଅନନ୍ୟ କ୍ଷେତ୍ର ରୂପେ ବିବେଚିତ ହେଲା ପୁଣ୍ୟ ଦେବାଳୟ ପ୍ରାଙ୍ଗଣ। ସ୍ଥଳବିଶେଷରେ ପ୍ରେମୀଯୁଗଳଙ୍କର ଅଭିସାର କ୍ଷେତ୍ରରେ ପରିଣତ ହୋଇଛି ପୁଣ୍ୟ ଦେବପୀଠ। ଶିବ ଗଞ୍ଜେଇ ସେବନ କରୁଥିବାର ମନଗଢ଼ା ପୌରାଣିକ ଆରୋପ ଓ ଦେବତାମାନଙ୍କର ସୋମରସରୂପୀ ମଦ୍ୟପାନର ମିଥ୍ୟା ଦୃଷ୍ଟାନ୍ତର ସାହାରା ନେଇ ପବିତ୍ର ଦେବାଳୟ ପୀଠକୁ ନିଶାସେବନର କ୍ଷେତ୍ରରେ ପରିଣତ କରିବାରେ ଆମେ ଆଦୌ କୁଣ୍ଠିତ ନୋହୁଁ। ନୂତନ ମନ୍ଦିର ନିର୍ମାଣ ଓ ପୁରାତନ ମନ୍ଦିରର ନବୀକରଣ ବର୍ତ୍ତମାନ ସମୟରେ ସତତ ପ୍ରତିଭାତ। ଜରାଜୀର୍ଣ୍ଣ ଅବସ୍ଥାରେ ଥିବା ମନ୍ଦିରରେ ପୂଜା ଆରାଧନା ଲୋକଙ୍କ ମନରେ ଯେଉଁ ଭକ୍ତିଭାବ ଉଦ୍ରେକ କରୁଥିଲା, ତାହା ଆଜିର ସୁଦୃଶ୍ୟ ମନ୍ଦିରଗୁଡ଼ିକରେ ଅଲଭ୍ୟ। ଧର୍ମ ନାମରେ



ଚାଲିଛି ଅଧର୍ମ, ଅନୀତିର ରାଜୁତି। ସମସ୍ତେ ନିଜ ଧର୍ମ ଓ ଧାର୍ମିକ ପୀଠକୁ ଶ୍ରେୟଃ ଦେଇ ଅନ୍ୟ ଧର୍ମ ପ୍ରତି ଅସହିଷ୍ଣୁ ହୋଇ ପଡୁଛନ୍ତି। ଧର୍ମ ନାମରେ ଅନ୍ୟ ଧର୍ମ ଉପରେ ଆକ୍ରୋଶମୂଳକ ମନ୍ତବ୍ୟ ଓ କାର୍ଯ୍ୟକଳାପ ଆଦୌ ସ୍ପୃହଣୀୟ ନୁହେଁ। ଭାରତ ସମ୍ବିଧାନର ଧାରା ୨୭ ସମସ୍ତଙ୍କୁ ଧାର୍ମିକ ଅଧିକାର ପ୍ରଦାନ କରିଛି। କୌଣସି ନିର୍ଦ୍ଦିଷ୍ଟ ଧର୍ମକୁ ପ୍ରୋତ୍ସାହନ କିମ୍ବା ବିରୋଧ ଧର୍ମ ନିରପେକ୍ଷ ନୀତିର ପରିପନ୍ଥୀ। ଆମେ ଜାଣିବା ଦରକାର ଯେ ଈଶ୍ୱରଙ୍କର କୌଣସି ଧର୍ମ ନାହିଁ। ଜଣେ ବ୍ୟକ୍ତିର ଭିନ୍ନ ଭିନ୍ନ ନାମ ଥାଇ ବ୍ୟକ୍ତିଟି ଯେପରି ନିର୍ଦ୍ଦିଷ୍ଟ, ସେହିପରି ଈଶ୍ୱର ଆଲ୍ଲା ଯୀଶୁ ବୁଦ୍ଧ ଇତ୍ୟାଦି ଏକ ଓ ଅଭିନ୍ନ ଏହା କେବଳ ମାନସିକ ସଂକୀର୍ଣ୍ଣତାର ପ୍ରତିଫଳନ ମାତ୍ର। ମଣିଷର ଆତ୍ମାକୁ ଚିହ୍ନିବା ଅର୍ଥ ଈଶ୍ୱରଙ୍କୁ ଚିହ୍ନିବା। ସ୍ୱାମୀ ବିବେକାନନ୍ଦଙ୍କ ଗୁରୁ ରାମକୃଷ୍ଣଙ୍କୁ ପ୍ରଥମ ସାକ୍ଷାତରେ ପ୍ରଥମ ପ୍ରଶ୍ନ ଥିଲା ଆପଣ ଈଶ୍ୱରଙ୍କୁ ଦେଖିଛନ୍ତି? ମୋତେ ଈଶ୍ୱର ଦର୍ଶନ କରାଇପାରିବେ? ଉତ୍ତରରେ ରାମକୃଷ୍ଣ କହିଥିଲେ, 'ଅବଶ୍ୟ ପାରିବି। ତୁମେ କାଲି ପ୍ରତ୍ୟୁଷରୁ ଆସ'। ବିବେକାନନ୍ଦ ପରଦିନ ପ୍ରତ୍ୟୁଷରୁ ପହଞ୍ଚିବା କ୍ଷଣି ରାମକୃଷ୍ଣ ତାଙ୍କୁ ନିର୍ଦ୍ଦେଶ ଦେଇଥିଲେ, ମନ୍ଦିର ସମ୍ମୁଖରେ ଧାଡ଼ିହୋଇ ବସିଥିବା କୁଷ୍ଠରୋଗୀଙ୍କର ସେବା କରିବାକୁ। ବିବେକାନନ୍ଦ ତିଳେ ମାତ୍ର କୁଣ୍ଠାବୋଧ ନ କରି ରୋଗୀଙ୍କର ସେବାରେ ଲାଗିଗଲେ। ସେମାନଙ୍କ ପୂଯରକ୍ତ ପୋଛି ତାଙ୍କ କ୍ଷୁଧା ଅପସାରଣର ସକଳ ପ୍ରୟାସ କରିଥିଲେ। ତାଙ୍କ ହୃଦୟ ଏକ ଦିବ୍ୟ ଭାବରେ ଉଦ୍ଭାସିତ ହେଲା। ସେ ତତ୍‌କ୍ଷଣାତ୍ ଅନୁଭବ କଲେ 'ମାନବ ସେବା ହିଁ ମାଧବ ସେବା'। ରାମକୃଷ୍ଣଙ୍କୁ ଗୁରୁ ରୂପେ ସର୍ବାନ୍ତକରଣରେ ଗ୍ରହଣ କରିନେଲେ ସ୍ୱାମୀ ବିବେକାନନ୍ଦ।

ଆଜିକାଲି ମନ୍ଦିର ନିର୍ମାଣରେ ସାଧାରଣଙ୍କ କଷ୍ଟଲବ୍ଧ ଧନ ଅପେକ୍ଷା କଳାଧନର ବ୍ୟାପକ ବିନିଯୋଗ ହେଉଛି। ନିର୍ବାଚନର ଅବ୍ୟବହିତ ପୂର୍ବରୁ ଭୋଟ ପ୍ରାପ୍ତିର ଏକ ପ୍ରକୃଷ୍ଟ ସ୍ଥାନ ମନେକରି ନେତାମାନେ ଅଜସ୍ର ଅନୁଦାନ ପ୍ରଦାନ କରୁଛନ୍ତି। ମନ୍ଦିରକୁ କେନ୍ଦ୍ରକରି ଗାଁ ରାଜନୀତି ଚଳଚଞ୍ଚଳ। ଦୀପ ତେଜିଲେ ହାତ ଚିକ୍କଣ ନ୍ୟାୟରେ ଗ୍ରାମ ମୁରବିମାନେ ଏପରି ସୁଯୋଗକୁ ହାତଛଡ଼ା କରୁନାହାନ୍ତି। ସବୁଠାରୁ ଦୁଃଖଦାୟକ ହନୁମାନଙ୍କ ଅବସ୍ଥା। ଖୋଲା ଆକାଶ ତଳେ ଗାଁ ଦୋଛକିରେ ସୁଉଚ୍ଚ ହନୁମାନ ମୂର୍ତ୍ତିଟିଏ ଦଣ୍ଡାୟମାନ। ଦେଖିଲେ ଭ୍ରମସୃଷ୍ଟି ହୁଏ ଇଏ ଠାକୁର ନା ଗାଁ ଜଗୁଆଳ! ରାଜରାସ୍ତା ପାର୍ଶ୍ୱରେ ମହାପୁରୁଷଙ୍କ ପ୍ରତିମୂର୍ତ୍ତି ନିକଟରେ ପାନଛେପ ପକାଇ ଦିବଂଗତ ନେତାଙ୍କୁ ଅସମ୍ମାନ କରିବା ପରେ ଏବେ ଠାକୁରଙ୍କ ପାଳି। ଶିବଭକ୍ତିଠାରୁ ଏବେ ବୃଷଭ ପ୍ରୀତି ବଳିଗଲାଣି।

ଆଧୁନିକ ମଣିଷର ଧର୍ମୀୟ ଭାବନା ଓ ପୂଜାବିଧିକୁ ମୃଦୁ ଭର୍ତ୍ସନା କରିଛନ୍ତି ପ୍ରଖ୍ୟାତ ଗାଳ୍ପିକ ପଦ୍ମ ବିଜେତା ମନୋଜ ଦାସ। 'ଲକ୍ଷ୍ମୀଜ୍ ଆଡ୍‌ଭେଞ୍ଚର' ଗଳ୍ପରେ ଲକ୍ଷ୍ମୀ ନାମକ ଜଣେ ୬ ବର୍ଷର ଶିଶୁକନ୍ୟା ମୁଖରେ ଈଶ୍ୱରଙ୍କୁ ଯେଉଁ ପ୍ରଶ୍ନ ପଚାରିଛନ୍ତି ତାହା ବାସ୍ତବିକ ପ୍ରଣିଧାନଯୋଗ୍ୟ। ଲକ୍ଷ୍ମୀ କହୁଛି, ହେ ଠାକୁରେ! ତୁମେ ପରା ଅନ୍ତର୍ଯାମୀ। ତଥାପି ଏ ଲୋକମାନେ ତୁମକୁ ଖୋଳ, କରତାଳ ଓ ଦୂରଭାଷ ଯନ୍ତ୍ର ମାଧ୍ୟମରେ କାହିଁକି ଉଦ୍ଦଣ୍ଡଭାବେ ଡାକୁଛନ୍ତି? ତୁମେ କ'ଣ ବଧିର? ଯଦି ବଧିର ତେବେ ଧ୍ରୁବ, ପ୍ରହ୍ଲାଦ, ମୃଗୁଣୀ, ଗଜ ଓ ସର୍ବୋପରି ଦ୍ରୌପଦୀଙ୍କ ଆକୁଳ ପ୍ରାର୍ଥନା ତୁମେ ଶୁଣିପାରିଲ କିପରି? ଆଜିର ମଣିଷଙ୍କ ଏ ଉଦ୍ଦଣ୍ଡ ଡାକରେ ତୁମେ ନୀରବ କାହିଁକି? ସେମାନଙ୍କୁ ଏଥିରୁ ନିବୃତ୍ତ କରୁନାହଁ କାହିଁକି? ଲକ୍ଷ୍ମୀ ମନ୍ଦିର ମଧ୍ୟରୁ ଦୁଇଟି କଦଳୀ ନେଇ ନିଦ୍ରିତ ପୂଜକଙ୍କୁ ଅତିକ୍ରମ କଲାବେଳେ ପୂଜକଙ୍କ 'ଚୋର ଚୋର' ଡାକରେ ତମାମ ଗାଁର ଲୋକେ ଲକ୍ଷ୍ମୀର ଅନୁଧାବନ କଲେ। ଅନନ୍ୟୋପାୟ ଲକ୍ଷ୍ମୀ ସଡ଼କ ପାର୍ଶ୍ୱସ୍ଥ ପୁଷ୍କରିଣୀ ମଧ୍ୟକୁ ପ୍ରବେଶକରି ଛାତିଏ ପାଣିରେ ଠିଆହେଲା। ଅବଶ୍ୟ ତା' ବାପା ତାକୁ ଉଦ୍ଧାରକଲେ ସିନା ଲକ୍ଷ୍ମୀ କିନ୍ତୁ ଜ୍ୱରାକ୍ରାନ୍ତ ହୋଇ ୨ଦିନରେ ମୃତ୍ୟୁବରଣ କଲା। ସେଦିନ ସନ୍ଧ୍ୟାରେ ମନ୍ଦିର ପ୍ରାଙ୍ଗଣରେ ଆହୂତ ସଭାରେ ସମଗ୍ର ଗ୍ରାମବାସୀ ଏକତ୍ରିତ ହୋଇ ସମସ୍ୱରରେ ଠାକୁରଙ୍କ ମହିମା ଗାନ କରୁଥାନ୍ତି ଯେ ଆମ ଠାକୁର ଏତେ ପ୍ରତ୍ୟକ୍ଷ ଯେ ସାମାନ୍ୟ କଦଳୀ ଚୋରକୁ ମଧ୍ୟ କ୍ଷମା ଦେଲେ ନାହିଁ। ମାତ୍ର ମନ୍ଦିର ପୂଜକ ନିଜକୁ କ୍ଷମା କରିପାରିଲେ ନାହିଁ। ସେ ଜାଣନ୍ତି ତାଙ୍କରି ଯୋଗୁ ହିଁ ଶିଶୁଟିର ମୃତ୍ୟୁ ଘଟିଲା। ସେ ଏକଥା ମଧ୍ୟ ଜାଣନ୍ତି ଯେ ସଭାକକ୍ଷ ମଣ୍ଡନ କରୁଥିବା ମୁରବିମାନେ କେତେ ସଚ୍ଚୋଟ! ମନ୍ଦିରର ଅର୍ଥ ପୁସ୍ତିକାକୁ ଚଞ୍ଚକତାର ସହ ହେର ଫେର କରି ମନ୍ଦିର ଅର୍ଥକୁ ବେଶ୍ ଚତୁରତାର ସହ ଆତ୍ମସାତ୍ କରନ୍ତି। ସର୍ବୋପରି ମନ୍ଦିରରେ ବିଦ୍ୟମାନ ମୂଲ୍ୟବାନ୍ ଧାତବ ମୂର୍ତ୍ତି ଅନ୍ୟ କେଉଁଠାରୁ ଚୋରି ହୋଇ ଆସିଛନ୍ତି; ଯାହା ପୂଜକଙ୍କୁ ଭଲଭାବରେ ଜଣା। ମନ୍ଦିରର ବୃଦ୍ଧ ପୂଜକ ଭଗବାନ୍‌ଙ୍କୁ ପ୍ରାର୍ଥନା କରୁଛନ୍ତି ହେ ଭଗବାନ୍! ମୋତେ ଖୁବ୍ ଶୀଘ୍ର ନେଇଯା। ପରଜନ୍ମରେ ମୋତେ ମୂକଟିଏ କରିଦିଅ, ଯେପରି ମୋ ତୁଣ୍ଡ ପାଇଁ କାହାର ମୁଣ୍ଡ ନ ଗଡୁ। ଏତେ ଚୋରି ଅନ୍ୟାୟକୁ ବରଦାସ୍ତ କରୁଥିବା ଏ ଅଧମ କାହିଁକି ପିଲାଟିକୁ ସହ୍ୟ କରିପାରିଲା ନାହିଁ। ଦୁଃଖ ଓ ଅବସୋସର ଗ୍ଲାନିରେ ସେ ସେହିଠାରେ ହିଁ ଟଳିପଡ଼ିଲେ ଓ ତାଙ୍କ ପ୍ରାଣବାୟୁ ଉଡ଼ିଗଲା। ଗାଳ୍ପିକ ଗଳ୍ପ ମାଧ୍ୟମରେ ଯେଉଁ ଗୂଢ଼ ତତ୍ତ୍ୱଟି ଆମ ସମକ୍ଷରେ ଉପସ୍ଥାପିତ କରିଛନ୍ତି, ତାହା ହେଲା – ମୂର୍ତ୍ତି ନୁହେଁ ଭକ୍ତି ବଡ଼ ଓ ହୃଦୟରେ ଭକ୍ତିଭାବ ଓ ପରୋପକାର ପରି ମହତ୍ତ୍ୱପୂର୍ଣ୍ଣ ଗୁଣର ବିକାଶ ଘଟିଲେ ଈଶ୍ୱର କୃପା ଅଲଭ୍ୟ ହେବ ନାହିଁ।

**ସିଦ୍ଧଳ, ଜଗତ୍‌ସିଂହପୁର**
**ମୋ– ୯୯୩୭୪୫୦୫୪୦**

# ନୂଆ ଯୁଗର ନୂଆ ରୋଗ



ଡା. କାନ୍ତି ନାୟକ

ଶରୀର ରହିଲେ ବ୍ୟାଧି ରହିବ ଏବଂ ଏଥିରେ କିଛି ନୂତନତ୍ୱ ନାହିଁ। ବ୍ୟାଧିରୁ ଦୂରେଇ ରହିବା ଏବଂ ଏହାର ନିବାରଣ କରିବା ସେଥିପାଇଁ ଗୁରୁତ୍ୱପୂର୍ଣ୍ଣ। ଜନସଂଖ୍ୟା ବୃଦ୍ଧି ସହିତ ବ୍ୟାପକ ସହରାୟନ ତଥା ଜୀବନଶୈଳୀରେ ପରିବର୍ତ୍ତନ ଫଳରେ ନୂଆ ନୂଆ ରୋଗ ସୃଷ୍ଟି ହେଉଛି ଏବଂ ରୋଗୀଙ୍କ ସଂଖ୍ୟା ବଢୁଛି। ଜଳବାୟୁ ପରିବର୍ତ୍ତନ, ଆଧୁନିକ ସମାଜର ସାମାଜିକ ଆର୍ଥିକ ଚାପ, ନିଃସଙ୍ଗତା, ବ୍ୟସ୍ତବହୁଳତା, ସୁଷମ ଖାଦ୍ୟର ଅଭାବ ସବୁ ବିକଶିତ ଓ ବିକାଶଶୀଳ ସମାଜ ପାଇଁ ନୂଆ ବ୍ୟାଧି ଏବଂ ସ୍ୱାସ୍ଥ୍ୟଗତ ଆହ୍ୱାନ ସୃଷ୍ଟି କରିଛି। ସ୍ୱାସ୍ଥ୍ୟ ଓ ଚିକିତ୍ସା ବିଜ୍ଞାନର ଉଲ୍ଲେଖନୀୟ ଅଗ୍ରଗତି ସତ୍ତ୍ୱେ ଏହି ବର୍ଗର ବ୍ୟାଧିର ଜଟିଳତା ଓ ବ୍ୟାପକତା ସବୁ ସରକାରଙ୍କ ପାଇଁ ସମସ୍ୟା ସୃଷ୍ଟି କରୁଛି। ସ୍ୱାସ୍ଥ୍ୟ ବଜେଟ, ଡାକ୍ତର, ଚିକିତ୍ସା କେନ୍ଦ୍ର, ଭେଷଜ ଓ ସେବା ଆଦିର ବୃଦ୍ଧି ଘଟିଛି ସତ, ତଥାପି ଅନେକ ଦେଶ ଓ ସମାଜ ଏବେ ମଧ୍ୟ ସ୍ୱାସ୍ଥ୍ୟ ସେବା ଓ ଚିକିତ୍ସା କ୍ଷେତ୍ରରେ ପ୍ରାରମ୍ଭିକ ସ୍ତରରେ ରହିଛନ୍ତି। ଦେଶ ଓ ଆମ ରାଜ୍ୟ ମଧ୍ୟ ସେଥିରୁ ବାଦ୍ ପଡ଼ିନାହାନ୍ତି। ତେଣୁ ସରକାର ଲୋକଙ୍କୁ ସୁସ୍ଥ ଓ ନୀରୋଗ ରଖିବାକୁ ନାନାବିଧ ରଣନୀତି ପ୍ରୟୋଗ କରୁଛନ୍ତି। ଭାରତ ତ ଏବେ ବିଶ୍ୱର ଡାଇବେଟିସ ରାଜଧାନୀରେ ପରିଣତ ହୋଇସାରିଛି।

ଏଭଳି ସ୍ଥିତିରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ନିକଟରେ ଯେଉଁ ରିପୋର୍ଟ ପ୍ରକାଶ କରିଛି, ତାହା ଭାରତ ଭଳି ଦେଶଙ୍କ ଚିନ୍ତା ଓ ଦାୟିତ୍ୱ ବଢ଼ାଇବା ସ୍ୱାଭାବିକ। ଏହି ରିପୋର୍ଟ ଅନୁସାରେ ୨୦୩୦ସୁଦ୍ଧା ଅର୍ଥାତ୍ ଆଉ ପ୍ରାୟ ୭ବର୍ଷ ମଧ୍ୟରେ ବିଶ୍ୱର ପ୍ରାୟ ୫୦ କୋଟି ଲୋକ ହୃଦ୍‌ରୋଗ ଓ ମଧୁମେହରେ ଆକ୍ରାନ୍ତ ହୋଇସାରିଥିବେ। ୨୦୨୦ରୁ ଏହି ଅଣସଂକ୍ରାମକ ବ୍ୟାଧିଗୁଡ଼ିକର ବୃଦ୍ଧି ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। ଆଧୁନିକ ଯୁଗର ସବୁଠୁ ବଡ଼ ମାରାତ୍ମକ ବ୍ୟାଧି ହେଲା ଉଚ୍ଚ ରକ୍ତଚାପ। ପ୍ରବଳ ମାନସିକ ଚାପ ଓ ବ୍ୟଗ୍ରତା କେବଳ ରକ୍ତଚାପ ବଢ଼ାଏ ନାହିଁ, ଏହା ମାନସିକ ଅବସାଦ, ହୃଦ୍‌ରୋଗ, ମଧୁମେହ, ହୃଦ୍‌ଘାତ, କ୍ୟାନ୍‌ସର ଓ ଆହୁରି ଅନେକ ରୋଗକୁ ଡାକିଆଣେ। ମଣିଷ ତ ଚିନ୍ତାମୁକ୍ତ ହୋଇ ରହିବା ସହଜ ନୁହେଁ। ତେଣୁ ଏଭଳି ଅଣସଂକ୍ରାମକ ରୋଗର ପ୍ରାଦୁର୍ଭାବ ବଢ଼ିବା ସ୍ୱାଭାବିକ। ଏହା ଜଣଙ୍କଠାରୁ ଅନ୍ୟଜଣଙ୍କୁ ନ ବ୍ୟାପିଲେ ମଧ୍ୟ ଆପଣା ଛାଏଁ ଚାପ ଓ ଉତ୍ତେଜନାରୁ ଲୋକଙ୍କ ମଧ୍ୟରେ ସୃଷ୍ଟି ହୁଏ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଏହି ରିପୋର୍ଟରେ ଯଥାର୍ଥରେ କୁହାଯାଇଛି ଯେ ଶାରୀରିକ ବ୍ୟାୟାମର ଅଭାବ ଏହି ଅଣସଂକ୍ରାମକ ରୋଗବୃଦ୍ଧିର ଅନ୍ୟତମ ପ୍ରମୁଖ କାରଣ। ତେଣୁ ଲୋକଙ୍କୁ ଶାରୀରିକ ଓ ମାନସିକ ଭାବେ ସୁସ୍ଥ ରଖିବାକୁ ଅଧିକରୁ ଅଧିକ ଶାରୀରିକ ଶ୍ରମ, ବ୍ୟାୟାମ ଆଦି କରିବାକୁ ପଡ଼ିବ। ଏଥିପାଇଁ ଖର୍ଚ୍ଚ ପ୍ରାୟ କିଛି ପଡ଼େ ନାହିଁ କହିଲେ ଚଳେ। ଏହା କିନ୍ତୁ ଏସବୁ ବ୍ୟାଧି ପାଇଁ ସବୁଠୁ ବଡ଼ ଔଷଧ। ଅଣସଂକ୍ରାମକ ରୋଗ ବୃଦ୍ଧି ଫଳରେ ବିଭିନ୍ନ ଦେଶର ସରକାର ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଅଧିକ ବ୍ୟୟ ବରାଦ କରିବାକୁ ବାଧ୍ୟ ହେବେ ଏବଂ ତା'



ଫଳରେ ସେମାନଙ୍କ ବିକାଶ ବାବଦ ବ୍ୟୟ ଅଟକଳ ବଢ଼ିବା ସ୍ୱାଭାବିକ। ସଂଗଠନର ହିସାବ ଅନୁସାରେ ଏହିସବୁ ବ୍ୟାଧିର ଚିକିତ୍ସା ପାଇଁ ଦେଶଗୁଡ଼ିକୁ ବାର୍ଷିକ ୨୨ଟ୍ରିଲିଅନ ଟଙ୍କା ଖର୍ଚ୍ଚ କରିବାକୁ ହେବ।

ଭାରତ ଭଳି ଜନବହୁଳ ଦେଶରେ ବୟସ୍କଙ୍କ ସଂଖ୍ୟା ମଧ୍ୟ ଆନୁପାତିକ ଭାବେ ବଢୁଛି। ସେମାନଙ୍କ ସ୍ୱାସ୍ଥ୍ୟ ସେବା ପ୍ରତି ମଧ୍ୟ ଗୁରୁତ୍ୱ ଦେବାକୁ ପଡ଼ିବ। ଚିନ୍ତାର ବିଷୟ ହେଲା ଯୁବ ବର୍ଗଙ୍କ ମଧ୍ୟରେ ଏବେ ମଧୁମେହ ଟାଇପ–୨, ରକ୍ତଚାପ, ହୃଦ୍‌ରୋଗ, କ୍ୟାନ୍‌ସର, ହାଇପରଟେନ୍‌ସନ ଆଦି ରୋଗ ଅଧିକ ଦେଖାଦେଉଛି। ଏହାର ମୂଳ କାରଣ ହେଲା ସୁଷମ ଖାଦ୍ୟ ଗ୍ରହଣରେ ଅନିୟମିତତା ଏବଂ ଶାରୀରିକ ବ୍ୟାୟାମ ଓ କସରତର ଅଭାବ। ଜୀବନ ତ ସର୍ବଦା ସଂଘର୍ଷମୟ ଏବଂ ନୂଆ ନୂଆ ଆହ୍ୱାନର ସମ୍ମୁଖୀନ ହୋଇଥାଏ। ତା' ସତ୍ତ୍ୱେ ନିଜର ବ୍ୟସ୍ତ ବହୁଳ ଜୀବନରୁ ସମୟ ବାହାର କରି ନିଜକୁ ସୁସ୍ଥ ରଖିବାକୁ ଶାରୀରିକ କାର୍ଯ୍ୟ ଓ ବ୍ୟାୟାମ ଉପରେ ଗୁରୁତ୍ୱ ଦେବାକୁ ପଡ଼ିବ। ସର୍ବୋପରି ଜୀବନରେ ସଫଳତା ଓ ବିଫଳତାକୁ ସମାନ ଭାବେ ଗ୍ରହଣ କରି ମାନସିକ ଭାରସାମ୍ୟ ବଜାୟ ରଖିବାକୁ ପଡ଼ିବ। ଭାରତ ସମେତ ଅନେକ ଦେଶ ନିଜର ନାଗରିକଙ୍କ ଶାରୀରିକ କାର୍ଯ୍ୟକଳାପ ବୃଦ୍ଧି ପାଇଁ ବିଭିନ୍ନ ପ୍ରକାର ପଦକ୍ଷେପ ଗ୍ରହଣ କରିଛନ୍ତି। ଭାରତରେ ପ୍ରାଚୀନ ପରମ୍ପରା ଅନୁସାରେ ଯୋଗ, ପ୍ରାଣାୟାମ, ସାନ୍ଧ୍ୟ ଓ ପ୍ରାତଃ ଭ୍ରମଣ ଆଦିକୁ ପ୍ରୋତ୍ସାହିତ କରାଯାଉଛି। ଖାଦ୍ୟପେୟରେ ସଂଯମକୁ ଗୁରୁତ୍ୱ ଦିଆଯାଉଛି ଏବଂ ଏଥିପାଇଁ ସଚେତନତା ସୃଷ୍ଟି ସବୁସ୍ତରରେ ଚାଲିଛି। ଭାରତ ମଧ୍ୟ ଏକ ଶାରୀରିକ କାର୍ଯ୍ୟକ୍ରମ ନୀତି ପ୍ରଣୟନ କରିଛି। ତେବେ ବିଶ୍ୱର ଅର୍ଦ୍ଧାଧିକ ଦେଶରେ ଏଭଳି କୌଣସି ଆନୁଷ୍ଠାନିକ ବ୍ୟବସ୍ଥା ଏ ପର୍ଯ୍ୟନ୍ତ ନାହିଁ। ତଥାପି ଭାରତ ପାଇଁ ଚିନ୍ତାର ବିଷୟ ହେଉଛି, ଆମର ଅଧିକାଂଶ ଲୋକ, ବିଶେଷକରି ନଗରବାସୀ ଓ ବୟସ୍କ ଶାରୀରିକ ଶ୍ରମ ଏବଂ ବ୍ୟାୟାମଠାରୁ ଦୂରେଇ ରହୁଛନ୍ତି। ସରକାର ସବୁକଥା କରିପାରିବେ ନାହିଁ। ନିଜକୁ ସକ୍ଷମ ଓ ସୁସ୍ଥ ରଖିବାର ମୂଳ ଦାୟିତ୍ୱ ଜନସାଧାରଣଙ୍କର। ଜିହ୍ୱା ଲାଳସାରେ ପ୍ରଚୁର ସୁଆଦିଆ, ତେଲ ମସଲା ଓ ମିଠା ଭୋଜନ ଅତ୍ୟନ୍ତ ବିପଜ୍ଜନକ। ଏହାକୁ ହଜମ କରିବାକୁ ଶାରୀରିକ ଶ୍ରମ ଓ ପାଚନ ପ୍ରକ୍ରିୟାର ସୁସ୍ଥତା ଲୋଡ଼ା। ଏବେ ଏପରି ସମୟ ଆସିଛି, ଆମକୁ ଖାଇବା ପାଇଁ ବଞ୍ଚିବାକୁ ହେବନାହିଁ ବରଂ ସୁସ୍ଥରେ ବଞ୍ଚିବା ପାଇଁ ଭାବିଚିନ୍ତି ଖାଇବାକୁ ପଡ଼ିବ। ଆମ ଭିତରେ ଏହି ସଚେତନତା ଆସିଲେ ଏହା ଜନସ୍ୱାସ୍ଥ୍ୟ ଓ ଅର୍ଥନୈତିକ ସ୍ୱାର୍ଥ ଦୃଷ୍ଟିରୁ ବିଶେଷ ଉପଯୋଗୀ ସାବ୍ୟସ୍ତ ହେବ। କଥାରେ ଅଛି ନିଜ ସ୍ୱାସ୍ଥ୍ୟ ନିଜ ହାତରେ। ସ୍ୱାସ୍ଥ୍ୟ ହିଁ ସମ୍ପଦ, ଉଭୟ ବ୍ୟକ୍ତି ଓ ଜାତୀୟ କ୍ଷେତ୍ରରେ।

**ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ ତଥା ଅଧୀକ୍ଷକ, ଅର୍ବାନ ସିଏଚ୍‌ସି, ସିଡିଏ, କଟକ**

## ଏଇ ଭାରତରେ

ସମସ୍ତେ ମ୍ୟୁଜିୟମକୁ ଯାଇ ସେଠାରେ ବିଭିନ୍ନ ପ୍ରକାର ସାମଗ୍ରୀ ଦେଖନ୍ତି, କିନ୍ତୁ ଘର ପାଖକୁ ମ୍ୟୁଜିୟମ ଆସିବ କେବେ ଶୁଣିଛନ୍ତି କି। ଏଭଳି ଘଟଣା ଦେଖିବାକୁ ମିଳିଛି ମହାରାଷ୍ଟ୍ରରେ। ଏହି ମ୍ୟୁଜିୟମର ନାମ 'ମ୍ୟୁଜିୟମ ଅନ୍ ହ୍ୱିଲ'। ଏଭଳି ଏକ ବ୍ୟବସ୍ଥା କରିଛି ଛତ୍ରପତି ଶିବାଜୀ ମହାରାଜା ବାସ୍ତୁ ସଂଗ୍ରହାଳୟ। ଏହି ମ୍ୟୁଜିୟମକୁ ମହାରାଷ୍ଟ୍ରର ବିଭିନ୍ନ ଗ୍ରାମୀଣ ଅଞ୍ଚଳକୁ ନିଆଯାଉଛି। ସେଠାରେ ପିଲାମାନେ ଦେଖିବାକୁ ସୁଯୋଗ ପାଇପାରୁଛନ୍ତି। ମ୍ୟୁଜିୟମରେ ବିଜ୍ଞାନ, ଇତିହାସ, ପୁରାତନ ଖେଳର ସାମଗ୍ରୀ ସବୁ ଦେଖିବାକୁ ମିଳୁଛି। 'ମ୍ୟୁଜିୟମ ଅନ୍ ହ୍ୱିଲ' ୨୦୧୫ରେ ଆରମ୍ଭ ହୋଇଥିଲା। ଏବେ ସୁଦ୍ଧା ୧୪ ଲକ୍ଷ ଲୋକଙ୍କ ପାଖରେ ଏହି ମ୍ୟୁଜିୟମ ପହଞ୍ଚିପାରିଛି। ଏହା କର୍ଣ୍ଣାଟକ, ମହାରାଷ୍ଟ୍ର, ଗୋଆ, ଗୁଜରାଟ, ହରିୟାଣା ଓ ଦିଲ୍ଲୀରେ ୮୫,୩୫୯ କି.ମି. ଦୂରତା ଅତିକ୍ରମ କରିସାରିଛି। କୃତିକା ମହାତ୍ରେ ଏହି ମ୍ୟୁଜିୟମର ସଞ୍ଚାଳନ କରୁଛନ୍ତି। ଏହା ବର୍ତ୍ତମାନ ସୁଦ୍ଧା ଦେଶରେ ୭୦୦ରୁ ଊର୍ଦ୍ଧ୍ୱ ସହରକୁ ଯାଇସାରିଲାଣି।

## ୨୫ ବର୍ଷ ତଳର ଧରିତ୍ରୀ

୧୯ ସେପ୍ଟେମ୍ବର ୧୯୯୮

- ମରୁଡ଼ି ପ୍ରପୀଡ଼ିତ ବୀରମହାରାଜପୁର ଉପଖଣ୍ଡର ଆଭ୍ୟନ୍ତରିଣ ଅଞ୍ଚଳରେ ସମ୍ପ୍ରତି ଝାଡ଼ାବାନ୍ତି ରୋଗ ବ୍ୟାପି ୧୫ ମୃତ।
- ଦେଶର ଅର୍ଥନୈତିକ ସ୍ଥିତିକୁ ପୁନଃ ସୁଦୃଢ଼ କରିବା ପାଇଁ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପାୟୀଙ୍କ ୭ ସୂତ୍ରୀ କାର୍ଯ୍ୟକୌଶଳ ଘୋଷଣା।

## ଚିରନ୍ତନୀ

ଘେନି ଆଜି ସେହି ନିଦାରୁଣ ପରିଚୟ,
ସମ୍ମୁଖେ ମୁହିଁ ଉଭା ତୋର ଚିର ଭୟ!
ମୁହିଁ ସେ ଜୀବନ, ମୁହିଁ ତୋର ମହା–ଶୋକ
ଘେନି ପରିଚୟ ହେ ଭୀରୁ ହେ ପଳାତକ।
ପାଶେ ଆସି ତା'ର ବଢ଼ାଇଲି ଧୀରେ କର
ଆଶ୍ଲେଷ ମମ ଯାଚିଲି ନିବିଡ଼ତର।
(ଜୀବନର ସ୍ୱର୍ଣ୍ଣ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 1 | | | | | | | |
| | | 2 | 8 | 5 | | 4 | | |
| | | | | 2 | 9 | | 1 | |
| 7 | | | | | 2 | | | 9 |
| | | | | | | | | |
| | | | | 4 | 7 | 5 | | |
| | | | | 9 | | 1 | | 5 |
| | | 4 | | | 5 | 8 | 2 | |
| 5 | | 8 | 4 | | | | | 3 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 3 | 5 | 2 | 6 | 1 | 4 | 9 | 8 |
| 4 | 2 | 9 | 3 | 8 | 7 | 5 | 1 | 6 |
| 6 | 1 | 8 | 5 | 4 | 9 | 3 | 7 | 2 |
| 1 | 5 | 4 | 9 | 7 | 6 | 2 | 8 | 3 |
| 3 | 8 | 7 | 1 | 2 | 4 | 9 | 6 | 5 |
| 2 | 9 | 6 | 8 | 3 | 5 | 1 | 4 | 7 |
| 9 | 6 | 1 | 7 | 5 | 2 | 8 | 3 | 4 |
| 8 | 4 | 2 | 6 | 9 | 3 | 7 | 5 | 1 |
| 5 | 7 | 3 | 4 | 1 | 8 | 6 | 2 | 9 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଆତ୍ମହତ୍ୟା ବୃଦ୍ଧି ଉଦ୍‌ବେଗଜନକ

ମହାଶୟ,

ପ୍ରତିଦିନ ବିଭିନ୍ନ ଗଣମାଧ୍ୟମରେ ଆତ୍ମହତ୍ୟା ଜନିତ ମୃତ୍ୟୁଖବର ଜନମାନସରେ କୁପ୍ରଭାବ ପକାଉଛି। ପାରିବାରିକ ସମସ୍ୟାରେ ଜର୍ଜରିତ ହେବା, ଘରେ ଏକୁଟିଆ ରହିବା, କାହା ସହିତ ମିଳାମିଶା ନ କରିବା, ଅଧିକ ମୋବାଇଲ ଓ ନେଟ୍ ବ୍ୟବହାର କରିବା ବ୍ୟବସାୟରେ ଆର୍ଥିକ କ୍ଷତି, କଳିକଜିଆରେ ଲିପ୍ତ ହେବା, ନିଶାସେବନ ଓ ଅଭିଭାବକମାନେ ଅଧିକ ଚାପ ଦେବା ଫଳରେ ପ୍ରତିଦିନ ଆତ୍ମହତ୍ୟା ଘଟୁଥିବାର ଜଣାଯାଇଛି। ଏହାର ସମାଧାନ କ'ଣ ଆତ୍ମହତ୍ୟା ? ଏକ ସର୍ଭେରୁ ଜଣାଯାଇଛି ଯେ, ହଜାର ହଜାର ମେଧାବୀ ଛାତ୍ରୀଛାତ୍ର ରାଜସ୍ଥାନ କୋଟାରେ ଡାକ୍ତରୀ ଓ ଇଞ୍ଜିନିୟରିଂ ଅଧ୍ୟୟନ ନିମିତ୍ତ କୋଚିଂ ନେଉଛନ୍ତି। ସେମାନଙ୍କ ମଧ୍ୟରୁ ମାତ୍ର ଶତକଡ଼ା ୨ ଭାଗ ଉତ୍ତୀର୍ଣ୍ଣ ହେଉଛନ୍ତି। ଏଥିରେ ଅନେକ ହତାଶ ହୋଇ ଆତ୍ମହତ୍ୟା କରୁଛନ୍ତି। ୨୦୧୯ଠାରୁ ଆଜି ପର୍ଯ୍ୟନ୍ତ ବହୁ ଆଶାୟୀ ମେଧାବୀ ପିଲା ମାନସିକ ଭାରସାମ୍ୟ ହରାଇ ଆତ୍ମହତ୍ୟାକୁ ଶ୍ରେୟ ମଣୁଛନ୍ତି। ପ୍ରତିବର୍ଷ ରାଜସ୍ଥାନ କୋଟାରେ ୨ ଲକ୍ଷ ଛାତ୍ରୀଛାତ୍ର ନାମ ପଞ୍ଜୀକରଣ କରିଛନ୍ତି। ପିତାମାତାଙ୍କ ସ୍ୱପ୍ନକୁ ସାକାର କରିବା ପାଇଁ ବ୍ୟୟବହୁଳ କୋଚିଂ ନେବାକୁ ଏଠାକୁ ଆସିଥାନ୍ତି। ସେମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯାଇପାରିଲେ ଆତ୍ମହତ୍ୟା ରୋକାଯାଇପାରିବ।

–ନିର୍ମଳ ଚନ୍ଦ୍ର ସାମଲ, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ସମ୍ବାଦ କାର୍ଯ୍ୟାଳୟରେ ଇଓଡବ୍ଲ୍ୟୁ ଚଢ଼ାଉ

## ଋଣ ଦୁର୍ନୀତି ମାମଲା

ଭୁବନେଶ୍ୱର,୧୮।୯
(ସତ୍ୟଜିତ୍ ରାଉତ)

ଦୈନିକ ଖବରକାଗଜ 'ସମ୍ବାଦ' ସମ୍ପାଦକ ସୌମ୍ୟରଞ୍ଜନ ପଟ୍ଟନାୟକ ନିଜ ସଂସ୍ଥାର ମାନବ ସମ୍ବଳ ଓ ବିତ୍ତ ବିଭାଗ ଅଧିକାରୀଙ୍କ ଜରିଆରେ ଚାପ ପକାଇ, ଚାକିରି ନେଇଯିବାର ଭୟ ଦେଖାଇ ଏବଂ କାଗଜପତ୍ର ଜାଲିଆତି କରି ପ୍ରାୟ ୩୦୦ କର୍ମଚାରୀଙ୍କ ନାଁରେ ୫୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବ୍ୟାଙ୍କ ଋଣ ଦୁର୍ନୀତି କରିଥିବା ଅଭିଯୋଗ ହୋଇଛି। ଏନେଇ ଏହି ଗଣମାଧ୍ୟମ ସଂସ୍ଥାର ଜଣେ ପୂର୍ବତନ କର୍ମଚାରୀ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ)ରେ ଅଭିଯୋଗ କରିଛନ୍ତି। ତଦନୁଯାୟୀ ଇଓଡବ୍ଲ୍ୟୁ ପକ୍ଷରୁ ସୋମବାର ଭୁବନେଶ୍ୱର ରସୁଲଗଡ଼ ଶିଳ୍ପାଞ୍ଚଳସ୍ଥିତ ସମ୍ବାଦର ମୁଖ୍ୟ କାର୍ଯ୍ୟାଳୟରେ ଚଢ଼ାଉ କରାଯାଇଛି। ଏଥିରେ ଇଓଡବ୍ଲ୍ୟୁର ୩ଟି ଟିମ୍‌ରେ ୧୨ ଜଣ ଅଧିକାରୀ ସାମିଲ ହୋଇଥିଲେ। ସେମାନେ ମଧ୍ୟାହ୍ନ ପ୍ରାୟ ସାଢ଼େ ୧୨ଟାରେ ଯାଞ୍ଚ ପ୍ରକ୍ରିୟା ଆରମ୍ଭ କରିଥିଲେ। ଶହୀଦନଗର ଥାନା ପୋଲିସ ମଧ୍ୟ ଉପସ୍ଥିତ ଥିଲା। ରାତି ପ୍ରାୟ ୮ଟାରେ ଇଓଡବ୍ଲ୍ୟୁ ଅଧିକାରୀମାନେ ସମ୍ବାଦ କାର୍ଯ୍ୟାଳୟରୁ ବାହାରିଥିଲେ। ଏହି ଋଣ ଦୁର୍ନୀତି ମାମଲାକୁ ନେଇ ଇଓଡବ୍ଲ୍ୟୁ ସୋମବାର ସନ୍ଧ୍ୟାରେ ଏକ ପ୍ରେସ୍ ନୋଟ୍ ଜାରି କରିଛି।

ଇଓଡବ୍ଲ୍ୟୁର ପ୍ରେସ୍ ନୋଟ୍ ଅନୁଯାୟୀ, ସମ୍ବାଦ/ଇଷ୍ଟର୍ଣ୍ଣ ମିଡିଆ ଲିମିଟେଡ୍ ଭୁବନେଶ୍ୱରର ପୂର୍ବତନ କର୍ମଚାରୀ ଅସୀମ ମହାପାତ୍ର ଏହି ବ୍ୟାଙ୍କ ଋଣ ଦୁର୍ନୀତି ସମ୍ପର୍କରେ ଅଭିଯୋଗ କରିଛନ୍ତି। ମହାପାତ୍ରଙ୍କ ଅଭିଯୋଗକୁ ଭିତ୍ତିକରି ଇଓଡବ୍ଲ୍ୟୁ ଗତ ୧୬ ତାରିଖରେ ସମ୍ବାଦ ସମ୍ପାଦକ ସୌମ୍ୟରଞ୍ଜନ ପଟ୍ଟନାୟକ ଏବଂ ଏହି ଗଣମାଧ୍ୟମ ସଂସ୍ଥାର ମାନବ ସମ୍ବଳ ଅଧିକାରୀ ବୈଜୟନ୍ତୀ କରଙ୍କ ସମେତ ଅନ୍ୟ କେତେଜଣଙ୍କ ନାମରେ ଆଇପିସି ଦଫା ୫୦୬, ୪୬୭, ୪୬୮, ୪୭୧, ୪୨୦, ୧୨୦ (ଖ) ଅନୁଯାୟୀ ୨୪/୨୦୨୩ ନମ୍ବରରେ ଏକ ମାମଲା ରୁଜୁ କରିଛି। ମାମଲାର ତଦନ୍ତ ସମୟରେ ଏଯାଏ କେତେଜଣ ଗୁରୁତ୍ୱପୂର୍ଣ୍ଣ ସାକ୍ଷୀଙ୍କୁ ପଚରାଉଚରା କରାଯାଇଛି। ସମ୍ବାଦ ଅଫିସରୁ ଅଭିଯୋଗ ସମ୍ବନ୍ଧୀୟ ଏକାଧିକ ଦସ୍ତାବିଜ୍ ଜବତ କରାଯାଇଛି। ତେବେ ଏପର୍ଯ୍ୟନ୍ତ ସମ୍ବାଦର ୧୫ରୁ ୨୦ଜଣ ପୂର୍ବତନ କର୍ମଚାରୀ ସମାନ ଅଭିଯୋଗ ଆଣିଥିବା ଇଓଡବ୍ଲ୍ୟୁ ପ୍ରେସ୍ ନୋଟ୍‌ରେ ଦର୍ଶାଇଛି। ମାମଲାର ଠିକ୍ ତଦନ୍ତ କରି ସତ୍ୟ ସାମ୍ନାକୁ ଆଣିବାକୁ ବରିଷ୍ଠ ଓ ଦକ୍ଷ ତଦନ୍ତ ଅଧିକାରୀଙ୍କୁ ଟିମ୍‌ରେ ନିୟୋଜିତ କରାଯାଇଥିବା ଇଓଡବ୍ଲ୍ୟୁ ପକ୍ଷରୁ କୁହାଯାଇଛି।

ଅନ୍ୟପକ୍ଷରେ ସମ୍ବାଦ କାର୍ଯ୍ୟାଳୟରେ ଚଢ଼ାଉ ସମ୍ପର୍କରେ ଇଷ୍ଟର୍ଣ୍ଣ ମିଡିଆ ଲିମିଟେଡ୍‌ର ବୈଦ୍ୟୁତିକ ଗଣମାଧ୍ୟମ 'କନକ ଟିଭି'ରେ ପ୍ରସାରିତ ଖବର ସଂକ୍ରାନ୍ତରେ ଇଓଡବ୍ଲ୍ୟୁ ପକ୍ଷରୁ ସ୍ପଷ୍ଟୀକରଣ ରଖାଯାଇଛି। ସମ୍ବାଦ ଅଫିସକୁ ଯାଇଥିବା ଇଓଡବ୍ଲ୍ୟୁ ଟିମ୍ 'ଚାପରେ ଅଛି' ବୋଲି କନକ ଟିଭିରେ ଖବର ପ୍ରସାରଣ ହୋଇଥିଲା। ହେଲେ 'ଚାପ କିଛି ନାହିଁ'। ଉକ୍ତ ଟିଭି ଚ୍ୟାନେଲ୍ ତଥ୍ୟକୁ ବିକୃତ କରି ମିଥ୍ୟା ପ୍ରଚାର କରୁଥିବା ଇଓଡବ୍ଲ୍ୟୁ ପକ୍ଷରୁ କୁହାଯାଇଛି। ଏହି ଚଢ଼ାଉ ତଥା ଯାଞ୍ଚ ସମୟରେ ଇଓଡବ୍ଲ୍ୟୁ ଅଧିକାରୀମାନେ ସମ୍ବାଦ କର୍ମଚାରୀଙ୍କ ପ୍ରତି ନମ୍ର ବ୍ୟବହାର କରିଥିଲେ। କର୍ମଚାରୀଙ୍କୁ କୌଣସି ଅସୁବିଧା କରାଯାଇନାହିଁ ଏବଂ ଖବରକାଗଜର ଦୈନନ୍ଦିନ କାର୍ଯ୍ୟରେ ବ୍ୟାଘାତ ନ କରି ଯାଞ୍ଚ ପ୍ରକ୍ରିୟା ହୋଇଥିବା ଇଓଡବ୍ଲ୍ୟୁ ପକ୍ଷରୁ କୁହାଯାଇଛି।

ସୂଚନାଥାଉ କି ରବିବାର ସମ୍ବାଦର ପ୍ରକାଶକ ତଥା ସିଓଓ କମଳାକାନ୍ତ ମହାପାତ୍ରଙ୍କୁ ଇଓଡବ୍ଲ୍ୟୁ ପ୍ରାୟ ଅଢ଼େଇ ଘଣ୍ଟା ଜେରା କରିଥିଲା।

# ନିଶା କାରବାରରେ ପୂର୍ବତନ ବନ କର୍ମଚାରୀ

- ଧରିଲା ଏସ୍‌ଟିଏଫ୍
- ବିପୁଳ ଅଫିମ, ଗଞ୍ଜେଇ ସହ ହରିଣ ଛାଲ, କଇଁଛ ଖପୁରି, ବାର୍‌ହା ଦାନ୍ତ ଜବତ



ଗିରଫ ସନାତନ ପ୍ରଧାନ, ଜବତ ସାମଗ୍ରୀ।

ଭୁବନେଶ୍ୱର,(ସୂର୍ଯ୍ୟକାନ୍ତ ବେହେରା)/ବୌଦ୍ଧ, ୧୮।୯ (ଅଜିତ କୁମାର ବାରିକ)

ନିଶା କାରବାର କରୁଥିଲେ ଜଣେ ପୂର୍ବତନ ବନ କର୍ମଚାରୀ। ଏଥିସହ ବନ୍ୟପ୍ରାଣୀ ଚୋରାଚାଲାଣ ବି ଚଳାଇଥିଲେ। ଏନେଇ ସୂଚନା ପାଇବା ପରେ କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ) ରବିବାର ସନ୍ଧ୍ୟାରେ ବୌଦ୍ଧ ଜିଲା ଦେଇ ଯାଇଥିବା ୧୫୭ ନଂ. ଜାତୀୟ ରାଜପଥର ଚାରିଛକ-ଫୁଲବାଣୀ ରାସ୍ତାରେ ଚଢ଼ାଉ କରି ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ଏହି ଜିଲା ଅନ୍ତର୍ଗତ ପୁରୁଣାକଟକ ଥାନା ଖାଡ଼ରାଜିଙ୍ଗ୍ ଗ୍ରାମର ସନାତନ ପ୍ରଧାନ। ସେ ଫରେଷ୍ଟ ଗାର୍ଡ ଭାବେ କାର୍ଯ୍ୟ କରୁଥିଲେ। ୨୦୦୮ରେ ସେ ଚାକିରିରୁ ଅବସର ନେଇଥିବାବେଳେ ଏସ୍‌ଟିଏଫ୍ ଟିମ୍ ତାଙ୍କଠାରୁ ୨ କେଜି ୮୮୦ ଗ୍ରାମ ଅଫିମ, ୩ କେଜି ଗଞ୍ଜେଇ ପାଉଡର ଓ ୬୦ ପ୍ୟାକେଟ ଗଞ୍ଜେଇ ସିଗାରେଟ ଜବତ କରିଛି। ପରେ ଏସ୍‌ଟିଏଫ୍ ଟିମ୍ ତାଙ୍କ ଘରେ ଚଢ଼ାଉ କରିଥିଲା। ସେଠାରୁ ମଧ୍ୟ ଗୋଟିଏ ହରିଣ ଚମଡ଼ା, କଇଁଛ ଖପୁରି ଓ ଗୋଟିଏ ବାର୍‌ହା ଦାନ୍ତ ଜବତ ହୋଇଛି। ଏନେଇ ପୃଥକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ସ୍ଥାନୀୟ କୋର୍ଟରେ ହାଜର କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ତେବେ ନିଶାଦ୍ରବ୍ୟ କେଉଁଠୁ ଆଣୁଥିଲେ, କାହାକୁ ଦେଉଥିଲେ ଓ ବନ୍ୟପ୍ରାଣୀ ଦେହାବଶେଷ ଘରେ କାହିଁକି ରଖିଥିଲେ ତାହାକୁ ନେଇ ଏସ୍‌ଟିଏଫ୍ ଅଧିକ ତଦନ୍ତ ଚଳାଇଛି। ତେବେ ସେ ବନ୍ୟପ୍ରାଣୀ ଚୋରାଚାଲାଣରେ ସମ୍ପୃକ୍ତ ଥିବା ସନ୍ଦେହ କରାଯାଉଛି। ଏପରିକି ତାଙ୍କ ଚାକିରି କାଳରେ ସେ ଏପରି ବେଆଇନ କାରବାର କରୁଥିଲେ କି ନାହିଁ ତାହାକୁ ନେଇ ଏସ୍‌ଟିଏଫ୍ ଖୋଳତାଡ଼ ଚଳାଇଥିବା ଜଣାପଡିଛି। ତେବେ ପୁରୁଣାକଟକ ଥାନା ଓ ବନ ବିଭାଗ କାର୍ଯ୍ୟାଳୟଠାରୁ ମାତ୍ର ୫୦୦ ମିଟର ଏହି ବେଆଇନ କାରବାର ଚାଲିଥିବାବେଳେ ପୋଲିସ ଓ ବନ ବିଭାଗ କିପରି ଏହା ଟେର୍ ପାଇପାରୁ ନ ଥିଲେ ତାହାକୁ ନେଇ ପ୍ରଶ୍ନବାଚି ସୃଷ୍ଟି କରିଛି।

ଉଲ୍ଲେଖଯୋଗ୍ୟ, ଏସ୍‌ଟିଏଫ୍ ନିଶାଦ୍ରବ୍ୟ ବିରୋଧରେ ସ୍ୱତନ୍ତ୍ର ଡ୍ରାଇଭ୍ ଜାରି ରଖିଛି। ୨୦୨୦ରୁ ଏଯାବତ ୭୨ କେଜିରୁ ଅଧିକ ବ୍ରାଉନସୁଗାର, ୨୦୨ ଗ୍ରାମ କୋକେନ, ୧୧୬ କୁଇଣ୍ଟାଲ ଗଞ୍ଜେଇ, ୩ କେଜି ୬୫୦ ଗ୍ରାମ ଅଫିମ ଜବତ କରିଥିବାବେଳେ ୧୭୯ରୁ ଅଧିକ ବେପାରୀଙ୍କୁ ଗିରଫ କରିଛି।

# ଗୀତା ମେହେଟ୍ଟାଙ୍କ ଶେଷକୃତ୍ୟ ସମ୍ପନ୍ନ



ନୂଆଦିଲ୍ଲୀ ଲୋଧି ରୋଡ୍‌ସ୍ଥିତ ଶ୍ମଶାନରେ ବଡ଼ ଭଉଣୀ ଗୀତା ମେହେଟ୍ଟାଙ୍କ ମରଶରୀରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି।

## ଶ୍ରଦ୍ଧାଞ୍ଜଳି ଜଣାଇଲେ ନବୀନ

ଭୁବନେଶ୍ୱର,୧୮।୯ (ଅନିଲଦାସ)

ପ୍ରସିଦ୍ଧ ଲେଖିକା ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବଡ଼ ଭଉଣୀ ଗୀତା ମେହେଟ୍ଟା ପଞ୍ଚଭୂତରେ ବିଲୀନ ହୋଇଛନ୍ତି। ନୂଆଦିଲ୍ଲୀର ଲୋଧି ରୋଡ୍‌ସ୍ଥିତ ଶ୍ମଶାନରେ ସୋମବାର ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ପୁଅ ଆଦିତ୍ୟ ସିଂ ମେହେଟ୍ଟା ମା' ଗୀତା ମେହେଟ୍ଟାଙ୍କୁ ମୁଖାଗ୍ନି ଦେଇଛନ୍ତ। ନିଜର ଏକମାତ୍ର ଭଉଣୀଙ୍କ ଶେଷ ସମୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଭାଇ ପ୍ରେମ ପଟ୍ଟନାୟକ ଲୋଧି ରୋଡ୍‌ସ୍ଥିତ ଶ୍ମଶାନରେ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ଏହି ଅବସରରେ ନିକଟ ସମ୍ପର୍କୀୟ, ବରିଷ୍ଠ ରାଜନେତାଙ୍କ ସମେତ ରାଜସ୍ଥାନର ପୂର୍ବତନ ମୁଖ୍ୟମନ୍ତ୍ରୀ ବସୁନ୍ଧରା ରାଜେ, ଏମ୍‌ପି ପିନାକୀ ମିଶ୍ର, ମାନସ ମଙ୍ଗରାଜ, ଭାଜପା ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବୈଜୟନ୍ତ ପଣ୍ଡା ପ୍ରମୁଖ ଶ୍ମଶାନ ଘାଟରେ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ ଯେ, ଗତ ଶନିବାର ରାତିରେ ଗୀତା ମେହେଟ୍ଟାଙ୍କର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଥିଲା। ସ୍ୱର୍ଗତ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ କନ୍ୟା ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବଡ଼ ଭଉଣୀ ଗୀତାଙ୍କ ବିୟୋଗ ସୃଜନ ସାହିତ୍ୟ ଜଗତରେ ଅପୂରଣୀୟ କ୍ଷତି ସୃଷ୍ଟି କରିଛି। ବୃତ୍ତଚିତ୍ର ନିର୍ମାତା, ସାମ୍ବାଦିକା ଭାବେ ବି ସେ ବେଶ୍ ଖ୍ୟାତି ଅର୍ଜନ କରିଥିଲେ। ଜୀବନ ଦର୍ଶନକୁ ସାହିତ୍ୟରେ ରୂପାନ୍ତରିତ କରିବାରେ ସେ ସିଦ୍ଧହସ୍ତା ଥିଲେ।

## ପ୍ରତି ଜିଲାରେ ପ୍ରତିଷ୍ଠା ଚାଲିଛି କାଳିଆ ସେଣ୍ଟର: ମନ୍ତ୍ରୀ

ଭୁବନେଶ୍ୱର, ୧୮।୯(ସୁନିତ୍ ମିଶ୍ର): ରାଜ୍ୟର କୃଷି ଓ କୃଷକମାନଙ୍କର ସର୍ବାଙ୍ଗୀନ ବିକାଶ ପାଇଁ ରାଜ୍ୟ ସରକାରଙ୍କ କାଳିଆ ଯୋଜନା ଫଳପ୍ରଦ ସାବ୍ୟସ୍ତ ହୋଇଛି। କାଳିଆ ଯୋଜନାରେ ପ୍ରତି ଫସଲ ଋତୁ ପ୍ରାରମ୍ଭରେ ହିତାଧିକାରୀଙ୍କୁ ନଗଦ ଅର୍ଥ ଆକାରରେ ସହାୟତା ଯୋଗାଇ ଦିଆଯାଇଥାଏ, ଯାହା କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କ ଚାଷ କାର୍ଯ୍ୟ ପାଇଁ ପ୍ରାଥମିକ ମୂଳଧନ ପରି ସାହାଯ୍ୟ କରିଥାଏ ବୋଲି କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି। କୃଷି ଭବନଠାରେ ସୋମବାର ଆୟୋଜିତ ବୈଠକରେ ମନ୍ତ୍ରୀ ସ୍ୱାଇଁ କାଳିଆ ଯୋଜନାର ସମୀକ୍ଷା କରି କହିଛନ୍ତି ଯେ, କୌଣସି ଯୋଗ୍ୟ ଚାଷୀ ଯେପରି କାଳିଆ ହିତାଧିକାରୀ ତାଲିକାରୁ ବାଦ ନ ପଡ଼ନ୍ତି ସେଥିପ୍ରତି ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଇଛି। ଏହି ପରିପ୍ରେକ୍ଷୀରେ ପ୍ରତି ଜିଲାରେ କାଳିଆ ସେଣ୍ଟର ପ୍ରତିଷ୍ଠା କରାଯାଉଛି। ଜିଲାରେ କାଳିଆ ସେଣ୍ଟରଗୁଡ଼ିକ କାର୍ଯ୍ୟକ୍ଷମ ହେଲା ପରେ ଚାଷୀମାନେ ବହୁଳ ଭାବେ ଉପକୃତ ହେବେ। କାଳିଆ ଯୋଜନା ଓ କାଳିଆ ହିତାଧିକାରୀଙ୍କ ପିଲାଙ୍କ ଉଚ୍ଚଶିକ୍ଷା ପାଇଁ ପ୍ରଦତ୍ତ ଛାତ୍ରବୃତ୍ତିର ଲାଭ ଯେପରି ଯୋଗ୍ୟ ହିତାଧିକାରୀ ପାଇବେ ସେଥିପାଇଁ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ କରିବାକୁ ସେ ପରାମର୍ଶ ଦେଇଛନ୍ତି। ସମସ୍ତ ଶିକ୍ଷାନୁଷ୍ଠାନରେ ଏଥିଲାଗି ହେଲ୍‌ପ ଡେସ୍କ ସ୍ଥାପନ କରି ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦିଆଯିବ।

# 'ଭାଷା ହେଉଛି ନିତ୍ୟ, ଏହାର କ୍ଷୟ ହୁଏ ନାହିଁ'

ଭୁବନେଶ୍ୱର, ୧୮।୯
(ବନ୍ଦନା ସେଠୀ)

ଶାସ୍ତ୍ରୀୟ ଓଡ଼ିଆ ଉତ୍କର୍ଷ ଅଧ୍ୟୟନ କେନ୍ଦ୍ରରେ 'ପାଣିନୀ ଓ ଶାସ୍ତ୍ରୀୟ ଭାରତୀୟ ଭାଷାରେ ବ୍ୟାକରଣ ପରମ୍ପରା' ଶୀର୍ଷକ ଏକ ଆଲୋଚନାଚକ୍ର ସୋମବାର ଅନୁଷ୍ଠିତ ହୋଇଯାଇଛି। ପ୍ରକଳ୍ପ ନିର୍ଦ୍ଦେଶକ ପ୍ରଫେସର ବସନ୍ତ କୁମାର ପଣ୍ଡା ଏଥିରେ ପୌରୋହିତ୍ୟ କରିଥିବାବେଳେ ମାନ୍ଦ୍ରାଜ ବିଶ୍ୱବିଦ୍ୟାଳୟର ପୂର୍ବତନ ପ୍ରଫେସର ସିନିରୁଦ୍ଧ ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଭାଷାର ମୂଳ ହେଉଛି ବ୍ୟାକରଣ। ଭାଷା ହେଉଛି ନିତ୍ୟ ଓ ଏହାର କ୍ଷୟ ହୁଏ ନାହିଁ। ପାଣିନୀଙ୍କ 'ଅଷ୍ଟାଧ୍ୟାୟୀ' ବିଶ୍ୱ ବ୍ୟାକରଣ ଓ ଭାଷାରେ ଏକ ମାଇଲ ସ୍ତମ୍ଭ ବୋଲି ପ୍ରଫେସର ଦାଶ କହିଥିଲେ। ଏଥିସହ ଭାଷା ନିର୍ବିଶେଷରେ କାରକ ଓ ବିଭକ୍ତି, ସମାସ ଓ ସନ୍ଧି ତଥା କୃଦନ୍ତ ଓ ତଦ୍ଧିତ ବ୍ୟାକରଣର ମୂଳ କଥା ବୋଲି ସେ ଉଦାହରଣ ସହ ବୁଝାଇଥିଲେ। ଅନ୍ୟତମ ଅତିଥି ଭାବେ ପଦ୍ମଶ୍ରୀ ଦେବୀ ପ୍ରସନ୍ନ ପଟ୍ଟନାୟକ ଯୋଗଦେଇ ଶାସ୍ତ୍ରୀୟ ଭାଷାଗୁଡିକ ମଧ୍ୟରେ ସମନ୍ୱୟ ରହିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶିତ ଶବ୍ଦସିନ୍ଧୁର ଓଡିଆ ବିଶାରଦ ଭାବେ ପ୍ରଫେସର ବସନ୍ତ କୁମାର ପଣ୍ଡାଙ୍କୁ କେରଳ ରାଜ୍ୟପାଳ ଆରିଫ ମହମ୍ମଦ ଖାନ୍ ଓ ଗୃହ ରାଷ୍ଟ୍ରମନ୍ତ୍ରୀ ଅଜୟ ମିଶ୍ର ସମ୍ବର୍ଦ୍ଧିତ କରିଥିବାରୁ କେନ୍ଦ୍ର ପକ୍ଷରୁ ଅଭିନନ୍ଦନ ଜ୍ଞାପନ କରାଯାଇଥିଲା। ଆଲୋଚନାଚକ୍ରରେ ଡ. ମମତା ମିଶ୍ର, ଶୈଳଜ ରବି, ଡ. ଗୋପବନ୍ଧୁ ମହାନ୍ତି, ହିନ୍ଦୀ ବିଶାରଦ ସୁରେନ୍ଦ୍ର ପାଣିଗ୍ରାହୀ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ମିଲେଟ୍ ସମ୍ବନ୍ଧୀୟ ଆନ୍ତର୍ଜାତିକ ସମ୍ମିଳନୀର ପ୍ରସ୍ତୁତି ନେଇ ସମୀକ୍ଷା ବୈଠକ

## ସବୁ ଜିଲାରେ ହେବ କାର୍ଯ୍ୟକ୍ଷମ

ଭୁବନେଶ୍ୱର, ୧୮।୯(ସୁନିତ୍ ମିଶ୍ର)

ପୁଷ୍ଟିଶସ୍ୟ ମିଲେଟ୍ ଚାଷର ପ୍ରସାର ଓ ଏହା ଯେପରି ଘରେ ପହଞ୍ଚିପାରିବ ସେଥିଲାଗି ରାଜ୍ୟ ସରକାର ସର୍ବାଧିକ ଗୁରୁତ୍ୱ ପ୍ରଦାନ କରୁଛନ୍ତି। ୨୦୨୩କୁ ମିଳିତ ଜାତିସଂଘ ଦ୍ୱାରା ଆନ୍ତର୍ଜାତିକ ମିଲେଟ୍ ବର୍ଷ ଭାବେ ଘୋଷଣା କରାଯାଇଛି। ଏହି ପରିପ୍ରେକ୍ଷୀରେ ଓଡ଼ିଶା ପକ୍ଷରୁ ମିଲେଟ୍ ସମ୍ପର୍କରେ ଆନ୍ତର୍ଜାତିକ ସମ୍ମିଳନୀର ଆୟୋଜନ କରାଯାଉଛି। ଏହି ଆନ୍ତର୍ଜାତିକ ସମ୍ମିଳନୀକୁ ସଫଳତାର ସହ ଆୟୋଜନ କରି ରାଜ୍ୟ ସରକାରଙ୍କ ମିଲେଟ୍ ପ୍ରତି ଥିବା ପ୍ରତିବଦ୍ଧତାକୁ ଉପସ୍ଥାପନ କରିବେ ବୋଲି କୃଷି ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି।

କୃଷି ଭବନଠାରେ ସୋମବାର ଆନ୍ତର୍ଜାତିକ ମିଲେଟ୍ ସମ୍ମିଳନୀର ପ୍ରସ୍ତୁତି ସମ୍ପର୍କରେ ଆୟୋଜିତ ସମୀକ୍ଷା ବୈଠକରେ ମନ୍ତ୍ରୀ ସ୍ୱାଇଁ ଅଧ୍ୟକ୍ଷତା କରିଛନ୍ତି। ନଭେମ୍ବର ୯ ଓ ୧୦ରେ ଭୁବନେଶ୍ୱରର ଜନତା ମଇଦାନରେ ସମ୍ମିଳନୀର ଆୟୋଜନ କରାଯାଉଛି। ଆନ୍ତର୍ଜାତିକ ମିଲେଟ୍ ବର୍ଷରେ ଜିଲାଗୁଡ଼ିକରେ ମଧ୍ୟ ବିଭିନ୍ନ କାର୍ଯ୍ୟକ୍ରମ କରିବା ପାଇଁ ମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ବିଭାଗ ପକ୍ଷରୁ ନିର୍ଦ୍ଦିଷ୍ଟ ମାର୍ଗଦର୍ଶିକା(ଏସ୍‌ଓପି) ପ୍ରସ୍ତୁତ କରି ତଦନୁଯାୟୀ ଜିଲାଗୁଡ଼ିକରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରିବା ପାଇଁ ସେ କହିଛନ୍ତି। ବିଭିନ୍ନ ଜିଲାର ଅଗ୍ରଣୀ ମିଲେଟ୍ ଚାଷୀଙ୍କୁ ସମ୍ମିଳନୀ ଅବସରରେ ସମ୍ବର୍ଦ୍ଧିତ କରାଯିବ। କୃଷି ସଚିବ ଅରବିନ୍ଦ କୁମାର ପାଢ଼ୀ କହିଛନ୍ତି, ଓଡ଼ିଶାର ବିଭିନ୍ନ ବିଶ୍ୱବିଦ୍ୟାଳୟରେ ପଢୁଥିବା ବିଦେଶୀ ଛାତ୍ରୀଛାତ୍ରଙ୍କୁ ଆନ୍ତର୍ଜାତିକ ମିଲେଟ୍ ସମ୍ମିଳନୀରେ ଭାଗ ନେବା ପାଇଁ ପତ୍ର ଲେଖାଯିବ।




# ଛାତ୍ରୀଙ୍କ ପାଇଁ ଆରମ୍ଭ ହେଲା 'ସ୍ୱୟଂସିଦ୍ଧା'




କାର୍ଯ୍ୟକ୍ରମର ଉଦ୍‌ଘାଟନ ଅବସରରେ 'ମୋ କଲେଜ' ଅଧ୍ୟକ୍ଷ ଆକାଶ ଦାସନାୟକ ଓ ଅନ୍ୟ ଅତିଥିମାନେ। (ଫଟୋ-ବିକାଶ ନାୟକ)

## ଆଇନଗତ ସୁରକ୍ଷା ସହ ସଚେତନ କରିବ

ଭୁବନେଶ୍ୱର, ୧୮।୯
(ଅସମାପିକା ସାହୁ)

ମୋ କଲେଜ ଅଭିଯାନ' ଏବଂ 'ଓଡ଼ିଶା ରାଜ୍ୟ ମହିଳା ଆୟୋଗ' ପକ୍ଷରୁ ମହିଳାଙ୍କ ଆଇନଗତ ସୁରକ୍ଷା ଓ ଅଧିକାର ନେଇ ସଚେତନତା କାର୍ଯ୍ୟକ୍ରମ 'ସ୍ୱୟଂସିଦ୍ଧା' ଆରମ୍ଭ ହୋଇଛି। ସୋମବାର ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ନୂତନ ପ୍ରେକ୍ଷାଳୟରେ ଏହା ଉଦ୍‌ଘାଟିତ ହୋଇଯାଇଛି। ଏହି ଅଭିଯାନ ରାଜ୍ୟରେ ନାରୀ ସୁରକ୍ଷା କ୍ଷେତ୍ରରେ ନୂଆ ଦିଗ ଯୋଡ଼ିବା ସହ ଛାତ୍ରୀଙ୍କୁ ଆଇନଗତ ସୁରକ୍ଷା ଦେବ। 'ମୋ କଲେଜ' ଅଧ୍ୟକ୍ଷ ଆକାଶ ଦାସନାୟକ ଯୋଗଦେଇ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ନାରୀ ସୁରକ୍ଷା ଓ କର୍ତ୍ତବ୍ୟ ନେଇ ରହିଥିବା ଆଇନ ବାବଦରେ ଛାତ୍ରୀଙ୍କୁ ଅବଗତ କରାଯାଇପାରିଲେ ସେମାନେ ନିଜେ ସୁରକ୍ଷିତ ହେବା ସହ ପରିବାର, ସାଥୀ ଓ ପଡ଼ୋଶୀଙ୍କୁ ସଚେତନ କରାଇବେ। ଆଗାମୀ ଦିନରେ ଏହି କାର୍ଯ୍ୟକ୍ରମ ରାଜ୍ୟର ବିଭିନ୍ନ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ଆୟୋଜନ କରାଯିବ। ଏନେଇ ରାଜ୍ୟ ସରକାର ସବୁ ପ୍ରକାର ବନ୍ଦୋବସ୍ତକୁ ଗୁରୁତ୍ୱ ଦେଉଛନ୍ତି ବୋଲି ଆକାଶ କହିଥିଲେ। ଓଡ଼ିଶା ରାଜ୍ୟ ମହିଳା ଆୟୋଗ ଅଧ୍ୟକ୍ଷା ଡ. ମିନତି ବେହେରା ଯୋଗଦେଇ ବାଲ୍ୟବିବାହ, ଯୌନ ଶୋଷଣ, ସାଇବର ଅପରାଧ, ନାବାଳିକା ଅସଦାଚରଣ ଆଦି ନେଇ ରହିଥିବା ଆଇନ ତଥା ସରକାରୀ ଓ ସାମ୍ବିଧାନିକ ସୁରକ୍ଷା ବାବଦରେ ସଚେତନ କରାଇଥିଲେ। ଆବଶ୍ୟକ ସ୍ଥଳେ ବିଭିନ୍ନ ବିଭାଗର ସ୍ୱତନ୍ତ୍ର ହେଲ୍ପଲାଇନ ନମ୍ବରରେ ଯୋଗାଯୋଗ କରିବାକୁ ସୂଚନା ଦେଇଥିଲେ। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଅପରାଜିତା ଚୌଧୁରୀ ଅଧ୍ୟକ୍ଷତା କରିବା ସହ ଛାତ୍ରୀମାନେ ନିଜର ଅଧିକାର ସହ କର୍ତ୍ତବ୍ୟ ବାବଦରେ ମଧ୍ୟ ଯତ୍ନବାନ ହେବା ଜରୁରୀ ବୋଲି ମତବ୍ୟକ୍ତ କରିଥିଲେ। କୁଳସଚିବ ଶ୍ୟାମଳୀ ମହାପାତ୍ର, ପିଜି କାଉନ୍‌ସିଲ ଅଧ୍ୟକ୍ଷ ପ୍ରଫେସର ଚଣ୍ଡୀ ଚରଣ ରଥ ଏହି କାର୍ଯ୍ୟକ୍ରମ ଉପରେ ବକ୍ତବ୍ୟ ରଖିଥିଲେ। ରାଜ୍ୟ ମହିଳା ଆୟୋଗର ଡ. ଏନ୍. ଟୁନା ସାହୁ ଛାତ୍ରୀଙ୍କ ସହ ପାରସ୍ପରିକ ଆଲୋଚନା କରିଥିଲେ। ଏହି ଅବସରରେ ୩୬ଟି ଅନୁବନ୍ଧିତ କଲେଜର ଜାତୀୟ ସେବା ଯୋଜନା(ଏନ୍‌ଏସ୍‌ଏସ୍) ସଂଯୋଜକ ଓ ବିଶ୍ୱବିଦ୍ୟାଳୟ ଛାତ୍ରୀମାନେ ଉପସ୍ଥିତ ଥିଲେ। ଡ. ସଂଘମିତ୍ରା ଭଞ୍ଜ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ 'ମୋ କଲେଜ' ସଂଯୋଜକ ଡ. ସ୍ନେହଲତା ଦାସ ଧନ୍ୟବାଦ ଦେଇଥିଲେ।

## ୨୯ ଏନ୍‌ସିସି ୟୁନିଟ୍‌କୁ ୮ଲକ୍ଷ ପାଣ୍ଠି ଆବଣ୍ଟନ

ଭୁବନେଶ୍ୱର, ୧୮।୯
(ଅସମାପିକା ସାହୁ)

୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ରାଜ୍ୟର ୨୯ଟି ଏନ୍‌ସିସି ୟୁନିଟ୍ ନିମନ୍ତେ ୮ଲକ୍ଷ ୪ହଜାର ଟଙ୍କା ପାଣ୍ଠି ଆବଣ୍ଟନ କରାଯାଇଛି। ଏ ନେଇ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସୋମବାର ଏନ୍‌ସିସି ନିର୍ଦ୍ଦେଶାଳୟର ଡେପୁଟି ଡିଜିଙ୍କୁ ଚିଠି ଲେଖି ଅବଗତ କରାଯାଇଛି। ଏହି ଅର୍ଥ ବାର୍ଷିକ ପ୍ରଶିକ୍ଷଣ ପାଇଁ ଦିଆଯାଇଛି। ଏହାକୁ ୨୯ ଏନ୍‌ସିସି ୟୁନିଟ୍‌ର କମାଣ୍ଡିଂ ଅଫିସରଙ୍କ ଉଦ୍ଦେଶ୍ୟରେ ଦିଆଯାଇଥିବା ଉକ୍ତ ଚିଠିରେ ଉଲ୍ଲେଖ କରାଯାଇଛି।

## ନିଜ ବନ୍ଧୁକରୁ ଗୁଳି ଫୁଟାଇ ଯବାନଙ୍କ ଆତ୍ମହତ୍ୟା

ମାଲକାନଗିରି,୧୮।୯
(ଦୁର୍ଯ୍ୟୋଧନ ପାତ୍ର)

ଛତିଶଗଡ଼ କାଙ୍କେର ଜିଲାରେ ଜଣେ ସିଆର୍‌ପିଏଫ୍ ଯବାନ ନିଜ ବନ୍ଧୁକରୁ ଗୁଳି ଫୁଟାଇ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ହଳବା ଚୋକି ମୋର୍ଚ୍ଚାରେ କାର୍ଯ୍ୟରତ ଯବାନ ଚନ୍ଦ୍ରଶେଖର ଯାଦବ। ପ୍ରକାଶ ଯେ, ଚନ୍ଦ୍ରଶେଖରଙ୍କ ନିଜ ଗ୍ରାମ ରାୟପୁର ଧମତରିର ରୁଦ୍ରୀ ବୋଲି ଜଣାପଡିଛି। ତେବେ ଏ ସମ୍ବନ୍ଧରେ କାଙ୍କେର ଏସ୍‌ପି ଦିବ୍ୟାଙ୍ଗ ପଟେଲ ସୂଚନା ଦେଇଛନ୍ତି, ଚନ୍ଦ୍ରଶେଖର ନିଜେ ଗୁଳିମାରି ଆତ୍ମହତ୍ୟା କରିଛନ୍ତି।



# ଶିକ୍ଷା, ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ଗାଁ ବଳରାମପୁର


ବନ୍ଦ ହୋଇଥିବା ସ୍କୁଲ।


ଅଚଳ ସୋଲାର ପାଣି ପମ୍ପ।

■ ବୈତରଣୀ ନଦୀ ଗର୍ଭରେ ଲୀନ ବହୁ ପରିବାରର ଭିଟାମାଟି
■ କୁମ୍ଭୀର ଭୟରେ ଆତଙ୍କିତ ଗ୍ରାମବାସୀ

ପ୍ରୀତିପୁର,୧୮।୯(ସୁଶାନ୍ତ ବେହୁରିଆ)

ସରକାର ଶିକ୍ଷା, ସ୍ୱାସ୍ଥ୍ୟ ଓ ଗମନାଗମନ କ୍ଷେତ୍ରରେ ଉନ୍ନତି ଆଣିବା ପାଇଁ ବାର୍ଷିକ ବିପୁଳ ଟଙ୍କା ଖର୍ଚ୍ଚ କରୁଛନ୍ତି। ହେଲେ କେତେକ ସ୍ଥାନରେ ସରକାରୀ ଅଧିକାରୀଙ୍କ ଦୂରଦୃଷ୍ଟି ଓ ରାଜନେତାଙ୍କ ଇଚ୍ଛାଶକ୍ତିର ଅଭାବ ଯୋଗୁ ଏସବୁ ବାଟବଣା ହେଉଛି। ଯାହାର ଉଦାହରଣ ଦେଖିବାକୁ ମିଳିଛି ବିଞ୍ଝାରପୁର ନିର୍ବାଚନମଣ୍ଡଳୀର ଦଶରଥପୁର ବ୍ଲକ ଅଧୀନ କମାରଡ଼ିହି ପଞ୍ଚାୟତର ବଳରାମପୁର ଗ୍ରାମରେ। କମାରଡ଼ିହି ପଞ୍ଚାୟତ କାର୍ଯ୍ୟାଳୟଠାରୁ ପ୍ରାୟ ୭ କି.ମି. ଦୂରରେ ଅବସ୍ଥିତ ଏହି ଗ୍ରାମରେ ୯୯ ପ୍ରତିଶତ ପରିବାର ଦଳିତ ସମ୍ପ୍ରଦାୟର। ବୈତରଣୀ ଓ ଏହାର ଶାଖା ନଦୀ ଖୋଳା ମହାରାର ବନ୍ୟା ଜଳରେ ବର୍ଷକରେ ପ୍ରାୟ ୩ମାସ ଗ୍ରାମବାସୀ ପ୍ରଭାବିତ ହୋଇଥାନ୍ତି। ୫୦ରୁ ଊର୍ଦ୍ଧ୍ୱ ପରିବାର ବସବାସ କରୁଥିବା ଏହି ଗ୍ରାମବାସୀଙ୍କ ଚାଷ କାର୍ଯ୍ୟ ଓ ଗୋପାଳନ ପ୍ରମୁଖ ବେଉଷା। ବୈତରଣୀ ନଦୀ ତଟରେ ଅବସ୍ଥାପିତ ହୋଇଥିବା ହେତୁ ନଦୀ ସ୍ରୋତରେ ଗ୍ରାମର ସନାତନ ପଣ୍ଡା, ଅଭୟ ପଣ୍ଡା, ଅକ୍ଷୟ ପଣ୍ଡା, ବ୍ରଜକିଶୋର ପଣ୍ଡା, ବୈଲୋଚନ ବିଳାସ, ବସନ୍ତ ବିଳାସ ଓ ବାବାଜୀ ଜେନାଙ୍କ ଭିଟାମାଟି ନଦୀ ଗର୍ଭରେ ଲୀନ ହୋଇଯାଇଛି। ଏଥିନିମନ୍ତେ ସରକାରଙ୍କ ତରଫରୁ ସେମାନଙ୍କୁ କିଛି ମିଳିନି। ଗ୍ରାମରେ ଅଙ୍ଗନୱାଡି କେନ୍ଦ୍ର ନ ଥିବା ଯୋଗୁ ପିଲାଙ୍କୁ ୪ କି.ମି. ଦୂର କଯାଁ ପଞ୍ଚାୟତର ଗୁଣ୍ଡୁଣିପଡ଼ା ଅଙ୍ଗନୱାଡ଼ି କେନ୍ଦ୍ରକୁ ଯିବାକୁ ବାଧ କରାଯାଉଛି। ଗ୍ରାମରେ ଥିବା ପ୍ରାଥମିକ ବିଦ୍ୟାଳୟର ନିଜସ୍ୱ କୋଠା, ଶୌଚାଳୟ ଓ ନଳକୂପ ରହିଥିବା ବେଳେ ଏହାକୁ ଚଞ୍ଚକତା କରି ବନ୍ଦ କରାଯାଇଛି। ଫଳରେ ପିଲାମାନେ ନିରୁପାୟ ହୋଇ ନିକଟସ୍ଥ ଇଚ୍ଛାପୁର ପ୍ରାଥମିକ ବିଦ୍ୟାଳୟକୁ ଯିବାକୁ ବାଧ ହେଉଛନ୍ତି।

ନଦୀରେ ସର୍ବଦା ଜୁଆର ଆସିବା ଯୋଗୁ ଭୂତଳ ଜଳ ଲବଣାକ୍ତ ହେବାସହିତ ନଳକୂପରୁ ଲୁଣି ପାଣି ବାହାରୁଛି। ତେଣୁ ତାହା ପାନୀୟ ଉପଯୋଗୀ ହୋଇପାରୁନାହିଁ। ଏହାକୁ ଲକ୍ଷ୍ୟ କରି ତତ୍କାଳୀନ ସରପଞ୍ଚ ସ୍ମିତାରାଣୀ ବିଶ୍ୱାଳ ଗ୍ରାମରେ ସୋଲାର ୱାଟର ସିଷ୍ଟମର ବ୍ୟବସ୍ଥା କରିଥିଲେ। ତାହା ଗ୍ରାମବାସୀଙ୍କୁ ସୁଦ୍ଧ ପିଇବା ପାଣି ଯୋଗାଉଥିଲା। ମାତ୍ର ୨/୩ ମାସ ହେଲା ଏହା ଅଚଳ ହୋଇପଡ଼ିବାରୁ ଗ୍ରାମବାସୀ ପିଇବା ପାଣି ପାଇଁ ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି। ପ୍ରତ୍ୟେହ ଶୌଚ ଓ ସ୍ନାନ ନିମନ୍ତେ ଗ୍ରାମବାସୀ ବୈତରଣୀ ନଦୀ ଉପରେ ନିର୍ଭର କରିଥାନ୍ତି। ମାତ୍ର କିଛି ମାସ ହେବ ନଦୀରେ କୁମ୍ଭୀର ଚଳପ୍ରଚଳ ହେଉଥିବା ଦେଖାଯିବା ସହିତ ଏକାଧିକ ଥର ଲୋକଙ୍କୁ ଆକ୍ରମଣ କରିବାକୁ ଉଦ୍ୟମ କରିଥିବାରୁ ଗ୍ରାମବାସୀ ନଦୀକୁ ଯିବାକୁ ଭୟ କରୁଛନ୍ତି। ଗ୍ରାମରେ ସ୍ୱାସ୍ଥ୍ୟକେନ୍ଦ୍ର କିମ୍ବା ଏଏନ୍‌ଏମ୍ ସେଣ୍ଟର ନ ଥିବା ଯୋଗୁ ଶିଶୁ ଓ ମହିଳାମାନେ ସ୍ୱାସ୍ଥ୍ୟ ପରୀକ୍ଷା ଓ ଟିକାକରଣ ନିମନ୍ତେ ୭ କି.ମି. ଦୂର କଯାଁଗୋଲା ସ୍ୱାସ୍ଥ୍ୟକେନ୍ଦ୍ରକୁ ଯିବାକୁ ବାଧ ହେଉଛନ୍ତି। ତେଣୁ ଗ୍ରାମବାସୀଙ୍କ ଜୀବନ ଜୀବିକାର ଉନ୍ନତି ନିମନ୍ତେ ପଞ୍ଚାୟତ କାର୍ଯ୍ୟାଳୟଠାରୁ ଯୋଗୀମଠ ଗ୍ରାମ ମଧ୍ୟଦେଇ ବଳରାମପୁର ଗ୍ରାମକୁ ରାସ୍ତା ସଂଯୋଗ କରିବା, ଗ୍ରାମକୁ ପାଇପ୍ ଯୋଗେ ପିଇବା ପାଣି ବ୍ୟବସ୍ଥା କରିବା, ଗ୍ରାମକୁ ବନ୍ୟା ଦାଉରୁ ରକ୍ଷା ପାଇଁ ନୂଆପାଟଣାଠାରୁ ଇଚ୍ଛାପୁର ପର୍ଯ୍ୟନ୍ତ ପଥର ପ୍ୟାଙ୍କିଂ ବ୍ୟବସ୍ଥା କରିବା, ବନ୍ଦ ରହିଥିବା ବିଦ୍ୟାଳୟକୁ ପୁନର୍ବାର ଚାଲୁ କରିବା ସହିତ ବିଦ୍ୟାଳୟ ପରିସରରେ ଅଙ୍ଗନୱାଡି ଓ ଏଏନ୍‌ଏମ୍ ସେଣ୍ଟର ଖୋଲିବାକୁ ଦାବି ହୋଇଛି। ଏହାବ୍ୟତୀତ ଦୀର୍ଘଦିନ ଧରି ଅସମ୍ପୂର୍ଣ୍ଣ ଥିବା କମ୍ୟୁନିଟି ସେଣ୍ଟର ଗୃହ ସମ୍ପୂର୍ଣ୍ଣ କରିବା ସହିତ ଗ୍ରାମରେ ଗୋଷ୍ଠୀ ଶୌଚାଳୟ ଓ ପୁଷ୍କରିଣୀ ଖନନ କରି ଗ୍ରାମବାସୀଙ୍କୁ ନଦୀକୁ ଯିବାକୁ ରୋକିବାକୁ ବ୍ୟବସ୍ଥା କରାଗଲେ ଗ୍ରାମବାସୀ ଶାନ୍ତିରେ ଚଳପ୍ରଚଳ କରିପାରିବେ ବୋଲି ୱାର୍ଡସଭ୍ୟ ପ୍ରଫୁଲ୍ଲ ଜେନା କହିଛନ୍ତି। ଜିଲାପାଳ ଓ ୫–ଟି ସଚିବ ଗ୍ରାମର ପ୍ରମୁଖ ସମସ୍ୟାଗୁଡ଼ିକ ପ୍ରତି ଦୃଷ୍ଟି ଦେବା ସହିତ ସମାଧାନ ନିମନ୍ତେ ପଦକ୍ଷେପ ନେବାକୁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହୋଇଛି।

## ଏମାନେ ଯାହା କୁହନ୍ତି...


“ ବଳରାମପୁର ଗ୍ରାମର ମୌଳିକ ସମସ୍ୟା ସମ୍ପର୍କରେ ବିଧାୟିକା ତଥା ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗ ମନ୍ତ୍ରୀ ପ୍ରମିଳା ମଲ୍ଲିକଙ୍କ ଦୃଷ୍ଟି ଆକର୍ଷଣ କରିଛୁ। ସେ ଖୁବ୍‌ଶୀଘ୍ର ଏହାର ସମାଧାନ ଦିଗରେ ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦେଇଛନ୍ତି।

-ସଜନୀ ଜେନା, ସମିତିସଭ୍ୟା, କମାରଡ଼ିହ ପଞ୍ଚାୟତ


“ ବଳରାମପୁରବାସୀଙ୍କ ପାଇଁ ବୈତରଣୀ ନଦୀ ଦୁଃଖ ପାଲଟିଛି। ତେଣୁ ନଦୀବନ୍ଧ ସୁଦୃଢ଼ୀକରଣ, ବନ୍ଦ ରହିଥିବା ବିଦ୍ୟାଳୟକୁ ପୁନଃ ଚାଲୁକରିବା ଓ ଅଙ୍ଗନୱାଡି କେନ୍ଦ୍ର ପ୍ରତିଷ୍ଠା ସହିତ ଉକ୍ତ ଗ୍ରାମକୁ ଆଦର୍ଶ ଗ୍ରାମରେ ସାମିଲ କରାଯିବାକୁ ସରକାରଙ୍କ ନିକଟରେ ଦାବି ରଖୁଛୁ।

-ପ୍ରିୟବ୍ରତ ବିଶ୍ୱାଳ, ଯୁବନେତା


“ ବୈତରଣୀ ନଦୀ ବନ୍ଧ ସୁଦୃଢ଼ୀକରଣ ନିମନ୍ତେ ୧୦ କୋଟି ଟଙ୍କା ମଞ୍ଜୁର ହୋଇଥିବାବେଳେ ଅନ୍ୟ ଅସୁବିଧା ସମ୍ପର୍କରେ ଆମ୍ଭେ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛୁ।

-ଶଶିଭୂଷଣ ବିଶ୍ୱାଳ, ସାମାଜିକ କର୍ମୀ

# ବିଦ୍ୟୁତ୍ ଉପଭୋକ୍ତାଙ୍କୁ ଶୋଷଣ ବରଦାସ୍ତ କରାଯିବ ନାହିଁ

ଧର୍ମଶାଳା,୧୮।୯(ବଟକୃଷ୍ଣ ପରିଡ଼ା)

ଓଡ଼ିଶା ବିଦ୍ୟୁତ୍ ଉତ୍ପାଦନ କ୍ଷେତ୍ରରେ ବଳକା ରାଜ୍ୟ ଭାବେ ରହି ପଡ଼ୋଶୀ ରାଜ୍ୟକୁ ବିଦ୍ୟୁତ୍ ବିକ୍ରି କରୁଛି। ହେଲେ ଓଡ଼ିଶାର ଜନସାଧାରଣ ବିଦ୍ୟୁତ୍ ବିଲ ବାବଦରେ ଶୋଷଣର ଶିକାର ହେଉଛନ୍ତି। ଧର୍ମଶାଳା ଅଞ୍ଚଳର ବିଦ୍ୟୁତ୍ ଉପଭୋକ୍ତାଙ୍କଠାରୁ ଟାଟାପାୱାର ଅଧିକ ଅର୍ଥ ଆଦାୟ କରୁଛି। ଏହାକୁ ଆଉ ବରଦାସ୍ତ କରାଯିବ ନାହିଁ ବୋଲି ଜାରକା ବିଦ୍ୟୁତ୍ ଗ୍ରାହକ ମଞ୍ଚ ପକ୍ଷରୁ ଚେତାବନୀ ଦିଆଯାଇଛି।

ମଞ୍ଚ ତରଫରୁ ଏନେଇ ସୋମବାର ଏକ ସଚେତନତା ବୈଠକ ସଭାପତି ହୃଷୀକେଶ ସାମଲଙ୍କ ଅଧକ୍ଷତାରେ କୁମାରୀଠାରେ ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ଟାଟା ପାୱାରର କର୍ମଚାରୀମାନେ ଗ୍ରାମାଞ୍ଚଳର ଉପଭୋକ୍ତାଙ୍କୁ ଅର୍ଥନୈତିକ ଶୋଷଣ କରିବା ସହ ମାନସିକ ନିର୍ଯାତନା ଦେଉଥିବା ଅଭିଯୋଗ ହୋଇଛି। କମ୍ପାନୀ ମନଇଚ୍ଛା ବିଦ୍ୟୁତ୍ ବିଲ ଦେଇ ନାନାଦି ଅସୁବିଧାରେ ପକାଇବା ସହ ବିଲ ବକେୟା ରହିଲେ ଆଦାୟ କରିବାକୁ ସମୟ ନ ଦେଇ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରି ଦେଉଛି। ପୂର୍ବରୁ ବିଭିନ୍ନ ଗ୍ରାହକଙ୍କ ଘରେ ଲଗାଯାଇଥିବା ପୁରୁଣା ମିଟର କାଢ଼ି ନୂତନ ମିଟର ଲଗାଯାଉଛି। ଅନ୍ୟପଟେ ଦିନକୁ ୨୦ ଥର ବିଦ୍ୟୁତ୍ ସରବରାହ ଛିନ ହେଉଛି। ଉପଭୋକ୍ତା ଏନେଇ ଅଭିଯୋଗ କଲେ ବିଭାଗୀୟ କର୍ମଚାରୀ ଏଥିପ୍ରତି ଦୃଷ୍ଟି ଦେଉ ନ ଥିବା ଅଭିଯୋଗ ହୋଇଛି।

ନେସ୍କୋ କମ୍ପାନୀ ସମୟରେ ବିଲ ଅନୁଯାୟୀ ଗ୍ରାହକ ସେମାନଙ୍କ ବିଲ ପରିଶୋଧ କରିଥିଲେ ହେଁ ପୁନର୍ବାର ବିଲ ଠିକ ଭାବେ ଆଦାୟ ହୋଇ ନ ଥିବା ଦର୍ଶାଯାଇ କରେଣ୍ଟ ବିଲରେ ଅଧିକ ଦେୟ କରି ସମସ୍ତ ବିଲ ପଇଠ କରିବାକୁ ବାଧ୍ୟ କରାଯାଉଛି। ଜାରକା ବିଦ୍ୟୁତ୍ ବିଭାଗ କର୍ତ୍ତୃପକ୍ଷଙ୍କୁ ଏ ସମ୍ପର୍କରେ ଜଣାଇବା ପରେ ବାଲେଶ୍ୱର ମୁଖ୍ୟ କାର୍ଯ୍ୟାଳୟରୁ ଯାହା ବିଲ ଆସୁଛି ତାହାକୁ ପଇଠ କରିବାକୁ କୁହାଯାଉଛି ବୋଲି କହୁଛନ୍ତି। ଏପରି ଲୁଣ୍ଠନ, ଏକଚ୍ଛତ୍ରବାଦ ଓ ଅଗଣତାନ୍ତ୍ରିକ କାର୍ଯ୍ୟକୁ ଆଉ ବରଦାସ୍ତ କରାଯିବ ନାହିଁ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। ରାଜ୍ୟ ସରକାର ଟାଟା କମ୍ପାନୀ ସହ କରିଥିବା ଚୁକ୍ତିକୁ ତୁରନ୍ତ ପ୍ରତ୍ୟାହାର କରି ଗ୍ରାମାଞ୍ଚଳ ଉପଭୋକ୍ତାଙ୍କୁ ୧୫୦ ୟୁନିଟ ବିଦ୍ୟୁତ୍ ବିଲ ଛାଡ଼ କରିବାକୁ ମଞ୍ଚ ପକ୍ଷରୁ ଦାବି କରାଯାଇଛି। ବୈଠକରେ ଉପଦେଷ୍ଟା ରମାକାନ୍ତ ଜେନା, ଅମର ମହାନ୍ତି, ବ୍ରଜବନ୍ଧୁ ଶତପଥୀ, ରାମଚନ୍ଦ୍ର ସାହୁ, ବେଣୁଧର ଦାସ, ରାଧାକାନ୍ତ ବେହୁରା ଓ ଭରତ ସାମଲ ପ୍ରମୁଖ ବହୁ ଉପଭୋକ୍ତା ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ।

## ସଂକ୍ଷେପରେ

### ଲୁହା ସ୍କ୍ରାପ୍ ଚୋରିବେଳେ ଧରାପଡ଼ିଲେ ଯୁବକ

ଯାଜପୁରରୋଡ୍,୧୮।୯(ପବିତ୍ର ରଞ୍ଜନ ମହାନ୍ତି)

କଳିଙ୍ଗନଗର ଶିଳ୍ପାଞ୍ଚଳର ବିଭିନ୍ନ କାରଖାନାରୁ ଦୁର୍ବୃତ୍ତ ଦୈନିକ ଲୁହା ସ୍କ୍ରାପ ଚୋରି କରି ଯାଜପୁରରୋଡ୍ ସହର ମଧ୍ୟରେ ଥିବା ନିର୍ଦ୍ଦିଷ୍ଟ ଜଣେ କବାଡିଆଙ୍କୁ ବିକ୍ରି କରୁଛନ୍ତି। କମ୍ପାନୀ କର୍ତ୍ତୃପକ୍ଷ ଚୋରି ସମ୍ପର୍କରେ କୌଣସି ଅଭିଯୋଗ କରୁନାହାନ୍ତି। କାରଖାନାଗୁଡିକରେ କଡ଼ା ସୁରକ୍ଷା ବଳୟରେ ସୁରକ୍ଷା କର୍ମୀମାନେ ପ୍ରହରା ଦେଉଥିବାବେଳେ କିଭଳି ଚୋରି ହେଉଛି ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ସୋମବାର ସକାଳୁ ଜଣେ ବ୍ୟକ୍ତି ଏକ ଟିଭିଏସ ମୋପେଡ୍ ନଂ. ଓଡି–୦୪–୧୬୭୦ରେ ଆନୁମାନିକ ୨ କୁଇଣ୍ଟାଲ ଲୁହାପ୍ଲେଟ ସ୍କ୍ରାପ ଅଖାରେ ଭର୍ତ୍ତି କରି ଯାଜପୁରରୋଡ୍ ସହର ମଧ୍ୟକୁ ଦ୍ରୁତଗତିରେ ଆସୁଥିବା ସ୍ଥାନୀୟ ଲୋକେ ଦେଖିଥିଲେ। ସନ୍ଦେହ ହେବାରୁ ତାଙ୍କୁ ପିଛା କରି ବ୍ୟାଙ୍କ୍ ଷ୍ଟ୍ରିଟ ନିକଟରେ ଥିବା କବାଡ଼ିଆ ଗୋଦାମ ନିକଟରେ ଧରି ଯାଜପୁରରୋଡ୍ ପୋଲିସକୁ ଖବର ଦେଇଥିଲେ। ପୋଲିସ ପିସିଆର ଭ୍ୟାନ୍ ପହଞ୍ଚି ଚୋରି ସ୍କ୍ରାପକୁ ଜବତ କରିବା ସହ ସମ୍ପୃକ୍ତ ଯୁବକଙ୍କୁ କାବୁ କରି ଥାନାକୁ ଆଣିଥିଲା। ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଥାନା ଅଧିକାରୀ ଉପେନ୍ଦ୍ର କୁମାର ପ୍ରଧାନ ସୂଚନା ଦେଇଛନ୍ତି।

### ଦାନଗଦି ଅଞ୍ଚଳରୁ ୨ ନାବାଳିକା ନିଖୋଜ

କଳିଙ୍ଗନଗର,୧୮।୯(ଶୁଭାଶିଷ ରାଉତ)

ଯାଜପୁର ରୋଡ୍ ଆଦର୍ଶ ଥାନା ଅଧୀନ ଦାନଗଦି ଫାଣ୍ଡି ପଛପଟରେ ଥିବା ସୋଲେଇ ଗାଁରୁ ଦୁଇ ନାବାଳିକା ନିଖୋଜ ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ମୁତାବକ, ଗତ ୧୬ ତାରିଖ ସନ୍ଧ୍ୟାରେ ୨ ନାବାଳିକା ସାଙ୍ଗ ଘରକୁ ଯିବାକୁ କହି ଘରୁ ଆସିଥିଲେ। ହେଲେ ଆଉ ଘରକୁ ଫେରି ନ ଥିଲେ। ପରିବାର ଲୋକେ ବହୁ ଖୋଜା ଖୋଜି କରି ନ ପାଇବାରୁ ଶନିବାର ସକାଳୁ ଥାନାରେ ପହଞ୍ଚି ଲିଖିତ ଅଭିଯୋଗ କରିଥିଲେ। ନିଖୋଜ ଦୁଇ ନାବାଳିକାଙ୍କ ବୟସ ୧୫/୧୬ ବର୍ଷ ମଧ୍ୟରେ ହେବ। ଜଣେ ୧୦ ଶ୍ରେଣୀରେ ପଢୁଥିବାବେଳେ ଅନ୍ୟଜଣେ ଚଳିତ ବର୍ଷ ୧୦ମ ଶ୍ରେଣୀ ପାସ କରି ଘରେ ରହୁଥିଲେ। ପୋଲିସ ନଂ.୪୩୧/୨୩ ଓ ୪୩୨/୨୩ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

# ଧର୍ମଶାଳା ଯୁବ ବିଜେଡି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା


ଧର୍ମଶାଳା ବିଧାୟକଙ୍କୁ ଯୁବ ବିଜେଡି ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଉଛି।

ଧର୍ମଶାଳା,୧୮।୯(ବଟକୃଷ୍ଣ ପରିଡ଼ା)

ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟଙ୍କୁ ବିଜୁ ଶ୍ରମିକ ସାମ୍ମୁଖ୍ୟର କେନ୍ଦ୍ରୀୟ ସଂଯୋଜକଭାବେ ନିଯୁକ୍ତି ଦିଆଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଧାୟକ ବଳବନ୍ତରାୟଙ୍କୁ ଓଡ଼ିଶାର ଶ୍ରମିକମାନଙ୍କ ପାଇଁ କାମ କରିବାର ସୁଯୋଗ ଦେଇଥିବାରୁ ଧର୍ମଶାଳା ଅଞ୍ଚଳବାସୀଙ୍କ ମନରେ ଆନନ୍ଦର ଲହରି ଖେଳିଯାଇଛି। ଏହି ପରିପ୍ରେକ୍ଷୀରେ ଧର୍ମଶାଳା ଯୁବ ବିଜେଡି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି। ଯୁବ ବିଜେଡି ସଭାପତି କ୍ଷୀତିଶ କୁମାର ନାୟକଙ୍କ ନେତୃତ୍ୱରେ ବିଜୁ ଯୁବ ବିଜେଡିର ସମସ୍ତ କର୍ମକର୍ତ୍ତା ଏକ ଶୋଭାଯାତ୍ରା କରି ନବୀନ ପଟ୍ଟନାୟକ ଜିନ୍ଦାବାଦ, ପ୍ରଣବ କୁମାର ବଳବନ୍ତରାୟ ଜିନ୍ଦାବାଦ ଓ ଧନ୍ୟବାଦ ନବୀନ ପଟ୍ଟନାୟକ ସ୍ଲୋଗାନ ଦେଇ ଜାରକା ବଜାର ପରିକ୍ରମା କରିଛନ୍ତି। ଏଥିସହିତ ବିଧାୟକଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି।

### ଆଦର୍ଶ ଶିକ୍ଷକଙ୍କ ପରଲୋକ

ରଗଡ଼ି,୧୮।୯(ଯତିଶ କୁମାର ମଲ୍ଲିକ)

ପଛିକୋଟ ପଞ୍ଚାୟତ ପରମାନନ୍ଦପୁର ଗ୍ରାମର ଆଦର୍ଶ ଶିକ୍ଷକ ନବଘନ ସାହୁଙ୍କ ୮୦ ବର୍ଷ ବୟସରେ ପରଲୋକ ହୋଇଯାଇଛି। କିଛି ଦିନ ହେବ ତାଙ୍କ ଶରୀର ଅସୁସ୍ଥ ଥିଲା। ସେ ଯାଜପୁର ଏନ୍‌ସି ହାଇସ୍କୁଲରୁ ତାଙ୍କର ଶିକ୍ଷକତା ଆରମ୍ଭ କରିଥିଲେ ଓ ଶଙ୍ଖଚିଲା ହିଙ୍ଗୁଳା ହାଇସ୍କୁଲରୁ ଅବସର ନେଇଥିଲେ। ହୋମିଓପ୍ୟାଥିକରେ ମଧ ଡିଗ୍ରି ହାସଲ କରିଥିଲେ। ତାଙ୍କ ମୃତ୍ୟୁ ଖବର ପାଇ ଅନ୍ଧାରି ସରପଞ୍ଚ ରାଜେନ୍ଦ୍ର କୁମାର ରାଉତରାୟ, ପଛିକୋଟ ସରପଞ୍ଚଙ୍କ ପ୍ରତିନିଧି ଦିଲୀପ କୁମାର ରାଉତ, ପୂର୍ଣ୍ଣ ସାହୁ, ନୀଳକଣ୍ଠ ସେନାପତି, ନଟବର ବଳ, ପଞ୍ଚାନନ ଆଚାର୍ଯ୍ୟ, ପ୍ରଦୀପ ମାଝି, ଜିତେନ୍ଦ୍ର ରାଉତ, ଗୁରିଆ ପାଳତା ଓ ଯତିଶ ମଲ୍ଲିକ ପ୍ରମୁଖ ଉପସ୍ଥିତ ରହି ଶେଷ ଦର୍ଶନ କରିବା ସହ ମରଶରୀରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଯାଜପୁର ଦଶ୍ୱାସନୀ ଘାଟ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ଜ୍ୟେଷ୍ଠପୁତ୍ର ସାରଦା ପ୍ରସନ୍ନ ସାହୁ ମୁଖାଗ୍ନି ଦେଇଥିଲେ। ତାଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ୨୩ ବର୍ଷରୁ କମ୍ ଓଡ଼ିଶା କବାଡି ଦଳରେ ଯାଜପୁରର ସୋହେଲ

ରସୁଲପୁର,୧୮।୯(ରଂଜିତ ରାଉତ)


ସୋହେଲ ଖାନ୍

ଯାଜପୁର ଜିଲା ରସୁଲପୁର ବ୍ଲକ ଅନ୍ତର୍ଗତ ରାହାମ୍ୱା ପଞ୍ଚାୟତ ମିର୍ଜାପୁର ଗ୍ରାମର ମନସୁର ଖାନ୍‌ଙ୍କ ପୁଅ ସୋହେଲ ଖାନ୍ ୨୩ବର୍ଷରୁ କମ୍ ଓଡ଼ିଶା କବାଡି ଦଳରେ ଜଣେ ରେଡର ଭାବେ ସ୍ଥାନ ପାଇଛନ୍ତି। ତାମିଲନାଡୁର ମଦୁରାଇସ୍ଥିତ ଇଲେଭ ୮ ଇଣ୍ଡିଆ ସ୍ପୋର୍ଟ୍ସ ଚେନ୍ନାଇ ଆନୁକୂଲ୍ୟରେ ଆୟୋଜିତ ହେବାକୁ ଥିବା ବର୍ଷାକାଳୀନ ଯୁବ କବାଡ଼ି ସିରଜ ଲିଗ୍–୨୦୨୩ରେ ଓଡ଼ିଶା ଦଳ ଭାଗ ନେବ। ମଦୁରାଇ ଗସ୍ତ ପୂର୍ବରୁ କଟକ ବାରବାଟୀ ଷ୍ଟାଡିୟମରେ ମନୋନୀତ ଖେଳାଳିମାନଙ୍କର ଦୁଇ ଦିନିଆ କୋଚିଂ କ୍ୟାମ୍ପ ଅନୁଷ୍ଠିତ ହୋଇଯାଇଛି। ପ୍ରୋ–କବାଡି ଲିଗ୍ ପାଇଁ ଯୁବ ପ୍ରତିଭା ସୃଷ୍ଟି କରିବା ଏହି ପ୍ରତିଯୋଗିତା ମୂଳ ଲକ୍ଷ୍ୟ ବୋଲି କୁହାଯାଉଛି। ଯୁବ କବାଡି ଖେଳାଳି ସୋହେଲ ଏହି ପ୍ରତିଯୋଗିତା ପାଇଁ ମନୋନୀତ ହୋଇଥିବାରୁ ଖୁସିବ୍ୟକ୍ତ କରିଛନ୍ତି। ଆଗକୁ ସେ ଭାରତୀୟ ଦଳରେ ସ୍ଥାନ ପାଇବା ପାଇଁ ସେ ଅଭିଳାଷ ରଖିଛନ୍ତି। ମନୋନୟନ କମିଟି ଯେଉଁ ଆସ୍ଥା ଓ ଭରସା ତାଙ୍କୁ ଦଳରେ ନେଇଛନ୍ତି ତାହାକୁ ସେ ଯଥାର୍ଥ ପ୍ରମାଣ କରିବାକୁ ଚେଷ୍ଟା କରିବେ ବୋଲି ସେ କହିଛନ୍ତି।

# ଯାଜପୁର ସ୍ପୋର୍ଟ୍ସ କ୍ଲବ୍‌କୁ ଜିଲାର ସମସ୍ତ ଷ୍ଟାଡିୟମ ହସ୍ତାନ୍ତର


ଜିଲା କ୍ରୀଡ଼ା ଅଧିକାରୀ ଅନୁମତି ପତ୍ର ପ୍ରଦାନ କରୁଛନ୍ତି।

ଯାଜପୁର ଟାଉନ,୧୮।୯
(ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି)

ଯାଜପୁର ଜିଲା ପ୍ରଶାସନ ପକ୍ଷରୁ ଯାଜପୁର ସ୍ପୋର୍ଟସ କ୍ଲବ୍‌କୁ ଜିଲାର ସମସ୍ତ କ୍ରୀଡ଼ା ଭିତ୍ତିଭୂମି ଓ ଷ୍ଟାଡିୟମ୍ ହସ୍ତାନ୍ତର କରାଯାଇଛି। ଯାଜପୁର ସ୍ପୋର୍ଟସ କ୍ଲବ୍ ଗଠନ ହେବାପରେ ଯାଜପୁରରେ ଥିବା ବିଭିନ୍ନ ଷ୍ଟାଡିୟମ୍ ଓ କ୍ରୀଡ଼ା ଭିତ୍ତିଭୂମିଗୁଡିକୁ ହସ୍ତାନ୍ତର କରିବା ପାଇଁ ଜିଲା ପ୍ରଶାସନକୁ ଅନୁରୋଧ କରାଯାଇଥିଲା। ଏହି ଅନୁରୋଧ କ୍ରମେ ଜିଲାପାଳ ସମସ୍ତ ଷ୍ଟାଡିୟମ ଓ କ୍ରୀଡ଼ା ଭିତ୍ତିଭୂମି ହସ୍ତାନ୍ତର କରିଛନ୍ତି। ଏଥିରେ ଯାଜପୁର ସହରରେ ଥିବା ହକି ଷ୍ଟାଡିୟମ, ଇନ୍‌ଡୋର ଷ୍ଟାଡିୟମ, ଫୁଟ୍‌ବଲ ଷ୍ଟାଡିୟମ, ସ୍ୱିମିଙ୍ଗ୍ ପୁଲ୍ ଆଦି ଷ୍ଟାଡିୟମ୍‌ରେ ବାସ୍କେଟବଲ୍ କୋର୍ଟ, ଭଲିବଲ୍ କୋର୍ଟ, ଫୁଟ୍‌ବଲ, ବ୍ୟାଡ୍‌ମିଣ୍ଟନ, ଖୋଖୋ, କବାଡି, ଚେସ୍, କ୍ରିକେଟ୍, ଆଥ୍‌ଲେଟ୍, ସ୍ୱିମିଂ ଓ ଟେନିସ୍ ଆଦି କ୍ରୀଡାକୁ ସ୍ପୋର୍ଟସ କ୍ଲବ ଦ୍ୱାରା ନିୟନ୍ତ୍ରଣ କରାଯିବ। ଏହି ଷ୍ଟାଡିୟମଗୁଡିକରେ ସମସ୍ତ ଖେଳକୁ ସ୍ପୋର୍ଟସ କ୍ଲବ୍ ନିୟନ୍ତ୍ରଣ କରିବ, ଏଥିପାଇଁ ଜିଲାପାଳ କୌଣସି ପ୍ରବେଶ ଶୁଳ୍କ ଲାଗୁ କରିପାରିବେ ନାହିଁ। ସମସ୍ତ ଷ୍ଟାଡିୟମ୍‌ର ରକ୍ଷଣାବେକ୍ଷଣ, ଇଲେକ୍ଟ୍ରି ଓ ଅନ୍ୟାନ୍ୟ ଖେଳ ଉପଯୋଗିତାକୁ ସ୍ପୋର୍ଟସ କ୍ଲବ୍ ବହନ କରିବ। ଜରୁରୀକାଳୀନ ଖର୍ଚ୍ଚ ପାଇଁ ପ୍ରବେଶ ଶୁଳ୍କ ଅର୍ଥ ଜିଲା କ୍ରୀଡା ଅଧିକାରୀଙ୍କ ଅନୁମତିରେ କରିପାରିବ ବୋଲି ଜିଲାପାଳଙ୍କ ଚିଠିରେ ଉଲ୍ଲେଖ କରାଯାଇଛି। ସୋମବାର ଜିଲାପାଳଙ୍କ ପକ୍ଷରୁ ଜିଲା କ୍ରୀଡ଼ା ଅଧିକାରୀ ଫକୀର ମୋହନ ଟୁଡୁ ସ୍ପୋର୍ଟସ କ୍ଲବ୍ ସମ୍ପାଦକ ଡ. ବଟକୃଷ୍ଣ ମହାପାତ୍ର, ଯୁଗ୍ମସମ୍ପାଦକ ସନ୍ତୋଷ ନନ୍ଦ, କୋଷାଧକ୍ଷ ରବୀନ୍ଦ୍ର ସାହୁ ଓ ସହସମ୍ପାଦକ ରାଜୀବ ମହାନ୍ତିଙ୍କ ଉପସ୍ଥିତିରେ ଦାୟିତ୍ୱ ହସ୍ତାନ୍ତର କରିଛନ୍ତି।

# ଭଙ୍ଗା କୁଡ଼ିଆରେ ଜୀବନ

## ସରକାରୀ ସହାୟତା ସାତସପନ

ଝୁମ୍ପୁରୀ,୧୮।୯(ସରୋଜ ନାୟକ)


ଭଙ୍ଗା କୁଡ଼ିଆରେ ୭୦ ବର୍ଷ ବୟସ୍କା ବୃଦ୍ଧା ବିଜୁଳି ମଲ୍ଲିକ।

ସରକାର ବିଭିନ୍ନ ଯୋଜନା ମାଧ୍ୟମରେ ଗରିବ ଲୋକଙ୍କ ଆର୍ଥିକ ମାନଦଣ୍ଡର ଉନ୍ନତି କରିବା ଲାଗି ଅହରହ ଚେଷ୍ଟା ଚଳାଇଛନ୍ତି। ହେଲେ ବାସ୍ତବରେ ସରକାରଙ୍କ ଦ୍ୱାରା କରାଯାଇଥିବା ଯୋଜନାଗୁଡ଼ିକର ସୁଫଳ ଅନେକ ଗରିବ ଲୋକଙ୍କ ନିକଟରେ ପହଞ୍ଚି ପାରୁ ନ ଥିବା ଦେଖିବାକୁ ମିଳୁଛି। ଏପରି କି ସରକାରୀ ସହାୟତା ସେମାନଙ୍କ ପାଇଁ ସାତସପନ ପାଲଟିଥିବାବେଳେ ଭଙ୍ଗା କୁଡ଼ିଆରେ ଜରି ପାଲତଳେ ବିତୁଛି ଜୀବନ। ଆଉ ଜୀବନର ପରିଣତ ବୟସରେ ଦିନକୁ ୩ ଓଳି ଖାଦ୍ୟ ମଧ ମିଳୁନି। ଏପରି ଘଟଣା ଦଶରଥପୁର ବ୍ଲକ୍ କନିକାପଡ଼ା ପଞ୍ଚାୟତସ୍ଥ ପୋଇ ସାହି ଗ୍ରାମର ୭୦ ବର୍ଷ ବୟସ୍କା ବୃଦ୍ଧା ବିଜୁଳି ମଲ୍ଲିକଙ୍କ କ୍ଷେତ୍ରରେ ଦେଖିବାକୁ ମିଳିଛି। ସ୍ୱାମୀ ସୁରେନ୍ଦ୍ର ମଲ୍ଲିକ ପ୍ରାୟ ୭ ବର୍ଷ ତଳୁ ଆରପାରିକୁ ଚାଲିଯାଇଛନ୍ତି। ନିଜର ଏକ ମାନସିକ ବିକୃତ ପୁଅ ଧୀରେନ୍ଦ୍ର ଏବଂ ବୋହୂ ରୀନାଙ୍କୁ ସାଙ୍ଗରେ ଧରି ଭଙ୍ଗା କୁଡ଼ିଆରେ ତାଙ୍କର ଜୀବନ ବିତୁଛି। ଏହି ପରିଣତ ବୟସରେ ସେ ସବୁଦିନ ବାହାରି ଯାଆନ୍ତି ଭିକ୍ଷାବୃତ୍ତି କରିବାକୁ। ଆଉ ସେଥିରେ ନିଜର ଏହି ସଂସାରକୁ ଚଳାଇଛନ୍ତି। ଘର ଖଣ୍ଡେ ପାଇଁ ସରପଞ୍ଚଙ୍କଠାରୁ ଆରମ୍ଭ କରି ବିଡିଓଙ୍କ ପର୍ଯ୍ୟନ୍ତ ଯାଇଥିଲେ ମଧ ନିରାଶ ହୋଇଛନ୍ତି। ଘର ମିଳି ନ ଥିବାରୁ ଜରିପାଲ ପକାଇ ଜୀବନ ବିତାଉଛନ୍ତି ଏହି ଗରିବ ପରିବାର। ଏଭଳି ପରିବାର ଉପରେ ଆଜିଯାଏ ପ୍ରଶାସନର ନଜର ପଡ଼ିପାରିନାହିଁ। ଏହା ଭିତରେ କେତେଯେ ନିର୍ବାଚନ ଗଲାଣି, ଆଉ ପ୍ରତି ନିର୍ବାଚନରେ ତାଙ୍କୁ ପ୍ରତିଶ୍ରୁତି ମିଳେ ଘର ଖଣ୍ଡିଏ ମିଳିବ ବୋଲି। କିନ୍ତୁ ଆଜି ପର୍ଯ୍ୟନ୍ତ ଘର ଖଣ୍ଡିଏ ପାଇବାକୁ ବିଜୁଳିଙ୍କ ସ୍ୱପ୍ନ, ସ୍ୱପ୍ନରେ ରହିଯାଇଛି। ତେଣୁ ତୁରନ୍ତ ସରପଞ୍ଚ ଓ ବିଡିଓ ଏହି ଗରିବ ପରିବାରକୁ ପ୍ରଧାନମନ୍ତ୍ରୀ ଆବାସ ଯୋଗାଇ ଦେବାକୁ ଗ୍ରାମବାସୀଙ୍କ ପକ୍ଷରୁ ଦାବି କରାଯାଇଛି।

**କୁମ୍ଭକାର, ବୁଣାକାର ସମ୍ମିଳନୀ**

**ମାର୍ଶାଘାଇ,(ଶୁଭେନ୍ଦୁ ପ୍ରସାଦ ଚୌଧୁରୀ):** ମହାକାଳପଡ଼ା ନିର୍ବାଚନ ମଣ୍ଡଳୀ ଭାଜପା ଓବିସି ମୋର୍ଚ୍ଚା ପକ୍ଷରୁ ମାର୍ଶାଘାଇ ବ୍ଲକ ବଟିରା ପଞ୍ଚାୟତର ବରିପଲା ଗ୍ରାମ ସୀତାଳେଶ୍ୱରୀ ମନ୍ଦିରରେ କୁମ୍ଭକାର ଓ ବୁଣାକାର ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ଭାଜପା ମଣ୍ଡଳ ସଭାପତି ରମେଶ ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ସମ୍ମିଳନୀରେ ରାଜ୍ୟ ଭାଜପା ଓବିସି ମୋର୍ଚ୍ଚା ଉପସଭାପତି ଡ. ଦୁର୍ଗାପ୍ରସନ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଧାନମନ୍ତ୍ରୀ ବିଶ୍ୱକର୍ମା ଯୋଜନା ଦ୍ୱାରା କୌଳିକ ବୃତ୍ତିଧାରୀମାନେ ଉପକୃତ ହେବେ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମଣ୍ଡଳ ସଭାପତି ପ୍ରଶାନ୍ତ ସେଠୀ, ଗଙ୍ଗାଧର ସାମଲ, ରାଜେନ୍ଦ୍ର ବେହେରା, ଅଧାର ରାଉତ, ମାନସ ଦାସଙ୍କ ସମେତ ଦଳୀୟ କର୍ମୀ ଓ କୌଳିକ ବୃତ୍ତିଧାରୀ ଲୋକ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ହାଇୱା ଧକ୍କାରେ ଶ୍ରମିକ ମୃତ

**ପାରାଦୀପ,୧୮।୯(ଶରତ ରାଉତ):** ପାରାଦୀପ ଅଠରବାଙ୍କି ନେହେରୁବଙ୍ଗଳା ରାସ୍ତାରେ ସୋମବାର ହାଇୱା ଧକ୍କାରେ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଗଣେଶ ଲେଙ୍କା (୫୦)। ସେ ଜବହାର ଅତିଥି ଭବନରେ ସିକ୍ୟୁରିଟି ଗାର୍ଡ ଭାବେ କାମ କରୁଥିଲେ। ମଧ୍ୟାହ୍ନରେ ସେ ପାରାଦୀପ ବଡ଼ପଡିଆ ଅଭିମୁଖେ ସ୍କୁଟି ଯୋଗେଯାଉଥିଲାବେଳେ ହାଇୱା ବିପରୀତ ଦିଗରୁ ଆସି ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ଗଣେଶଙ୍କ ମୃତ୍ୟୁ ଘଟିଛି। ନିକଟରେ ଆସୁଥିବା ଅନ୍ୟ ୨ ଜଣ ସମ୍ପୃକ୍ତ ଗାଡି ଚାଳକଙ୍କୁ ଗୋଡ଼ାଇ କାବୁ କରିଥିଲେ। ପରେ ଦୁର୍ଘଟଣା ଘଟାଇଥିବା ହାଇୱା ଓ ଚାଳକଙ୍କୁ ମେରାଇନ ପୋଲିସ ଥାନାକୁ ନେଇଛି। ଏ ନେଇ କ୍ଷତିପୂରଣ ଦାବିରେ ସ୍ଥାନୀୟ ଲୋକ ୨ ଘଣ୍ଟା ରାସ୍ତାରୋକୋ କରିଥିଲେ। ପରେ ଡିଏସ୍‌ପି ସନ୍ତୋଷ ଜେନା ପହଞ୍ଚି ଆଲୋଚନା କରି ରାସ୍ତା ଅବରୋଧ ହଟାଇଥିଲେ। ଗଣେଶଙ୍କ ପରିବାରର ଝିଅ ଓ ପୁଅକୁ ଏକ କମ୍ପାନୀରେ ନିଯୁକ୍ତି ଦେବାକୁ ଏହି ସମୟରେ ସହମତି ହୋଇଛି। ଏଥିସହ ପାରାଦୀପ ବନ୍ଦର ପ୍ରଶାସନ ପକ୍ଷରୁ ୫ ଲକ୍ଷ ଟଙ୍କା, ପରିବହନ ସଂସ୍ଥା ଓ ଯେଉଁ କମ୍ପାନୀର ପଣ୍ୟ ଯାଉଥିଲା ଉକ୍ତ କମ୍ପାନୀ ଆର୍ଥିକ ସହାୟତା ଦେବେ ବୋଲି ସହମତି ହୋଇଥିବା ଶ୍ରମିକ ନେତା ବାପି ସର୍ଖେଲ ସୂଚନା ଦେଇଛନ୍ତି।

### ପୂର୍ବତନ ସରପଞ୍ଚଙ୍କ ପରଲୋକ

**ରାଜନଗର, ୧୮।୯ (ଭାସ୍କର ରାଉତରାୟ)** ରାଜନଗର ବ୍ଲକ ଗୁପ୍ତି ପଞ୍ଚାୟତର ପୂର୍ବତନ ସରପଞ୍ଚ ସର୍ବେଶ୍ୱର ସାହୁ(୫୪)ଙ୍କ ସୋମବାର ପରଲୋକ ହୋଇଯାଇଛି। ସେ କିଛିଦିନ ହେଲା ବ୍ରେନ ଟ୍ୟୁମରରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିଲେ। ବନବିହାରୀପୁରସ୍ଥିତ ତାଙ୍କ ବାସଭବନରେ ପରଲୋକ ହୋଇଯାଇଛି। ସେ ୨୦୧୭ରୁ ୨୦୨୨ ଯାଏ ଗୁପ୍ତିର ସରପଞ୍ଚ ଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ବାସଭବନରେ ପଞ୍ଚାୟତବାସୀଙ୍କ ଭିଡ଼ ଜମିଥିଲା। ପୂର୍ବତନ ସରପଞ୍ଚ ଖଗେଶ୍ୱର ଲେଙ୍କା, ସାଗର ପରିଡା, ପ୍ରମୋଦ ଚମ୍ପତିରାୟ, ରମେଶ ଚନ୍ଦ୍ର ମିସ୍ତ୍ରି, ଦେବଦତ୍ତ ସ୍ୱାଇଁ, ସର୍ବେଶ୍ୱର ପ୍ରଧାନ, ସତ୍ୟ ରଞ୍ଜନ ଦାସ ପ୍ରମୁଖ ତାଙ୍କ ଶେଷ ଦର୍ଶନ କରିଛନ୍ତି। ବିଧାୟକ ଧ୍ରୁବ ସାହୁ ଶୋକବ୍ୟକ୍ତ କରିଛନ୍ତି। ଗାଁ ଶ୍ମଶାନରେ ତାଙ୍କର ଶେଷ କୃତ୍ୟ ସମ୍ପନ୍ନ ହୋଇଛି। ତାଙ୍କ ପୁଅ ସତ୍ୟ ରଞ୍ଜନ ମୁଖାଗ୍ନି ଦେଇଛନ୍ତି।

# ୧୦ ହଜାର ହେକ୍ଟର ଚାଷଜମି ଜଳମଗ୍ନ

**ଜଗତ୍‌ସିଂହପୁର, ୧୮।୯ (ପ୍ରମୋଦ କୁମାର ନାୟକ)**

**ତିର୍ତ୍ତୋଲ ବିଧାନସଭା ନିର୍ବାଚନ ମଣ୍ଡଳୀ**
- ହଂସୁଆ ଦେଉଛି ଦୁଃଖ
- ୧ ମାସରେ ସମାଧାନ ନ ହେଲେ ଆନ୍ଦୋଳନ ଚେତାବନୀ
- ୫ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ

ତିର୍ତ୍ତୋଲ ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବିରିଡ଼ି, ରଘୁନାଥପୁର ଓ ତିର୍ତ୍ତୋଲ ବ୍ଲକ ଅଞ୍ଚଳର ଚାଷୀଙ୍କ ପାଇଁ ହଂସୁଆ ନଦୀ ବେଶ୍ ଗୁରୁତ୍ୱପୂର୍ଣ୍ଣ। ଏହି ନଦୀର ଜଳ ଉପରେ ଶହସ୍ରାଧିକ ଚାଷୀ ନିର୍ଭରଶୀଳ। କିନ୍ତୁ ହଂସୁଆ ସୁଖ ଦେବା ପରିବର୍ତ୍ତେ ଚାଷୀଙ୍କୁ ଦୁଃଖ ଦେଉଛି। କାରଣ ଏହି ନଦୀର ଶଯ୍ୟା ଖନନ ନ ହେବାରୁ ଜଳ ନିଷ୍କାସନରେ ବାଧା ସୃଷ୍ଟି କରୁଛି। ଏଥିସହ ଆବଶ୍ୟକ ପୁନରୁଦ୍ଧାର କରାଯାଉ ନ ଥିବାରୁ ତାହା ଚାଷୀଙ୍କ ଜୀବନ ଜୀବିକାକୁ ବିପର୍ଯ୍ୟସ୍ତ କରି ଦେଲାଣି। ରାଜ୍ୟ ସରକାର ଏହାର ପ୍ରତିକାର ପାଇଁ ୧ ମାସ ଭିତରେ ପଦକ୍ଷେପ ନ ନେଲେ ଆନ୍ଦୋଳନ ତୀବ୍ର କରାଯିବ ବୋଲି ସୋମବାର ତିର୍ତ୍ତୋଲ ବିଧାନସଭା ନିର୍ବାଚନ ମଣ୍ଡଳୀ କଂଗ୍ରେସ କମିଟି ତରଫରୁ ଏଭଳି ଚେତାବନୀ ଦିଆଯାଇଛି।

ଜିଲା କଂଗ୍ରେସ ମୁଖପାତ୍ର ଇଂ.ହିମାଂଶୁ ଭୂଷଣ ମଲ୍ଲିକଙ୍କ ନେତୃତ୍ୱରେ ଏକ ଦଳ ଜଗତ୍‌ସିଂହପୁର ଜଳ ସମ୍ପଦ ବିଭାଗ (ଜଳ ସମ୍ପଦ ଓ ଜଳ ନିକାଶ) ଅଧିକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ପହଞ୍ଚି ଏନେଇ ୫ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିଛନ୍ତି। ସେମାନେ କହିଛନ୍ତି, ପ୍ରତିବର୍ଷ ବର୍ଷା ଦିନେ ହଂସୁଆ ନଦୀରେ ପ୍ରାୟ ୫ରୁ ୬ ଥର ବନ୍ୟା ଆସେ। ଏଥିଯୋଗୁ ନଦୀ ଉଭୟ ପାର୍ଶ୍ୱରେ ଥିବା ଚାଷ ଜମିରେ ବନ୍ୟା ଜଳ ମାଡ଼ିଯାଏ । ଏହାଦ୍ୱାରା ପ୍ରତିବର୍ଷ ଶହ ଶହ ଏକର ଚାଷ ଜମି ଜଳମଗ୍ନ ହୋଇଯାଏ। ଏପରି କି ସାମାନ୍ୟ ଲଗାଣ ବର୍ଷାରେ ମଧ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥାଏ। ଚଳିତବର୍ଷ ଲଘୁଚାପଜନିତ ଲଗାଣ ବର୍ଷାରେ ଏହି ୩ ବ୍ଲକର ପାଖାପାଖି ୧୦ ହଜାର ହେକ୍ଟର ଚାଷ ଜମିରେ ରୂଆ ଯାଇଥିବା ଧାନ ଫସଲ ଉପରେ ୩ ଫୁଟ ଉଚ୍ଚତାର ବନ୍ୟାଜଳ ପ୍ରବାହିତ ହେଉଛି। ଶଯ୍ୟା ଖୋଳା ନ ଯିବା ଓ ନଦୀ ଉପରେ ତିଆରି କରାଯାଇଥିବା ପୋଲଗୁଡ଼ିକର ସ୍ତମ୍ଭରେ ଦଳ ଓ ଅଳିଆ ଲାଗିଯିବାରୁ ଜଳ ପ୍ରବାହରେ ବାଧା ଉପୁଜିଛି। ଏ ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଯିବା ପରେ ମଧ କୌଣସି ପଦକ୍ଷେପ ନିଆଗଲା ନାହିଁ। ଫଳରେ ଚାଷୀଙ୍କ ଧାନ ଚାଷଠାରୁ ଆରମ୍ଭ କରି ଫୁଲ ଚାଷ ପର୍ଯ୍ୟନ୍ତ ସବୁ ଗୁରୁତର ଭାବେ ପ୍ରଭାବିତ ହୋଇଛି। ଏନେଇ ସେମାନେ ମୁଣ୍ଡରେ ହାତଦେଇ ବସିଛନ୍ତି । ସରକାର ଏହି ପ୍ରସଙ୍ଗର ଗମ୍ଭୀରତା ହୃଦୟଙ୍ଗମ କରି ଆବଶ୍ୟକ ପଦକ୍ଷେପସ୍ୱରୂପ ନଦୀର ପୁନରୁଦ୍ଧାର, ଶଯ୍ୟା ଖନନ, ଜଳ ନିଷ୍କାସନ, ନଦୀ ବନ୍ଧର ସୁଦୃଢ଼ୀକରଣ ସମେତ ବନ୍ୟା ଜଳ ମାଡି ଯାଇ କ୍ଷତି ସହିଥିବା ଚାଷୀଙ୍କୁ କ୍ଷତି ପୂରଣ ଦେବା ଓ ହଂସୁଆ ସଫେଇ କରିବା ପାଇଁ ଦାବି ହୋଇଛି । ଏହି ଦାବିପତ୍ରର ନକଲ ମୁଖ୍ୟମନ୍ତ୍ରୀ, ୫-ଟି ସଚିବ, ଜଳ ସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ, ବିକାଶ କମିଶନର ତଥା ଅତିରିକ୍ତ ମୁଖ୍ୟ ସଚିବ, ମହାନଦୀ ପ୍ରକଳ୍ପର ସ୍ୱତନ୍ତ୍ର ସଚିବ, ଜଳ ସମ୍ପଦ ବଭାଗ ପ୍ରମୁଖ ଯନ୍ତ୍ରୀ ଓ ଜଗତ୍‌ସିଂହପୁର ଜିଲାପାଳଙ୍କ ଅବଗତି ନିମନ୍ତେ ପଠାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ଜିଲା କଂଗ୍ରେସ ସଭାପତି ନଟବର ବାରିକ, ତିର୍ତ୍ତୋଲ ବ୍ଲକ କଂଗ୍ରେସ ସଭାପତି ନିହାର ରଞ୍ଜନ ନାୟକ, ରଘୁନାଥପୁର ବ୍ଲକ କଂଗ୍ରେସ ଉପସଭାପତି ଆର୍ତ୍ତତ୍ରାଣ ପଣ୍ଡା, ମନମୋହନ ଗୋଚ୍ଛାୟତ, ଜିଲା କଂଗ୍ରେସ ସମ୍ପାଦକ ମନୋରଞ୍ଜନ ଜେନା, ନାରାୟଣ ନାୟକ, ବଂଶୀଧର ପାତ୍ର, ଚୌଧୁରୀ ବିମଳାକାନ୍ତ ଦାସ, ହେମନ୍ତ କୁମାର ବେହେରା, ଅନିରୁଦ୍ଧ ନାୟକ, ଅଭୟ କୁମାର ସ୍ୱାଇଁ, ପ୍ରଦୀପ୍ତ କୁମାର ରାଉତ, ବିଶ୍ୱଜିତ ମହାନ୍ତି, ଲୋକନାଥ ସ୍ୱାଇଁ, ବିକ୍ରମ କିଶୋର ଦାଶ, ସୁଶାନ୍ତ କୁମାର ବାରିକ, ସୁଧାଂଶୁ ବିଶ୍ୱାଳ, ବ୍ଲକ ଯୁବ କଂଗ୍ରେସ ସଭାପତି ମୁକ୍ତାର ଅଲ୍ଲୀ, ସୁରେନ୍ଦ୍ର ବିଶ୍ୱାଳ, କିଶୋର ପଟ୍ଟନାୟକ ଓ ପରିକ୍ଷିତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।


କଂଗ୍ରେସ ନେତା ଇଂ. ହିମାଂଶୁ ଭୂଷଣ ମଲ୍ଲିକଙ୍କ ନେତୃତ୍ୱରେ ଜଳ ସମ୍ପଦ ଅଧୀକ୍ଷଣ ଯନ୍ତ୍ରୀଙ୍କୁ ଦାବିପତ୍ର ଦିଆଯାଉଛି।

# କୁରୁଜଙ୍ଗା ପଞ୍ଚାୟତରେ ପଲ୍ଲୀରେ ପ୍ରଶାସନ

**ଡେରାବିଶ, ୧୮।୯(ବେବର୍ତ୍ତା ଅଜୟ ଦାସ)** କେନ୍ଦ୍ରାପଡ଼ା ଜିଲା ଅନ୍ତର୍ଗତ ଡେରାବିଶ ବ୍ଲକ କୁରୁଜଙ୍ଗା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସୋମବାର ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହାକୁ ପଞ୍ଚାୟତ ସମିତି ଅଧକ୍ଷା ପ୍ରଭାତୀ ମଲିକ ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମରେ ସରପଞ୍ଚ ମାନସୀ ସାମଲ, ସମିତିସଭ୍ୟ କୃଷ୍ଣଚନ୍ଦ୍ର ସାହୁ, ନାଏବ ସରପଞ୍ଚ ଗଙ୍ଗାଧର ପୃଷ୍ଟି ଉପସ୍ଥିତ ରହିଥିଲେ। ଏହି କାର୍ଯ୍ୟକ୍ରମରେ ଏବିଡିଓ ଭଞ୍ଜକିଶୋର ନାୟକ ଉପସ୍ଥିତ ରହି ପଞ୍ଚାୟତ ଅଧୀନ ବିଭିନ୍ନ ଗ୍ରାମରୁ ଆସିଥିବା ଅଭିଯୋଗର ଶୁଣାଣି କରିଥିଲେ। ଏହି ଅଭିଯୋଗ ମଧ୍ୟରେ ଆଧାର ପଞ୍ଜୀକରଣ, ଅଣସଙ୍ଗଠିତ କ୍ଷେତ୍ର ଶ୍ରମିକ ପଞ୍ଜୀକରଣ, ମାଗଣା ମୃତ୍ତିକା ପରୀକ୍ଷା ଓ ପରାମର୍ଶ, ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀମାନଙ୍କ ବୀମା, ଋଣ ଯୋଜନା ପ୍ରଭୃତି, ପଟ୍ଟା ବଣ୍ଟନ, ଇ-ପାଉତି, ଛାତ୍ରୀଛାତ୍ରମାନଙ୍କ ଜାତିଗତ ପ୍ରମାଣପତ୍ର ଆବେଦନ, ନିର୍ମାଣ ଶ୍ରମିକ ପଞ୍ଜୀକରଣ ଓ ନବୀକରଣ, ବଳରାମ ଯୋଜନାରେ ଆବେଦନ, ମାଛଚାଷ ନିମନ୍ତେ ପାଣି ପରୀକ୍ଷା ଓ ପରାମର୍ଶ ସହ ସରକାରଙ୍କର ମୋ ଘର ଯୋଜନାରେ ସାମିଲ ହେବା ପାଇଁ ଅଧିକାଂଶ ଦରଖାସ୍ତ ରହିଥିଲା। ସେହିପରି ବାସଗୃହ ଯୋଜନା ଏବଂ ରାଶନ କାର୍ଡ ତଥା ଭତ୍ତାରୁ ବଞ୍ଚିତ ଥିବା ହିତାଧିକାରୀ ସେମାନଙ୍କ ଅଭିଯୋଗ ପ୍ରଦାନ କରିଥିଲେ। ମୋ ଓଡ଼ିଶା ନବୀନ ଓଡ଼ିଶା ଯୋଜନାରେ ବିଭିନ୍ନ ଗ୍ରାମରେ କାର୍ଯ୍ୟକାରୀ ହେବାକୁ ଥିବା ବିଭିନ୍ନ ମଠ ମନ୍ଦିରର ଉନ୍ନତୀକରଣ ପାଇଁ ଦରଖାସ୍ତମାନ ଆସିଥିଲା। ଏହି ଅଭିଯୋଗଗୁଡ଼ିକ ମଧ୍ୟରୁ କେତେଗୋଟି ତ୍ୱରିତ ସମାଧାନ କରାଯିବା ସହ ଅନ୍ୟ ଅଭିଯୋଗଗୁଡ଼ିକ ବିଭାଗୀୟ ଅଧିକାରୀଙ୍କ ନିକଟକୁ ଏବିଡିଓ ନାୟକ ପଠାଇଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକ ଶିକ୍ଷାଧିକାରୀ ଶ୍ରୀକାନ୍ତ ବେହେରା, ଅତିରିକ୍ତ କାର୍ଯ୍ୟକ୍ରମ ଅଧିକାରୀ ସାବିତ୍ରୀ ମନ୍ତ୍ରୀ, ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ଯନ୍ତ୍ରୀ ବିଭୁତ ଦାସ, ମତ୍ସ୍ୟ ଅଧିକାରୀ ରଶ୍ମିରଞ୍ଜନ ଦାସ, ଉଦ୍ୟାନ କୃଷି ବିଭାଗର ଅଧିକାରୀ କେଦାର ବାରିକ, ସହକାରୀ ସାମାଜିକ ସୁରକ୍ଷା ଅଧିକାରୀ ଚୌଧୁରୀ ଦୀପକ କୁମାର, ତାପସ ଜେନା, ସତ୍ୟବ୍ରତ ରାଉତଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ରହି ସେମାନଙ୍କ ବିଭାଗର ଅଭିଯୋଗମାନ ଗ୍ରହଣ କରିଥଲେ। ଶିବିରରେ ୧୦ରୁ ଊର୍ଦ୍ଧ୍ୱ ବିଭିନ୍ନ ବିଭାଗର ଷ୍ଟଲ ଖୋଲାଯାଇଥିଲା। ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଡା. ଧର୍ମେନ୍ଦ୍ର କୁମାର ସିଂଙ୍କ ତତ୍ତ୍ୱାବଧାରେ ଖୋଲାଯାଇଥିବା ସ୍ୱାସ୍ଥ୍ୟ ଶିବିରରେ ଉପସ୍ଥିତ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ସତ୍ୟରଞ୍ଜନ ସାମଲ, କାଳନ୍ଦୀ ବେହେରା, ହିମାଂଶୁ ସାହୁ, ନବଘନ ସେଠୀ ଓ ସୁରେଶ ଦାସ ପ୍ରମୁଖ ପରିଚାଳନା କରିଥିଲେ।


ପ୍ରଶାସନିକ ଅଧିକାରୀ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି।

# ଷ୍ଟାର୍ଟଅପ୍ ଯାତ୍ରାରେ ଭାଗ ନେଲେ ୮୯ ଶିକ୍ଷାର୍ଥୀ



**କେନ୍ଦ୍ରାପଡ଼ା, ୧୮।୯ (ଜଗନ୍ନାଥ ଧଳ) :** ରାଜ୍ୟ ସରକାରଙ୍କ ଷ୍ଟାର୍ଟଅପ ଯାତ୍ରା ଓ ଏକ୍ସପ୍ରେସ ସୋମବାର କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟରେ ପହଞ୍ଚିଛି। ଏଥିରେ ମୋଟ ୮୯ ଶିକ୍ଷାର୍ଥୀ ଭାଗ ନେଇଛନ୍ତି। ଏଥିସହ ଏହି ଶିକ୍ଷାର୍ଥୀଙ୍କ ମଧ୍ୟରୁ ୧୧ଟି ନୂତନ ଚିନ୍ତାଧାରା ସଂଗ୍ରହ ହୋଇଛି। ଏ ସମ୍ପର୍କରେ ପ୍ରାଧ୍ୟାପକ ରଣଜିତ ଦାସ କହିଛନ୍ତି, ଶିକ୍ଷାର୍ଥୀଙ୍କ ପ୍ରତିଭା ଚିହ୍ନଟ ଓ ସେମାନଙ୍କ ତୃଣମୂଳସ୍ତରରୁ ଦେଶର ସୁରକ୍ଷା ପର୍ଯ୍ୟନ୍ତ ଉନ୍ନତ ଚିନ୍ତାଧାରାକକୁ ପ୍ରୋତ୍ସାହିତ କରିବା ପାଇଁ ରାଜ୍ୟ ସରକାରଙ୍କ ଏହି ଯୋଜନା କାର୍ଯ୍ୟକାରୀ ହେଉଛି। ଶିକ୍ଷାର୍ଥୀ ଜୀବନର ସ୍ୱଳ୍ପ ବୟସରେ ବିଭିନ୍ନ ପ୍ରକଳ୍ପ ଦ୍ୱାରା ଦେଶର ଜନହିତକର ଚିନ୍ତାଧାରା ମିଳିପାରୁଛି। ସାମାଜିକ ଓ ଅର୍ଥନୈତିକ ସହ ସୁରକ୍ଷା ପାଇଁ ପ୍ରକଳ୍ପକୁ ପ୍ରୋତ୍ସାହିତ କରାଗଲେ ଏହି ଦେଶ ସମୃଦ୍ଧ ହେବ। ଏହି ଦୃଷ୍ଟିରୁ ୨୦୨୩ରୁ ୨୦୨୫ ପର୍ଯ୍ୟନ୍ତ ୫ ହଜାରରୁ ଊର୍ଦ୍ଧ୍ୱ ଷ୍ଟାର୍ଟ ଅପ ଚିନ୍ତାଧାରା ପାଇଁ ରାଜ୍ୟ ସରକାର ଏହାକୁ ପ୍ରୋତ୍ସାହିତ କରିଥିବା ପ୍ରାଧ୍ୟାପକ ଦାସ କହିଛନ୍ତି।

# ରାଜ୍ୟସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତା


ଗୀତା ଆବୃତ୍ତି ପ୍ରତିଯୋଗିତାରେ ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀ।

**ବାଲିକୁଦା,୧୮।୯(ତାପସ ସ୍ୱାଇଁ)**

କ୍ରିୟାଯୋଗୀ ପରମହଂସ ପ୍ରଜ୍ଞାନାନନ୍ଦ ମହାରାଜଙ୍କ ମାର୍ଗଦର୍ଶନରେ ଓଡ଼ିଶାର ସମସ୍ତ ବ୍ଲକରେ ଗୀତା ଆବୃତ୍ତି ପ୍ରତିଯୋଗିତା ଚାଲୁରହିଛି। ଏହି କ୍ରମରେ ରବିବାର ଜଗତ୍‌ସିଂହପୁର ଜିଲା ବାଲିକୁଦା ବ୍ଲକର ଓଷକଣା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଜିଲା ସଂଯୋଜକ ସତ୍ୟବ୍ରତ ବିଶାଳ ଓ ବ୍ଲକ ସଂଯୋଜକ ସରୋଜ କୁମାର ସ୍ୱାଇଁ ଦ୍ୱାରା ଏହି ଗୀତା ଆବୃତ୍ତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ୮ଟି ବିଦ୍ୟାଳୟରୁ ୪୨ଜଣ ଛାତ୍ରୀଛାତ୍ରୀ ଏଥିରେ ଅଂଶଗ୍ରହଣ କରିଥିଲେ । ଏଥିରେ ମୁଖ୍ୟ ଅତିଥିଭାବେ ଅଧ୍ୟାପକ ପ୍ରଦୀପ୍ତ କୁମାର ଶତପଥୀ, ସମ୍ମାନିତ ଅତିଥିଭାବେ ନବ ନିର୍ମାଣ କୃଷକ ସଙ୍ଗଠନ ଜିଲା ସଂଯୋଜକ ଦୁର୍ଗାଚରଣ ସ୍ୱାଇଁ, ଅବସରପ୍ରାପ୍ତ ଶିକ୍ଷକ ପ୍ରେମାନନ୍ଦ ପରିଡ଼ା, ସାମାଜିକ କର୍ମୀ ସୁବାସ ଚନ୍ଦ୍ର ନାୟକ, ଶିକ୍ଷକ ସୁନିଲ କୁମାର ସେଠୀ ଏବଂ ବିଚାରକଭାବେ ଶିକ୍ଷକ ତପନ କୁମାର ନାୟକ, ଶିକ୍ଷକ କାର୍ତ୍ତିକ ଚନ୍ଦ୍ର ମୁଦୁଲି, କବି ରମେଶଚନ୍ଦ୍ର ବହିରା, ଶିକ୍ଷକ କୈବଲ୍ୟ ବିଶାଳ, ସଂଯୋଜକ ପ୍ରଶାନ୍ତ ମହାନ୍ତି, ସଭ୍ୟ ଯଶୋବନ୍ତ ମହାରଣା ଓ ଯୁବ ସାମାଜିକ କର୍ମୀ ରୁଦ୍ରନାରାୟଣ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। କ, ଖ, ଗ ଓ ଘ ଆଦି ୪ ପର୍ଯ୍ୟାୟରେ ଗୀତା ଆବୃତ୍ତି କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ୧୪ ଜଣ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରାଯାଇଛି। ଏଥିସହ ଅକ୍ଟୋବର ୮ରେ ହେବାକୁଥିବା ଜିଲାସ୍ତରୀୟ ପ୍ରତିଯୋଗିତାରେ ଭାଗନେବାକୁ ସେମାନଙ୍କୁ ସୂଚନା ଦିଆଯାଇଛି। ଶିକ୍ଷକ ସୁଶାନ୍ତ ଦାସ ଧନ୍ୟବାଦ ଦେଇଥିଲେ। ବିଦ୍ୟାଳୟର ସମସ୍ତ ଗୁରୁଜୀ, ଗୁରୁମା ଓ ସେବିକାମାନେ ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ୬୦ଅଭିଯୋଗରୁ ୪ ସାମୂହିକ, ୫୬ ବ୍ୟକ୍ତିଗତ

## ଗରଦପୁରରେ ମିଳିତ ଅଭିଯୋଗ ଶୁଣାଣି ଶିବିର

**ପାଟକୁରା,୧୮।୯(ରବୀନ୍ଦ୍ରନାଥ ବାରିକ)**

ଗରଦପୁର ବ୍ଲକ ସଭାଗୃହରେ ସୋମବାର କେନ୍ଦ୍ରାପଡ଼ା ଜିଲାପାଳ ଅମୃତ ଋତୁରାଜ ଓ ଏସ୍‌ପି ମଡକର ସନ୍ଦୀପ ସମ୍ପଦ ଏକ ମିଳିତ ଅଭିଯୋଗ ଶୁଣାଣି ଶିବିରରେ ଉପସ୍ଥିତ ରହି ୬୦ଟି ଅଭିଯୋଗର ଶୁଣାଣି କରିଥିଲେ। ଅଭିଯୋଗ ଉପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ବିଭିନ୍ନ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ସେଥିମଧ୍ୟରୁ ୪ଟି ଅଭିଯୋଗ ସାମୂହିକ ହୋଇଥିବା ବେଳେ ୫୬ଟି ବ୍ୟକ୍ତିଗତ ଥିଲା। ବଙ୍ଗାଳପୁର ପଞ୍ଚାୟତର ହୁରାସାହିକୁ ନୂତନ ରାଜସ୍ୱ ଗ୍ରାମର ମାନ୍ୟତା ମିଳିଥିବାରୁ ଜିଲାପାଳ ୨୫ଜଣଙ୍କୁ ନୂତନ ପଟ୍ଟା ବଣ୍ଟନ କରିଥିଲେ। ପ୍ରକଳ୍ପ ନିର୍ଦ୍ଦେଶକ ରାଜେନ୍ଦ୍ର କୁମାର ପଣ୍ଡା, ଉପଜିଲାପାଳ ନିରଞ୍ଜନ ବେହେରା, ସହକାରୀ ଜିଲା ଚିକିତ୍ସା ଅଧିକାରୀ ଡା. ମିର୍ଜା ବାବର ବେଗ, ତହସିଲଦାର ମହେଶ୍ୱର ବେହେରା, ବିଡିଓ ଧର୍ମରଞ୍ଜନ ପଣ୍ଡା, ସହକାରୀ ଜିଲାପାଳ ଜୟନ୍ତ କୁମାର ରାଉତରାୟ, ବ୍ଲକ ଚେୟାରମ୍ୟାନ ଅଭୟ କୁମାର ମହାରାଜ ପ୍ରମୁଖ ଉପସ୍ଥିତ ରହି ଜିଲାପାଳଙ୍କୁ ଅଭିଯୋଗ ଶୁଣାଣିରେ ସହାୟତା କରିଥିଲେ। ଜିଲାପାଳ ୨ ଜଣ ଶାରୀରିକ ଅକ୍ଷମଙ୍କୁ ୩ ଚକିଆ ଗାଡ଼ି ପ୍ରଦାନ କରିଥିଲେ। ଗରଦପୁର ବଳଦେବଜୀଉ ଗୁଣ୍ଡିଚା ମନ୍ଦିର କାର୍ଯ୍ୟ ଅଧାପନ୍ତରିଆ ହୋଇପଡ଼ିଥିବାରୁ ନବାବ ପଣ୍ଡା ଅଭିଯୋଗ କରିଥିଲେ। ଅକ୍ଟୋବର ୧ କୁ ବରିଷ୍ଠ ନାଗରିକ ଦିବସ ଭାବେ ବ୍ଲକରେ ପାଳନ କରିବା ପାଇଁ ନାଗରିକ ମଞ୍ଚର ସଭାପତି ଦ୍ୱାରିକାନାଥ ସେନାପତି ଦାବି କରିଥିଲେ। ତେନ୍ତୁଳ ଗ୍ରାମର ଶୁକଦେବ ମହାପାତ୍ର ଆବାସ ଯୋଜନାରେ ଘର ପାଇଁ ଆବେଦନ କରିଥିଲେ। ଭଦଳ ଗାଁର ମନୋରଞ୍ଜନ ଦାସଙ୍କ ଘରକୁ ଥିବା ରାସ୍ତା ଅବରୋଧ ହୋଇଥିବା ସେ ଅଭିଯୋଗ କରିଥିଲେ। ବନ୍ଧସାହିର ରମେଶ ଚନ୍ଦ୍ର ଜେନାଙ୍କର ନିଜସ୍ୱ ଜାଗା ନ ଥିବାରୁ ସେ ଆବାସ ଯୋଜନା ଘର କରି ପାରୁନାହାନ୍ତି। ବନ୍ତଳା ସୁରେନ୍ଦ୍ର ନାୟକ ୮ ମାସ ହେବ କଳାକାର ଭତ୍ତା ପାଇ ନ ଥିବା ଅଭିଯୋଗ କରିଥିଲେ। ପୁରସ୍ତମପୁର ଗାଁର ଶଶିକାନ୍ତ ମହାନ୍ତିଙ୍କ ଜମିରେ ମେଗା ପାନୀୟ ଜଳ ପାଇପ୍ ଯାଇଥିବାରୁ ତାଙ୍କର ଚାଷ କାର୍ଯ୍ୟରେ ଅସୁବିଧା ହେଉଛି ବୋଲି ଅଭିଯୋଗ କରିଥିଲେ। ବଙ୍ଗାଳପୁର ପଞ୍ଚାୟତରେ ଏକ ଆର୍‌ଆଇ ଅଫିସ ଖୋଲିବା ପାଇଁ ସରପଞ୍ଚ ଅମିୟ କୁମାର ଜେନା ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ହରିପୁର ଗାଁ ମାର୍କେଟ କମ୍ପ୍ଲେକ୍ସ ମଧ୍ୟରେ ଜଣେ ଅନଧିକାର ଭାବେ କଂକ୍ରିଟ୍ ରାସ୍ତା କରିଥିବାରୁ କମ୍ପ୍ଲେକ୍ସ ଆଗରେ ପାଣି ଜମି ରହୁଛି। ତାହାକୁ ଭାଙ୍ଗିବା ପାଇଁ ଅମଳେନ୍ଦୁ ସ୍ୱାଇଁ ଓ ସନ୍ତୋଷ ମହାଳି ଅଭିଯୋଗ କରିଥିଲେ। ଜିଲାପାଳ ବ୍ଲକର ତୃତୀୟ ମହଲାରେ ନିର୍ମିତ ନୂତନ ଗୃହ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ମତ୍ସ୍ୟ ଅଧିକାରୀ ଶଶାଙ୍କ ଶେଖର ସାହୁ, ପାନୀୟ ଜଳ ନିର୍ବାହୀ ଯନ୍ତ୍ରୀ ବସନ୍ତ ନାୟକ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାତ ଚନ୍ଦ୍ର ଦାସ, ସାମାଜିକ ଶିକ୍ଷା ଅଧିକାରୀ ଖଗେଶ୍ୱର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।


ଶିବିରରେ ଜିଲାପାଳ ଅମୃତ ଋତୁରାଜଙ୍କ ସହ ଅନ୍ୟମାନେ।




ପାରାଦୀପ ବିଶ୍ୱକର୍ମା ପୂଜା ଅବସରରେ ବିଭିନ୍ନ ମଣ୍ଡପରେ ଲୋକଙ୍କ ଗହଳି।

# ବିଷକ୍ରିୟାରୁ ନାବାଳିକାଙ୍କ ମୃତ୍ୟୁ

ହିଞ୍ଜିଳିକାଟୁ, ୧୮।୯ (ଦ୍ୱିତୀକୃଷ୍ଣ ପଣ୍ଡା)

ହିଞ୍ଜିଳି ଥାନା ବାଦିଆମ୍ବଗାଁର ଜଣେ ନାବାଳିକାଙ୍କ ସୋମବାର ବିଷକ୍ରିୟାରୁ ମୃତ୍ୟୁ ଘଟିଛି। ଅପରାହ୍ନରେ ନାବାଳିକା ଜଣଙ୍କ ଘରେ ମହଜୁଦ ଥିବା କୀଟନାଶକ ଔଷଧ ସେବନ କରି ଯନ୍ତ୍ରଣାରେ ଚିତ୍କାର କରିଥିଲେ। ପରିବାର ଲୋକ ତାଙ୍କୁ ଚିକିତ୍ସା ପାଇଁ ହିଞ୍ଜିଳିକାଟୁ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ନାବାଳିକାଙ୍କୁ ମୃତ ଘୋଷଣା କରିଥିଲେ। ଘଟଣା ନେଇ ନାବାଳିକାଙ୍କ ବାପା ଭୀମ ନାୟକ ହିଞ୍ଜିଳି ଥାନାରେ ଜଣାଇଥିଲେ। ପୋଲିସ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ ଡାକ୍ତରଖାନାକୁ ପଠାଇ ଘଟଣାର ତଦନ୍ତ ଚଳାଇଛି। ଏ ନେଇ ନଂ. ୨୧/୨୩ରେ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

# ଫେକ୍ ଭୋଟରଙ୍କୁ ହଟାଇବା ଦାବି

ନୟାଗଡ଼, ୧୮।୯ (ଲୋକନାଥ ମିଶ୍ର)

- ଜିଲାପାଳଙ୍କୁ ଫେରାଦ୍ ହେଲେ ଭୋଟର
- ନୟାଗଡ଼ ନିର୍ବାଚନ ମଣ୍ଡଳୀରେ ଅଛନ୍ତି ୨୦ ହଜାର

ନୟାଗଡ଼ ନିର୍ବାଚନ ମଣ୍ଡଳୀର ଭୋଟର ତାଲିକାରେ ସ୍ଥାନିତ ହୋଇଥିବା ୨୦ ହଜାର ଫେକ ଭୋଟରଙ୍କୁ ହଟାଇବା ପାଇଁ ନୟାଗଡ଼ର କେତେଜଣ ଭୋଟର ସୌମ୍ୟ ରଞ୍ଜନ ପ୍ରଧାନଙ୍କ ନେତୃତ୍ୱରେ ଜିଲାପାଳଙ୍କୁ ଭେଟି ସୋମବାର ଫେରାଦ୍ ହୋଇଛନ୍ତି। ଅନ୍ୟପକ୍ଷେ ମୁଖ୍ୟ ନିର୍ବାଚନ କମିଶନ ଓ ରାଜ୍ୟ ନିର୍ବାଚନ କମିଶନଙ୍କୁ ମଧ୍ୟ ଅନୁରୂପ ଭାବେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁସାରେ, କେତେଜଣ ଭୋଟରଙ୍କ ନାଁ ନୟାଗଡ଼ ବ୍ଲକର ବିଭିନ୍ନ ଗାଁରେ ଓ ନୟାଗଡ଼ ମ୍ୟୁନିସିପାଲିଟିରେ ରହିଛି। ଏହି ଭୋଟରମାନେ ପଞ୍ଚାୟତ ଓ ପୌର ନିର୍ବାଚନରେ ଭୋଟ ଦେଇ ପାରୁଛନ୍ତି। ତେବେ ସେମାନଙ୍କ ନାଁକୁ ପ୍ରଶାସନ ହଟାଉ ନାହିଁ।


ଭୋଟରମାନେ ଜିଲାପାଳଙ୍କୁ ଦାବି ପତ୍ର ଦେବାକୁ ଯାଉଛନ୍ତି।

ଉଦାହରଣରେ ଗଦାଧରପ୍ରସାଦ ପଞ୍ଚାୟତର ପୂର୍ବତନ ସରପଞ୍ଚ ପ୍ରାର୍ଥୀ ସ୍ୱୟଂପ୍ରଭା ରଥଙ୍କୁ ନଜିର ଭାବେ ଦିଆଯାଇଛି। ସ୍ୱୟଂପ୍ରଭା ୨୦୦୭ ଓ ୨୦୧୭ରେ ସରପଞ୍ଚ ପାଇଁ ଗଦାଧରପ୍ରସାଦ ପଞ୍ଚାୟତ ପାଇଁ ପ୍ରାର୍ଥୀ ହୋଇଥିଲେ। ତେବେ ସେହି ସ୍ୱୟଂପ୍ରଭା ରଥ ଟାଇଟେଲକୁ କାଟି ମିଶ୍ର କରି ନୟାଗଡ଼ ମ୍ୟୁନିସିପାଲିଟିରେ ୩ ନଂ. କାଉନସିଲର ଭାବେ ବିଜୟୀ ହୋଇଛନ୍ତି। ଜଣେ ମହିଳା କିପରି ଗ୍ରାମାଞ୍ଚଳରେ ଓ ସହରାଞ୍ଚଳରେ ଭୋଟ ଦେଉଛନ୍ତି, ନିର୍ବାଚନରେ ଲଢ଼ି ପାରୁଛନ୍ତି ସେନେଇ ପ୍ରଶ୍ନ ଉଠାଇଛନ୍ତି। ଭୋଟର ହେବା ପାଇଁ ଅନିୟମିତତାର କିଛି ପ୍ରମାଣ ପତ୍ର ସ୍ୱରୂପ ଆଧାର କାର୍ଡ, ଭୋଟର ପରିଚୟ ପତ୍ରର ନକଲ ବି ଦିଆଯାଇ ପଦକ୍ଷେପ ନେବାକୁ ଅନୁରୋଧ କରାଯାଇଛି। ଆଗକୁ ୨୦୨୪ ନିର୍ବାଚନ ଆସୁଥିବାରୁ ମୃତକ, ବିବାହିତ, ବାହାରେ ରହୁଥିବା ଲୋକଙ୍କ ନାମରେ ଯେପରି ଭୋଟ ଦିଆ ନ ହୁଏ ସେଥିପ୍ରତି ପଦକ୍ଷେପ ନେବାକୁ କୁହାଯାଇଛି।

# ଛାତ୍ର ସଂସଦ ନିର୍ବାଚନ ପାଇଁ ଛାତ୍ର କଂଗ୍ରେସର ଦାବି

ନୟାଗଡ଼/ଓଡ଼ଗାଁ, ୧୮।୯ (ଲୋକନାଥ ମିଶ୍ର/ଆଦର୍ଶ ପଟନାୟକ)

- ନବୀନ, ଅତନୁ, ଅରୁଣଙ୍କ କୁଶ ପୁତ୍ତଳିକା ଦାହ
- ଭଣ୍ଡୁର ହେଲା ବିସିଜେଡିର ବିକ୍ଷୋଭ କାର୍ଯ୍ୟକ୍ରମକୁ ବିରୋଧ

କଲେଜ କ୍ୟାମ୍ପସ୍‌ରେ ଦୀର୍ଘ ୬ ବର୍ଷ ଧରି ଛାତ୍ର ସଂସଦ ନିର୍ବାଚନକୁ ସରକାର ବନ୍ଦ ରଖିବା ପରେ ଓଡ଼ଗାଁରେ ପ୍ରତିବାଦ ଉଠିଛି। ଓଡ଼ଗାଁ କଲେଜରେ ଆବଶ୍ୟକ ଅଧ୍ୟାପିକାଅଧ୍ୟାପକ ନ ଥିବା, ବିଭିନ୍ନ ଅଶ୍ଳୀଳ ଭିଡିଓ ଭାଇରାଲ ହେବା, ଅଣଛାତ୍ରଙ୍କ କ୍ୟାମ୍ପସରେ ବିଶୃଙ୍ଖଳା, ଶାସକ ଦଳର କର୍ମୀ ଓ ନେତାଙ୍କ କ୍ୟାମ୍ପସ ଆଡାସ୍ଥଳୀ ଯୋଗୁ ପାଠପଢ଼ା ଠପ ହୋଇ ଯାଇଛି। ଏହାର ପ୍ରତିବାଦରେ ସୋମବାର ଓଡ଼ଗାଁ ଛାତ୍ର କଂଗ୍ରେସ ପକ୍ଷରୁ ଓଡ଼ଗାଁ କଲେଜ ସମ୍ମୁଖରେ ବିଧାୟକ ଅରୁଣ ସାହୁ, ବର୍ତ୍ତମାନର ଉଚ୍ଚଶିକ୍ଷା ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କୁଶ ପୁତ୍ତଳିକା ଦାହ କରାଯାଇଛି। ଆଗକୁ ଛାତ୍ର ସଂସଦ ନିର୍ବାଚନ ନ କଲେ ବିରୋଧ ତୀବ୍ରତର ହେବ ବୋଲି ଚେତାବନୀ ଦିଆଯାଇଛି। ତେବେ ସୋମବାରର ଏହି ବିକ୍ଷୋଭ କାର୍ଯ୍ୟକ୍ରମ ବେଳେ କଲେଜର ବିଜୁ ଛାତ୍ର ଜନତା ଦଳର କେତେଜଣ ଛାତ୍ର ଆସି ଉକ୍ତ ବିକ୍ଷୋଭ କାର୍ଯ୍ୟକ୍ରମକୁ ବିରୋଧ କରିଥିଲେ। କଲେଜରେ ବିକ୍ଷୋଭ ନ କରିବା ପାଇଁ ଧମକ ଦେଇଥିଲେ। ଏମିତିକି ପୋଲିସ ପାଖକୁ ଯାଇ ଗାଡିକୁ ଘେରି ବିକ୍ଷୋଭ ବନ୍ଦ ପାଇଁ ଚେତାବନୀ ଦେଇଥିଲେ। ତଥାପି ଏସବୁ ଭିତରେ କୁଶ ପୁତ୍ତଳିକା ଦାହ ଓ ଆନ୍ଦୋଳନ ଛାତ୍ର କଂଗ୍ରେସ ପକ୍ଷରୁ କରାଯାଇଥିଲା।

# ଖଣ୍ଡପଡା ଏନ୍‌ଏସି କାର୍ଯ୍ୟାଳୟରେ ଅଚଳାବସ୍ଥା

ଖଣ୍ଡପଡ଼ା, ୧୮।୯ (ଅଜୟ କୁମାର ମହାରଣା)

**ସ୍ଥାୟୀ କାର୍ଯ୍ୟ ନିର୍ବାହୀ ଅଧିକାରୀ ପଦବୀ ଖାଲି ପଡ଼ିଛି**

ଖଣ୍ଡପଡ଼ା ଏନ୍‌ଏସି କାର୍ଯ୍ୟାଳୟରେ ଦୀର୍ଘ ୭ ମାସ ହେଲା କାର୍ଯ୍ୟନିର୍ବାହୀ ଅଧିକାରୀ ପଦବୀ ଖାଲି ପଡ଼ିଛି। ଜଣେ ସ୍ଥାୟୀ କାର୍ଯ୍ୟନିର୍ବାହୀ ଅଧିକାରୀ ନ ଥିବା ବେଳ ଜିଲା ପ୍ରଶାସନର ନିର୍ଦ୍ଦେଶକ୍ରମେ ଗଣିଆ ତହସିଲଦାର କିଶୋର କୁମାର ପଣ୍ଡା ଏନ୍‌ଏସିର ଭାରପ୍ରାପ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଉଛନ୍ତି। ମାତ୍ର ସମ୍ପୃକ୍ତ ପ୍ରଶାସନିକ ଅଧିକାରୀ ଜଣଙ୍କ ଦାୟିତ୍ୱ ନେବା ପରଠାରୁ ଖଣ୍ଡପଡ଼ା ଏନ୍‌ଏସି କାର୍ଯ୍ୟାଳୟକୁ ନିୟମିତ ଆସୁ ନ ଥିବାରୁ କାର୍ଯ୍ୟାଳୟ ବିଭିନ୍ନ କାର୍ଯ୍ୟ ସମ୍ପାଦନ ନିମନ୍ତେ କର୍ମଚାରୀମାନଙ୍କୁ ନାକେଦମ ହେବାକୁ ପଡୁଛି। ଜରୁରୀକାଳୀନ ପରିସ୍ଥିତିରେ ଏନ୍‌ଏସି କର୍ମଚାରୀମାନେ ଗୁରୁତ୍ୱପୂର୍ଣ୍ଣ କାଗଜାତ ଓ ଫାଇଲ ପତ୍ର ଧରି ଗଣିଆ ଅଞ୍ଚଳକୁ ଯାଉଥିବାରୁ ଏ ନେଇ ଅସନ୍ତୋଷ ପ୍ରକାଶ ପାଉଛି। ଖଣ୍ଡପଡ଼ା ଏନ୍‌ଏସିରେ ଦେଖା ଦେଇଥିବା ଅଚଳାବସ୍ଥା ଦୂର ନିମନ୍ତେ ରାଜ୍ୟ ସରକାରଙ୍କ ନଗର ଉନ୍ନୟନ ବିଭାଗ ଦୃଷ୍ଟି ଦେବାକୁ ଦାବି ହେଉଛି। କାମଚଳା ଅଧିକାରୀଙ୍କ ପରିବର୍ତ୍ତେ ଜଣେ ଦକ୍ଷ ପ୍ରଶାସନିକ ଅଧିକାରୀଙ୍କୁ ଖଣ୍ଡପଡା ଏନ୍‌ଏସିର ନିର୍ବାହୀ ଅଧିକାରୀ ଭାବେ ନିଯୁକ୍ତି ଦେବାକୁ ସହରବାସୀ ଦାବି କରିଛନ୍ତି। ଏନ୍‌ଏସି ଅଧକ୍ଷା ଆରତୀ ପ୍ରଧାନ ମଧ୍ୟ ଏହି ପ୍ରସଙ୍ଗକୁ ନେଇ ମୁଖ୍ୟମନ୍ତ୍ରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିବା ଜଣାଯାଇଛି।

# ୨ ବାଇକ୍ ମୁହାଁମୁହିଁ ଧକ୍କା: ଜଣେ ମୃତ, ୫ ଆହତ

ନୟାଗଡ, ୧୮।୯ (ଲୋକନାଥ ମିଶ୍ର)

ବଲାଙ୍ଗୀର-ଖୋର୍ଦ୍ଧା ୫୭ ନଂ. ଜାତୀୟ ରାଜପଥର ନୟାଗଡ଼ ଟାଉନ ଥାନା ଅନ୍ତର୍ଗତ ଝୁମ୍ପୁରି ଛକଠାରେ ସୋମବାର ସନ୍ଧ୍ୟାରେ ୨ ବାଇକ୍ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ୪ଜଣ ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରେ ଦୁଇ ଶିଶୁଙ୍କ ସମେତ ୨ ଯୁବକ ଗୁରୁତର ଅଛନ୍ତି। ମୃତକ ହେଲେ ପୂର୍ଣ୍ଣଚନ୍ଦ୍ର ନାହାକ(୩୦)। ଘର ନୟାଗଡ଼ ସଦର ଥାନାର ହାଟଦ୍ୱାର ଗାଁରେ। ୫ ଆହତଙ୍କୁ ପ୍ରଥମେ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଅବସ୍ଥାରେ ପରିବର୍ତ୍ତନ ନ ଆସିବାରୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ସନ୍ଧ୍ୟାରେ ହାଟଦ୍ୱାର ଗାଁର ପୂର୍ଣ୍ଣଚନ୍ଦ୍ର ନାହାକ ପତ୍ନୀ ରୀନା (୨୭) ଓ ୨ ପୁଅ ବିଜୟ(୭) ସଞ୍ଜୟ(୩)ଙ୍କ ସହ ମିଶି ଗଣେଶ ପୂଜା ପାଇଁ ଡ୍ରେସ କିଣିବାକୁ ନୟାଗଡ଼ ବଜାରକୁ ଯାଉଥିଲେ। ଏହି ସମୟରେ ଅପରପାର୍ଶ୍ୱରୁ କିରିଆଲାଞ୍ଜି ଗାଁର ରୋହିତ କୁମାର ରାଉତ(୨୮) ବାଇକ୍ ଯୋଗେ ଗୋପୀନାଥପୁର ଗାଁର ଜଗନ୍ନାଥ ବରାଡ(୨୮)ଙ୍କ ସହ ମିଶି ଗାଁକୁ ଫେରୁଥିଲେ। ଉଭୟଙ୍କ ବାଇକ୍ ଝୁମ୍ପୁରି ଛକଠାରେ ମୁହାଁମୁହିଁ ଧକ୍କା ହୋଇଥିଲା। ଏଥିରେ ଉଭୟ ବାଇକରେ ବସିଥିବା ୬ଜଣ ଆହତ ହୋଇଥିଲେ। ଦୁର୍ଘଟଣା ଖବର ପାଇଁ ସ୍ଥାନୀୟ ଲୋକ ଆହତଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଡା. ପୂର୍ଣ୍ଣଚନ୍ଦ୍ରଙ୍କୁ ମୃତ ଘୋଷଣା କରିଥିଲେ। ମୃତ ପୂର୍ଣ୍ଣଚନ୍ଦ୍ରଙ୍କ ପତ୍ନୀ ୨ ପୁଅଙ୍କୁ ଜଗି ରହି ସୁସ୍ଥ ପାଇଁ ଉଦ୍ୟମ କରୁଥିଲେ। ସ୍ୱାମୀଙ୍କର ମୃତ୍ୟୁ ଖବର ଡେରିରେ ରୀନା ପାଇ ଭାଙ୍ଗି ପଡ଼ିଛନ୍ତି। ରୀନାଙ୍କ ୨ ପୁଅ ଓ କିରିଆଲାଞ୍ଜି ଗାଁର ରୋହିତ, ଗୋପୀନାଥପୁର ଗାଁର ଜଗନ୍ନାଥଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ପୋଲିସ ୨ ବାଇକକୁ ନିଜ ହେପାଜତକୁ ନେଇଛି। ଅନ୍ୟପକ୍ଷେ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ରଖିଛି।

# କଇଁଫୁଲିଆ ପଞ୍ଚାୟତରେ ନୂଆ ବ୍ୟାଙ୍କ ଖୋଲିବାକୁ ଭିତ୍ତିପ୍ରସ୍ତର


ଭିତ୍ତିପ୍ରସ୍ତର ସ୍ଥାପନ ଲାଗି ପୂଜା କରାଯାଉଛି।

ଭାପୁର, ୧୮।୯ (ଭରତ କୁମାର ବେହେରା)

ସରକାରଙ୍କ ଯୋଜନା ମୁତାବକ ଗ୍ରାମାଞ୍ଚଳରେ ଜନସାଧାରଣଙ୍କୁ ଘର ପାଖରେ ସୁବିଧାରେ ଗ୍ରାମୀଣ ବ୍ୟାଙ୍କ ସେବା ଯୋଗାଇ ଦେବା ପାଇଁ ପ୍ରୟାସ କରିଛନ୍ତି। ଏହି ପରିପ୍ରେକ୍ଷୀରେ ନୟାଗଡ଼ ଜିଲା ଭାପୁର ବ୍ଲକ ଅନ୍ତର୍ଗତ କଇଁଫୁଲିଆ ପଞ୍ଚାୟତରେ ସରକାରୀ ବ୍ୟାଙ୍କ ଖୋଲିବା ନିମନ୍ତେ ସୋମବାର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି। ମୁଖ୍ୟଅତିଥି ଭାବେ ଭାପୁର ପଞ୍ଚାୟତ ସମିତି ଉପାଧ୍ୟକ୍ଷ ବେଣୁଧର ପ୍ରଧାନ ଯୋଗଦେଇ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ବ୍ୟାଙ୍କ ଗୃହ ନିର୍ମାଣର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହି ଶୁଭ ଭିତ୍ତିପ୍ରସ୍ତର କାର୍ଯ୍ୟକ୍ରମରେ ସମ୍ମାନୀତ ଅତିଥି ଭାବେ ଭାପୁର ବ୍ଲକ ବିଜେଡି ସଭାପତି ଶିବପ୍ରସାଦ ଷଡଙ୍ଗୀ, ସ୍ଥାନୀୟ ସରପଞ୍ଚ ରମେଶ ପ୍ରସାଦ ରାଉତ, କନିଷ୍ଠ ଯନ୍ତ୍ରୀ ମନୋରଞ୍ଜନ ବେହେରା, ଖବରଦାତା ଜ୍ଞାନ ରଞ୍ଜନ ଷଡଙ୍ଗୀ, ସ୍ଥାନୀୟ ପଞ୍ଚାୟତ ବିଜେଡି ସଭାପତି ମୃତ୍ୟୁଞ୍ଜୟ ଷଡଙ୍ଗୀ, କୃଷକ ସାଥୀ ପ୍ରଶାନ୍ତ ଷଡଙ୍ଗୀ ସମେତ ପଞ୍ଚାୟତର ଶତାଧିକ ଜନସାଧାରଣ ଏହି ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଏ ନେଇ ପଞ୍ଚାୟତବାସୀ ନିଜ ପାଖରେ ବ୍ୟାଙ୍କ ସେବା ଖୁବ୍‌ଶୀଘ୍ର ପାଇବା ନେଇ ଖୁସିବ୍ୟକ୍ତ ହେବା ସହ ସରକାରଙ୍କ ଏହା ଏକ ସ୍ୱାଗତ ଯୋଗ୍ୟ ପଦକ୍ଷେପ ବୋଲି କହିଥିଲେ। ପରେ ସେହି ପଞ୍ଚାୟତର ଦୁଆଡିଆ ଗ୍ରାମର ଭାଗବତ ଗୃହ, ଚଣ୍ଡୀ ମନ୍ଦିର, ଆଳେଶ୍ୱର ମନ୍ଦିରର ରୋଷେଇ ଗୃହ ନିର୍ମାଣ କାର୍ଯ୍ୟ ଉପାଧ୍ୟକ୍ଷ ବୁଲି ଦେଖିଥିଲେ।

# ସ୍କୁଲ ବସ୍‌ଗୁଡିକୁ ଯାଞ୍ଚ ନିର୍ଦ୍ଦେଶ

ଛତ୍ରପୁର, ୧୮।୯ (ସନ୍ତୋଷ ପାଢୀ):

ଗଞ୍ଜାମ ଜିଲାରେ ସଡକ ଦୁର୍ଘଟଣା ଓ ଏଥିଜନିତ ମୃତ୍ୟୁ ସଂଖ୍ୟା ରାଜ୍ୟରେ ସର୍ବାଧିକ ରହିଛି। ଏ ନେଇ ଚିନ୍ତା ବଢିବାରେ ଲାଗିଛି । ଏହାକୁ କମାଇବା ଲାଗି ସଡକ ସୁରକ୍ଷା ସମ୍ବନ୍ଧୀୟ ସୁପ୍ରିମକୋର୍ଟ କମିଟି ଓ ଗଞ୍ଜାମ ଜିଲା ସଡକ ସୁରକ୍ଷା କମିଟି ଗୁରୁତ୍ୱ ଦେଇଛନ୍ତି । ଜିଲାରେ ଥିବା ସମସ୍ତ ସ୍କୁଲ ବସ ଗୁଡିକର ଯାଞ୍ଚ କରାଯିବାକୁ ନିଷ୍ପତି ହୋଇଛି । ବିଶେଷକରି ଜାତୀୟ ରାଜପଥ ଓ ମୁଖ୍ୟ ରାସ୍ତାରେ ଚଳାଚଳ କରୁଥିବା ସ୍କୁଲ ବସ୍‌ଗୁଡିକର ନିୟମିତ ଯାଞ୍ଚ କରାଯିବ । ବସଗୁଡିକର ଫିଟନେସ୍ ଅଛି କି ନାହିଁ ଏବଂ ସମସ୍ତ ସଡକ ସୁରକ୍ଷା ନିୟମ ପାଳନ ହେଉଛି କି ନାହିଁ ତାର ଯାଞ୍ଚ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ସ୍ଥିର ହୋଇଛି। ସେହିପରି ରାଜପଥ ପାର୍ଶ୍ୱରେ ଥିବା ସ୍କୁଲଗୁଡିକୁ ଚିହ୍ନଟ କରାଯିବ। ଏହାର ତାଲିକା ଗଞ୍ଜାମ ଜିଲା ଶିକ୍ଷା ଅଧିକାରୀଙ୍କୁ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହାପରେ ପ୍ରତିଷେଧକ ପଦକ୍ଷେପ ନିଆଯିବ। ଜିଲାର ସମସ୍ତ ସ୍କୁଲ ଓ କଲେଜରେ ସଡକ ସୁରକ୍ଷା ସମ୍ବନ୍ଧୀୟ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯିବ ଏବଂ ଏଥିରେ ଛାତ୍ରୀଛାତ୍ରଙ୍କ ସହ ଅଭିଭବାକମାନଙ୍କୁ ସାମିଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

# ଅଭିଭାବକ ଆମର ଅଂଶୀଦାର ସମ୍ମିଳନୀ


ଅଭିଭାବକ ସମ୍ମିଳନୀରେ ଉପସ୍ଥିତ କର୍ମକର୍ତ୍ତା।

ଖଣ୍ଡପଡ଼ା, ୧୮।୯ (ଅଜୟ କୁମାର ମହାରଣା)

ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ଖଣ୍ଡପଡ଼ା ଚନ୍ଦ୍ରଶେଖର ଆଶ୍ରମ ବିଦ୍ୟାଳୟରେ 'ଅଭିଭାବକ ଆମର ଅଂଶୀଦାର' ସମ୍ମିଳନୀ ଅନୁଷ୍ଠାନର ପ୍ରଧାନ ଶିକ୍ଷକ ବିଶ୍ୱନାଥ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ନୟାଗଡ଼ ଜିଲା ଅତିରିକ୍ତ ମଙ୍ଗଳ ଅଧିକାରୀ ଦୁଷ୍ମନ୍ତ ପୃଷ୍ଟି ଓ ସମ୍ମାନୀତ ଅତିଥି ଭାବେ ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକରିଣୀ ଯାଶେଶ୍ୱରୀ ସ୍ୱାଇଁ, ଅବସରପ୍ରାପ୍ତ ଶିକ୍ଷକ ଦାମୋଦର ଶତପଥୀ, ସମ୍ବରବିନ୍ଧା ଆଶ୍ରମ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କାଶୀନାଥ ମହାପାତ୍ର, ଅନୁଷ୍ଠାନର ସଭାପତି ବିଦେଶୀ ପ୍ରଧାନ, ଶିକ୍ଷାବିତ ସନ୍ତୋଷ କୁମାର ନାୟକ, ଦେବରାଜ ପଣ୍ଡା, ଶିକ୍ଷକ ସୁଶାନ୍ତ କୁମାର ପଣ୍ଡା ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ଆୟୋଜନର ମୁଖ୍ୟ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରଥମେ ଅତିଥିମାନେ ଶୁଭାରମ୍ଭ କରିଥିବା ବେଳେ ପ୍ରଧାନ ଶିକ୍ଷକ ମିଶ୍ର ଅନୁଷ୍ଠାନର ଅନ୍ତେବାସୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହ କୋମଳମତି ଛାତ୍ରୀଛାତ୍ରମାନଙ୍କ ପ୍ରତି ବିଦ୍ୟାଳୟ କର୍ତ୍ତୃପକ୍ଷ ଯେତିକି ଦାୟିତ୍ୱ ନେବେ ସମ ପରିମାଣରେ ଅଭିଭାବକମାନେ ମଧ୍ୟ ପିଲାମାନଙ୍କ ପାଇଁ ଯତ୍ନବାନ ହେବା ଉଚିତ ବୋଲି ଅତିଥିମାନେ ମତ ଦେଇଥିଲେ। ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଜିଲା, ରାଜ୍ୟ ସ୍ତରରେ ଆୟୋଜିତ ବିଭିନ୍ନ ପତିଯୋଗିତାରେ କୃତୀତ୍ୱ ଅର୍ଜନ କରି ଅନୁଷ୍ଠାନ ପାଇଁ କିଭଳି ଗୌରବ ଆଣିଛନ୍ତି ସେ ସମ୍ପର୍କରେ ପ୍ରଧାନ ଶିକ୍ଷକ ମିଶ୍ର ସୂଚନା ପ୍ରଦାନ କରିଥିଲେ। ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଏହି ଅବସରରେ କୃତୀ ଛାତ୍ରୀଛାତ୍ରମାନଙ୍କୁ ଅତିଥିମାନେ ପୁରସ୍କାର ବିତରଣ କରିଥିଲେ।

# ସ୍ତ୍ରୀଙ୍କୁ ହାଣି ଫିଙ୍ଗିଦେବା ଘଟଣା, ମିଳିଲା କଟା ଗୋଡ଼

ସୋରଡା, ୧୮।୯ (ଲମ୍ବୋଦର ପଣିଗ୍ରାହୀ)

ସ୍ତ୍ରୀଙ୍କୁ ଟାଙ୍ଗିଆରେ ହାଣି ଖଣ୍ଡ ଖଣ୍ଡ କରି ନଦୀକୁ ଫିଙ୍ଗିଦେବା ଘଟଣାରେ ପୋଲିସ ସୋମବାର ଏକ କଟାଗୋଡ଼ ଜବତ କରିଛି। ସକାଳେ ପାଲକାଟ ନିକଟ ନଦୀ ପାର୍ଶ୍ୱରେ ଗୋଟିଏ କଟା ଗୋଡ଼ ଲାଗିଥିବା ଦେଖି କିଛି ଲୋକ ପୋଲିସ ଓ ଦମକଳ ବାହିନୀକୁ ଖବର ଦେଇଥିଲେ। ସେମାନେ ପହଞ୍ଚି କଟା ଗୋଡ଼ଟିକୁ ଜବତ କରିଛନ୍ତି। ତେବେ ଏହି କଟା ଗୋଡ଼ଟି ବୁଲିର ବୋଲି ସନ୍ଦେହ କରାଯାଉଛି।

# ନବଜାତ ଶିଶୁର ମୃତଦେହ ଜବତ

ପାରଳାଖେମୁଣ୍ଡି, ୧୮।୯ (ଗିରିଧାରୀ ପରିଛା)

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡିସ୍ଥିତ ପ୍ୟାଲେସ ରୋଡରୁ ମୁଖ୍ୟ ବଜାରକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାର ଏକ ପରିତ୍ୟକ୍ତ ସ୍ଥାନରୁ ସୋମବାର ଏକ ନବଜାତ ଶିଶୁପୁତ୍ରର ମୃତଦେହ ଜବତ ହୋଇଛି। ଆଦର୍ଶ ଥାନାର ଏକ ଟିମ ଘଟଣାସ୍ଥଳରେ ପହଁଚି ଉକ୍ତ ମୃତଦେହକୁ ଜବତ କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ସେଠାରେ ଶବ ବ୍ୟବଚ୍ଛେଦ କରାଯାଇ ଆଦର୍ଶ ଥାନାରେ ୧୫/୨୩ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି।

# ଶହେ ଲିଟର ଦେଶୀ ମହୁଲି ମଦ ଜବତ, ଜଣେ ଗିରଫ

ଖଣ୍ଡପଡ଼ା, ୧୬।୯ (ଅଜୟ କୁମାର ମହାରଣା)



ଖଣ୍ଡପଡ଼ା ଥାନା ଅଧୀନ ବଡ଼ବାଣପୁର ନିକଟରୁ ଏକ ପିକ୍‌ଅପ୍ ଭ୍ୟାନରେ ଥିବା ୧୦୦ ଲିଟର ଦେଶୀ ମହୁଲି ମଦ ପୋଲିସ ଜବତ କରିବା ସହ ଏହି କାରବାରରେ ସମ୍ପୃକ୍ତ ଥିବା ଅଭିଯୋଗରେ ଚାଳକ ସୁରଜିତ ଧଳକୁ ପୋଲିସ ଗିରଫ କରିଛି। ପୋଲିସ ସୂଚନା ଅନୁଯାୟୀ, ରବିବାର ସିଧାମୂଳା ଓ ରାଜକିଆରୀ ଛକରେ କନଷ୍ଟେବଲ ସୁରେନ୍ଦ୍ର କୁମାର ସାହୁ, ପ୍ରଭାତ କୁମାର ସେଠୀ ଓ ୪ ଜଣ ହୋମଗାର୍ଡଙ୍କ ସହ କଣ୍ଟିଲୋ ଫାଣ୍ଡି ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ପୋଲିସ ପାଟ୍ରୋଲିଂ କରୁଥିଲା।

ପୋଲିସ କର୍ମଚାରୀମାନେ ରାଜକିଆରୀ ଛକରେ ରହିଥିବା ବେଳେ ଗଣିଆ-କଣ୍ଟିଲୋ ରାସ୍ତାରେ ଏକ ପିକ୍‌ଅପ୍ ଭ୍ୟାନ ଆସୁଥିବାରୁ ଏହାକୁ ସନ୍ଦେହରେ ଅଟକାଇ ଥିଲେ ମଧ୍ୟ ଗାଡିଟି ଦ୍ରୁତଗତିରେ କଣ୍ଟିଲୋ ଅଭିମୁଖେ ପଳାଉ ଥିଲା। ପୋଲିସ କର୍ମଚାରୀମାନେ ଉକ୍ତ ଗାଡ଼ିକୁ ପିଛା କରି ବାଣପୁର ନିକଟରେ ଅଟକାଇ ଯାଞ୍ଚ କରିବାରେ ଗାଡି ଡ଼ାଲା ମଧ୍ୟରୁ ୪ଟି ରବର ବ୍ଲାଡର ମଧ୍ୟରେ ପ୍ରାୟ ୧୦୦ ଲିଟର ଦେଶୀ ମଦ ଥିବା ଜଣାପଡ଼ିଥିଲା। ସମ୍ପୃକ୍ତ ପୋଲିସ କର୍ମଚାରୀଙ୍କ ଲିଖିତ ଅଭିଯୋଗକ୍ରମେ ପୋଲିସ ନଂ.୨୧୬/ ୨୩ରେ ମାମଲା ରୁଜୁ କରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଥିବା କଣ୍ଟିଲୋ ଫାଣ୍ଡି ଅଧିକାରୀ ରମେଶ କୁମାର ଜେନାଙ୍କଠାରୁ ପ୍ରକାଶ।

# ନବରାତ୍ର ପୂଜା ପାଇଁ ଶୁଭ ଖୁଣ୍ଟି ସ୍ଥାପନ

ପାତ୍ରପୁର, ୧୮।୯ (ଉମାଚରଣ ନେପାକ)

ପାତ୍ରପୁର ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା' କୁଠାରୀଶ୍ୱରୀଙ୍କ ୫୭ତମ ନବରାତ୍ର ପୂଜା ପାଇଁ ସୋମବାର ଶୁଭ ଖୁଣ୍ଟି ସ୍ଥାପନ କରାଯାଇଛି। ପୂଜା କମିଟି ସଭାପତି ପି. ସଚ୍ଚିଦାନନ୍ଦ ସୁବୁଦ୍ଧିଙ୍କ ଦ୍ୱାରା ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରୁ ଏକ ବିରାଟ ପଟୁଆରରେ ବାହାରି ମା'ଙ୍କ ମନ୍ଦିରରେ ପହଞ୍ଚିବା ପରେ ପଣ୍ଡିତ ରଘୁନାଥ ଶତପଥୀ, କାଳିଆ ପାଢ଼ୀଙ୍କ ବେଦ ଧ୍ୱନି ଏବଂ ପୂଜାର୍ଚ୍ଚନା ପରେ କର୍ତ୍ତା ସୁରେଶ କୁମାର ପଟ୍ଟନାୟକ ଏବଂ ଗ୍ରାମବାସୀଙ୍କ ଦ୍ୱାରା ଶୁଭ ଖୁଣ୍ଟି ସ୍ଥାପନ କରାଯାଇଛି। ସବୁ ବର୍ଷ ଭଳି ଚଳିତବର୍ଷ ମଧ୍ୟ ମା' କୁଠାରୀଶ୍ୱରୀଙ୍କ ପୀଠରେ ନବରାତ୍ର ପୂଜା ଆସନ୍ତା ଅକ୍ଟୋବର ୧୫ ତାରିଖରୁ ଆରମ୍ଭ ହୋଇ ୨୧ ତାରିଖ ମଧ୍ୟରାତ୍ରରେ ପୂର୍ଣ୍ଣାହୁତି ହେବ ବୋଲି କମିଟିର ସଦସ୍ୟମାନେ କହିଛନ୍ତି। ଏହି ଉତ୍ସବରେ ଗ୍ରାମର ସଦାନନ୍ଦ ନାୟକ, ତ୍ରିନାଥ ମହାନ୍ତି, ସତ୍ୟମ୍ ପଟ୍ଟନାୟକ, ଶୁମ୍ ଅଧିକାରୀ, ତ୍ରିପତି ଆଚାରୀ, କ୍ରୀଷ୍ଣା ଆଚାରୀ, ଦେବ ମହାନ୍ତି, ବିଜୟ ନାୟକ, ଅଲେଖ ପଣ୍ଡା, ମନ୍ଦିର ପୂଜକ ଅନୀଲ ରଣା, କୃଷ୍ଣ ରଣା ପ୍ରମୁଖ ଶତାଧିକ ଭକ୍ତ ଉପସ୍ଥିତ ଥିଲେ।

# ୬ମାସରେ ଧସିଲା ରାଜପଥ ଗାର୍ଡୱାଲ

ଦାରିଙ୍ଗବାଡି, ୧୮।୯ (ଅରୁଣ ସାହୁ)

**ନିମ୍ନ ମାନର କାର୍ଯ୍ୟ ଅଭିଯୋଗ**

ଦାରିଙ୍ଗବାଡି ଦେଇ ଯାଇଥିବା ଗୋପାଳପୁରଠାରୁ ରାଇପୁର ଜାତୀୟ ରାଜପଥର ଗାର୍ଡୱାଲ ଧସି ଯାଇଛି। ଅତି ନିମ୍ନ ମାନର କାର୍ଯ୍ୟ ଯୋଗୁ ନିର୍ମାଣର ମାତ୍ର ୬ ମାସ ମଧ୍ୟରେ ଗାର୍ଡୱାଲ ଭୁଶୁଡି ପଡ଼ିଥିବା ସ୍ଥାନୀୟ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଏହା ଦେଖିବାକୁ ମିଳିଛି ଶ୍ରାନିକେତା ଘାଟିର ଇକୋ ରିଟ୍ରିଟ ନିକଟରେ। ପୂର୍ବରୁ ଉକ୍ତ ରାସ୍ତାରେ ଏକାଧିକ ସ୍ଥାନରେ ଭୂସ୍ଖଳନ ହୋଇଥିବା ବେଳେ ପାଇନ ଗଛଗୁଡିକ ଉପୁଡି ପଡି ଯାତାୟାତ ସମସ୍ୟା ଦେଖାଯାଇଥିଲା। ଏବେ ଗାର୍ଡୱାଲ ଭୁଶୁଡ଼ି ପଡ଼ିବା ଯୋଗୁ ସେହି ରାଜପଥ ଦେଇ ଯାତାୟାତ କରୁଥିବା ଲୋକଙ୍କ ମଧ୍ୟରେ ଭୟର ବାତାବରଣ ଦେଖାଯାଇଛି। ଉକ୍ତ ରାଜପଥ ବାଲିଗୁଡାଠାରୁ ଦାରିଙ୍ଗବାଡିକୁ ସମ୍ପ୍ରସାରଣ କରାଯାଇଛି। ତେବେ ରାସ୍ତାକଡ଼ରେ କେଉଁଠି ଡ୍ରେନେଜ୍ ବ୍ୟବସ୍ଥା ନିମ୍ନ ମାନର ଯୋଗୁ ରାସ୍ତାରେ ପାଣି ଜମା ହୋଇ ରହୁଛି। ଆଉ କେଉଁଠି ପେଭର ବ୍ଲକ ଠିକ୍ ଭାବେ ପକାଯାଇ ନ ଥିବାରୁ ଜଳ ଜାମ ହୋଇ ନଷ୍ଟ ହେଉଛି। ସେହିପରି ରାଜପଥ କଡ଼ରେ ସୋଲାର ଷ୍ଟ୍ରିଟ ଆଲୁଅ ବ୍ୟବସ୍ଥା କରାଯାଇଥିଲେ ସୁଦ୍ଧା ସେଗୁଡିକ ଅଧାରୁ ଉର୍ଦ୍ଧ୍ୱ ଅଚଳ ହୋଇପଡିଛି। ସେହିପରି ସିଗ୍‌ନାଲ ପାଇଁ ଲାଲ ଆଲୁଅ ବ୍ୟବସ୍ଥା କରାଯାଇଥିବା ବେଳେ ଅନେକ ଚୋରି ଯିବା ସହ ସୂଚନା ଫଳକଗୁଡିକ ନଷ୍ଟ ହୋଇଗଲାଣି। ତେବେ ଜାତୀୟରାଜପଥ ବିଭାଗରେ ଏବେ ସ୍ଥାୟୀ ବିଭାଗୀୟ ଅଧିକାରୀ ନ ଥିବାରୁ ଏହାର ମରାମତି କିମ୍ବା କୌଣସି ପଦକ୍ଷେପ ନିଆଯାଇ ନ ଥିବା ଜଣାପଡିଛି।


ଭାଙ୍ଗିଯାଇଥିବା ଗାର୍ଡୱାଲ।

# ସୁନା ଚେନ୍ ଲୁଟ୍ ଘଟଣାରେ ୩ ଗିରଫ

## ୪ ସୁନାଚେନ, ୩ ମୋବାଇଲ ଓ ଗୋଟିଏ ବାଇକ୍ ଜବତ

ରସୁଲପୁର,୧୮।୯(ରଞ୍ଜିତ ରାଉତ)

ସୁନା ଚେନ୍ ଲୁଟର ମାଷ୍ଟର ମାଇଣ୍ଡ, ଲୁଟ୍ ସୁନା ଅଳଙ୍କାର କିଣି ଥିବା ଜଣେ ବଣିଆ ଏବଂ ଅଭିଯୁକ୍ତ ଓ ବଣିଆ ମଧ୍ୟରେ ଯୋଗସୂତ୍ର ରକ୍ଷା କରିଥିବା ମଧ୍ୟସ୍ଥିଙ୍କୁ କୁଆଖିଆ ଥାନା ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତଙ୍କଠାରୁ ପୋଲିସ ୪ ସୁନା ଚେନ, ୩ ମୋବାଇଲ ଫୋନ୍ ଓ ଗୋଟିଏ ବାଇକ ଜବତ କରିଛି ବୋଲି ପୋଲିସ ପକ୍ଷରୁ ସୋମବାର କୁଆଖିଆ ଥାନାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଲୁଟ୍ ଅଭିଯୁକ୍ତ ହେଲେ ଢେଙ୍କାନାଳ ଜିଲା ନିହାଲପ୍ରସାଦ ଥାନା ପିଙ୍ଗୁଆ ଗ୍ରାମର ଚଗଲି ଓରଫ ତୋଫାନ ସାହୁ(୩୨), ମଧ୍ୟସ୍ଥି ଜେନାପୁର ଥାନା କାଳନ୍ଦା ଗ୍ରାମର ଦୀପକ ସାହୁ(୨୮) ଓ ଏହି ଥାନା କବାଟବନ୍ଧ ଅଞ୍ଚଳର ସୁନା ବ୍ୟବସାୟୀ(ବଣିଆ) ସୂର୍ଯ୍ୟକାନ୍ତ ସାହୁ(୪୦)। ଚଗଲିଙ୍କ ନାମରେ କୁଆଖିଆ ଥାନା ସମେତ ଯାଜପୁରରୋଡ, ଜଖପୁରା, ଜେନାପୁର, ଧର୍ମଶାଳା ଆଦି ୫ ଥାନାରେ ମାମଲା ରହିଛି ବୋଲି ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ଲୁଟ୍ ଲିଙ୍କ ଢେଙ୍କାନାଳ ଜିଲା ସମେତ ଏକାଧିକ ଜିଲାରେ ରହିଛି ବୋଲି ପୋଲିସ ପକ୍ଷରୁ ସନ୍ଦେହ ପ୍ରକଟିତ ହୋଇଛି। ଜିଲାର ବିଭିନ୍ନ ଥାନା ଅଧୀନରେ ସୁନା ଅଳଙ୍କାର ଲୁଟ୍ କରିଥିବା ଅଭିଯୁକ୍ତଙ୍କୁ ଧରିବା ପାଇଁ ଯାଜପୁର ଜିଲା ଆରକ୍ଷୀ ଅଧୀକ୍ଷକ ନିର୍ଦ୍ଦେଶ ଦେଇଥିଲେ। ତାଙ୍କ ନିର୍ଦ୍ଦେଶକ୍ରମେ ଏକ ତଦନ୍ତକାରୀ ଦଳ ଗଠନ କରାଯାଇ ଅନୁସନ୍ଧାନ କରାଯାଉଛି। ଚଳିତମାସ ୧୩ତାରିଖ ସନ୍ଧ୍ୟାରେ ଚଗଲି କୁଆଖିଆ ଥାନା ଓଡ଼ିଶୋ ପଞ୍ଚାୟତର ଓଡ଼ିଶୋ-ଅଣ୍ଡେଇଗୋଡା ଗ୍ରାମର ସ୍ମୃତିରେଖା ପାତ୍ରଙ୍କ ବେକରୁ ସୁନା ଚେନ୍ ଲୁଟି ନେଇଥିଲେ। ଅଭିଯୁକ୍ତ ପାତ୍ରଙ୍କ ଘରକୁ ଯାଇ ରାଶନକାର୍ଡରେ ଆଧାର ସଂଯୋଗ କରିବାକୁ କହି ଆଧାରକାର୍ଡ ମାଗିଥିଲେ। ପାତ୍ର ଘରେ ଏକୁଟିଆ ଥିବା ଜାଣି ତାଙ୍କ ବେକରୁ ସୁନା ଚେନ୍ ଲୁଟି ନେଇ ଫେରା ହୋଇଯାଇଥିଲେ। କୃଷ୍ଣପଡ଼ା ଛକରେ ଲୋକେ ତାଙ୍କୁ କାବୁ କରି ପୋଲିସ ଜିମା ଦେଇଥିଲେ। ପୋଲିସ ତାଙ୍କୁ ଅଟକ ରଖି ପଚରାଉଚରା କରିଥିଲା। ପରେ ତାଙ୍କ ବିରୋଧରେ ନଂ.୩୪୦/୨୩ରେ ଏକ ମାମଲା ରୁଜୁ କରିଥିଲା। ପଚରାଉଚରାବେଳେ ଅଭିଯୁକ୍ତ ସେପ୍ଟେମ୍ବର ୧୧ରେ ଯାଜପୁରରୋଡ ଥାନା ଅଞ୍ଚଳରୁ, ୧୪ ଅଗଷ୍ଟରେ ଧର୍ମଶାଳା ଥାନା, ୨୮ ଜୁଲାଇରେ ଯାଜପୁରରୋଡ ଥାନା, ୧ ଏପ୍ରିଲରେ ଜେନାପୁର ଥାନା, ୯ ମାର୍ଚ୍ଚରେ ଜଖପୁରା ଥାନା ଓ ୧ ଫେବୃୟାରୀରେ କୁଆଖିଆ ଥାନା ଅଞ୍ଚଳରୁ ଲୁଟ୍ କରିଥିବା ଜଣାପଡିଥିଲା। ଯାଜପୁର ଏସ୍‌ଡିପିଓ ସଞ୍ଜୟ କୁମାର ପଟ୍ଟନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କୁଆଖିଆ ଥାନା ଅଧିକାରୀ ଶ୍ରୀକାନ୍ତ କୁମାର ବାରିକ, ଯାଜପୁରରୋଡ ଥାନା ଅଧିକାରୀ ଉପେନ୍ଦ୍ର ପ୍ରଧାନ, ଧର୍ମଶାଳା ଥାନା ଅଧିକାରୀ ତପନ କୁମାର ନାୟକ, ଜଖପୁରା ଥାନା ଅଧିକାରୀ ସଞ୍ଜୟ କୁମାର ପରିଡା ଓ ଏସ୍ଆଇ ଅନିତା ପ୍ରଧାନଙ୍କୁ ନେଇ ଗଠିତ ତଦନ୍ତକାରୀ ଦଳ ଢେଙ୍କାନାଳ ଜିଲା ପିଙ୍ଗୁଆ ଗ୍ରାମ ଓ ଯାଜପୁର ଜିଲାର ବିଭିନ୍ନ ସ୍ଥାନରେ ଚଢ଼ାଉ କରି ତଦନ୍ତ ଆରମ୍ଭ କରିଥିଲେ। ୪ଦିନ ଧରି ତଦନ୍ତ ଜାରି ରହିଥିଲା। ଅଧିକ ତଥ୍ୟ ହାସଲ ପାଇଁ ତଦନ୍ତକାରୀ ଦଳ ପକ୍ଷରୁ ଚଢ଼ାଉ ଜାରି ରହିଛି।



ଗିରଫ ୩ ଅଭିଯୁକ୍ତ ଏବଂ ଜବତ ସୁନାଚେନ ଓ ମୋବାଇଲ।

# ଅନ୍ଧବିଶ୍ୱାସ, ଅଜ୍ଞାନକୁ ଦୂର କରେ ବିଜ୍ଞାନ

## ଜୋନାଲସ୍ତରୀୟ ବିଜ୍ଞାନ ଡ୍ରାମା ପ୍ରତିଯୋଗିତା

- ପୁରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଥମ
- ଶର୍ମିଷ୍ଠା ଦାଶ, ସାଗର ବାରିକ ଶ୍ରେଷ୍ଠ ଅଭିନେତ୍ରୀ ଅଭିନେତା

ପୁରୀ,୧୮।୯(ଅଜିତ ମହାନ୍ତି)

ବିଜ୍ଞାନ କେବଳ ଜ୍ଞାନ ବୃଦ୍ଧି କରେ ନାହିଁ ବରଂ ଅନ୍ଧବିଶ୍ୱାସ ଓ ଅଜ୍ଞାନକୁ ଦୂର କରିବାରେ ସହାୟକ ହୋଇଥାଏ ବୋଲି ଜିଲା ଶିକ୍ଷା ଅଧିକାରୀ ବିଶ୍ୱଜିତ ଘୋଷ କହିଛନ୍ତି। ସୋମବାର ପୂର୍ବାହ୍ନରେ ଶିକ୍ଷା ବିଭାଗ ପକ୍ଷରୁ ପୁରୀ ବିଶ୍ୱମ୍ଭର ବିଦ୍ୟାପୀଠ ପରିସରରେ ଜୋନାଲସ୍ତରୀୟ ବିଜ୍ଞାନ ଡ୍ରାମା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ଅଧ୍ୟକ୍ଷତା କରି ଜିଲା ଶିକ୍ଷା ଅଧିକାରୀ ଘୋଷ କହିଥିଲେ ଯେ, ମନୋରଞ୍ଜନ ମାଧ୍ୟମରେ ବିଜ୍ଞାନର ପ୍ରଚାର ପ୍ରସାର କରିବା ସହ ସମାଜରେ ଥିବା ବିଭିନ୍ନ ଅନ୍ଧବିଶ୍ୱାସକୁ ଦୂର କରିବା ଲକ୍ଷ୍ୟରେ ସରକାର ଗ୍ରହଣ କରିଥିବା ଏହି ବ୍ୟବସ୍ଥା ଅତ୍ୟନ୍ତ ଫଳପ୍ରଦ ହୋଇପାରିଛି। ଯେଉଁମାନେ ଏଠାରେ ପ୍ରଦର୍ଶନ କରିଛନ୍ତି, ସେମାନଙ୍କ ମଧ୍ୟରୁ ଶ୍ରେଷ୍ଠ ଦଳଙ୍କୁ ରାଜ୍ୟସ୍ତରକୁ ପ୍ରେରଣ କରାଯିବ ବୋଲି ସେ କହିଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ ବିଭିନ୍ନ ଉଦାହରଣ ମାଧ୍ୟମରେ ସମାଜରେ ରହିଥିବା ଅନ୍ଧବିଶ୍ୱାସ ଓ କୁସଂସ୍କାର ସମ୍ପର୍କରେ ଆଲୋକପାତ କରିଥିଲେ। କେତେକ ଘଟଣା ଶିକ୍ଷା ଓ ସଚେତନତା ଅଭାବରୁ ସମାଜକୁ ପ୍ରଭାବିତ କରିଥାଏ। ବିଜ୍ଞାନ ମାଧ୍ୟମରେ ନାଟକ ସମାଜରୁ କୁସଂସ୍କାର ହଟେଇବା ଦିଗରେ ଏକ ସଫଳ ପ୍ରୟାସ ହୋଇପାରିବ ବୋଲି ସେ କହିଥିଲେ। ବିଶ୍ୱମ୍ଭର ବିଦ୍ୟାପୀଠର ପ୍ରଧାନ ଶିକ୍ଷୟିତ୍ରୀ ଶୁଭଶ୍ରୀଦାଶ ବିଜ୍ଞାନ ଡ୍ରାମାର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭାର୍ଗବୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶୈଳଜା ରାଜ ନନ୍ଦିନୀ ଶତପଥୀ, ଶିକ୍ଷା ବିଭାଗର ଡିଏସ୍ଏସ୍ ତାପସ କୁମାର ପ୍ରିୟଦର୍ଶନ, ନାଟ୍ୟ ବିଚାରକ କାଲୁ ଚରଣ ଦାଶ, କୃଷ୍ଣଚନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଜିଲା ସ୍କୁଲ ଶିକ୍ଷକ ବିଦ୍ୟାଧର ମିଶ୍ର ମଞ୍ଚ ପରିଚାଳନା କରିଥିଲେ। ଏଥିରେ ପୁରୀ, ଖୋର୍ଦ୍ଧା, କଟକ, ଯାଜପୁର, ଜଗତ୍‌ସିଂହପୁର ଓ କେନ୍ଦ୍ରାପଡ଼ା ଶିକ୍ଷା ଜିଲାର ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାରେ ପୁରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଥମ, ଖୋର୍ଦ୍ଧାର ଗଙ୍ଗପଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟ ଦ୍ୱିତୀୟ ଏବଂ କଟକସ୍ଥିତ ଗୋପବନ୍ଧୁ ନୋଡାଲ ବିଦ୍ୟାଳୟ ତୃତୀୟ ସ୍ଥାନ ହାସଲ କରିଥିବାରୁ ପୁରସ୍କୃତ କରାଯାଇଥିଲା। ଶ୍ରେଷ୍ଠ ପୁରୁଷ କଳାକାର ଭାବେ ଗଙ୍ଗପଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟ ଖୋର୍ଦ୍ଧାର ସାଗର ବାରିକ, ଶ୍ରେଷ୍ଠ ମହିଳା କଳାକାର ଭାବେ ପୁରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଶର୍ମିଷ୍ଠା ଦାଶ, ଶ୍ରେଷ୍ଠ ନିର୍ଦ୍ଦେଶକ ଭାବେ ପୁରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଅଳକାନନ୍ଦା ଓ ଶ୍ରେଷ୍ଠ କାହାଣୀ ଭାବେ ଯାଜପୁର ଯମଧର ଓଡ଼ିଶା ଆଦର୍ଶ ବିଦ୍ୟାଳୟକୁ ପୁରସ୍କୃତ କରାଯାଇଥିଲା।

# ଷ୍ଟାର୍ଟଅପ ଯାତ୍ରାରେ ଭାଗ ନେଲେ ୮୯ ଶିକ୍ଷାର୍ଥୀ

କେନ୍ଦ୍ରାପଡ଼ା, ୧୮।୯ (ଜଗନ୍ନାଥ ଧଳ)

ରାଜ୍ୟ ସରକାରଙ୍କ ଷ୍ଟାର୍ଟଅପ ଯାତ୍ରା ଓ ଏକ୍ସପ୍ରେସ ସୋମବାର କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟରେ ପହଞ୍ଚିଛି। ଏଥିରେ ମୋଟ ୮୯ ଶିକ୍ଷାର୍ଥୀ ଭାଗ ନେଇଛନ୍ତି। ଏଥିସହ ଏହି ଶିକ୍ଷାର୍ଥୀଙ୍କ ମଧ୍ୟରୁ ୧୧ଟି ନୂତନ ଚିନ୍ତାଧାରା ସଂଗ୍ରହ ହୋଇଛି। ଏ ସମ୍ପର୍କରେ ପ୍ରାଧ୍ୟାପକ ରଣଜିତ ଦାସ କହିଛନ୍ତି, ଶିକ୍ଷାର୍ଥୀଙ୍କ ପ୍ରତିଭା ଚିହ୍ନଟ ଓ ସେମାନଙ୍କ ତୃଣମୂଳସ୍ତରରୁ ଦେଶର ସୁରକ୍ଷା ପର୍ଯ୍ୟନ୍ତ ଉନ୍ନତ ଚିନ୍ତାଧାରାକକୁ ପ୍ରୋତ୍ସାହିତ କରିବା ପାଇଁ ରାଜ୍ୟ ସରକାରଙ୍କ ଏହି ଯୋଜନା କାର୍ଯ୍ୟକାରୀ ହେଉଛି। ଶିକ୍ଷାର୍ଥୀ ଜୀବନର ସ୍ୱଳ୍ପ ବୟସରେ ବିଭିନ୍ନ ପ୍ରକଳ୍ପ ଦ୍ୱାରା ଦେଶର ଜନହିତକର ଚିନ୍ତାଧାରା ମିଳିପାରୁଛି। ସାମାଜିକ ଓ ଅର୍ଥନୈତିକ ସହ ସୁରକ୍ଷା ପାଇଁ ପ୍ରକଳ୍ପକୁ ପ୍ରୋତ୍ସାହିତ କରାଗଲେ ଏହି ଦେଶ ସମୃଦ୍ଧ ହେବ। ଏହି ଦୃଷ୍ଟିରୁ ୨୦୨୩ରୁ ୨୦୨୫ ପର୍ଯ୍ୟନ୍ତ ୫ ହଜାରରୁ ଊର୍ଦ୍ଧ୍ୱ ଷ୍ଟାର୍ଟ ଅପ ଚିନ୍ତାଧାରା ପାଇଁ ରାଜ୍ୟ ସରକାର ଏହାକୁ ପ୍ରୋତ୍ସାହିତ କରିଥିବା ପ୍ରାଧ୍ୟାପକ ଦାସ କହିଛନ୍ତି।

# ଜିଲା ଦଳିତ କଂଗ୍ରେସ ସେଲ୍‌ର ନୂତନ କର୍ମକର୍ତ୍ତା

ଯାଜପୁର ଟାଉନ,୧୮।୯(ପ୍ରଯୁକ୍ତା ପ୍ରିୟଦର୍ଶିନୀ ମହାନ୍ତି)

ଯାଜପୁର ଜିଲା ଦଳିତ କଂଗ୍ରେସ ସେଲ୍‌ର ନୂତନ କର୍ମକର୍ତ୍ତା ମନୋନୀତ ହୋଇଛନ୍ତି। ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକ ଏବଂ ପ୍ରଦେଶ ଦଳିତ କଂଗ୍ରେସ କମିଟିର ଚେୟାରମ୍ୟାନ ବାଙ୍କନିଧି ବେହେରାଙ୍କ ଅନୁମୋଦନକ୍ରମେ ସୋମବାର କର୍ମକର୍ତ୍ତାଙ୍କ ନାମ ପ୍ରକାଶ ପାଇଛି। ଦଳିତ କଂଗ୍ରେସ ସେଲ୍‌ର ଅଧ୍ୟକ୍ଷ ଭାବେ ଦୁର୍ଯ୍ୟୋଧନ ବେହେରା ନିଯୁକ୍ତି ପାଇଥିବାବେଳେ ଉପାଧ୍ୟକ୍ଷ ହୃଷୀକେଶ ଜେନାଙ୍କ ସମେତ ୧୦ ଉପସଭାପତି, ଆବାହକ ଭାବେ ଏକାଦଶୀ ସେଠୀଙ୍କ ସମେତ ୧୦ଜଣ ଏବଂ ଆଇନଜୀବୀ ରମାକାନ୍ତ ଜେନାଙ୍କୁ ଲିଗାଲ୍ ସେଲ୍‌ର ସଂଯୋଜକ ମନୋନୀତ କରାଯାଇଛି। ସେହିପରି କାର୍ଯ୍ୟକାରୀ କମିଟିରେ ୧୫ଜଣଙ୍କୁ ମନୋନୀତ କରାଯାଇଥିବାବେଳେ ସାମାଜିକ ଗଣମାଧ୍ୟମ ପାଇଁ ସତ୍ୟଭାମା ଦଳାଇ ଓ ଅଜୟ କୁମାର ସେଠୀଙ୍କୁ ମନୋନୀତ କରାଯାଇଛି। ସେହିପରି ସମସ୍ତ ବ୍ଲକ୍ ଓ ପୌରାଞ୍ଚଳ ପାଇଁ ସଭାପତିମାନଙ୍କୁ ମନୋନୀତ କରାଯାଇଛି। ସମସ୍ତ ଜିଲାର ଦଳିତ କଂଗ୍ରେସ ସେଲ୍‌ର ନବ ନିର୍ବାଚିତ ସଦସ୍ୟ ପ୍ରଦେଶ କଂଗ୍ରେସ କମିଟିର ସଭାପତି ପଟ୍ଟନାୟକ, ପ୍ରଦେଶ ଦଳିତ କଂଗ୍ରେସ କମିଟିର ଚେୟରମ୍ୟାନ ବେହେରା ଏବଂ ଜିଲା କଂଗ୍ରେସ କମିଟିର ସଭାପତି ମନୋଜ ରାଉତଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

# ୧୦ ହଜାର ହେକ୍ଟର ଚାଷ ଜମି ଜଳମଗ୍ନ


ପାଣି ନିଷ୍କାସନ ପାଇଁ ଜଳ ସମ୍ପଦ ବିଭାଗ ଅଧୀକ୍ଷଣ ଯନ୍ତ୍ରୀଙ୍କୁ ଭେଟି ଦାବିପତ୍ର ଦେଉଛନ୍ତି କଂଗ୍ରେସ ନେତା।

ଜଗତ୍‌ସିଂହପୁର, ୧୮।୯ (ପ୍ରମୋଦ କୁମାର ନାୟକ)

ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବିରିଡ଼ି, ରଘୁନାଥପୁର ଓ ତିର୍ତ୍ତୋଲ ବ୍ଲକ ଅଞ୍ଚଳର ଚାଷୀଙ୍କ ପାଇଁ ହଂସୁଆ ନଦୀ ବେଶ୍ ଗୁରୁତ୍ୱପୂର୍ଣ୍ଣ। ଏହି ନଦୀର ଜଳ ଉପରେ ଶହସ୍ରାଧିକ ଚାଷୀ ନିର୍ଭରଶୀଳ। କିନ୍ତୁ ହଂସୁଆ ସୁଖ ଦେବା ପରିବର୍ତ୍ତେ ଚାଷୀଙ୍କୁ ଦୁଃଖ ଦେଉଛି। କାରଣ ଏହି ନଦୀର ଶଯ୍ୟା ଖନନ ନ ହେବାରୁ ଜଳ ନିଷ୍କାସନରେ ବାଧା ସୃଷ୍ଟି କରୁଛି। ଏଥିସହ ଆବଶ୍ୟକ ପୁନରୁଦ୍ଧାର କରାଯାଉ ନ ଥିବାରୁ ତାହା ଚାଷୀଙ୍କ ଜୀବନ ଜୀବିକାକୁ ବିପର୍ଯ୍ୟସ୍ତ କରି ଦେଲାଣି। ରାଜ୍ୟ ସରକାର ଏହାର ପ୍ରତିକାର ପାଇଁ ୧ ମାସ ଭିତରେ ପଦକ୍ଷେପ ନ ନେଲେ ଆନ୍ଦୋଳନ ତୀବ୍ର କରାଯିବ ବୋଲି ସୋମବାର ତିର୍ତ୍ତୋଲ ବିଧାନସଭା ନିର୍ବାଚନ ମଣ୍ଡଳୀ କଂଗ୍ରେସ କମିଟି ତରଫରୁ ଏଭଳି ଚେତାବନୀ ଦିଆଯାଇଛି।

ଜିଲା କଂଗ୍ରେସ ମୁଖପାତ୍ର ଇଂ.ହିମାଂଶୁ ଭୂଷଣ ମଲ୍ଲିକଙ୍କ ନେତୃତ୍ୱରେ ଏକ ଦଳ ଜଗତ୍‌ସିଂହପୁର ଜଳ ସମ୍ପଦ ବିଭାଗ (ଜଳ ସମ୍ପଦ ଓ ଜଳ ନିକାଶ) ଅଧିକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ପହଞ୍ଚି ଏନେଇ ୫ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିଛନ୍ତି। ଚଳିତବର୍ଷ ଲଘୁଚାପଜନିତ ଲଗାଣ ବର୍ଷାରେ ଏହି ୩ ବ୍ଲକର ପାଖାପାଖି ୧୦ ହଜାର ହେକ୍ଟର ଚାଷ ଜମିରେ ରୁଆ ଯାଇଥିବା ଧାନ ଫସଲ ଉପରେ ୩ ଫୁଟ ଉଚ୍ଚତାର ବନ୍ୟାଜଳ ପ୍ରବାହିତ ହେଉଛି। ଶଯ୍ୟା ଖୋଳା ନ ଯିବା ଓ ନଦୀ ଉପରେ ତିଆରି କରାଯାଇଥିବା ପୋଲଗୁଡ଼ିକର ସ୍ତମ୍ଭରେ ଦଳ ଓ ଅଳିଆ ଲାଗିଯିବାରୁ ଜଳ ପ୍ରବାହରେ ବାଧା ଉପୁଜିଛି। ଏ ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଯିବା ପରେ ମଧ୍ୟ କୌଣସି ପଦକ୍ଷେପ ନିଆଗଲା ନାହିଁ। ଫଳରେ ଚାଷୀଙ୍କ ଧାନ ଚାଷଠାରୁ ଆରମ୍ଭ କରି ଫୁଲ ଚାଷ ପର୍ଯ୍ୟନ୍ତ ସବୁ ଗୁରୁତର ଭାବେ ପ୍ରଭାବିତ ହୋଇଛି। ଏନେଇ ସେମାନେ ମୁଣ୍ଡରେ ହାତଦେଇ ବସିଛନ୍ତି । ସରକାର ଏହି ପ୍ରସଙ୍ଗର ଗମ୍ଭୀରତା ହୃଦୟଙ୍ଗମ କରି ଆବଶ୍ୟକ ପଦକ୍ଷେପସ୍ୱରୂପ ନଦୀର ପୁନରୁଦ୍ଧାର, ଶଯ୍ୟା ଖନନ, ଜଳ ନିଷ୍କାସନ, ନଦୀ ବନ୍ଧର ସୁଦୃଢ଼ୀକରଣ ସମେତ ବନ୍ୟା ଜଳ ମାଡି ଯାଇ କ୍ଷତି ସହିଥିବା ଚାଷୀଙ୍କୁ କ୍ଷତି ପୂରଣ ଦେବା ଓ ହଂସୁଆ ସଫେଇ କରିବା ପାଇଁ ଦାବି ହୋଇଛି । ଏହି ଦାବିପତ୍ରର ନକଲ ମୁଖ୍ୟମନ୍ତ୍ରୀ, ୫-ଟି ସଚିବ, ଜଳ ସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ, ବିକାଶ କମିଶନର ତଥା ଅତିରିକ୍ତ ମୁଖ୍ୟ ସଚିବ, ମହାନଦୀ ପ୍ରକଳ୍ପର ସ୍ୱତନ୍ତ୍ର ସଚିବ, ଜଳ ସମ୍ପଦ ବଭାଗ ପ୍ରମୁଖ ଯନ୍ତ୍ରୀ ଓ ଜଗତ୍‌ସିଂହପୁର ଜିଲାପାଳଙ୍କ ଅବଗତି ନିମନ୍ତେ ପଠାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ଜିଲା କଂଗ୍ରେସ ସଭାପତି ନଟବର ବାରିକ, ତିର୍ତ୍ତୋଲ ବ୍ଲକ କଂଗ୍ରେସ ସଭାପତି ନିହାର ରଞ୍ଜନ ନାୟକ, ରଘୁନାଥପୁର ବ୍ଲକ କଂଗ୍ରେସ ଉପସଭାପତି ଆର୍ତ୍ତତ୍ରାଣ ପଣ୍ଡା, ଚୌଧୁରୀ ବିମଳାକାନ୍ତ ଦାସ, ହେମନ୍ତ କୁମାର ବେହେରା, ଅନିରୁଦ୍ଧ ନାୟକ, ଅଭୟ କୁମାର ସ୍ୱାଇଁ, ପ୍ରଦୀପ୍ତ କୁମାର ରାଉତ, ସୁଶାନ୍ତ କୁମାର ବାରିକ, ସୁଧାଂଶୁ ବିଶ୍ୱାଳ, ବ୍ଲକ ଯୁବ କଂଗ୍ରେସ ସଭାପତି ମୁକ୍ତାର ଅଲ୍ଲୀ, ସୁରେନ୍ଦ୍ର ବିଶ୍ୱାଳ, କିଶୋର ପଟ୍ଟନାୟକ ଓ ପରିକ୍ଷିତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ.ETELCONBBST-347ER, ତା.08.09.2023ରିଖ

**କାର୍ଯ୍ୟର ନାମ:** ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ଼ ମଣ୍ଡଳ ଅଧୀନସ୍ଥ ଦଶପଲ୍ଲା ଠାରେ ଆନୁଷଙ୍ଗିକ PSI କାର୍ଯ୍ୟ ସହିତ 01 ଗୋଟି ନୂଆ ସେକ୍ସନିଙ୍ଗ୍ ଏବଂ ପାରାଲେଲିଙ୍ଗ ପୋଷ୍ଟ (SP)କୁ ମିଶାଇ ନୟାଗଡ଼ ଟାଉନ୍ ଷ୍ଟେସନ ଠାରେ ଗୁଡ୍‌ସ ସେଡ୍ ସାଇଡ଼ିଙ୍ଗର ବିଦ୍ୟୁତୀକରଣ ସମ୍ବନ୍ଧୀୟ 1X25 kV OHE ର ଡିଜାଇନ୍, ଯୋଗାଣ, ଉତ୍ଥାପନ, ରୂପାନ୍ତରଣ, ପରୀକ୍ଷଣ ଏବଂ ପ୍ରଚଳନ ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (₹):** 186.33 ଲକ୍ଷ, EMD (₹): 2,43,200/-, କାର୍ଯ୍ୟ ଶେଷ ହେବା ଅବଧି: 06 (ଛଅ)ମାସ ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.04.10.2023 ରିଖ 1200 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।

ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟ୍‌କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ ।

ଦ୍ରଷ୍ଟବ୍ୟ: ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଏବଂ ଚାର୍ଟର୍ଡ଼ ଆକାଉଣ୍ଟାଣ୍ଟଙ୍କ ଦ୍ୱାରା ବିଧିବଦ୍ଧ ଭାବେ ଯାଞ୍ଚ ଏବଂ ସ୍ୱାକ୍ଷର ହୋଇଥିବା ଅନୁଲଗ୍ନକ-B ର ଦାଖଲ ସହିତ, ଟେଣ୍ଡର ନଥିପତ୍ର ଭପୁର 2 ର ଅନୁଲଗ୍ନକ-I, ଟେଣ୍ଡର ଫର୍ମ (ଦ୍ୱିତୀୟ ସିଟ୍) ର ଯାଞ୍ଚ ସୂଚୀ, ପାରା 3.1 (ଅତିରିକ୍ତ ଯାଞ୍ଚ ସୂଚୀ) ସହିତ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ ।

ଉପ ମୁଖ୍ୟ ବିଦ୍ୟୁତ୍ ଯନ୍ତ୍ରୀ/ନିର୍ମାଣ-II/ ଭୁବନେଶ୍ୱର
PR-70/CG/23-24

**केंद्रीय विद्यालय, नयागढ /KV, NAYAGARH (ODISHA)**
At: Muktapur, P.O.: Bhatasahi, Nayagarh (Odisha), PIN - 752070

**तात्कालिक साक्षात्कार/WALK-IN-INTERVIEW**

A Walk-in-Interview will be conducted at 9.00 A.M. on 25.09.2023 (Monday) in the Vidyalaya premises for the post of **PGTs** (English, Hindi, Biology, Chemistry & Maths) and **TGTs** (Maths, Social Science, English & Hindi). For details visit our website **https://nayagarh.kvs.ac.in/** regarding qualification, Application Form (Bio-Data), Post details & others.

**Sd./- Principal**

**The Odisha Small Industries Corporation Ltd.**
(A Government of Odisha Undertaking)
*(An ISO:9001:2008 certified Govt. Company)*
Industrial Estate, Madhupatna, CUTTACK – 753 010. Odisha.
Tel No. : 0671-2341204 ,2342816 Fax : 0671-2341875/2342561
e-mail: osicltd@gmail.com, osicmd@gmail.com, website: osicltd.in
No. CAD-2129 OSIC GST No. 21AAACO2101M1Z1

**TENDER CALL NOTICE**

Tender Notice No.4519/RE/OSIC Dt.18.09.2023
The Managing Director, OSIC Ltd., Cuttack invites tender from experienced MSMEs duly empanelled with OSIC for execution of 2 nos. of works i.e. (i) "Execution of electrical works for 38 Nos. of godown of MARKFED at 10 locations in different Districts of Odisha of MARKFED, Bhubaneswar" (ii)"Execution of electrification work for Power supply to High School Jamadarpada and shifting of 11 KV Line from village play ground at Dandamunda and bare conductor supply under Chandahandi Block of Nabarangpur District". Tender details can be downloaded from the OSIC website www.osicltd.in . Authority reserves the right to accept or reject any or all tenders without assigning any reason thereof or the tendering process may be cancelled in Toto. Any corrigendum/changes/modifications will appear in OSIC Ltd. website www.osicltd.in only.

Sd/-
GENERAL MANAGER(O)
OIPR-14073/11/0055/2324

**କେନ୍ଦ୍ରୀୟ ପଣ୍ୟାଗାର ନିଗମ**
(ଭାରତ ସରକାରଙ୍କ ଏକ ଉଦ୍ୟୋଗ)
ଆଞ୍ଚଳିକ କାର୍ଯ୍ୟାଳୟ, ମୌର୍ଯ୍ୟ ଲୋକ କମ୍ପ୍ଲେକ୍ସ, ବ୍ଲକ୍-ଏ, ୨ୟ ମହଲା, ଡାକବଙ୍ଗଳା ରୋଡ୍, ପାଟନା-୮୦୦୦୦୧
ଫୋନ୍ ନଂ.- ୦୬୧୨-୨୨୨୫୯୪୯ ଇ-ମେଲ୍: rmpat@cewacor.nic.in

ନଂ.: ସିଡବ୍ଲ୍ୟୁସି/ଆର୍‌ଓ ପିଏଟି/ଇଏନ୍‌ଜିଜି/ପିଏନ୍/୨୦୨୩-୨୪

**ପ୍ରେସ୍ ବିଜ୍ଞପ୍ତି**
(ନଂ. ସିଡବ୍ଲ୍ୟୁସି/ଆର୍‌ଓ-ପିଏଟି/ଇଏନ୍‌ଜିଜି/୨୩-୨୪/୧୫)

ସିଡବ୍ଲ୍ୟୁସି ନିମ୍ନଲିଖିତ କାର୍ଯ୍ୟ ପାଇଁ ଠିକାଦାରମାନଙ୍କଠାରୁ ଅନ୍‌ଲାଇନ୍ ଟେଣ୍ଡର ଆହ୍ୱାନ କରୁଛି:

| କ୍ର. ସଂ. | କାର୍ଯ୍ୟର ନାମ | ଅଟକଳ ମୂଲ୍ୟ (ଟ. ଲକ୍ଷରେ) | ଅନ୍‌ଲାଇନ୍ ଦାଖଲର ଶେଷ ତାରିଖ |
|---|---|---|---|
| ୧ | ସିଡବ୍ଲ୍ୟୁ, ରାୟଗଡ଼ା (ଓଡ଼ିଶା)ଠାରେ ଅଫିସ୍ ଏବଂ ବୈଦ୍ୟୁତିକ କାର୍ଯ୍ୟ ସମେତ ଗୋଦାମ ୧୭୦୦ଏମ୍‌ଟିସିର ନିର୍ମାଣ ସମ୍ବନ୍ଧୀୟ ଅବଶିଷ୍ଟ କାର୍ଯ୍ୟ । | ୬୧.୧୬ | ୨୫।୦୯।୨୦୨୩ |

ସବିଶେଷ ଟେଣ୍ଡର ବିଜ୍ଞପ୍ତି ସମେତ ଠିକାର ସର୍ତ୍ତାବଳୀ ଏବଂ ଇ-ଟେଣ୍ଡର ଆହ୍ୱାନକାରୀ ବିଜ୍ଞପ୍ତି ସିଡବ୍ଲ୍ୟୁସିର ୱେବ୍‌ସାଇଟ୍ www.cewacor.nic.in କିମ୍ବା ଇ-ଟେଣ୍ଡର ୱେବ୍‌ସାଇଟ୍ www.cwceprocure.com କିମ୍ବା ସିପିପି ପୋର୍ଟାଲ http://eprocure.gov.in/epublish/appରେ ଦେଖାଯାଇପାରିବ ଓ ଡାଉନଲୋଡ୍ କରାଯାଇପାରିବ ।
ଏହି ଟେଣ୍ଡର ବାବଦରେ ପରବର୍ତ୍ତୀ ଶୁଦ୍ଧିପତ୍ର/ଯୋଗପତ୍ର, ଯଦି ଥାଏ, କେବଳ ଉପରଦର୍ଶିତ ୱେବ୍‌ସାଇଟ୍‌ରେ ପ୍ରକାଶିତ କରାଯିବ । ଏଥିପାଇଁ ଖବରକାଗଜରେ ପ୍ରେସ୍ ବିଜ୍ଞପ୍ତି ଜାରି କରାଯିବ ନାହିଁ । **ନିର୍ବାହୀ ଯନ୍ତ୍ରୀ**

**OFFICE OF THE PANCHAYAT SAMITI, BHANJANAGAR (GANJAM)**
Letter No.3032/Dev Dt.18.09.2023
**Sub:Publication Or Tender Call Notice bearing No.01/23-24 dated 18.09.2023 of Bhanjanagar Block.**

| Sl. No. | Name of the Work | Approximate Estimate Cost | E.M.D. 1% | Period of Completion | Eligibility of Contractor | Cost of Tender Paper set (Non-refundable) |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Construction of Drain Work at Sub-Divisional Hospital, Bhanjanagar | Rs.26,41,298/- | Rs.26,413/- | 03 (Three) Calendar Months | Class "C & B" | Rs.6000/- (Rupees Six Thousand)+ Rs.300 (5%) GST (SGST+CGST) Non-refundable |

**Terms and Conditions:**
1. **Cost of Tender paper:** The Tender specification can be obtained from the office of the Block Development Officer, Bhanjanagar on payment towards the cost of Tender papers as mentioned above (Non-Refundable) in shape of Bank Draft or Demand Draft only (No other modes will be entertained) drawn in favour of Block Development Officer, Bhanjanagar in any Nationalized Bank having its branch at Bhanjanagar on any working day from Dt. 20.09.2023 to Dt. 04.10.2023 for the above work.
2. **Sale of Tender papers:** The Tender documents will be sold from Dt. 20.09.2023 to Dt. 04.10.2023 at Block office Bhanjanagar between 10.00 A.M to 5.00 P.M on working days only.
3. **Date of receipt and mode of submission of Tender papers:** The Tenderers have to submit the sealed tender papers in complete shape through **Registered Post/Speed post** only, by directly sending it to the B.D.O, Bhanjanagar in his official postal address. The last date of receipt of tender papers is 04.10.2023 upto 5.00 P.M. The undersigned will not be responsible for postal delay if any or non receipt of the papers in time. The tenders must superscribe the name of the work/project on the sealed envelope.
4. The Details tender call notice and the bid documents will be available in the official website of Ganjam i.e www.ganjam.nic.in.

**Block Development Officer, Bhanjanagar**

**PANCHAYAT SAMITI, KHAIRPUT, DIST.: MALKANGIRI**
**TENDER CALL NOTICE No. 05/2023-24, Dt.18.09.2023**

The Block Development Officer, Khairput invites sealed percentage rate tendrs vide Letter No. 3335 Dated: 18.09.2023 on behalf of Governor of Odisha from registered & eligible registered contractors of Odisha State PWD/CPWD having experience in construction of road, bridges and building works in conformity with Detailed Tender Call Notice for execution of 02 Nos. of work under Infrastructure Development & CM-SA-2023-24 on drawal of agreement in PS contract forms of Govt. of Odisha. Tender papers will be sold from 21.09.2023 to 04.10.2023 in office hour (working days only from 10.00 A.M. to 5.30 P.M.) from Block Office, Khairput and received on 05.10.2023 in office hour (working days from 10.00 A.M. to 5.30 P.M.) in the Office of the BDO, Khairput through Registered Post/Speed Post only. The tender shall be opened on 06.10.2023 at 11.00 A.M. in the Office of the BDO, Khairput. Term & condition and other details will be available in the office notice board and district website i.e. **https://malkangiri.nic.in**. Purchasing & depositing of tender paper is the sole responsibility of the tender applicant within the due time.

Sd./- 18.09.2023
Block Development Officer, Khairput

Azadi Ka Amrit Mahotsav

**କେନ୍ଦ୍ରୀୟ ସଞ୍ଚାର ବ୍ୟୁରୋ**
**ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟ**
**ଭାରତ ସରକାର**

**କେନ୍ଦ୍ରୀୟ ସଞ୍ଚାର ବ୍ୟୁରୋ ଅଧୀନରେ ବେସରକାରୀ ପଞ୍ଜୀକୃତ ମଣ୍ଡଳୀ ଏବଂ ବ୍ୟକ୍ତିବିଶେଷ କଳାକାରଙ୍କ ପଞ୍ଜୀକରଣ/ତାଲିକାଭୁକ୍ତୀକରଣ ନିମନ୍ତେ ପୁନଃ-ବିଜ୍ଞାପନ**

କେନ୍ଦ୍ରୀୟ ସଞ୍ଚାର ବ୍ୟୁରୋ (ସିବିସି) ମଣିପୁର, ମିଜୋରାମ, ନାଗାଲାଣ୍ଡ, ଆସାମ, ସିକ୍କିମ୍, ତ୍ରିପୁରା, ଓଡ଼ିଶା, ମହାରାଷ୍ଟ୍ର, ଗୋଆ, ଦାଦର ଓ ନଗର ହାବେଳୀ କେନ୍ଦ୍ରଶାସିତ ଅଞ୍ଚଳ, କେରଳ, ଲାକ୍ଷାଦ୍ୱୀପ, ହିମାଚଳପ୍ରଦେଶ, ଜାମ୍ମୁ ଓ କାଶ୍ମୀର କେନ୍ଦ୍ରଶାସିତ ଅଞ୍ଚଳ ତଥା ଲଦାଖ କେନ୍ଦ୍ରଶାସିତ ଅଞ୍ଚଳ, ଆନ୍ଧ୍ରପ୍ରଦେଶ ଓ ଦିଲ୍ଲୀ ରାଜ୍ୟର ଏନ୍‌ସିଟିର ଆଗ୍ରହୀ ବେସରକାରୀ ପଞ୍ଜୀକୃତ ନାଟକ, ପଥପ୍ରାନ୍ତ ନାଟକ, ନୃତ୍ୟ-ନାଟକ, କମ୍ପୋଜିଟ୍ କାର୍ଯ୍ୟକ୍ରମ, ଲୋକ ଏବଂ ପାରମ୍ପରିକ ଗାୟନ, ଯାଦୁ, ପୌରାଣିକ ଗାୟନ, ସଖୀ କଣ୍ଢେଇ ଆଦିର ବେସରକାରୀ ପଞ୍ଜୀକୃତ ମଣ୍ଡଳୀ ଏବଂ ବ୍ୟକ୍ତିବିଶେଷ କଳାକାରମାନଙ୍କଠାରୁ କ୍ଷେତ୍ରୀୟ/ଆଞ୍ଚଳିକ କାର୍ଯ୍ୟାଳୟ, ତ୍ରିଭେନ୍ଦ୍ରମ୍, ଭୁବନେଶ୍ୱର, ଗୁଆହାଟୀ, ଇମ୍ଫାଲ, ପୁଣେ, ଚଣ୍ଡିଗଡ଼, ଜାମ୍ମୁ, ବିଜୟୱାଡ଼ା ଏବଂ ନୂଆଦିଲ୍ଲୀ (ମୁଖ୍ୟାଳୟ) ଅଧୀନରେ ତିନି (୦୩) ବର୍ଷ ଅବଧି ପାଇଁ ପଞ୍ଜୀକରଣ/ତାଲିକାଭୁକ୍ତୀକରଣ ନିମନ୍ତେ ଦରଖାସ୍ତ ଆହ୍ୱାନ କରୁଛି ।
ଅନ୍ୟାନ୍ୟ ବିବରଣୀ ଯଥା: ଦରଖାସ୍ତ ଫର୍ମାଟ୍ ଏବଂ ଯୋଗ୍ୟତା ସର୍ତ୍ତାବଳୀ ପାଇଁ ଦୟାକରି କେନ୍ଦ୍ରୀୟ ସଞ୍ଚାର ବ୍ୟୁରୋର ୱେବ୍‌ସାଇଟ୍: www.davp.nic.in କିମ୍ବା www.cbcindia.gov.in ପରିଦର୍ଶନ କରନ୍ତୁ ।
ଦରଖାସ୍ତ ଗ୍ରହଣର ଶେଷ ତାରିଖ ହେଉଛି ୧୦ ଅକ୍ଟୋବର, ୨୦୨୩

ଯୁଗ୍ମ ନିର୍ଦ୍ଦେଶକ (କାର୍ଯ୍ୟକ୍ରମ)
କେନ୍ଦ୍ରୀୟ ସଞ୍ଚାର ବ୍ୟୁରୋ,
ନୂଆଦିଲ୍ଲୀ (ମୁଖ୍ୟାଳୟ)
CBC 22204/11/0004/2324

**ଉତ୍ତର ରେଳପଥ**

**ଅଭିଯୁକ୍ତ ବ୍ୟକ୍ତିଙ୍କ ହାଜିରା ନିମନ୍ତେ ଇସ୍ତାହାର (ଧାରା ୮୨ ଦ୍ରଷ୍ଟବ୍ୟ)**
**ଶ୍ରୀ ଛତିନ୍ଦର ସିଂହ, ଏମ୍‌ଏମ୍-୦୭, ସେଣ୍ଟ୍ରାଲ, ତିସ୍ ହଜାରୀ କୋର୍ଟସ୍, ରୁମ୍ ନଂ. ୩୨, ତଳ ମହଲାଙ୍କ ଅଦାଲତରେ**

ଏତଲା ନଂ./ସିସି ନଂ. : ୨୦/୨୦୧୭
ଥାନା : ଆର୍‌ପିଏଫ୍ (ଦିଲ୍ଲୀ)
ୟୁ/ଏସ୍ : ୩ ଆର୍‌ପି (ୟୁପି) ଅଧିନିୟମ
ମାମଲା ଶୀର୍ଷକ : ରାଜ୍ୟ ବନାମ କିଷାନ ବାଦୀ
ପ୍ରାପ୍ତେଷୁ,
ଏସ୍‌ଏଚ୍‌ଓ
ଥାନା: ଆର୍‌ପିଏଫ୍ (ଦିଲ୍ଲୀ)

ଯେହେତୁ ମୋ ନିକଟରେ ଏହା ଅଭିଯୋଗ କରାଯାଇଛି ଯେ, ଅଭିଯୁକ୍ତ **କିଷାନ ବାଦୀ ପିତା- ଶ୍ରୀ ବେଣୁଧର ବାଦୀ, ବାସିନ୍ଦା- ବରାହପାଳ, ରାଉତପଡ଼ା, ଥାନା- ରୂପସା, ଜିଲ୍ଲା- ବାଲେଶ୍ୱର ଏବଂ ଆହୁରି ମଧ୍ୟ ସ୍ଥାନ- ଫୁଟପାଥୀ ପାହାଡ଼ଗଞ୍ଜ, ଶୀଲା ସିନେମା ହଲ୍, ନୂଆଦିଲ୍ଲୀ ୩ ଆର୍‌ପି (ୟୁପି)** ଅଧିନିୟମ ଅଧୀନରେ ଦଣ୍ଡନୀୟ ଅପରାଧ କରିଛନ୍ତି (ବା ଅପରାଧ କରିଥିବାର ସନ୍ଦେହ କରାଯାଉଛି) ଏବଂ ଏ ବାବଦରେ ଉକ୍ତ **ଅଭିଯୁକ୍ତ କିଷାନ ବାଦୀଙ୍କୁ** ଗିରଫ କରିବା ପାଇଁ ଏକ ୱାରେଣ୍ଟ ଜାରି କରାଯାଇଥିଲା ଏବଂ ଯେହେତୁ, ମୋ ସନ୍ତୁଷ୍ଟି ମୋତେ ଏହା ଦର୍ଶାଯାଇଛି ଯେ ଉକ୍ତ **ଅଭିଯୁକ୍ତ କିଷାନ ବାଦୀ** ପଳାୟନ କରିଛନ୍ତି (କିମ୍ବା ଉକ୍ତ ୱାରେଣ୍ଟକୁ ଏଡ଼ାଇବା ଲାଗି ନିଜକୁ ଲୁକ୍କାୟିତ ରଖିଛନ୍ତି) । ଏତଦ୍ୱାରା ଇସ୍ତାହାର ଦିଆଯାଉଛି ଯେ, ଉକ୍ତ **ଅଭିଯୁକ୍ତ କିଷାନ ବାଦୀ** ଉକ୍ତ ଅଭିଯୋଗର ଉତ୍ତର ଦେବା ପାଇଁ ଏହି ଅଦାଲତ ସମ୍ମୁଖରେ **ତା୦୬।୧୧।୨୦୨୩ରିଖ** ଦିନ ହାଜର ହେବା ଆବଶ୍ୟକ । **ପ୍ରକ୍ରିୟା ସେବକ ପ୍ରକ୍ରିୟାର ବିବରଣୀକୁ ଅଭିଯୁକ୍ତଙ୍କ ଠିକଣା ଏବଂ ସମ୍ପୃକ୍ତ ଅଦାଲତରେ ଲଗାଇ ତାହାର ଫଟୋଚିତ୍ରକୁ ଅଦାଲତ ନିକଟରେ ରିପୋର୍ଟ ସହିତ ଦାଏର କରିବେ ।** ପ୍ରକାଶନର ତାରିଖ ଏବଂ ଅଭିଯୁକ୍ତଙ୍କ ହାଜିରା ମଧ୍ୟରେ ଅତି କମ୍‌ରେ ୩୦ ଦିନର ବ୍ୟବଧାନକୁ ଧ୍ୟାନରେ ରଖି ଅଭିଯୁକ୍ତ ଶେଷ ଜ୍ଞାତ ଠିକଣାରେ ପ୍ରସାରିତ ହେଉଥିବା ହିନ୍ଦୀ ଭାଷାର ଏକ ରାଷ୍ଟ୍ରୀୟ/ସ୍ଥାନୀୟ ଖବରକାଗଜ ଏବଂ ଇଂରାଜୀ ଭାଷାର ଏକ ରାଷ୍ଟ୍ରୀୟ/ସ୍ଥାନୀୟ ଖବରକାଗଜରେ ଇସ୍ତାହାରକୁ ପ୍ରକାଶନ କରିବା ପାଇଁ ଆପଣଙ୍କୁ ନିର୍ଦ୍ଦେଶ ଦିଆଯାଉଛି । **ବୟାନର ଅଭିଲିଖନ ପାଇଁ ପ୍ରକ୍ରିୟା ସେବକଙ୍କୁ ବ୍ୟକ୍ତିଗତ ଭାବେ ହାଜର ହେବା ପାଇଁ ନିର୍ଦ୍ଦେଶ ଦିଆଯାଉଛି ।** ମୋର ହସ୍ତାକ୍ଷର ଏବଂ ଅଦାଲତର ସହି ମୋହର ସହିତ ତା୧୧।୦୭।୨୦୨୩ରିଖରେ ପ୍ରଦତ୍ତ ।

(ନ୍ୟାୟାଧୀଶ)
ମେଟ୍ରୋପଲିଟାନ୍ ମାଜିଷ୍ଟ୍ରେଟ୍, ଦିଲ୍ଲୀ
2886/23
ହର୍ଷର ସହିତ ଗ୍ରାହକଙ୍କ ସେବାରେ

# ଅପେକ୍ଷାରେ ଭିତରକନିକାକୁ ବିଶ୍ୱ ଐତିହ୍ୟ ମାନ୍ୟତା

କେନ୍ଦ୍ରାପଡ଼ା, ୧୮।୯ (ଜଗନ୍ନାଥ ଧଳ)



ଭିତରକନିକାରେ ହେନ୍ତାଳବଣ।

- ୨୦୧୭ରେ ତାଲିକାଭୁକ୍ତ ପାଇଁ ଉଦ୍ୟମ ହୋଇଥିଲା
- ହେନ୍ତାଳବଣ ସମସ୍ୟା ସୁଧାର ପାଇଁ ତତ୍ପରତା ନାହିଁ

ସାଉଦି ଆରବ ବିଶ୍ୱ ଐତିହ୍ୟ କମିଟିର ୪୫ତମ ବୈଠକରେ ପଶ୍ଚିମବଙ୍ଗର ଶାନ୍ତି ନିକେତନକୁ ୟୁନେସ୍କୋ ପକ୍ଷରୁ ବିଶ୍ୱ ଐତିହ୍ୟ ତାଲିକାଭୁକ୍ତ କରାଯାଇଥିବା ରବିବା ସୂଚନା ମିଳିଛି। ଏହାପୂର୍ବରୁ ପ୍ରାକୃତିକ ବିବିଧତା ଭରା ଜାତୀୟ ଉଦ୍ୟାନ ଭିତରକନିକାକୁ ଏହି ତାଲିକାରେ ସ୍ଥାନ ପାଇଁ ଉଦ୍ୟମ ହୋଇଥିଲା। ତେବେ ହେନ୍ତାଳବଣର ପରିଚାଳନାଗତ ତ୍ରୁଟି ପାଇଁ ଏହା ସମ୍ଭବ ହୋଇନାହିଁ। ଏ ସମ୍ପର୍କରେ ଜନ ଅଧିକାର ମଞ୍ଚ ସଭାପତି ଭୁବନମୋହନ ଜେନା କହିଛନ୍ତି, ମହାନଦୀ, ବ୍ରାହ୍ମଣୀ ଓ ବୈତରଣୀ ଅବବାହିକାରେ ଥିବା ଭିତରକନିକାର ଜୈବ ବିବିଧତା ବିଶ୍ୱ ପ୍ରସିଦ୍ଧ। ବିରଳ ଅଲିଭ ରିଡ୍‌ଲେ କଇଁଛଙ୍କ ପ୍ରଜନନ ସ୍ଥଳୀ, ବହୁଳ ଲୁଣା କୁମ୍ଭୀର, ଦେଶୀ ବିଦେଶୀ ପକ୍ଷୀଙ୍କ ସମାହାର, ହେନ୍ତାଳବଣ ଆଦି ଗବେଷକଙ୍କ ପାଇଁ ଏହି ଆର୍ଦ୍ରଭୂମି ଗବେଷଣାଗାର ହୋଇଛି। ଏହା ବ୍ୟତୀତ ଏହି ବନାଞ୍ଚଳକୁ ୧୯୭୫ରେ ସଂରକ୍ଷିତ କରାଯାଇଥିବା ବେଳେ ୧୯୯୮ରେ ଜାତୀୟ ଉଦ୍ୟାନ ଓ ୨୦୦୨ରେ ଅନ୍ତର୍ଜାତୀୟ ମାନ୍ୟତା (ରାମସାର ସାଇଟ) ମିଳିଛି। ଏହାସତ୍ତ୍ୱେ ପରିଚାଳନାଗତ ତ୍ରୁଟି ପାଇଁ ୨୦୧୭ରେ ବିଶ୍ୱ ଐତିହ୍ୟ ତାଲିକାରୁ ବଞ୍ଚିତ ହୋଇଛି। ଏପରିକି ଏହି ମାନ୍ୟତା ପାଇଁ ଇଣ୍ଟରନ୍ୟାଶନାଲ ୟୁନିୟନ ଫର୍ କଞ୍ଜରଭେଶନ ଅଫ୍ ନେଚର (ଆଇୟୁସିଏନ୍)ର ୪୦ତମ ବୈଠକରେ ବିଭିନ୍ନ କାରଣ ଦର୍ଶାଇ ସମାଲୋଚନାର ଶିକାର ହୋଇଛି। ସେହିପରି ୨୦୧୯ରେ ଜାତୀୟ ଆଇକନିକ ଐତିହ୍ୟସ୍ଥଳ ତାଲିକାରେ ଭିତରକନିକା ସାମିଲ ହୋଇପାରିନାହିଁ। ଏହାର କାରଣ ଖୋଜି ସମସ୍ୟାର ସମାଧାନ ହେବା କଥା। ତେବେ ଏ ନେଇ ପ୍ରଶାସନ ଅଥବା ରାଜ୍ୟ ସରକାର ତତ୍ପରତା ଦେଖାଉ ନ ଥିବାରୁ ଜାତୀୟ ଉଦ୍ୟାନ ମାନ୍ୟତା ଏବେ ସଙ୍କଟରେ ବୋଲି ସେ ମତ ଦେଇଛନ୍ତି।

ଏ ସମ୍ପର୍କରେ ଅଧ୍ୟାପକ କ୍ଷିତୀଶ କୁମାର ସିଂହ, ସାମାଜିକ କର୍ମୀ ସଞ୍ଜୟ କୁମାର ବେହୁରା, ବୁଦ୍ଧିଜୀବୀ ଗଣେଶ ଚନ୍ଦ୍ର ସାମଲ ପ୍ରମୁଖ କହିଛନ୍ତି, ଭିତରକନିକାର ଆତ୍ମା ହେଉଛି ହେନ୍ତାଳବଣ। ଏହା ପ୍ରାକୃତିକ ବିପର୍ଯ୍ୟୟ ସମୟରେ ସମୁଦ୍ରର ପ୍ରାଚୀର ଭାବେ କେବଳ କାର୍ଯ୍ୟ କରୁନାହିଁ, ବରଂ ପଶୁପକ୍ଷୀ, ବନ୍ୟଜନ୍ତୁ, ସାମୁଦ୍ରିକ ପ୍ରାଣୀର ଅନ୍ତୁଡ଼ିଶାଳ ପାଲଟିଛି। ତେବେ ଏହାର ପରିଚାଳନାରେ ତ୍ରୁଟି ରହିଥିବା ୨୦୧୭ରେ ୟୁନାଇଟେଡ୍ ନେସନ୍ସ ଏଡୁକେଶନାଲ, ସାଇଣ୍ଟିଫିକ ଆଣ୍ଡ କଲ୍‌ଚରାଲ ଅର୍ଗାନାଇଜେଶନ (ୟୁନେସ୍କୋ) ପକ୍ଷରୁ ଆୟୋଜିତ ଆଇୟୁସିଏନ୍ ବୈଠକରେ ଦର୍ଶାଯାଇଛି। ୨୦୧୬ ନଭେମ୍ବର ୨ରୁ ୯ ତାରିଖ ପର୍ଯ୍ୟନ୍ତ ଆଇୟୁସିଏନ୍‌ର ବିଶେଷଜ୍ଞ ନାଓମି ଡକ୍ ଓ ରାମ୍‌କୋ ଭନ୍ ମେରୋନ ଭିତରକନିକା ଅଞ୍ଚଳ ଗସ୍ତକରି ଏହାର ପରିବେଶ ସମ୍ପର୍କରେ ଅନୁଧ୍ୟାନ କରିଥିଲେ। ଏଥିସହ ଷ୍ଟାଟସ ଆଣ୍ଡ ଡିଷ୍ଟ୍ରିବୁଶନ ଅଫ୍ ମ୍ୟାନ୍‌ଗ୍ରୁଭ ଫରେଷ୍ଟ, ଗ୍ଲୋବାଲ ଇକୋଲୋଜି ଆଣ୍ଡ ବାଇଓଲୋଜି (୨୦୧୧), ସ୍ପାଟିଆଲ ଆନାଲିସସ୍ ଅଫ୍ ଆନ୍ଥ୍ରୋପୋଜେନିକ ଡିଷ୍ଟ୍ରଭାନସ ଅଫ୍ ମ୍ୟାନଗ୍ରୋଭ ଫରେଷ୍ଟ ଅଫ୍ ଦି ଭିତରକନିକା କଞ୍ଜରଭେଶନ ଏରିଆ, ଜିଓ ସ୍ପାଇଟାଲ ଆନାଲିସସ୍ ଅଫ କୋଷ୍ଟାଲ ଏନଭାଇରମେଣ୍ଟ ଆଦି ବହୁ ତଥ୍ୟ ଆଧାରକୁ ସେମାନେ ନିରୀକ୍ଷଣ କରିଛନ୍ତି। ସେମାନଙ୍କ ରିପୋର୍ଟ ଅନୁଯାୟୀ ଜାତୀୟ ଉଦ୍ୟାନ ମଧ୍ୟରେ ଥିବା ହେନ୍ତାଳବଣର ସୁରକ୍ଷା ଏବେ ଜରୁରୀ ହୋଇପଡିଛି। ସାମୁଦ୍ରିକ ତଟକ୍ଷୟ ବିରଳ ଅଲିଭ ରିଡ୍‌ଲେଙ୍କ ପ୍ରଜନନସ୍ଥଳ ଗହୀରମଥାକୁ କବଳିତ କରିଛି। ଆଗାମୀ କିଛିବର୍ଷ ମଧ୍ୟରେ ପ୍ରଜନନ ପାଇଁ ଏଠାରେ ସ୍ଥାନ ମିଳିବ ନାହିଁ। ସେହିପରି ଭିତରକନିକା ସଂରକ୍ଷିତ ଅଞ୍ଚଳ କୁହାଯାଉଥିବା ବେଳେ ଏଠାରେ ୪୧୦ ଗ୍ରାମ ରହିଥିବା ବନ ବିଭାଗ ଦର୍ଶାଇଛି। ଜୀବନ ଜୀବିକା ପାଇଁ ହେନ୍ତାଳବଣ ନଷ୍ଟ ହେଉଛି। ଏଥିସହ ଏହି ଆର୍ଦ୍ର ଅଞ୍ଚଳକୁ ଆବଶ୍ୟକ ମୁତାବକ ମଧୁର ଜଳର ଅଭାବ ଅଛି। ଏହାର ସୁରକ୍ଷା ପାଇଁ ଭିତରକନିକା ଇକୋ ସେନ୍‌ସେଟିଭ ଜୋନ୍ ୨୦୧୫ ମସିହାରୁ ଘୋଷଣା ହୋଇଛି। ଜୋନ୍ ଅଞ୍ଚଳରେ ସଚେତନତା ଓ କେତେକ କାର୍ଯ୍ୟକ୍ରମ ନ ଥିବାରୁ ଭିତରକନିକାକୁ ବିଶ୍ୱ ଐତିହ୍ୟ ମାନ୍ୟତାରୁ ବଞ୍ଚିତ କରାଯାଉଥିବା ବୈଠକର ରିପୋର୍ଟରୁ ଜଣାଯାଉଥିବା ପରିବେଶବିତ ଓ ସାମାଜିକ କର୍ମୀମାନେ ମତ ଦେଇଛନ୍ତି। ଏ ସମ୍ପର୍କରେ ଏଡିଏମ୍ ପୀତାମ୍ବର ସାମଲଙ୍କୁ ପଚାରିବାରେ ଭିତରକନିକାକୁ ସୁରକ୍ଷିତ ରଖିବା ପାଇଁ ବିଭିନ୍ନ କଟକଣା ଜାରି ହୋଇଛି। ନିଷିଦ୍ଧାଞ୍ଚଳରେ ପ୍ରବେଶ ଉପରେ କାର୍ଯ୍ୟାନୁଷ୍ଠାନ ହେଉଛି। ସେହିପରି ଚିଙ୍ଗୁଡ଼ି ଘେରି ଉଚ୍ଛେଦ, ଅନୁପ୍ରବେଶକୁ ରୋକିବା, ହେନ୍ତାଳ ଚାରା ହ୍ୟାଚେରି ଆଦି କାର୍ଯ୍ୟକ୍ରମକୁ ଜିଲା ପ୍ରଶାସନ ଗୁରୁତ୍ୱ ଦେଇଛି ବୋଲି ସେ କହିଛନ୍ତି।

# ଆଳିର ୩ ମହିଳା ଖେଳାଳି ସାମିଲ



ଆଳିର ୩ ମହିଳା ଫୁଟବଲ ଖେଳାଳି।

ଆଳି, ୧୮।୯ (ବନମାଳୀ ସେନାପତି)

## ସବ୍‌ଜୁନିୟର, ଜୁନିୟର ବର୍ଗ ଫୁଟବଲ ଟୁର୍ଣ୍ଣାମେଣ୍ଟ

କର୍ଣ୍ଣାଟକରେ ସବ୍‌ଜୁନିୟର ଓ ଓଡ଼ିଶାରେ ଅନୁଷ୍ଠିତ ହେବାକୁ ଥିବା ଜୁନିୟର ବର୍ଗର ଜାତୀୟ ମହିଳା ଫୁଟବଲ ଚାମ୍ପିୟନ ସିପ ଲାଗି ଓଡ଼ିଶା ଜାତୀୟ ଦଳରେ ଆଳିର ୩ ମହିଳା ଫୁଟବଲ ଖେଳାଳି ସ୍ଥାନ ପାଇଛନ୍ତି। ସେମାନେ ହେଲେ ଆଳି ବ୍ଲକ ବାଳକାଟୀ ଗ୍ରାମର ଅଭିଲିପ୍ସା ଦାସ, ସବ୍ ଜୁନିୟର ବର୍ଗରେ ଗୌଡ଼ପଟଣା ଗ୍ରାମର ସାଇ ଭାଗ୍ୟଶ୍ରୀ ସାହୁ ଓ ଦେମାଳ ଗ୍ରାମର ଶିଖା ମଲ୍ଲିକ ଜୁନିୟର ବର୍ଗରେ ସ୍ଥାନ ପାଇ ଆଳି ପାଇଁ ଗୌରବ ଆଣିଛନ୍ତି। ଏହି ଖବର ପାଇବା ପରେ ଆଳି ଆଥ୍‌ଲେଟିକ ଆସୋସିଏଶନର ସମ୍ପାଦକ ବିଜୟ କୁମାର ସେନାପତି, ପ୍ରଶିକ୍ଷକ ସୁଶାନ୍ତ କୁମାର ମଲ୍ଲିକ, ଆଲୋଚନା ସେନାପତି, ଅନିମା ମଲ୍ଲିକ ଶୁଭେଚ୍ଛା ଜଣେଇବା ସହ ରାଜ୍ୟ ସରକାର ଓ ଫୁଟବଲ ଆସୋସିଏଶନ ଅଫ ଓଡ଼ିଶାକୁ ଧନ୍ୟବାଦ ଜଣେଇଛନ୍ତି।

# ବିଦ୍ୟୁତ୍ ତାରରେ ଲାଗିଲା ମେଢ଼, ଯୁବକ ମୃତ

## ଗଣେଶ ପୂଜା ପୂର୍ବରୁ ଅଘଟଣ

ବରୀ, ୧୮।୯ (ମହେନ୍ଦ୍ର ସ୍ୱାଇଁ)

ଗଣେଶ ପୂଜା ପାଇଁ ସବୁଠି ପ୍ରସ୍ତୁତି ଚାଲିଥିବାବେଳେ ସୋମବାର ଯାଜପୁର ଜିଲା ବରୀ ବ୍ଲକ୍ ଅଧୀନ ବାଲିବିଲଠାରେ ଏକ ଅଘଟଣ ଘଟିଛି। ଗଣେଶ ମେଢ଼କୁ ଅଲିପୁରଠାରୁ ଏକ ଟ୍ରାକ୍ଟର ଯୋଗେ ଉକ୍ତ ବ୍ଲକ୍ ଅଧୀନ ଅଙ୍ଗାଲୋ ପଞ୍ଚାୟତ ଡିହବାରିଙ୍ଗ ଗ୍ରାମର ଯୁବକମାନେ ନେଇ ଯାଉଥିବାବେଳେ ତାହା ୧୧ କେ.ଭି. ବିଦ୍ୟୁତ୍ ତାର ସ୍ୱଂସ୍ପର୍ଶରେ ଆସିବାରୁ ଘଘଟଣାସ୍ଥଳରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ଅନ୍ୟକେତେଜଣ ଗୁରୁତର ହୋଇଛନ୍ତି। ସେମାନଙ୍କୁ ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ମୃତକ ହେଲେ ଗ୍ରାମର ସମୀର ରାଉତ। ଘଟଣାପରେ ବାଲିବିଲ ଅଞ୍ଚଳର ଯୁବକମାନେ ବିଦ୍ୟୁତ୍ ବିଭାଗର ଖାମଖିଆଲି ମନୋଭାବ ଯୋଗୁ ଏଭଳି ଘଟଣା ଘଟିଲା ବୋଲି ଅଭିଯୋଗ କରିବା ସହ ଦୀର୍ଘ ସମୟ ଧରି ହୋହଲ୍ଲା କରିଥିଲେ। ଖବର ପାଇ ବରୀ ବିଦ୍ୟୁତ୍ ଉପଖଣ୍ଡ ଅଧିକାରୀ ଭବାନୀ ଶଙ୍କର ରାୟ ପହଞ୍ଚି ମୁଖ୍ୟରାସ୍ତାରେ ଥିବା ତାର ଓ ବିଦ୍ୟୁତ୍ ଖୁଣ୍ଟଗୁଡ଼ିକୁ ସ୍ଥାନାନ୍ତର କରାଯିବାର ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଯୁବକମାନେ ଆନ୍ଦୋଳନରୁ ଓହରିଥିଲେ। ବରୀ-ରାମଚନ୍ଦ୍ରପୁର ଥାନା ପୋଲିସ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଶୋକାକୂଳ ପରିବେଶ ସୃଷ୍ଟି କରିଛି।




ତାରରେ ଲାଗିଥିବା ମେଢ଼।

ସେଲ୍‌ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ପ୍ରତାପ



@ ଜଗନ୍ନାଥ



@ ସୁଭଦ୍ରାଶନ



@ ପ୍ରଶାନ୍ତ



@ ସୌମ୍ୟ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ନିର୍ଯାତନା ଅଭିଯୋଗରେ ସ୍ୱାମୀ ଅଟକ

ଧର୍ମଶାଳା, ୧୮।୯ (ବଟକୃଷ୍ଣ ପରିଡ଼ା)

ଧର୍ମଶାଳା ଥାନା ଜାରକା ଶବରସାହିରେ ଜଣେ ଯୁବକ ତାଙ୍କ ସ୍ତ୍ରୀଙ୍କୁ ନିର୍ଯାତନା ଦେଇଥିବା ଅଭିଯୋଗ ହୋଇଛି। ଉକ୍ତ ଅଭିଯୋଗ ଆଧାରରେ ପୋଲିସ ସମ୍ପୃକ୍ତ ଯୁବକଙ୍କୁ ଅଟକ ରଖି ତଦନ୍ତ ଚଳାଇଛି। ଅଟକ ଯୁବକ ହେଲେ ମାନସ ପରିଡ଼ା। ସେ ଗତ ୬ ବର୍ଷ ତଳେ ଘଷିପୁରା ଥାନା କେସଦୁରାପାଳ ଗ୍ରାମର ବର୍ଷାରାଣୀ ଦେଉରିଙ୍କୁ ବିବାହ କରିଥିଲେ। ବର୍ଷାଙ୍କ ୩ ବର୍ଷର ପୁଅ ରହିଥିବା ବେଳେ ମାନସ ଅନ୍ୟଜଣେ ଯୁବତୀଙ୍କୁ ଘରକୁ ଆଣି ତାଙ୍କୁ ବିବାହ କରିବେ ବୋଲି ଜିଦ ଧରିବା ସହ ବର୍ଷାରାଣୀଙ୍କୁ ମାରଧର କରିଛନ୍ତି। ତେଣୁ ବର୍ଷାରାଣୀ ଥାନାର ଆଶ୍ରୟ ନେଇଛନ୍ତି।

# କଦଳୀଭେଳାରେ ମା’ ମନସା ମୃଣ୍ମୟୀ ଦେବୀ ବିରାଜିତ

ମହାକାଳପଡ଼ା, ୧୮।୯ (ପ୍ରତାପ ଚନ୍ଦ୍ର ସ୍ୱାଇଁ)



ମା’ ମନସା ଦେବୀଙ୍କୁ ପୂଜା କରାଯାଉଛି।

- ମା’ ମନସା ଦେବୀଙ୍କ ଗଳାରେ ଟଙ୍କା ହାର ଅର୍ପଣ
- ଦାନରେ ମିଳୁଥିବା ସମସ୍ତ ଜିନିଷ ନଦୀରେ ବିସର୍ଜନ ହୁଏ

ସର୍ପଦଂଶନରୁ ମୁକ୍ତି ପାଇଁ ବଙ୍ଗୀୟ ଲୋକମାନେ ମା’ ମନସା ମୃଣ୍ମୟୀ ଦେବୀ ଚରଣରେ ଶରଣାପନ୍ନ ହୁଅନ୍ତି। ବିଶ୍ୱାସ ରହିଛି ମା’ ମନସା ଦେବୀଙ୍କୁ ନଦୀରେ କଦଳୀଭେଳା କରି ପୂଜାର୍ଚ୍ଚନା କଲେ ପରିବାରରେ ବିପତ୍ତି ପଡ଼େନାହିଁ। ମା’ଙ୍କ ମସ୍ତକରେ ଅଷ୍ଟନାଗ ଧାରଣ କରିଥାନ୍ତି। ସେମାନେ ହେଲେ ବାସୁକି, ପଦ୍ମ, ମହାପଦ୍ମ, ତକ୍ଷ, କୁଳିର, କର୍କଟ, ଶଙ୍ଖ ଓ ଅନନ୍ତ ଦଣ୍ଡାୟମାନ।

ମାନସିକଧାରୀମାନେ ପରିବାର ସମେତ ଜଗତର ମଙ୍ଗଳ ପାଇଁ ମା’ଙ୍କ ଗଳାରେ ଟଙ୍କା ହାର ଅର୍ପଣ କରାଯାଏ। ବିଭିନ୍ନ ଫଳଫୁଲୁରି, ଚିନିରେ ପ୍ରସ୍ତୁତ ବାତସା ଭୋଗ ଲାଗି କରାଯାଇଥାଏ। ଏହି ପୂଜା ପ୍ରତିବର୍ଷ କନ୍ୟା ସଂକ୍ରାନ୍ତିଠାରୁ ଆରମ୍ଭହୋଇ ୩ ଦିନ ଧରି ଅନୁଷ୍ଠିତ ହୋଇଥାଏ। ଶେଷରେ ବିସର୍ଜନ ପର୍ବରେ କଦଳୀଭେଳାରେ ପଣାଭୋଗ ନୈବେଦ୍ୟ ଅର୍ପଣ କରି ମା’ଙ୍କୁ ସୁସଜ୍ଜିତ କରାଯାଇ ନଦୀକୁ ନେଇ ଭସାଇ ଦିଆଯାଇଥାଏ। ବଙ୍ଗୀୟ ରୀତିନୀତି ବିଧି ଅନୁସାରେ ମା’ ମନସା ପୂଜା ପାଇଥାନ୍ତି ବୋଲି ଆୟୋଜକ କର୍ମକର୍ତ୍ତା କହିଛନ୍ତ। ବଙ୍ଗୀୟମାନେ ଏହି ପର୍ବ ପାଳନ କରିଥାନ୍ତି ବୋଲି କୁହାଯାଏ। ବିଶେଷକରି କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଉପକୂଳ ଅଞ୍ଚଳ ବଙ୍ଗୀୟ ଅଧ୍ୟୁଷିତ ଅଞ୍ଚଳ ବତୀଘର ପଞ୍ଚାୟତ ମହାନଦୀ ଶାଖାର ଦକ୍ଷିଣ ଖୋଳା ନଦୀ , ହରିଆ ବାଙ୍କ ଗଳିଆ ନଦୀ, ଆମ୍ବବେଲାରି ନିକଟ ନଦୀ, ଜମ୍ବୁ ଗୋବରୀ ନଦୀକୂଳ, ତନ୍ତିଆପାଳ ଗଳିଆ ନଦୀ ଆଦି ଅଞ୍ଚଳରେ ମା’ ପୂଜା ପାଆନ୍ତି ବୋଲି ଦେଖିବାକୁ ମିଳେ। ସେହିପରି ପେଟଛେଲା ପଞ୍ଚାୟତର ହବଳିପାହିସ୍ଥିତ ରାମଚଣ୍ଡୀ ଗଳିଆ ନଦୀରେ ୧୯ ତମ ବାର୍ଷିକ ମା’ ମନସା ଦେବୀଙ୍କ ପୂଜାକୁ ପେଟଛେଲା ପଞ୍ଚାୟତର ମା’ ମନସା ପୂଜା କମିଟିର ମୁରବିମାନେ ଆୟୋଜିତ କରିଥାନ୍ତି। ଏହି ପୂଜାକୁ ଦେଖିବା ପାଇଁ ପଡ଼ୋଶୀ ପାରାଦୀପ, କୁଜଙ୍ଗ, ରାଜନଗର, ପଟ୍ଟାମୁଣ୍ଡାଇ ଓ କେନ୍ଦ୍ରାପଡ଼ା ଆଦି ଅଞ୍ଚଳରୁ ଶ୍ରଦ୍ଧାଳୁମାନେ ଆସୁଥିବା ଦେଖିବାକୁ ମିଳେ। ଏହି ପୂଜାପର୍ବରେ ବଙ୍ଗୀୟଙ୍କ ପ୍ରତି ପରିବାରରେ ବନ୍ଧୁ ପରିଜନ, ଜ୍ଞାତି କୁଟୁମ୍ବ ଆଦି କୋଲକତା, କାନ୍ଥି, ବାଲେଶ୍ୱର, ଭଦ୍ରକ ଆଦି ଅଞ୍ଚଳର ବଙ୍ଗୀୟମାନେ ଆସିଥାନ୍ତି। ପରିବାରରେ ନୂଆ ବସ୍ତ୍ର ପରିଧାନ କରିବା ସହ ପିଠାପଣା ଆଦି ପ୍ରସ୍ତୁତ କରି ଭୂରି ଭୋଜନ କରିଥାନ୍ତି। ପୂଜାମଣ୍ଡପ, ଧାର୍ମିକ ସଭା, ଭଜନ ସନ୍ଧ୍ୟା, ଯାତ୍ରା ଅନୁଷ୍ଠିତ ହୋଇଥାଏ। ସେହିପରି ସୋମବାର ଏହି ଅଞ୍ଚଳରେ ମା’ ମନସା ବାର୍ଷିକ ଉତ୍ସବରେ ସାମିଲ ହୋଇଥାନ୍ତି ବିଭିନ୍ନ ରାଜନୈତିକ ଦଳର ନେତା ଓ କର୍ମୀମାନେ। ସେମାନେ ମା’ଙ୍କୁ ଦର୍ଶନକରି ଆଶୀର୍ବାଦ ଭିକ୍ଷା କରିଛନ୍ତି। ଶାନ୍ତନୁ କୁମାର ନାୟକ, ଡା. ଅମିୟ କୁମାର ଜେନା, ବ୍ଲକ ଅଧ୍ୟକ୍ଷା କଳ୍ପନା ରାଉତ, ଅମରେନ୍ଦ୍ର ସାମଲଙ୍କ ସମେତ ଅନ୍ୟ ନେତୃବୃନ୍ଦ ପ୍ରମୁଖ ବତିଘର, ହରିଆବାଙ୍କ, ପେଟଛେଲା ଆଦି ମା’ଙ୍କ ପୂଜାମଣ୍ଡପରେ ପହଞ୍ଚି ଥିଲେ।

# ମୋବାଇଲରେ କଥା ହେବାବେଳେ ବଜ୍ରପାତ, ଯୁବକ ମୃତ, ଜଣେ ଗୁରୁତର

ଧର୍ମଶାଳା/କାଏମା, ୧୮।୯
(ବଟକୃଷ୍ଣ ପରିଡା/ ଶିବପ୍ରସାଦ ମହାନ୍ତି)



ମନୋରଞ୍ଜନ ନାୟକ।

ମୋବାଇଲରେ କଥାହେବାବେଳେ ବଜ୍ରପାତ ହେବାରୁ ଯାଜପୁର ଜିଲା ଧର୍ମଶାଳା ବ୍ଲକ ଅନ୍ତର୍ଗତ ଦେଓଦା ପଞ୍ଚାୟତ ଚଇନୁହୁଡ଼ା ଗ୍ରାମରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଥିବାବେଳେ ଅନ୍ୟଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ ଗ୍ରାମର ନୀଳମଣି ନାୟକଙ୍କ ସାନପୁଅ ମନୋରଞ୍ଜନ(୧୮) ଓ ଗୁରୁତର ହେଲେ ଉକ୍ତ ଗ୍ରାମର ବଟକୃଷ୍ଣ ତରାଇଙ୍କ ପୁଅ ମନୋଜ(୧୮)। ତାଙ୍କ ମୁଣ୍ଡ ଫାଟି ଯାଇଥିବାରୁ ତାଙ୍କୁ ପ୍ରଥମେ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ସୂଚନା ମୁତାବକ, ସୋମବାର ଅପରାହ୍ନ ୫ଟାରେ ବର୍ଷା ହେଉଥିଲା। ବର୍ଷା ଛାଡ଼ିଯିବା ପରେ ମନୋରଞ୍ଜନ ଓ ମନୋଜ ସାଙ୍ଗହୋଇ ଚଇନିହୁଡାସ୍ଥିତ ବିଲ ପାଟରେ ବସି ମୋବାଇଲରେ କଥା ହେଉଥିଲେ। ଏହି ସମୟରେ ଅଚାନକ ବଜ୍ରପାତ ହୋଇଥିଲା। ଫଳରେ ଘଟଣାସ୍ଥଳରେ ମନୋରଞ୍ଜନ ଟଳି ପଡ଼ିଥିଲେ। ତାଙ୍କ ମୋବାଇଲଟି ଭାଙ୍ଗିରୁଜି ଯାଇଥିଲା। ମନୋଜଙ୍କ ମୁଣ୍ଡ ଫାଟି ଯାଇଥିଲା। ସ୍ଥାନୀୟ ଲୋକଙ୍କ ସାହାଯ୍ୟରେ ଉଭୟଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ମନୋରଞ୍ଜନଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ତାଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ନୟାଗଡ଼ ଜିଲାରେ ୨୮୯ ଡାକ୍ତର ପଦବୀ ଖାଲି

ନୟାଗଡ଼,୧୮।୯(ଲୋକନାଥ ମିଶ୍ର)

- ସୁଧୁରୁନି ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା
- ପୂରଣ ହୋଇ ପାରୁନି ଡାକ୍ତର କି ଫାର୍ମାସିଷ୍ଟ ପଦବୀ
- ସୁପର ସ୍ପେଶାଲିଟି ଡାକ୍ତର ପଦବୀ ନାହିଁ

ନୟାଗଡ଼ ଜିଲାରେ ସ୍ୱାସ୍ଥ୍ୟସେବା ସୁଧୁରୁନି। ରାଜ୍ୟରେ ମେଡ଼ିକାଲ କଲେଜ ସଂଖ୍ୟା ବଢୁଥିଲେ ମଧ୍ୟ ଏହାର ସୁବିଧା ସାଧାରଣ ଲୋକ ନେଇ ପାରୁନାହାନ୍ତି ବୋଲି ଅଭିଯୋଗ ରହିଛି। କେବଳ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ବାହାବା ନିଆଯାଉଛି। କିନ୍ତୁ ଗ୍ରାଉଣ୍ଡ ଜିରୋ ରିପୋର୍ଟ କହୁଛି ସାଧାରଣ ଲୋକ ଠିକ୍‌ରେ ସ୍ୱାସ୍ଥ୍ୟସେବା ପାଉନାହାନ୍ତି। କେଉଁଠି ଡାକ୍ତର ପାଳିରେ ଆସୁଛନ୍ତି ତ ଆଉ କେଉଁଠାରେ ଡାକ୍ତର ଆସିବାରେ ବିଳମ୍ବ ହେଉଛି। ଆଉ କେଉଁ ସ୍ଥାନରେ ଡାକ୍ତର ଥାଇ ନ ଥିଲା ପରି। ତେବେ ସବୁଠି ସମାନ ଅଭିଯୋଗ ଖାଲିଥିବା ଡାକ୍ତର ପଦବୀ ଖାଲି ପଡ଼ିଛି।

ନୟାଗଡ଼ରେ ଜିଲା ମୁଖ୍ୟ ଚିକିତ୍ସାଳୟ, ୧ ଉପଖଣ୍ଡ ଚିକିତ୍ସାଳୟ, ୧୨ଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ୩୭ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ରହିଛି। ଜିଲାର ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ର ପାଇଁ ୪୩୪ ଡାକ୍ତର ପଦବୀ ଥିବାବେଳେ ୨୮୯ ପଦବୀ ଖାଲି ପଡ଼ିଛି। ମାତ୍ର ୧୪୫ ଡାକ୍ତର ଜିଲାରେ ଅଛନ୍ତି। ଅନ୍ୟପକ୍ଷେ ଆୟୁଷ ଡାକ୍ତର ପଦବୀ ୪୦ ଥିବାବେଳେ ୩୯ ଡାକ୍ତର ଅଛନ୍ତି। କେବଳ ଜଣେ ମାତ୍ର ଆୟୁଷ ଡାକ୍ତର ପଦବୀ ଖାଲି ପଡିଛି। ଫାର୍ମାସିଷ୍ଟ ପଦବୀ ୭୩ ଥିବାବେଳେ ୧୫ ପଦବୀ ଖାଲି ରହିଛି। ତେବେ ଜିଲାରେ ୫୮ ଫାର୍ମାସିଷ୍ଟ ଅଛନ୍ତି। ଅନ୍ୟପକ୍ଷେ ୪୭ ଲାବୋରାଟୋରୀ ଟେକନସିୟାନ ପଦବୀ ଥିବାବେଳେ ୩୩ ପଦବୀ ଖାଲି ଥିବା ବେଳେ ୧୪ ଲାବୋରାଟୋରୀ ଟେକନସିୟାନ ଅଛନ୍ତି। ପୁଣି ୩୨୩ ନର୍ସିଂ ଅଫିସର ପଦବୀ ଥିବାବେଳେ ୨୨୭ ଅଛନ୍ତି। ଖାଲି ପଡ଼ିଥିବା ୯୬ ପଦବୀ ନର୍ସିଂ ଅଫିସର ପଦବୀ ପୂରଣ ହେଉନି। ପୁଣି ଏଏନ୍‌ଏମ୍ ପଦବୀ ୨୨୧ ଥିବାବେଳେ ୩୯ ପଦବୀ ଖାଲିଥିବା ବେଳେ ୧୮୨ ଜଣ ଏଏନଏମ୍ ଅଛନ୍ତି। ଜିଲାରେ ଡାକ୍ତର ଓ ଆୟୁଷ ଡାକ୍ତର, ଫାମାସିଷ୍ଟ, ଲାବୋରାଟୋରୀ ଟେକନସିୟାନ, ନର୍ସିଂ ଅଫିସର ପରି ପଦବୀ ଖାଲିପଡ଼ିବାର ସ୍ଥିତିକୁ ଅନୁଧ୍ୟାନ କଲେ ସ୍ୱାସ୍ଥ୍ୟସେବା ଅବସ୍ଥା ବଦଳୁ ନ ଥିବା ଜଣାପଡିଛି।


ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟ।

ଏ ନେଇ ଭାପୁରର ସଦାଶିବ ସାହୁ କୁହନ୍ତି, ଗାଁ ଗହଳିଠାରୁ ଆରମ୍ଭ କରି ସହର ଓ ଜିଲାସ୍ତରର ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱାସ୍ଥ୍ୟସେବା ଠିକ୍‌ରେ ମିଳୁନି। ଗର୍ଭବତୀ ମହିଳାଟିଏ ଗର୍ଭବେଦନାରେ ସ୍ୱାସ୍ଥ୍ୟସେବା ପାଇଁ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସି ବହୁ ସମୟ ଧରି ଅପେକ୍ଷା ପରେ ବେସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯିବା ଘଟଣାର ଅନୁଧ୍ୟାନ କରାଯାଉ। ପାଖରେ ଟଙ୍କା ନ ଥିବାବେଳେ ଇଛା ନ ଥାଇ ମଧ୍ୟ ବେସରକାରୀ ହସ୍ପିଟାଲକୁ କାହିଁକି ସେ ଯାଉଛନ୍ତି। ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ଅସହାୟ ପ୍ରକାଶ କରିବା ପରେ ସେ ସ୍ଥାନାନ୍ତର ହେଉଛନ୍ତି। ହାତଗୁଞ୍ଜା ନ ଦେଲେ ଗର୍ଭବତୀ ମହିଳା ସେବା ପାଉ ନ ଥିବା ଅଭିଯୋଗ ହୋଇ ଆସୁଛି। ଏହାର ସମୀକ୍ଷା ଓ ତଦନ୍ତ କରାଗଲେ ପ୍ରକୃତ ଘଟଣା ଲୋକଲୋଚନକୁ ଆସିବ। ଖଣ୍ଡପଡ଼ାର ତଅପୋଇ ପ୍ରଧାନ, ଦଶପଲ୍ଲାର ବିଦ୍ୟୁତ୍ ଲତା ସ୍ୱାଇଁ, ନୟାଗଡ଼ର ରମା ନାୟକ କୁହନ୍ତି, ସାମାନ୍ୟ ଘଟଣାରେ ରୋଗୀମାନଙ୍କୁ କଟକ ଓ ଭୁବନେଶ୍ୱର ରେଫର କରି ଦିଆଯାଉଛି। ଜିଲା ମୁଖ୍ୟ ଚିକିତ୍ସାଳୟରେ ଡାକ୍ତରମାନେ ରିସ୍କ ନେଉନାହାନ୍ତି। ବହୁ ରୋଗୀ କଟକ, ଭୁବନେଶ୍ୱର ଯାଇ ଅଯଥାରେ ହଇରାଣ ହେଉଛନ୍ତି। ସରକାର ମାଗଣା ଔଷଧ ଦେଉଛନ୍ତି। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଲାଗୁ କରିଛନ୍ତି। ସ୍ୱାସ୍ଥ୍ୟସେବା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିଲେ ମଧ୍ୟ ତାହାର ସୁଫଳ ସାଧାରଣ ଲୋକ ନେଇ ପାରୁନାହାନ୍ତି। ଏ ନେଇ ସରକାର ବାହାବା ମାରୁଥିଲେ ମଧ୍ୟ ଲୋକ ଠିକ୍ ଭାବେ ସେବା ପାଉନାହାନ୍ତି। ଗଣିଆର ସତ୍ୟଭାମା ପ୍ରଧାନ କୁହନ୍ତି, ସ୍ୱାସ୍ଥ୍ୟସେବାର ପରିବର୍ତ୍ତନ ଆଣିବାକୁ ହେଲେ ଆଗ ଭିତ୍ତିଭୂମି ସଜାଡିବା ଦରକାର। ଗ୍ରାଉଣ୍ଡ ଜିରୋକୁ ଯାଇ ରୋଗୀ କିପରି ସ୍ୱାସ୍ଥ୍ୟସେବା ପାଉଛନ୍ତି ତା'ର ସ୍ଥିତିକୁ ଅନୁଧ୍ୟାନ କରିବା ଦରକାର। ପୁଣି ଡାକ୍ତରମାନଙ୍କର ଡ୍ୟୁଟି ଉପରେ ଦୃଷ୍ଟି ଦେବା ଦରକାର ବୋଲି କହିଛନ୍ତି। ସିଡିଏମ୍‌ଓ ରମାକାନ୍ତ ପଣ୍ଡାଙ୍କୁ ପଚାରିବାରେ ଜିଲାର ସ୍ୱାସ୍ଥ୍ୟ ଉପକେନ୍ଦ୍ରରେ ପ୍ରାଥମିକ ସ୍ୱାସ୍ଥ୍ୟ ସେବା କିପରି ଭଲରେ ମିଳିବ ସେନେଇ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରୟାସ ଆରମ୍ଭ ହୋଇଛି। ଅନ୍ୟପକ୍ଷେ ସ୍ୱାସ୍ଥ୍ୟକେନ୍ଦ୍ରରେ କିପରି ରୋଗୀ ଭଲ ସେବା ପାଇବେ ସେନେଇ ମଧ୍ୟ ପଦକ୍ଷେପ ନିଆଯାଉଛି ବୋଲି ସେ କହିଛନ୍ତି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ପ୍ରତାପ


@ ଜଗନ୍ନାଥ


@ ସୁଭଦ୍ରାଶନ


@ ପ୍ରଶାନ୍ତ


@ ସୌମ୍ୟ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ନୀଳମାଧବ ପୀଠରେ ବାଲି ତୃତୀୟା ବ୍ରତ

ଖଣ୍ଡପଡା,୧୮।୯
(ଅଜୟ କୁମାର ମହାରଣା)

ଭାଦ୍ର ଶୁକ୍ଲପକ୍ଷ ୩ୟା ତିଥି ସୋମବାର କଣ୍ଟିଲୋ ନୀଳମାଧବ ପୀଠ ସମେତ ଖଣ୍ଡପଡ଼ାର ବିଭିନ୍ନ ଗ୍ରାମରେ ବାଲି ତୃତୀୟା ପାରମ୍ପରିକ ରୀତିରେ ଅନୁଷ୍ଠିତ ହୋଇଯାଇଛି। ବ୍ରାହ୍ମଣ ସମ୍ପ୍ରଦାୟର ମହିଳାମାନେ ଏହି ବ୍ରତ କରୁଥିବା ଜଣାଯାଇଛି। ବିବାହିତା ମହିଳାମାନେ ସ୍ୱାମୀଙ୍କ ନିରାମୟ ଜୀବନ କାମନା କରି ଏହି ବ୍ରତ ପାଳନ କରିଥାନ୍ତି। କେତେକ ସ୍ଥାନରେ ଅବିବାହିତ ଝିଅମାନେ ସର୍ବଗୁଣ ସମ୍ପନ୍ନ ସ୍ୱାମୀ ପାଇବା ପାଇଁ ଏହି ବ୍ରତ ପାଳନ କରିଥାନ୍ତି। ବ୍ରତ ଧାରିଣୀ ନିଷ୍ଠାର ସହ ସୋମବାର ତୃତୀୟା ସୂର୍ଯ୍ୟୋଦୟଠାରୁ ଉପବାସ ରହି ଏହି ବ୍ରତ ପାଳୁଥିବା ବେଳେ ମଙ୍ଗଳବାର ସକାଳ ପର୍ଯ୍ୟନ୍ତ ଉପବାସ କରିଥିଲେ। ଏହି ସମୟରେ ବ୍ରତ ଧାରିଣୀମାନେ ଜଳପାନ ଏପରିକି ଛେପ ଢୋକିବାକୁ ବାରଣ କରାଯାଇଥାଏ। କିମ୍ବଦନ୍ତୀ ଅନୁଯାୟୀ ମା' ପାର୍ବତୀ ଶିବଙ୍କୁ ପତି ରୂପେ ପାଇବା ପାଇଁ କୈଳାସ ପର୍ବତରେ ନିଜ ଚାରି ପାଖରେ ଅଗ୍ନି ସଂଯୋଗ କରି କଠୋର ତପସ୍ୟା କରିଥିଲେ। ଏଥିରେ ଶିବ ସନ୍ତୁଷ୍ଟ ହୋଇ ତାଙ୍କୁ ପତ୍ନୀ ଭାବେ ଗ୍ରହଣ କରିଥିଲେ। ସେହି ଅନୁଯାୟୀ ନାରୀମାନେ ବାଲି ତୃତୀୟା ସକାଳେ ନଦୀ କିମ୍ବା ପୁଷ୍କରିଣୀରେ ସ୍ନାନ କରି ସାତ ମୁଠା ବାଲି ଆଣିଥାନ୍ତି। ସେହି ବାଲିରେ ଜଳାଶୟ କୂଳରେ ଶିବ ଲିଙ୍ଗ ସ୍ଥାପନା କରି ରାତିରେ ପୂଜା କରିଥିଲେ। ସୋମବାର ଅପରାହ୍ନରେ ନଦୀରେ ସ୍ନାନ ସାରି ନୂତନ ବସ୍ତ୍ର ପରିଧାନ ପୂର୍ବକ ଘର ଅଗଣା ତୁଳସୀ ଚଉରା ମୂଳେ ବାଲିରେ ଶିବ ଲିଙ୍ଗ ସ୍ଥାପନା କରିଥିଲେ। ପରେ ସମ୍ପୃକ୍ତ ମହିଳାମାନେ ବିଭିନ୍ନ ପୂଜା ସାମଗ୍ରୀମାନ ରଖି ନିଷ୍ଠାର ସହ ଶିବଙ୍କୁ ପୂଜାର୍ଚ୍ଚନା କରିଥିଲେ। ମଙ୍ଗଳବାର ସକାଳୁ ସମ୍ପୃକ୍ତ ମହିଳାମାନେ ନଦୀରେ ବାଲୁକା ବିସର୍ଜନ କରି ସ୍ନାନ ସମ୍ପନ୍ନ କରି ଏହି ବ୍ରତକୁ ଉଦ୍‌ଯାପନ କରିବେ ବୋଲି ଜଣାଯାଇଛି।


ବାଲି ତୃତୀୟା ଅବସରରେ ମହିଳାମାନେ ପୂଜା କରୁଛନ୍ତି।

# ମକରାପଲ୍ଲୀ ମହାମାୟୀ ମନ୍ଦିରର ଭିତ୍ତିପ୍ରସ୍ତର ସ୍ଥାପନ


କଳସ ଯାତ୍ରାରେ ଗ୍ରାମବାସୀଙ୍କ ସହ ବିଧାୟକ।

ନୂଆଗାଁ, ୧୮।୯ (ଧନେଶ୍ୱର ସାହୁ)

ନୟାଗଡ଼ ଜିଲା ନୂଆଗାଁ ବ୍ଲକ କାପ୍ତାପଲୀ ପଞ୍ଚାୟତ ମକରାପଲ୍ଲୀ ଗ୍ରାମରେ ମା'ମହାମାୟୀ ମନ୍ଦିର ନିର୍ମାଣ ପାଇଁ ସୋମବାର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ମକରାପଲ୍ଲୀ ଗ୍ରାମରେ ମା' ମହାମାୟୀଙ୍କ ମନ୍ଦିର ନିର୍ମାଣ କରିବାକୁ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରାଙ୍କୁ ଗ୍ରାମବାସୀ ଅନୁରୋଧ କରିଥିଲେ। ମକରାପଲ୍ଲୀ ଗ୍ରାମବାସୀଙ୍କ ଅନୁରୋଧ ରକ୍ଷା କରି ବିଧାୟକ ବେହେରା ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ ପାଇଁ ଚିଠି ଲେଖିଥିଲେ। ତେବେ ମକରାପଲ୍ଲୀ ଗ୍ରାମରେ ମା' ମହାମାୟୀଙ୍କ ମନ୍ଦିର ନିର୍ମାଣ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ପାଣ୍ଠିରୁ ୭ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ତେଣୁ ଉକ୍ତ ମନ୍ଦିରର ଭିତ୍ତି ପ୍ରସ୍ତର ସ୍ଥାପନ ପାଇଁ ଗ୍ରାମବାସୀଙ୍କ ପକ୍ଷରୁ କଳସ ଯାତ୍ରା କରାଯାଇଥିଲା। ଏଥିରେ ମକାରାପଲ୍ଲୀ ଓ ଆଖପାଖ ଅଞ୍ଚଳର ଜନସାଧାରଣ ସାମିଲ ହୋଇ ନଦୀଠାରୁ କଳସ ଯାତ୍ରାରେ ବାହାରି ମନ୍ଦିର ନିର୍ମାଣ ସ୍ଥଳକୁ ଆସିଥିଲେ। ଭିତ୍ତିପ୍ରସ୍ତର କାର୍ଯ୍ୟକ୍ରମରେ ଦଶପଲ୍ଲା ବିଧାୟକ ବେହେରା, ନୂଆଗାଁ ବ୍ଲକ ଅଧ୍ୟକ୍ଷଙ୍କ ପ୍ରତିନିଧି ଶଙ୍କର୍ଷଣ ବେହେରା, କାପ୍ତାପଲି ସମିତି ସଭ୍ୟା ସୁଷମା ଦଳବେହେରା, କାପ୍ତାପଲ୍ଲୀ ସରପଞ୍ଚ ସାରସଧର ସାହୁ, ପୂର୍ବତନ ସରପଞ୍ଚ ସୁଧୀର କୁମାର ସାମନ୍ତରାୟ, ବିଭୂତି ଭୂଷଣ ବେହେରା ପ୍ରମୁଖ ଯୋଗ ଦେଇଥିଲେ ।

### ବ୍ଲାକମେଲିଂରୁ ଯୁବତୀଙ୍କ ଆତ୍ମହତ୍ୟା ଘଟଣା

# ହତ୍ୟାକାରୀଙ୍କୁ ଗିରଫ ପାଇଁ ଏସ୍‌ପିଙ୍କୁ ଭେଟିଲେ

ନୟାଗଡ଼,୧୮।୯ (ଲୋକନାଥ ମିଶ୍ର)

ନୟାଗଡ଼ ଜିଲା ଇଟାମାଟି ଥାନା ଅଞ୍ଚଳରେ ଜଣେ କଲେଜ ଛାତ୍ରୀ ବାରମ୍ବାର ବ୍ଲାକମେଲିଂ ହୋଇ ରବିବାର ପୂର୍ବାହ୍ନରେ ନିଜ ଘରେ ଆତ୍ମହତ୍ୟା କରିବା ଘଟଣା ବିବାଦୀୟ ମୋଡ ନେଇଛି। ଏହି ଘଟଣାରେ ପୋଲିସ ମାମଲା ରୁଜୁ କରିଥିଲେ ମଧ୍ୟ ଆତ୍ମହତ୍ୟା ପାଇଁ ବାଧ୍ୟ କରିଥିବା ଯୁବକଙ୍କୁ ଗିରଫ କରି ପାରୁ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ଛାତ୍ରୀ ମୃତ୍ୟୁକୁ ୨୦ ଘଣ୍ଟାରୁ ଊର୍ଦ୍ଧ୍ୱ ବିତି ଯାଇଥିଲେ ମଧ୍ୟ ହତ୍ୟାକରୀଙ୍କୁ ଗିରଫ ସହ ପୀଡିତାଙ୍କ ପରିବାରକୁ ନ୍ୟାୟ ଯୋଗାଇ ଦେବାକୁ ଦାବି ଉଠିଛି। ପୀଡିତାଙ୍କ ପରିବାର ସନ୍ଧ୍ୟାରେ ନୟାଗଡ଼ ଏସ୍‌ପିଙ୍କୁ ଭେଟି ନିଜର ଦୁଃଖ ଜଣାଇବା ସହ ନ୍ୟାୟ ଭିକ୍ଷା କରିଛନ୍ତି। ଏସ୍‌ପି ମଧ୍ୟ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରାଯିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ନୟାଗଡ଼ର ଏକ କଲେଜର ଯୁକ୍ତ ୩ ପ୍ରଥମ ବର୍ଷ କଳା ଛାତ୍ରୀଙ୍କୁ ବୋଦାପଡ଼ା ଗାଁର ଜଣେ ଯୁବକ ଏକତରଫା ପ୍ରେମ କରି ବିବାହ କରିବାକୁ ବାଧ୍ୟ କରୁଥିଲେ। ଛାତ୍ରୀଙ୍କୁ ଜଣେ ଅଧ୍ୟାପକ ମାସେ ହେଲା ହଇରାଣ କରି ବ୍ଲାକମେଲିଂ କରୁଥିଲେ। ୫ ଦିନ ହେଲା ବ୍ଲାକମେଲିଂ ସୀମା ଟପିଥିଲା।

# ବ୍ଲକ ଛକରେ ଯାତ୍ରୀ ବିଶ୍ରାମାଗାର ନିର୍ମାଣ ଦାବି

ଖଣ୍ଡପଡ଼ା,୧୮।୯(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବାଇପାସ୍ ରାସ୍ତା ଦେଇ ଦୁରଗାମୀ ଯାତ୍ରୀବାହୀ ବସ ସହିତ ନରସିଂହପୁର, ଖଣ୍ଡପଡ଼ା ଦେଇ ସୁଦୂର ଜୟପୁର ଓ କୋରାପୁଟ ମଧ୍ୟରେ ଘରୋଇ ପରିବହନ ଓ ରାଜ୍ୟ ସଡ଼କ ପରିବହନ ନିଗମର ୨ଟି ଯାତ୍ରୀବାହୀ ବସ ଚଳାଚଳ କରୁଛି। ଏହିସବୁ ବସ୍‌ରେ ଯାତାୟାତ ନିମନ୍ତେ ଯାତ୍ରୀମାନେ ବାଇପାସ୍ ରାସ୍ତା ଓ ଖଣ୍ଡପଡ଼ା–ନୟାଗଡ଼ ମୁଖ୍ୟ ରାସ୍ତା ପାର୍ଶ୍ୱରେ ଦୀର୍ଘ ସମୟ ଧରି ଅପେକ୍ଷା କରିଥାନ୍ତି। ବିଶେଷକରି ବର୍ଷାଦିନେ ଯାତ୍ରୀମାନେ ବସ୍‌ରେ ଯାତାୟାତ ନିମନ୍ତେ ଅସୁବିଧାର ସମ୍ମୁଖୀନ ହେଉଥିବାରୁ ସେମାନଙ୍କ ହିତକୁ ଦୃଷ୍ଟିରେ ରଖି ଖଣ୍ଡପଡ଼ା ବ୍ଲକ ଛକ ବାଇପାସ ରାସ୍ତା ସମ୍ମୁଖରେ ଏକ ଯାତ୍ରୀ ବିଶ୍ରାମାଗାର ନିର୍ମାଣ ନିମନ୍ତେ ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

# ବାଇକ୍ ନ କିଣିବାରୁ ଛାତ୍ରଙ୍କ ଆତ୍ମହତ୍ୟା

ନୟାଗଡ଼,୧୮।୯(ଲୋକନାଥ ମିଶ୍ର)

ନୟାଗଡ଼ ସଦର ଥାନା ଲକ୍ଷ୍ମୀପ୍ରସାଦ ପଞ୍ଚାୟତ ଯଦୁପୁର ଗାଁର ଛାତ୍ର ହରେକୃଷ୍ଣ ପ୍ରଧାନଙ୍କର ମୃତଦେହ ଡାହୁକା ନଦୀ କୂଳ କଲରାବଣୀର ଏକ ଗଛରୁ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରାଯାଇଛି। ପୋଲିସ ସୋମବାର ମୃତଦେହକୁ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଅନ୍ୟପକ୍ଷେ (୨୪/୨୩) ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରୁଛି। ହରେକୃଷ୍ଣ ସୈନ୍ୟ ବାହିନିରେ ଚାକିରି ପାଇଁ ପରୀକ୍ଷା ଦେଇଥିଲେ। ପରୀକ୍ଷାରେ ଅସଫଳ ହେବାରୁ ପ୍ରାୟ ୬ମାସ ଧରି ଚିନ୍ତାଗ୍ରସ୍ତ ଥିଲେ। ପରେ ଏକ ବାଇକ୍ କିଣିବାକୁ ଅଳି କରି ବସିଥିଲେ। ବାପା ବୁଝାଇ ଥିଲେ ଘରେ ଏକ ବାଇକ୍ ଥାଉ ଥାଉ ଅନ୍ୟ ବାଇକ୍ କ'ଣ କିଣିବା ଦରକାର। ଗୋଟିଏ ବାଇକ୍‌ରେ ତେଲ ପକାଇବା କଷ୍ଟ ହେଉଛି। ରୋଜଗାର ନ ଥାଇ ଆଉ ଏକ ବାଇକ୍ ଚଳାଇବା କଷ୍ଟ ହେବ। ତେବେ ପୁଅ ଅବୁଝା ହୋଇ ରବିବାର କୁଆଡ଼େ ଚାଲି ଯାଇଥିଲା। ବହୁ ଖୋଜାଖୋଜି ପରେ ପରିବାର ଲୋକ ହରେକୃଷ୍ଣଙ୍କ ଟେର ପାଇ ନ ଥିଲେ। ତେବେ ରବିବାର ରାତି ପ୍ରାୟ ୧୦ଟାରେ ମୃତଦେହ ଉଦ୍ଧାର ହୋଇଥିଲା ।

# ଖଣ୍ଡପଡ଼ା ବ୍ଲକରେ ଜନଶୁଣାଣି ଶିବିର: ୮୬ ଅଭିଯୋଗ



ଜିଲାପାଳ, ଏସ୍‌ପି ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି।

ଖଣ୍ଡପଡ଼ା,୧୮।୯ (ଅଜୟ କୁମାର ମହାରଣା)

ନୟାଗଡ଼ ଜିଲା ପ୍ରଶାସନ ପକ୍ଷରୁ ଖଣ୍ଡପଡ଼ା ବ୍ଲକ ସମ୍ମିଳନୀ କକ୍ଷରେ ସୋମବାର ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଜିଲାପାଳ ରବୀନ୍ଦ୍ର ନାଥ ସାହୁ, ଏସ୍‌ପି ରାହୁଲ ଜୈନ, ଜିଲା ଗ୍ରାମ୍ୟ ଉନ୍ନୟନ ବିଭାଗ ପ୍ରକଳ୍ପ ନିର୍ଦ୍ଦେଶକ ଦିଲୀପ କୁମାର ବଳଙ୍କ ସମେତ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି ଅଭିଯୋଗଗୁଡିକର ଶୁଣାଣି କରିଥିଲେ। ଖଣ୍ଡପଡ଼ା ବ୍ଲକ ଅଧୀନ ବିଭିନ୍ନ ପଞ୍ଚାୟତର ଜନସାଧାରଣଙ୍କଠାରୁ ମୋଟ ୧୮୯ଟି ବ୍ୟକ୍ତିଗତ, ୨ଟି ଗ୍ରାମ୍ୟ ବିବାଦ ଓ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ସହାୟତା ପାଣ୍ଠିରୁ ସହାୟତା ପ୍ରଦାନ ସମ୍ପର୍କିତ ୪୬ଟି ଅଭିଯୋଗ ଉପରେ ଶୁଣାଣି ହୋଇଥିଲା। ଜିଲାପାଳଙ୍କ ତତ୍ତ୍ୱାବଧାନରେ ୮୬ଟି ଅଭିଯୋଗର ଶୁଣାଣି ଶେଷ ହୋଇଛି। ତେବେ ଅନ୍ୟ ଅଭିଯୋଗ ଗୁଡ଼ିକ ପ୍ରତି ତୁରନ୍ତ ଦୃଷ୍ଟି ଦିଆଯାଇ ସମସ୍ୟାର ସମାଧାନ କରାଯିବ ବୋଲି ପ୍ରଶାସନିକ ଅଧିକାରୀମାନେ ପ୍ରତିଶ୍ରୁତି ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ତହସିଲଦାର ଲିପ୍ସା ରାୟ, ବିଡିଓ ଅରୁଣୀମା ସାହୁଙ୍କ ସମେତ କୃଷି, ଯୋଗାଣ, କ୍ଷୁଦ୍ର ଜଳସେଚନ ବିଭାଗ, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ସମେତ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀମାନେ ଶିବିରରେ ଯୋଗ ଦେଇଥିଲେ। ବ୍ଲକ ପ୍ରଶାସନର ସମସ୍ତ କର୍ମଚାରୀ ଶିବିର ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ।

# ୮ ଶ୍ରେଣୀର ୧୨୦ ଛାତ୍ରୀଛାତ୍ରଙ୍କ ପାଇଁ ୩ ଶିକ୍ଷକ

ନୂଆଗାଁ, ୧୮।୯ (ଧନେଶ୍ୱର ସାହୁ)

ନୟାଗଡ଼ ଜିଲା ନୂଆଗାଁ ବ୍ଲକରେ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ବିଭାଗ ପକ୍ଷରୁ ଖୋଲିଥିବା ସ୍କୁଲରେ ଆବଶ୍ୟକ ଶିକ୍ଷକ ନାହାନ୍ତି। ଏ ନେଇ ବାରମ୍ବାର ଅଭିଯୋଗ ହେଉଥିଲେ ମଧ୍ୟ ବିଭାଗୀୟ ଅଧିକାରୀ ଏଥିପ୍ରତି ଗୁରୁତ୍ୱ ଦେଉନାହାନ୍ତି ବୋଲି ଅଭିଭାବକମାନେ ଅଭିଯୋଗ କରୁଛନ୍ତି।

ଅନୁସୂଚିତ ଜାତି ଓ ଜନଜାତିର ଛାତ୍ରୀଛାତ୍ରଙ୍କୁ ସମସ୍ତ ସରକାରୀ ସୁବିଧା ଯୋଗାଇ ଦେଇ ହଷ୍ଟେଲରେ ରଖି ମାଗଣାରେ ପାଠ ପଢାଇବା ନିମନ୍ତେ ଆଶ୍ରମ ବିଦ୍ୟାଳୟ ପ୍ରତିଷ୍ଠା କରାଯାଇଛି। ଗୁମୀ ପଞ୍ଚାୟତ ଡିମିରିପଲ୍ଲୀଠାରେ ୧୯୫୦ରେ ଡିମିରିପଲ୍ଲୀ ଆଶ୍ରମ ବିଦ୍ୟାଳୟ ପ୍ରତିଷ୍ଠା କରାଯାଇଥିଲା। ଏଠାରେ ଛାତ୍ରୀବାସ ଖୋଲାଯାଇଛି। ଫଳରେ ଜିଲା ତଥା ଜିଲା ବାହାରୁ ଅନେକ ଛାତ୍ରୀ ହଷ୍ଟେଲରେ ରହି ପାଠ ପଢ଼ିବା ସହ ସ୍ଥାନୀୟ ଛାତ୍ରୀଛାତ୍ର ମଧ୍ୟ ପାଠ ପଢୁଛନ୍ତି। ପ୍ରମମରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ ୧୨୦ ଛାତୀଛାତ୍ର ପଢୁଥିବା ବେଳେ ସେମାନଙ୍କୁ ପଢ଼ାଇବା ପ୍ରଧାନ ଶିକ୍ଷକଙ୍କୁ ମିଶାଇ ମୋଟ ୩ ଜଣ ଶିକ୍ଷୟିତ୍ରୀଶିକ୍ଷକ ନିୟୋଜିତ ହୋଇଛନ୍ତି। ଉକ୍ତ ସ୍କୁଲରେ ପୂର୍ବରୁ ୪ ଜଣ ଶିକ୍ଷକ ଥିବା ବେଳେ ସେଥିମଧ୍ୟରୁ ଗଣିତ ଶିକ୍ଷକଙ୍କୁ ଅନ୍ୟ ସ୍କୁଲକୁ ଡେପୁଟେଶନରେ ପଠାଇ ଦିଆଯାଇଛି। ତେବେ ୩ ଜଣ ଶିକ୍ଷକଙ୍କ ଦ୍ୱାରା ୮ଟି ଶ୍ରେଣୀରେ ପାଠ ପଢ଼ାଇବା ସମ୍ଭବ ହେଉ ନ ଥିବାରୁ ଅଭିଭାବକଙ୍କ ମନରେ ଅସନ୍ତୋଷ ଦେଖାଦେଇଛି। ସେହିପରି ମାଇଛେଳି ପଞ୍ଚାୟତ ଗୋହିରିବାଦୁଠାରେ ୧୯୫୧ ରେ ଗୋହିରିବାଦୁ ଆଶ୍ରମ ବିଦ୍ୟାଳୟ ପ୍ରତିଷ୍ଠା କରାଯାଇଥିଲା। ଏହି ସ୍କୁଲରେ ମଧ୍ୟ ଶିକ୍ଷକ ସମସ୍ୟା ଲାଗି ରହିଛି। ପ୍ରଥମରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ ୧୧୧ ଜଣ ଛାତ୍ରୀଛାତ୍ର ରହିଛନ୍ତି। ସେମାନଙ୍କୁ ପଢ଼ାଇବା ପାଇଁ ମାତ୍ର ୩ ଜଣ ଶିକ୍ଷକ ନିୟୋଜିତ ହୋଇଛନ୍ତି। ସେଥି ମଧ୍ୟରୁ ଜଣେ ଶିକ୍ଷକ ପ୍ରଧାନ ଶିକ୍ଷକଙ୍କ କାମ କରୁଛନ୍ତି। ତେଣୁ କେତେବେଳେ ବ୍ଲକ କାର୍ଯ୍ୟାଳୟ ତ ଆଉ କେତେବେଳେ ଜିଲା ବିଭାଗୀୟ କାର୍ଯ୍ୟାଳୟକୁ ଦୌଡୁଛନ୍ତି। ତେଣୁ ଜଣେ ଶିକ୍ଷୟିତ୍ରୀ ଓ ଜଣେ ଶିକ୍ଷକ ୮ଟି ଶ୍ରେଣୀର ୧୧୧ ଜଣ ଛାତ୍ରୀଛାତ୍ରଙ୍କୁ ସମ୍ଭାଳୁଛନ୍ତି। ପୂର୍ବତନ ପ୍ରଧାନ ଶିକ୍ଷକ ଏପ୍ରିଲ ୨୦୨୩ରେ ଅବସରଗ୍ରହଣ କରିବା ପରେ ପ୍ରଧାନ ଶିକ୍ଷକ ଚୌକି ଖାଲିପଡ଼ିଛି। ଭବିଷ୍ୟତ ଗଢ଼ିବା ପାଇଁ ଜିଲା ବାହାରୁ ଛାତ୍ରୀଛାତ୍ର ଆସୁଥିବା ବେଳେ ସ୍କୁଲଗୁଡ଼ିକରେ ଶିକ୍ଷକ ଅଭାବ ସେମାନଙ୍କୁ ନିରାଶ କରୁଛି। ଶିକ୍ଷକ ପାଇଁ ଦାବି କଲେ ମଧ୍ୟ ଅଧିକାରୀ ଶୁଣୁ ନ ଥିବା କହୁଛନ୍ତି ଅଭିଭାବକ। ଶିକ୍ଷକ ପଦବୀ ପୂରଣ ବାବଦରେ ନୟାଗଡ଼ ଜିଲା ମଙ୍ଗଳ ଅଧିକାରୀ ଦୟାନିଧି ନାୟକଙ୍କୁ ପଚାରିବାରେ ଶିକ୍ଷକ ଅଭାବ ଥିବା ସ୍କୁଲଗୁଡିକୁ ଅତି ଶୀଘ୍ର ଶିକ୍ଷକ ଯୋଗାଇ ଦେବାର ବ୍ୟବସ୍ଥା କରୁଛୁ ବୋଲି ସେ କହିଛନ୍ତି।

- ପାଠପଢ଼ା ପ୍ରତି ଗୁରୁତ୍ୱ ଦେଉନାହାନ୍ତି ବିଭାଗୀୟ ଅଧିକାରୀ
- ଗୋହିରିବାଦୁ ଆଶ୍ରମ ବିଦ୍ୟାଳୟରେ ମଧ୍ୟ ସମାନ ଅବସ୍ଥା
- ଅଭିଭାବକମାନଙ୍କ ମନରେ ବଢୁଛି ଅସନ୍ତୋଷ



ଗୋହିରିବାଦୁ ଆଶ୍ରମ ବିଦ୍ୟାଳୟ।



ଡିମିରିପଲ୍ଲୀ ଆଶ୍ରମ ବିଦ୍ୟାଳୟ।

## ସଂକ୍ଷେପରେ

### ସିଆର୍‌ପିଏଫ୍, କୋବ୍ରା, ଡିଆର୍‌ଜି ବାହିନୀ ଦ୍ୱାରା ଆଇଇଡି ଉଦ୍ଧାର



ମାଲକାନଗିରି,୧୮।୯ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ ସୁକ୍‌ମା ଜିଲାରେ ସିଆର୍‌ପିଏଫ୍, କୋବ୍ରା ଓ ଡିଆର୍‌ଜି ବାହିନୀ ମିଳିତ କୋମ୍ବିଂ ସମୟରେ ଏକ ଇମ୍ପ୍ରୋଭାଇଜିଡ୍ ଏକ୍ସପ୍ଲୋସିଭ୍ ଡିଭାଇସ୍ (ଆଇଇଡି)ଉଦ୍ଧାର କରିବା ସହ ଏହାକୁ ନିଷ୍କ୍ରିୟ କରିଛନ୍ତି। ସୂଚନା ମୁତାବକ ଯବାନମାନେ ସୁକ୍‌ମା ଜିଲାର ଏଲାଡମାଧୁ ଓ ହୀରାବତି ମଧ୍ୟରେ ଥିବା ମୁଖ୍ୟ ରାସ୍ତାରେ ସୋମବାର କୋମ୍ବିଂ ସମୟରେ ଗୋଟିଏ ଆଇଇଡି ଖଞ୍ଜାଯାଇଥିବା ଦେଖିବାକୁ ପାଇଥିଲେ। ତୁରନ୍ତ ସ୍ୱତନ୍ତ୍ର ବୋମା ନିଷ୍କ୍ରିୟ ସ୍କ୍ୱାଡ୍ ଡକାଇ ଉକ୍ତ ଆଇଇଡିକୁ ଜବତ କରିବା ପରେ ଏହାକୁ ନିଷ୍କ୍ରିୟ କରଥିଲେ।

### ପୂର୍ବତନ ଏଏସ୍‌ଆଇଙ୍କୁ ୨ବର୍ଷ ଜେଲ

**ଦୁର୍ଘଟଣାଗ୍ରସ୍ତ ଟ୍ରକ୍ ଛାଡ଼ିବାକୁ ଲାଞ୍ଚ ନେବା ମାମଲା**

ଢେଙ୍କାନାଳ,୧୮।୯(ରତନ ନାୟାର)

ଏକ ଦୁର୍ଘଟଣାଗ୍ରସ୍ତ ଟ୍ରକ୍‌କୁ ଛାଡ଼ିଦେବା ପାଇଁ ୬ ହଜାର ଟଙ୍କା ଲାଞ୍ଚ ନେବା ମାମଲାର ବିଚାର କରି ଢେଙ୍କାନାଳ ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତ ଅଭିଯୁକ୍ତ ମୋଟଙ୍ଗା ଥାନାର ପୂର୍ବତନ ଏଏସ୍‌ଆଇ ମୁରଲୀଧର ପୃଷ୍ଟିଙ୍କୁ ୨ ବର୍ଷ କାରାଦଣ୍ଡାଦେଶ ଦେଇଛନ୍ତି। ଏଥିସହ ୨୦ ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରକାଶ ଯେ, ୨୦୦୬ ସେପ୍ଟେମ୍ବର ୧୮ରେ ମୋଟଙ୍ଗା ଥାନାର ତତ୍କାଳୀନ ଏଏସ୍‌ଆଇ ମୁରଲୀଧର ୫୫ନଂ. ଜାତୀୟ ରାଜପଥର ନିମବାହାଲି ଛକଠାରେ ଦୁର୍ଘଟଣାଗ୍ରସ୍ତ ଏକ ଟ୍ରକ୍‌କୁ ଛାଡିଦେବା ପାଇଁ ଗାଡ଼ି ମାଲିକଙ୍କ ଠାରୁ ୬ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ବିଭାଗ ହାତରେ ଧରାପଡି ଗିରଫ ହୋଇଥିଲେ। ତାଙ୍କ ସହିତ ଉକ୍ତ ଥାନାର ଜଣେ ହୋମଗାର୍ଡ ଦୁର୍ଯ୍ୟୋଧନ ନାୟକ ମଧ୍ୟ ଧରାପଡିଥିଲେ। ଏ ନେଇ କଟକ ଭିଜିଲାନ୍ସ ଥାନାରେ ନଂ. ୩୪।୦୬ରେ ଏକ ମାମଲା ରୁଜୁ କରାଯାଇଥିଲା। ତତ୍କାଳୀନ ଢେଙ୍କାନାଳ ଭିଜିଲାନ୍ସ ଡିଏସ୍‌ପି କଲ୍ୟାଣ କୁମାର ମଲ୍ଲିକ ଓ ଇନ୍ସପେକ୍ଟର ନୁର ନବୀ ଏହି ଘଟଣାର ତଦନ୍ତ କରୁଥିଲେ। ଉକ୍ତ ମାମଲାର ଟିଆର କେସ୍ ନଂ– ୧୨।୧୭ର ବିଚାର କରି ଢେଙ୍କାନାଳ ସ୍ୱତନ୍ତ୍ର ଜଜ୍ (ଭିଜିଲାନ୍ସ) ବିକ୍ରମ ପଟ୍ଟନାୟକ ୯ଜଣ ସାକ୍ଷୀ ଓ ଦସ୍ତାବିଜ୍ ଅନୁଧ୍ୟାନ କରି ମାମଲାର ଅଭିଯୁକ୍ତ ଏଏସ୍‌ଆଇ ମୁରଲୀଧର ପୃଷ୍ଟିଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ୨ ବର୍ଷ ଜେଲ୍ ଓ ଜରିମାନା ଦଣ୍ଡାଦେଶ ଦେଇଛନ୍ତି। ଅନ୍ୟତମ ଅଭିଯୁକ୍ତ ହୋମଗାର୍ଡ ଦୁର୍ଯ୍ୟୋଧନ ନାୟକଙ୍କୁ ପ୍ରମାଣ ଅଭାବରୁ ନିର୍ଦ୍ଦୋଶରେ ଖଲାସ କରିଦିଆଯାଇଛି। ସରକାରଙ୍କ ପକ୍ଷରୁ ଏହି ମାମଲାକୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର(ଭିଜିଲାନ୍ସ) ହେମନ୍ତ କୁମାର ଖଟୁଆ ପରିଚାଳନା କରିଥିଲେ। ଅଭିଯୁକ୍ତ ମୁରଲୀଙ୍କର ଚାକିରି ସମୟ ପୂରଣ ହୋଇଯାଇଥିବା ଜଣାପଡିଛି।

### ବିଦ୍ୟୁତ ଆଘାତରେ ସ୍ୱାମୀ ମୃତ, ସ୍ତ୍ରୀ ଆହତ

ଭୁବନେଶ୍ୱର,୧୮।୯ (ସୂର୍ଯ୍ୟକାନ୍ତ ବେହେରା)

ବିଦ୍ୟୁତ୍ ଆଘାତରେ ସ୍ତ୍ରୀ ଆଗରେ ଚାଲିଗଲେ ସ୍ୱାମୀ । ମୈତ୍ରୀବିହାର ଥାନା ଅଞ୍ଚଳରେ ଏଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ମୃତକ ହେଲେ ନିରଞ୍ଜନ ସାହୁ (୫୩) । ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାରେ ତଦନ୍ତ ଚଳାଇଛି। ପୋଲିସ ସୂଚନାନୁସାରେ, ନିରଞ୍ଜନ ଜଳଖିଆ ଦୋକାନ କରି ପରିବାର ଚଳାନ୍ତି। ରବିବାର ରାତି ପାଖାପାଖି ୯ଟାରେ ଗ୍ରାଇଣ୍ଡରେ ସେଦୁଅ କାମ କରୁଥିବାବେଳେ ବିଦ୍ୟୁତ ଆଘାତ ପାଇଥିଲେ। ଏହି ସମୟରେ ପାଖରେ ଥିବା ତାଙ୍କ ସ୍ତ୍ରୀ ବଞ୍ଚାଇବାକୁ ଯାଇ ନିଜେ ମଧ୍ୟ ଆଘାତ ପାଇ ଆହତ ହୋଇଥିଲେ। ଚିତ୍କାର ଶୁଣି ପଡୋଶୀ ଲୋକେ ଦୌଡ଼ି ଆସି ଘରର ମେନ ସୁଇଚ୍ ବନ୍ଦ କରି ଉଭୟ ସ୍ୱାମୀ ସ୍ତ୍ରୀଙ୍କୁ ମେଡିକାଲ ପଠାଇଥିଲେ। ହେଲେ ସେଠାରେ ନିରଞ୍ଜନଙ୍କୁ ଡାକ୍ତର ମୃତ୍ୟୁ ଘୋଷଣା କରିଥିଲେ।

## ସ୍କ୍ରବ୍ ଟାଇଫସ୍

# କେନ୍ଦୁଝରରେ ସର୍ବାଧିକ ୬୨୭ ଆକ୍ରାନ୍ତ

ଭୁବନେଶ୍ୱର,୧୮।୯(ଅଭିଜିତ ଦାସ)

**ସୁନ୍ଦରଗଡ଼ ଓ ବରଗଡ଼କୁ ଗଲା ସ୍ୱତନ୍ତ୍ର ଡାକ୍ତରୀ ଦଳ**



ଦିନକୁ ଦିନ ଚିନ୍ତା ବଢାଉଛି 'ସ୍କ୍ରବ୍ ଟାଇଫ୍‌ସ' ରୋଗ। କେନ୍ଦୁଝରରେ ସର୍ବାଧିକ ଆକ୍ରାନ୍ତ ହୋଇଥିବାବେଳେ ସୁନ୍ଦରଗଡ ଓ ବରଗଡରେ ମଧ୍ୟ ଏହି ରୋଗ ବ୍ୟାପିବାରେ ଲାଗିଛି। 'ଚିଗର' ନାମକ ଏକ ପୋକ କାମୁଡ଼ାରୁ ବ୍ୟାପୁଥିବା ଏହି ମାରାତ୍ମକ ରୋଗକୁ ନେଇ ଭୟର ବାତାବରଣ ସୃଷ୍ଟି ହୋଇଥିବାବେଳେ ଏହାକୁ ନିୟନ୍ତ୍ରଣ କରିବା ସ୍ୱାସ୍ଥ୍ୟ ବିଭାଗ ପାଇଁ ବଡ଼ ଚ୍ୟାଲେଞ୍ଜ ପାଲଟିଛି। ହସ୍ପିଟାଲଗୁଡିକରେ ଆବଶ୍ୟକ ଆଣ୍ଟିବାୟୋଟିକ୍ ମହଜୁଦ ରଖିବା ପାଇଁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯିବା ସହ ସ୍ୱତନ୍ତ୍ର ଡାକ୍ତରୀ ଦଳକୁ ଆକ୍ରାନ୍ତ ଅଞ୍ଚଳକୁ ପଠାଯାଇଛି। ରୋଗ ଚିହ୍ନଟ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯାଇଥିବାବେଳେ ଆକ୍ରାନ୍ତ ସଂଖ୍ୟା ମଧ୍ୟ ବଢ଼ି ଚାଲିଛି। ବିଭାଗୀୟ ତଥ୍ୟ ଅନୁଯାୟୀ, ରାଜ୍ୟରେ ଇତିମଧ୍ୟରେ ୧୦ ହଜାରରୁ ଉର୍ଦ୍ଧ୍ୱ ନମୁନା ପରୀକ୍ଷା କରାଯାଇଥିବାବେଳେ କେନ୍ଦୁଝର ଜିଲାରୁ ସର୍ବାଧିକ ୬୨୭ ସ୍କ୍ରବ୍ ଟାଇଫସ୍ ରୋଗୀ ଚିହ୍ନଟ ହୋଇଛନ୍ତି। ସେହିପରି ସୁନ୍ଦରଗଡ ଜିଲାରେ ଗତ ୨୪ ଘଣ୍ଟାରେ ୩ଜଣ ଆକ୍ରାନ୍ତ ହୋଇଥିବାବେଳେ ଏହାକୁ ମିଶାଇ ଆକ୍ରାନ୍ତଙ୍କ ସଂଖ୍ୟା ୧୮୩କୁ ବୃଦ୍ଧି ପାଇଛି ଓ ଜଣଙ୍କର ମୃତ୍ୟୁ ଘଟିଛି। ବରଗଡ ଜିଲାରେ ୧୨ ରୋଗୀ ସ୍କ୍ରବ୍ ଟାଇଫ୍‌ସ ରୋଗୀ ଚିହ୍ନଟ ହୋଇଥିବାବେଳେ ସର୍ବାଧିକ ୬ ଜଣଙ୍କ ମୃତ୍ୟୁ ହୋଇଛି। ତେଣୁ ବରଗଡ଼ ଓ ସୁନ୍ଦରଗଡ଼ ଜିଲାରେ ଏହି ରୋଗୀ ଜୀବନ ନେଉଥିବାରୁ ବିଭାଗ ପକ୍ଷରୁ ସେଠାକୁ ସ୍ୱତନ୍ତ୍ର ଡାକ୍ତରୀ ଦଳ ପଠାଯାଇଛି। ଜଣେ ଯୁଗ୍ମ ନିର୍ଦ୍ଦେଶକଙ୍କ ନେତୃତ୍ୱରେ ବରଗଡ଼ ଯାଇଥିବା ଟିମ୍‌ରେ ଜଣେ ମାଇକ୍ରୋବାୟୋଲୋଜିଷ୍ଟ ଓ ଜଣେ ଏପିଡେମିଓଲୋଜିଷ୍ଟ ରହିଛନ୍ତି। ସେହିପରି ସୁନ୍ଦରଗଡ ଜିଲାରେ ସ୍ଥିତି ଅନୁଧ୍ୟାନ କରିବା ପାଇଁ ଜଣେ ଯୁଗ୍ମ ନିର୍ଦ୍ଦେଶକଙ୍କୁ ପଠାଯାଇଛି।

ଏନେଇ ଜନସ୍ୱାସ୍ଥ୍ୟ ନିରର୍ଦ୍ଦେଶକ ଡାକ୍ତର ନିରଞ୍ଜନ ମିଶ୍ର କହିଛନ୍ତି, ସ୍କ୍ରବ୍ ଟାଇଫସ୍ ଉପରେ ନଜର ରଖାଯାଇ ସର୍ଭେଲାନ୍ସ ଜାରି ରହିଛି। ଟେଷ୍ଟିଂ ବୃଦ୍ଧି କରାଯାଉଛି। ଶୀଘ୍ର ଚିହ୍ନଟ ହେଲେ ସ୍କ୍ରବ୍ ଟାଇଫ୍‌ସ ରୋଗୀ ଗୁରୁତ୍ୱର ହେବେନାହିଁ। ଏହି ରୋଗ ସାଧାରଣତଃ ଚିଗର ନାମକ କୀଟ କାମୁଡ଼ିଲେ ହେଉଥିବାରୁ ବିଲ ବା ଜଙ୍ଗଲ ଯାଉଥିବା ଲୋକଙ୍କୁ ଏହା ଅଧିକ ହେଉଛି। ଏହି ରୋଗର ଲକ୍ଷଣ ହେଉଛି ଜ୍ୱର ଲାଗି ରହିବା, ମୁଣ୍ଡ ବିନ୍ଧା ହେବା। ପୋକ କାମୁଡିବାର ୩ ସପ୍ତାହ ମଧ୍ୟରେ ଜ୍ୱର ହୁଏ। ୧୦ ଦିନ ଭିତରେ ଜ୍ୱର ଭଲ ନ ହେଲେ ରୋଗ ଜଟିଳ ଆଡକୁ ଗତିକରି ମୃତ୍ୟୁ ଆଶଙ୍କା ଦେଖାଦେଇଥାଏ। ଏହା ଯୋଗୁ ନିମୋନିଆ, କିଡ୍‌ନୀ, ଲିଭର ଓ ବ୍ରେନ ଆଫେକ୍ଟ ହେବାର ଅଧିକ ସମ୍ଭାବନା ରହିଛି। ପ୍ରତି ଜିଲାର ଡାକ୍ତରମାନଙ୍କୁ ସତର୍କ ରହିବା ପାଇଁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଏହାସହ ସ୍କ୍ରବ୍ ଟାଇଫସ୍ ରୋଗରେ ମୃତ୍ୟୁ ହୋଇଥିବା ବ୍ୟକ୍ତିଙ୍କ ରିପୋର୍ଟ ବିଭାଗ ପକ୍ଷରୁ ଯାଞ୍ଚ କରାଯାଉଛି। ଗାଁ ଗାଁରେ ଲୋକଙ୍କୁ ସଚେତନ ତଥା ସାବଧାନ କରିବା ପାଇଁ ଆଶାକର୍ମୀ ଓ ଏଏନ୍‌ଏମ୍‌ଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

# ୪ ମାଓବାଦୀଙ୍କ ଆତ୍ମସମର୍ପଣ



ଆତ୍ମସମର୍ପଣ କରିଥିବା ୪ ମାଓବାଦୀ।

ମାଲକାନଗିରି,୧୮।୯ (ଦୁର୍ଯ୍ୟୋଧନ ପାତ୍ର)

**ଜଣଙ୍କ ନାମରେ ଥିଲା ଲକ୍ଷେ ଟଙ୍କାର ପୁରସ୍କାର**

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ ସୁକ୍‌ମା ଜିଲାରେ ଜଣେ ୧ ଲକ୍ଷ ଟଙ୍କା ପୁରସ୍କାର ଘୋଷିତ ମାଓବାଦୀଙ୍କ ସହ ୪ଜଣ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ଆତ୍ମସମର୍ପଣ କରିଥିବା ୪ଜଣଙ୍କ ମଧ୍ୟରୁ ୧ଲକ୍ଷ ଟଙ୍କା ପୁରସ୍କାର ଘୋଷିତ ମାଓବାଦୀ ଡିଏଲ୍‌ଏମ୍‌ଏସ୍ ଅଧ୍ୟକ୍ଷ କର୍ତ୍ତମ ସୁକା, ସଦସ୍ୟ ମାଡବି କାମା, ଜନ ମିଲିସିଆ ସଦସ୍ୟ କବାସି ପାଣ୍ଡୁ ଓ ମାଡ଼ବୀ ମାଡ଼କା। ସମସ୍ତ ଚିନ୍ତାଗୁଫା ଥାନା ଅଞ୍ଚଳ ବୋଲି ସୂଚନା ମିଳିଛି। ଏହି ୪ ଜଣ ଆତ୍ମସମର୍ପଣ କରିବା ସମୟରେ ସୁକ୍‌ମା ମାଓବାଦୀ ଅପରେଶନ କାର୍ଯ୍ୟାଳୟର ପୋଲିସ ଉପ ଅଧୀକ୍ଷକ ରଜତ ନାଗଙ୍କ ନିକଟରେ ଆତ୍ମସମର୍ପଣ କରିଥାନ୍ତି। ଏହି ୪ ଜଣ ଚିନ୍ତାଗୁଫା ଥାନା ଅଞ୍ଚଳର ବିଭିନ୍ନ ମାଓବାଦୀ ଗତିବିଧିରେ ସାମିଲ ଥିଲେ। ତେବେ ଏହି ମାଓବାଦୀଙ୍କୁ ସରକାରଙ୍କ ଥଇଥାନ ନୀତି ଅନୁଯାୟୀ ସମସ୍ତ ପ୍ରକାର ସୁବିଧା ସୁଯୋଗ ଯୋଗାଇ ଦିଆଯିବ ବୋଲି ପୋଲିସ ସୂତ୍ରରୁ ପ୍ରକାଶ।

# ପୋଲିସ କବ୍‌ଜାରେ ଆନ୍ତଃରାଜ୍ୟ କଫ୍‌ସିରପ ର୍‍ୟାକେଟ





କଫ୍ ସିରପ କାରବାରରେ ଗିରଫ ୧୮ ଅଭିଯୁକ୍ତ ଏବଂ ଜବତ କଫ୍‌ସିରପ ଓ ବାଇକ୍।

ବଲାଙ୍ଗୀର, ୧୮।୯ (ବୀରେନ୍ଦ୍ର କୁମାର ଝାଙ୍କର)

**୧୭୧୯ ବୋତଲ କଫ୍ ସିରପ ଜବତ୍, ୧୮ ଗିରଫ**

- ୨କାର, ୩ ବାଇକ ଜବତ୍
- କଟକର ୨ କଫ୍‌ସିରପ ଯୋଗାଣକାରୀ ଗିରଫ

ବଲାଙ୍ଗୀର ପୋଲିସ ସୋମବାର ଆନ୍ତଃରାଜ୍ୟ କଫ୍ ସିରପ ଚୋରାଚାଲାଣ ର୍‍ୟାକେଟର ପର୍ଦ୍ଦାଫାଶ କରିଛି। ପୋଲିସ ଟିମ୍ ରବିବାର ବିଳମ୍ବିତ ରାତିରେ ଚଢ଼ାଉ କରି ୧୭୧୯ ବୋତଲ କଫ୍ ସିରପ ଜବତ କରିବା ସହ ଦୁଇ ମୁଖ୍ୟ ଚୋରାଚାଲାଣକାରୀଙ୍କ ସମେତ ୧୮ ଜଣଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ଦୁଇଟି କାର, ୩ଟି ବାଇକ, ୧୩ଟି ମୋବାଇଲ ଫୋନ୍, ଏକ ଟାଙ୍ଗିଆ ଏବଂ ଏକ ହକିବାଡି ଜବତ କରିଛି। ଏହି ଆନ୍ତଃରାଜ୍ୟ କଫ୍ ସିରପ ଚୋରାଚାଲାଣ ର୍‍ୟାକେଟର ପର୍ଦ୍ଦଫାଶ ପରେ ସୋମବାର ଏସ୍‌ପି ଋଷିକେଶ ଖିଲାରି ସ୍ଥାନୀୟ ରିଜର୍ଭ ପୋଲିସ ବାରାକ୍ ଠାରେ ଖବରଦାତା ସମ୍ମିଳନୀ କରି ସୂଚନା ଦେଇଛନ୍ତି।

ପଶ୍ଚିମବଙ୍ଗରୁ ଏସକଫ୍ ବ୍ରାଣ୍ଡ ଏବଂ ୱିନ୍‌ସେରେକ୍ସ-ଟି ବ୍ରାଣ୍ଡର କଫ୍ ସିରପ ବଲାଙ୍ଗୀର ସମେତ ଆଖପାଖ ପଡୋଶୀ ଜିଲାକୁ ଚୋରାଚାଲାଣ ହେଉଥିବା ସମ୍ପର୍କରେ ନିର୍ଦ୍ଦିଷ୍ଟ ଖବର ପାଇଲା ପରେ ବଲାଙ୍ଗୀର ପୋଲିସ ଟିମ୍ ସଜାଗ ହୋଇଥିଲା। ରବିବାର ରାତି ପ୍ରାୟ ୩ଟାରେ ବଲାଙ୍ଗୀର ପୋଲିସ ପାଟ୍ରୋଲିଂ କରୁଥିବାବେଳେ ସହରର ସୁଦପଡା କଲ୍ୟାଣମଣ୍ଡପ ନିକଟରେ ୨/୩ଟି ଗାଡିରେ ବଡଧରଣର କଫ୍ ସିରପ ଚୋରାଚାଲାଣ ହେଉଥିବା ଖବର ମିଳିଥିଲା। ସ୍ୱତନ୍ତ୍ର ପୋଲିସ ଟିମ୍ ଉକ୍ତ ସ୍ଥାନରେ ଚଢ଼ାଉ କରି ସେଠାରେ ଥିବା ଦୁଇ କାର (ନିସାନ୍ ଓଡି୩୪ଏଲ୧୭୮୬ ଏବଂ ବାଲେନୋ ଓଡି୧୭ଏଏ୧୫୨୯) ଏବଂ ତିନୋଟି ବାଇକକୁ ଅଟକ ରଖି ଯାଞ୍ଚ କରିଥିଲା। ଉକ୍ତ କାରରୁ କଫ ସିରପ ଜବତ ହୋଇଥିଲା। ଏହାପରେ ବଲାଙ୍ଗୀର ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୧୮ ଜଣଙ୍କୁ ଗିରଫ କରିଥିଲା। ଜବତ ୧୭୧୯ ବୋତଲ କଫ୍ ସିରପରେ ୧୬୦୦ ବୋତଲ ଏସକଫ୍ ବ୍ରାଣ୍ଡ ଏବଂ ଏକ ନୂଆବ୍ରାଣ୍ଡ ୱିନସେରେକ୍ସ ୧୧୯ ବୋତଲ ଜବତ କରାଯାଇଛି। କଟକରୁ ଦୁଇ କଫ୍ ସିରପ ଯୋଗାଣକାରୀଙ୍କୁ ଗିରଫ କରାଯିବା ପରେ ସହର, ଜିଲା ତଥା ପଡୋଶୀ ଜିଲାରେ କଫ୍ ସିରପ ବିକ୍ରି ଏବଂ ଚାଲାଣରେ ସକ୍ରିୟ ଥିବା ୧୬ ଜଣଙ୍କୁ ପୋଲିସ ବାନ୍ଧିଛି। ପଶ୍ଚିମବଙ୍ଗରୁ ବଲାଙ୍ଗୀର ଜିଲାକୁ କଫ୍ ସିରପ ଚୋରାଚାଲାଣ ହେଉଥିବା ନେଇ ଖବର ପାଇବା ପରେ ପୋଲିସ ଟିମ୍ କିଭଳି ଚଢ଼ାଉ କରି ଏହି ଆନ୍ତଃରାଜ୍ୟ ଚୋରାଚାଲାଣକାରୀଙ୍କୁ ଧରିଲା ସେ ନେଇ ଏସ୍‌ପି ଖିଲାରି ସୂଚନା ଦେଇଥିଲେ।

# ମୋ ବସ୍-କାର୍ ମୁହାଁମୁହିଁ ଧକ୍କା: ଜଣେ ମୃତ, ୧୪ ଆହତ

ପୁରୀ (ଅଜିତ୍ ମହାନ୍ତି)/ କୋଣାର୍କ (ଜ୍ୟୋତିରାଜ ମହାନ୍ତି) ୧୮।୯

ପୁରୀ ବାଲିଘାଇ ଛକ ନିକଟରେ ସୋମବାର ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ମୋ ବସ୍ ଓ କାର୍ ମୁହାଁମୁହିଁ ଧକ୍କା ହେବାରୁ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୧୪ରୁ ଉର୍ଦ୍ଧ୍ୱ ଯାତ୍ରୀ ଆହତ ହୋଇଛନ୍ତି। ମୃତକ ଜଣଙ୍କ କାର୍ ଚାଳକ ଏବଂ ସେ ପିପିଲି ଗୁଡ଼ିଆ ପୋଖରୀ ଅଞ୍ଚଳର ସତ୍ୟ ଦାସ ବୋଲି ଜଣାପଡ଼ିଛି। ସେହିପରି ବସ୍ ଡ୍ରାଇଭର ଗୁରୁତର ଆହତ ହୋଇଛନ୍ତି। ଘଟଣାସ୍ଥଳରେ ପୋଲିସ ପହଞ୍ଚି ଦୁଇଟିଯାକ ଗାଡ଼ି ଜବତ୍ କରିବା ସହ ତଦନ୍ତ ଜାରି ରଖିଛି।

ସୂଚନା ଅନୁଯାୟୀ, ଭୋର୍ ପ୍ରାୟ ସାଢ଼େ ୫ଟାରେ ପୁରୀରୁ କାକଟପୁର ଅଭିମୁଖେ ଏକ ମୋ ବସ୍ (ନଂ. ଓଡି ୦୨ ବି ୧୯୩୯୭) ଯାଉଥିଲା। ଏହି ସମୟରେ ଅପରପାର୍ଶ୍ୱ ଅର୍ଥାତ୍ କୋଣାର୍କ ପଟୁ ଏକ କାର୍ (ନଂ. ଓଡି ୦୨ ଏଏନ୍ ୧୬୭୯)ରେ ୫ଜଣ ଯାତ୍ରୀ ପୁରୀ ଅଭିମୁଖେ ଆସୁଥିଲେ। ବାଲିଘାଇ ଛକ ଡିଫେନ୍ସ ରୋଡଠାରେ କାର୍‌ଟି ମୋ ବସ୍‌କୁ ସାମ୍ନା ପଟୁ ଧକ୍କା ଦେଇଥିଲା। ଅପରପକ୍ଷରେ କାର୍‌କୁ ସୁରକ୍ଷା ଦେବାକୁ ଯାଇ ବସ୍‌ଟି ଅନ୍ୟ ଏକ ବସ୍‌ରେ ପିଟି ହୋଇଯାଇଥିଲା। ମୁହାଁମୁହିଁ ଧକ୍କା ହେବା ଫଳରେ କାର୍ ଏବଂ ମୋ ବସ୍‌ରେ ଥିବା ଯାତ୍ରୀମାନେ ଆହତ ହୋଇଥିଲେ। ଖବର ପାଇ ସ୍ଥାନୀୟ ଲୋକେ, ପୋଲିସ ଏବଂ ଅଗ୍ନିଶମ ବାହିନୀ ପହଞ୍ଚି ଆହତମାନଙ୍କୁ ଉଦ୍ଧାର କରିଥିଲେ। ସମସ୍ତ ଆହତଙ୍କ ସମେତ କାର୍ ଚାଳକ ସତ୍ୟଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ତେବେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ଜୀବନ ଚାଲିଯାଇଥିଲା। ୪ଜଣ ଗୁରୁତରଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଅପରପକ୍ଷରେ ମୋ ବସ୍‌ଟି ଗଛରେ ପିଟି ହୋଇଯିବାରୁ ଡ୍ରାଇଭର ବସ୍ ଭିତରେ ଫସି ରହିଥିଲେ। ଅଗ୍ନିଶମ ବାହିନୀ କଟର ସହାୟତାରେ ବସ୍‌ର କିଛି ଅଂଶ କାଟି ତାଙ୍କୁ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରିଥିଲେ।





ଦୁର୍ଘଟଣାଗ୍ରସ୍ତ କାର୍ ଓ ବସ୍।

# ପ୍ରତିବର୍ଷ ଓଟିଇଟି ଦାବିରେ ବିକ୍ଷୋଭ





ଲୋୟର ପିଏମ୍‌ଜି ଧାରଣା ସ୍ଥଳରେ ଓଟିଇଟି ଆଶାୟୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି। (ଫଟୋ– ମନୋରଞ୍ଜନ ମିଶ୍ର)

ଭୁବନେଶ୍ୱର,୧୮।୯ (ଅନୁରାଧା ମହାରଣା)

ପ୍ରତିବର୍ଷ ଓଡ଼ିଶା ଟିଚର୍ସ ଇଲିଜିବିଲିଟି ଟେଷ୍ଟ(ଓଟିଇଟି) ସହ ବିଭିନ୍ନ ଦାବିରେ ଲୋୟର ପିଏମ୍‌ଜିରେ ଆଶାୟୀମାନେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ପ୍ରତି ରାଜ୍ୟରେ ପ୍ରତିବର୍ଷ ଓଟିଇଟି ପରୀକ୍ଷା କରାଯାଉଛି। ମାତ୍ର ଓଡ଼ିଶାରେ ୨୦୨୨ ପାଇଁ ସ୍ଥିର ହୋଇଥିବା ପରୀକ୍ଷା ୨୦୨୩ ବର୍ଷ ସରିବାକୁ ବସିଥିଲେ ମଧ୍ୟ ହୋଇପାରିନାହିଁ। ଏହାର ପ୍ରତିବାଦରେ ଆନ୍ଦୋଳନକାରୀମାନେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି। ଲକ୍ଷାଧିକ ଆଶାୟୀ ପରୀକ୍ଷା ପାଇଁ ଅପେକ୍ଷା କରି ରହିଥିବାବେଳେ ତୁରନ୍ତ ପରୀକ୍ଷା ତାରିଖ ଘୋଷଣା ନେଇ ଦାବି କରିଛନ୍ତି। ସେହିପରି ଓଏସ୍‌ଏସ୍‌ଟିଟି ବର୍ଷକୁ ଦୁଇଥର କରିବାକୁ ଦାବି କରାଯାଇଛି।

## ପ୍ରଥମ ପୃଷ୍ଠାରୁ...

### ଶିକ୍ଷୟିତ୍ରୀ ସ୍ତ୍ରୀ...

ମା' ଉର୍ମିଳା ଗୁରୁତର ଥିବାରୁ ତାଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଶେରଗଡ଼ ଏସ୍‌ଡିପିଓ ଉମାଶଙ୍କର ସିଂ, ଏସ୍‌ଆଇ ସତ୍ୟଜିତ ବେଣିଆ ପ୍ରମୁଖ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଅପରାହ୍ନରେ ସାବିତ୍ରୀଙ୍କ ଭାଇ ଦିଲୀପ ଶେରଗଡ଼ ଥାନାରେ ପହଞ୍ଚି ଗଞ୍ଜାମ ଏସ୍‌ପି ଜଗନମୋହନ ମୀନାଙ୍କ ଉପସ୍ଥିତିରେ ଏତଲା ଦେଇଛନ୍ତି। ଦିଲୀପ ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି ଯେ, ତାଙ୍କ ଭଉଣୀ ସାବିତ୍ରୀ ଓ ଦୁଇ ଭଣଜାଙ୍କୁ ଖାଦ୍ୟରେ ବିଷ ଦେଇ ହତ୍ୟା କରାଯାଇଛି। ପୂର୍ବରୁ ପ୍ରଶାନ୍ତ ମୋ ଭଉଣୀଙ୍କୁ ମାନସିକ, ଶାରୀରିକ ନିର୍ଯାତନା ଦେଇଆସୁଥିଲେ। ପୋଲିସ ଥାନା କେସ୍ ନଂ. ୪୭୪/୨୩ରେ ଏକ ହତ୍ୟା ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି। ୩ଜଣଙ୍କ ମୃତ୍ୟୁ ବିଷକ୍ରିୟାରୁ ହୋଇଛି କି ଅନ୍ୟ କେଉଁ କାରଣରୁ, ତାହା ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ଜଣାପଡ଼ିବ ବୋଲି ପୋଲିସ କହିଛି।

### ୧୪୩ ବର୍ଷରେ...

ଅପେକ୍ଷା ଚଳିତ ବର୍ଷ ଜୁଲାଇ ମାସରେ ଅଧିକ ଗ୍ରୀଷ୍ମ ପ୍ରବାହ ଜାରି ରହିଥିଲା। ଆପଣଙ୍କ ଚତୁଃପାର୍ଶ୍ୱରେ କଣ ସବୁ ଘଟୁଛି ତାହା ଆପଣ ଦେଖୁଥାନ୍ତୁ ବୋଲି ବୈଠକରେ ଯୋଗଦେଇ ନାସାର ଅଧିକାରୀ ବିଲ୍ ନେଲ୍‌ସନ୍ କହିଥିଲେ। ଚଳିତବର୍ଷ ହାୱାଇ ଜଙ୍ଗଲରେ ନିଆଁ ଲାଗିବା ଠାରୁ ଆରମ୍ଭ କରି ଫୋଇନିକ୍ସ ଓ ମିଆମି ଅଞ୍ଚଳର ଗ୍ରୀଷ୍ମ ପ୍ରବାହର ଉଦାହରଣ ଦେଇ ନେଲ୍‌ସନ୍ କହିଥିଲେ, ଜଙ୍ଗଲ ନିଆଁ ଯୋଗୁ ଆମେରିକା ସମେତ ସାରା ୟୁରୋପରେ ଅଧିକ ଗ୍ରୀଷ୍ମ ପ୍ରବାହ ହୋଇଥିଲା। ଜଳବାୟୁ ପରିବର୍ତ୍ତନର ସବୁଠୁ ଅଧିକ ପ୍ରଭାବ ଫେବୃୟାରୀରୁ ଏପ୍ରିଲ ପର୍ଯ୍ୟନ୍ତ ପଡ଼ିଥିଲା। ଏହାପରେ ତାପମାତ୍ରା କ୍ରମାଗତଭାବେ ବୃଦ୍ଧି ପାଇ ଜୁଲାଇ ମାସ ବେଳକୁ ପରିସ୍ଥିତି ଅଣାୟତ୍ତ ହେବା ସହ ହାୱାଇ ଓ କାନାଡ଼ାରେ ଜଙ୍ଗଲ ନିଆଁ ବ୍ୟାପିଥିଲା। ସେହିପରି ଜଳବାୟୁ ପରିବର୍ତ୍ତନ କାରଣରୁ ଗ୍ରୀସ୍ ଏବଂ ଇଟାଲୀରେ ମାତ୍ରାଧିକ ବର୍ଷା କାରଣରୁ ବନ୍ୟା ପରିସ୍ଥିତି ଉପୁଜିଥିଲା ବୋଲି ବୈଜ୍ଞାନିକମାନେ କହିଛନ୍ତି।

ସୂଚନାଯୋଗ୍ୟ ଏଲ୍‌ନିନୋ ପ୍ରଭାବରୁ ଅଧିକ ଗରମ ଅନୁଭୂତ ହୋଇଥାଏ। ଏହା ପ୍ରତି ୨ରୁ ୭ ବର୍ଷ ମଧ୍ୟରେ ବାରମ୍ବାର ଆସିଥାଏ। ତେବେ ପ୍ରଶାନ୍ତ ମହାସାଗର ଉପରେ ଦେଇ ବହୁଥିବା ପବନର ଗତିପଥ ଉପରେ ଏହା ନିର୍ଭର କରିଥାଏ ବୋଲି କୁହାଯାଉଛି। ନାସାର ଆକଳନ ଅନୁସାରେ ଏଲ୍‌ନିନୋର ପ୍ରଭାବ ଆସନ୍ତା ବର୍ଷ ଏପ୍ରିଲ ପର୍ଯ୍ୟନ୍ତ ରହିପାରେ।

### ବନ୍ୟା ଜଳରେ...

ସେଥିରେ ଥିବା ୨ ଯୁବକଙ୍କ ଜୀବନ ବଞ୍ଚିଯାଇଛି। ସେମାନେ ହେଲେ ଅଭୟଚାନ୍ଦପୁର ଥାନା ଅନ୍ତର୍ଗତ ନୂଆଗାଁର ରଶ୍ମିରଞ୍ଜନ ସ୍ୱାଇଁ ଓ କେନ୍ଦ୍ରାପଡ଼ା ଜିଲା ପାଟକୁରା ଥାନା ଅଞ୍ଚଳର ପୁଷ୍ପକାନ୍ତ ମହାନ୍ତି।

ସେମାନଙ୍କୁ ତିର୍ତ୍ତୋଲ ଦମକଳ କର୍ମଚାରୀ ଉଦ୍ଧାର କରି ମଣିଜଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛନ୍ତି। ଏଥିସହ ପାଣିରୁ କାର୍‌କୁ ବାହାର କରିବା ପାଇଁ ଉଦ୍ୟମ ଜାରି ରହିଛି।

ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ରଶ୍ମିରଞ୍ଜନ ଓ ପୁଷ୍ପକାନ୍ତ କାର୍‌ରେ କୁଜଙ୍ଗ ବ୍ଲକ ଅନ୍ତର୍ଗତ ସାଇଲେ ପଞ୍ଚାୟତ ହରିପୁର ଗ୍ରାମ ଅଭିମୁଖେ ଗଳିପୋଲ ନିକଟ ରାସ୍ତା ଦେଇ ଯାଉଥିଲେ। ଉକ୍ତ ରାସ୍ତାରେ ପାଣି ପ୍ରବାହିତ ହେଉଥିବା ସତ୍ତ୍ୱେ ସେମାନେ ପାର ହୋଇଯିବେ ଭାବି ଆଗକୁ ବଢ଼ିଥିଲେ। କିନ୍ତୁ ହଠାତ୍ କାର୍‌ଟି ଭାସିଯାଇଥିଲା। ସୌଭାଗ୍ୟକୁ ତାହା ଏକ ଗଛରେ ଲାଗି ଅଟକି ଯାଇଥିଲା। ପୁଷ୍ପକାନ୍ତ ବହୁ କଷ୍ଟରେ କାର୍ ଉପରକୁ ଚଢ଼ି ଡାକ ପକାଇଥିଲେ। ସ୍ଥାନୀୟ ଲୋକେ ଏହା ଦେଖି ତିର୍ତ୍ତୋଲ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ।

### ପୁରୁଣା ସଂସଦ...

ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ୫ ଦିନିଆ ସ୍ୱତନ୍ତ୍ର ଅଧିବେଶନର ପ୍ରଥମ ଦିନରେ କଂଗ୍ରେସ ମହିଳା ସ୍ଥାନ ସଂରକ୍ଷଣ ବିଲ୍ ଆଣିବା ଲାଗି ସରକାରଙ୍କୁ ଅନୁରୋଧ କରିଥିଲା। ବେରୋଜଗାରୀ ପ୍ରସଙ୍ଗ ଉଠାଇ ଏହା ଦେଶର ଗଣତନ୍ତ୍ରକୁ ଶେଷ କରିଦେବ ବୋଲି ବିରୋଧୀ ଦଳ ଏହି ଅବସରରେ ସତର୍କ କରାଇ ଦେଇଥିଲା। ମହିଳା ସଂରକ୍ଷଣ ବିଲ୍ ଆସିବା ଆବଶ୍ୟକ ବୋଲି ରାଜ୍ୟ ସଭାରେ ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖାର୍ଗେ କହିଥିଲେ। ପାର୍ଲାମେଣ୍ଟର ଉଭୟ ଗୃହରେ ମହିଳା ସଦସ୍ୟଙ୍କ ହାର ମାତ୍ର ୧୪ ପ୍ରତିଶତ ହୋଇଥିବାବେଳେ ବିଧାନସଭାଗୁଡ଼ିକରେ ମାତ୍ର ୧୦ ପ୍ରତିଶତ ରହିଛି। ଜେଡିୟୁର ରାମନାଥ ଠାକୁର ମଧ୍ୟ ମହିଳା ସଂରକ୍ଷଣ ପାଇଁ ଦାବି କରିଥିଲେ। ମଙ୍ଗଳବାର ଯେତେବେଳେ ଆମେ ନୂଆ ପାର୍ଲାମେଣ୍ଟ ବିଲ୍ଡିଂକୁ ଯିବା ଆମେ ମହିଳାମାନଙ୍କ ପାଇଁ ୩୩ ପ୍ରତିଶତ ସ୍ଥାନ ଛାଡ଼ିଦେବା ନାହିଁ କାହିଁକି ବୋଲି ସେ ପ୍ରଶ୍ନ କରିଥିଲେ।

ଭାରତର ଗଣତାନ୍ତ୍ରିକ ଯାତ୍ରାରେ ପୁରୁଣା ସଂସଦ ଭବନର ଅତୁଳନୀୟ ଅବଦାନ ରହିଥିବା ସୋମବାର ଲୋକ ସଭା ବାଚସ୍ପତି ଓମ୍ ବିର୍ଲା କହିଛନ୍ତି। ଏଠାରେ ଦେଶର କଲ୍ୟାଣ ପାଇଁ ସାମୂହିକ ଆଲୋଚନା ହେଉଥିଲା। ଆଲୋଚନା ସଂସ୍କୃତିର ଏହା ଏକ ଉଜ୍ଜ୍ୱଳ ପ୍ରତୀକ ବୋଲି ଅଧିବେଶନ ଅବସରରେ ବାଚସ୍ପତି ମତ ରଖିଥିଲେ। ପାର୍ଲାମେଣ୍ଟରେ ବିଭିନ୍ନ ପ୍ରସଙ୍ଗରେ ବିରୋଧୀଙ୍କୁ ମତାମତ ରଖିବା ଲାଗି ଯଥେଷ୍ଟ ସୁଯୋଗ ଦିଆଯାଉ ନ ଥିବା କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ରାଜ୍ୟ ସଭା ଅଧ୍ୟକ୍ଷ ଜଗଦୀପ୍ ଧନ୍‌କରଙ୍କ ନିକଟରେ ଅଭିଯୋଗ କରିଥିଲେ। ଅଧିବେଶନ ସମୟର ସିଧାପ୍ରସାରଣ ବେଳେ ପାର୍ଲାମେଣ୍ଟ ଭିତରେ ଲାଗିଥିବା କ୍ୟାମେରାଗୁଡ଼ିକ ମଧ୍ୟ ବିରୋଧୀ ଏମ୍‌ପିମାନଙ୍କ ଉପରେ ମଧ୍ୟ ସମାନ ଫୋକସ୍ କରିବା ଆବଶ୍ୟକ ବୋଲି ଖାର୍ଗେ କହିଥିଲେ। ଆମେ ବାହାରେ କହିବାର ସୁଯୋଗ ପାଉ ନ ଥିବାରୁ ଗୃହରେ ଏଥିପାଇଁ ସୁଯୋଗ ଦିଆଯାଉ। ସବୁ ଏମ୍‌ପିଙ୍କୁ କହିବାର ସ୍ୱାଧୀନତା ମିଳିବା ଉଚିତ ବୋଲି ଖାର୍ଗେ କହିବା ବେଳେ ଗୃହର ଅଧ୍ୟକ୍ଷ ଆମ ଅଭିଭାବକ ଭାବେ ସୁରକ୍ଷା ଦେବା ଆବଶ୍ୟକ ବୋଲି ମତ ଦେଇଥିଲେ।

### ଆନ୍ଦୋଳନରତ ଶିକ୍ଷକ...

କାର୍ଯ୍ୟପନ୍ଥା ଉପରେ ଆଲୋଚନା ହୋଇଥିଲା। ବୈଠକ ପରେ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେଶନ ଆନ୍ଦୋଳନକୁ ସ୍ଥଗିତ ରଖିଥିବା ମହସଚିବ ଚାରୁଲତା ମହାପାତ୍ର କହିଛନ୍ତି। ସେ କହିଛନ୍ତି, ସରକାରଙ୍କ ସହ ଆଲୋଚନା ସକରାତ୍ମକ ଥିଲା। ଦାବି ପୂରଣ ପାଇଁ ପ୍ରତିଶ୍ରୁତି ମିଳିବା ସହିତ ଏଥିଲାଗି ସମୟ ନେଇଛନ୍ତି ସରକାର। ସରକାରଙ୍କ ପ୍ରତିଶ୍ରୁତି ଉପରେ ଆସ୍ଥା ଓ ଭରସା ରହିଛି। ସେଥିପାଇଁ ଆମେ ଆନ୍ଦୋଳନକୁ ସ୍ଥଗିତ ରଖିଲୁ। ଡିସେମ୍ବର ସୁଦ୍ଧା ଦାବି ପୂରଣ ହେବ ବୋଲି ସରକାର ଆମକୁ କହିଛନ୍ତି। ଯଦି ଏହି ସମୟରେ ଦାବି ପୂରଣ ନ ହୁଏ ତେବେ ଆମେ ପୁଣିଥରେ ରାଜରାସ୍ତାକୁ ଓହ୍ଲାଇବୁ। ପିଲାଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ବିଦ୍ୟାଳୟରେ ପୁଣି ପାଠପଢ଼ା ଆରମ୍ଭ ହେବ। ସରକାରଙ୍କ ଅନୁରୋଧ ପରେ ଏୟୁପିଟିଏଫ୍ ଡାକରାରେ ଚାଲିଥିବା ଏହି ଆନ୍ଦୋଳନ ସ୍ଥଗିତ ରହିଲା। ଯେଉଁ ଶିକ୍ଷକ ସଂଘ ଆନ୍ଦୋଳନ କରିବାକୁ ଚାହୁଁଛନ୍ତି, ସେମାନେ କରିପାରିବେ ବୋଲି ଚାରୁଲତା କହିଛନ୍ତି। ଏୟୁପିଟିଏଫ୍ ସହ ଓଡ଼ିଶା ପ୍ରାଥମିକ ଶିକ୍ଷକ ସଂଘ ମଧ୍ୟ ଏହି ଆନ୍ଦୋଳନରୁ ଓହରି ଯାଇଥିବା ସୂଚନା ଦେଇଛି। ତେବେ ମିଳିତ ପ୍ରାଥମିକ ଶିକ୍ଷକ ମହାସଂଘ ନେତୃତ୍ୱରେ ୮ଟି ସଂଘ ଆନ୍ଦୋଳନ ଜାରି ରଖିବାକୁ ନିଷ୍ପତ୍ତି ନେଇଛନ୍ତି। ଏଥିରେ ନିଖିଳ ଉତ୍କଳ ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘ ସାମିଲ ହେବାକୁ ସହମତି ଜଣାଇଥିବା ସୂଚନା ମିଳିଛି। ବର୍ତ୍ତମାନ ଏହି ଆନ୍ଦୋଳନ ପୂର୍ବପରି ବ୍ଲକ୍ ସ୍ତରରେ ଜାରି ରହିବ। ଆଗାମୀ ଦିନରେ ରାଜ୍ୟସ୍ତରରେ ଆନ୍ଦୋଳନ ହେବ ବୋଲି କୁହାଯାଇଛି। ସୂଚନାଯୋଗ୍ୟ, ଠିକା ନିଯୁକ୍ତି ଉଚ୍ଛେଦ, ପୁରୁଣା ପେନ୍ସନ ଓ କେନ୍ଦ୍ରୀୟ ହାରରେ ଦରମା ଅନୁସାରେ ୪୨୦୦ ଟଙ୍କା ଗ୍ରେଡ୍ ପେ' ଲାଗୁ ଆଦି ଦାବି ନେଇ ପ୍ରାଥମିକ ଶିକ୍ଷକ ଆନ୍ଦୋଳନକୁ ଓହ୍ଲାଇଛନ୍ତି।

**ଆନ୍ଦୋଳନକୁ ସମର୍ଥନ କରି ଅଭିଭାବକ ସଂଘର ଧାରଣା**

ଶିକ୍ଷକ ଆନ୍ଦୋଳନକୁ ଓଡ଼ିଶା ଅଭିଭାବକ ମହାସଂଘ ସମର୍ଥନ ଜଣାଇଛି। ସୋମବାର ରାଜ୍ୟର ବିଭିନ୍ନ ବିଦ୍ୟାଳୟ ସମ୍ମୁଖରେ ଅଭିଭାବକମାନେ ଧାରଣା ଦେଇଥିଲେ। ସରକାର ବିଦ୍ୟାଳୟରେ ପାଠପଢ଼ାକୁ ସ୍ୱାଭାବିକ ଅବସ୍ଥା ଫେରାଇ ନ ଆଣିଲେ ଆଗକୁ ସମସ୍ତ ବିଦ୍ୟାଳୟ ଆଗରେ ଧାରଣା ଦିଆଯିବ ବୋଲି ମହାସଂଘ ଅଧ୍ୟକ୍ଷ ବାସୁଦେବ ଭଟ୍ଟ କହିଛନ୍ତି।

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ଓମ୍ ସାଇ
ପରିବାରବର୍ଗ


ସୋନାଲି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।



କଂଗ୍ରେସ ଅଧ୍ୟକ୍ଷ ତଥା ରାଜ୍ୟ ସଭା ବିରୋଧୀଦଳ ନେତା ମଲ୍ଲିକାର୍ଜ୍ଜୁନ ଖାର୍ଗେ ପାର୍ଲାମେଣ୍ଟ ହାଉସ୍ସ୍ଥିତ ତାଙ୍କ ପ୍ରକୋଷ୍ଠରେ ସୋମବାର ଅନ୍ୟ ବିରୋଧୀଦଳ ନେତା ସହ ଆଲୋଚନା କରୁଛନ୍ତି।

# ମହିଳା ସ୍ଥାନ ସଂରକ୍ଷଣ ଦାବି ଦୋହରାଇଲା ବିଜେଡି

**ନୂଆଦିଲ୍ଲୀ, ୧୮।୯ :** ବିଜୁ ଜନତା ଦଳ ମଧ୍ୟ ସୋମବାର ମହିଳା ସଂରକ୍ଷଣ ବିଲ୍ ଆଣିବା ପାଇଁ କେନ୍ଦ୍ରକୁ ନିବେଦନ କରିଛି। ସଂସଦୀୟ ଯାତ୍ରାର ୭୫ ବର୍ଷ ଉପରେ ଆଲୋଚନାରେ ଭାଗନେଇ ବିଜେଡି ଏମ୍‌ପି ସସ୍ମିତ୍ ପାତ୍ର ଏବଂ ଅମର ପଟ୍ଟନାୟକ ଦଳର ମହିଳା ସ୍ଥାନ ସଂରକ୍ଷଣ ଦାବିକୁ ଦୋହରାଇଛନ୍ତି। ପାର୍ଲାମେଣ୍ଟ ୭୫ ବର୍ଷ ଅତିକ୍ରମ କରିବା ସତ୍ତ୍ୱେ ମହିଳା ସଂରକ୍ଷଣ ବିଲ୍ ଅସମ୍ପୂର୍ଣ୍ଣ ରହିଯାଇଥିବା ସସ୍ମିତ୍ କହିଛନ୍ତି। ମହିଳା ସଶକ୍ତୀକରଣ ଲାଗି ପାର୍ଲାମେଣ୍ଟରେ ଅନେକ ଗୁରୁତ୍ୱପୂର୍ଣ୍ଣ ବିଲ୍ ଗୃହୀତ ହୋଇଛି, ଅଥଚ ମହିଳା ସଂରକ୍ଷଣ ବିଲ୍ ଅଟକି ରହିଛି ବୋଲି ଅମର ପଟ୍ଟନାୟକ କହିଛନ୍ତି। ଏହି ବିଲ୍ ଅଣାଗଲେ ପାର୍ଲାମେଣ୍ଟ ଓ ବିଧାନସଭାଗୁଡ଼ିକରେ ଲିଙ୍ଗଗତ ସମାନତା ଆସିପାରିବ ବୋଲି ସେ ମତ ଦେଇଛନ୍ତି। ଦଶମ ଅନୁଚ୍ଛେଦ ଯୋଗ ହେବା ଦ୍ୱାରା ଏମ୍‌ପିମାନଙ୍କ ବାକ୍ ସ୍ୱାଧୀନତାକୁ କାଢ଼ି ନିଆଯାଇଛି, ଯେଉଁଥିପାଇଁ ଆମେ ବ୍ୟକ୍ତିଗତ ମତାମତ ଉପସ୍ଥାପନ କରିପାରୁ ନାହୁଁ ବୋଲି ବିଜେଡି ଏମ୍‌ପି ଭର୍ତ୍ତୃହରି ମହତାବ କହିଛନ୍ତି।

# ମମତା ମହାନ୍ତ ରାଜ୍ୟ ସଭା ଉପାଧ୍ୟକ୍ଷ ପ୍ୟାନେଲ ସଦସ୍ୟ ନିଯୁକ୍ତ



**ଭୁବନେଶ୍ୱର,୧୮।୯(ଅନିଲ ଦାସ) :** ବିଜେଡି ରାଜ୍ୟ ସଭା ଏମପି ମମତା ମହାନ୍ତଙ୍କୁ ରାଜ୍ୟସଭା ଉପାଧ୍ୟକ୍ଷ ପ୍ୟାନେଲ ସଦସ୍ୟ ଭାବେ ମନୋନୀତ କରାଯାଇଛି। ସେ ସୋମବାର ରାଜ୍ୟସଭାରେ ସଭାପତିତ୍ୱ କରିଥିଲେ। ମହାନ୍ତ ୨୦୨୦ରେ ବିଜେଡିରୁ ରାଜ୍ୟସଭା ସଦସ୍ୟ ଭାବେ ନିର୍ବାଚିତ ହୋଇଛନ୍ତି। ଆସନ୍ତା ୨୦୨୬ ଯାଏ ତାଙ୍କର କାର୍ଯ୍ୟକାଳ ରହିଛି।

# ବାଚସ୍ପତି ନିର୍ବାଚନ: ଆଶାୟୀ ନୀରବ

**ଭୁବନେଶ୍ୱର, ୧୮।୯(ସୁନିତ୍ ମିଶ୍ର):** ଓଡ଼ିଶା ବିଧାନସଭାର ବାଚସ୍ପତି ପଦବୀ ଲାଗି ଆସନ୍ତା ୨୧ ତାରିଖରେ ନାମାଙ୍କନ ପତ୍ର ଦାଖଲ ଏବଂ ୨୨ରେ ଭୋଟିଂ ହେବ। ବିଜେଡି ରାଜ୍ୟରେ ସଂଖ୍ୟାଗରିଷ୍ଠ ଦଳ ହୋଇଥିବାରୁ ବିରୋଧୀ ପ୍ରାର୍ଥୀ ଦେବେ ନାହିଁ ବୋଲି ଏକ ପ୍ରକାର ଘୋଷଣା ସରିଛି। ତେବେ ଶାସକ ଦଳରୁ ଯିଏ ପ୍ରାର୍ଥୀ ହେବ ସେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚନରେ ଜିତିବେ। ମାତ୍ର ଦଳ କାହାକୁ ପ୍ରାର୍ଥୀ କରିବ ତାକୁ ନେଇ ସବୁଥର ଭଳି ଏଥର ସେପରି କିଛି ଚର୍ଚ୍ଚା ନାହିଁ। ୨୦୨୪ ସାଧାରଣ ନିର୍ବାଚନକୁ କମ୍ ସମୟ ଥିବାବେଳେ ଏହି ପଦବୀ ଲାଗି ଆଉ ସେପରି ଆଗ୍ରହ ନେତାଙ୍କ ମଧ୍ୟରେ ଦେଖିବାକୁ ମିଳୁ ନାହିଁ ବୋଲି ଚର୍ଚ୍ଚା ହେଉଛି। ତେବେ ଶାସକ ଦଳ କାହାକୁ ଏହି କମ୍ ସମୟ ଲାଗି ଉକ୍ତ ପଦବୀରେ ବସାଇବ ତାହା କିନ୍ତୁ ବହୁତ ଗୁରୁତ୍ୱ ବହନ କରୁଛି। ଏହି ପଦରେ କୌଣସି ଜଣେ ଅଭିଜ୍ଞ ଏବଂ ବରିଷ୍ଠ ନେତାଙ୍କୁ ସୁଯୋଗ ମିଳିବାର ସମ୍ଭାବନା ଅଧିକ ବୋଲି କୁହାଯାଉଛି। ତେବେ ବିଧାୟକ ଅମର ପ୍ରସାଦ ଶତପଥୀ, ବଦ୍ରି ନାରାୟଣ ପାତ୍ର, ପ୍ରଫୁଲ୍ଲ ସାମଲ, ପୂର୍ବତନ ମନ୍ତ୍ରୀ ଶଶି ଭୂଷଣ ବେହେରା ପ୍ରମୁଖ ନେତାଙ୍କ ମଧ୍ୟରୁ କାହାକୁ ଏହି ପଦରେ ଦଳ ବସାଇପାରେ ବୋଲି ରାଜନୈତିକ ବିଶ୍ଳେଷକମାନେ ଅନୁମାନ କରୁଛନ୍ତି। ମହିଳାଙ୍କ ମଧ୍ୟରୁ କାହାକୁ ଯଦି ଏହି ପଦ ମିଳେ ତେବେ ବିଧାୟିକା ସ୍ନେହାଙ୍ଗିନୀ ଛୁରିଆଙ୍କ ସମ୍ଭାବନା ଅଧିକ ଥିବା କୁହାଯାଉଛି। ହେଲେ ଦଳ କାହାକୁ ପ୍ରାର୍ଥୀ କରିବ ସେନେଇ ଶେଷ ସମୟ ପର୍ଯ୍ୟନ୍ତ ସୂଚନା ଦେଇ ନ ଥାଏ। ତେଣୁ ଆଶାୟୀ ଏ ପର୍ଯ୍ୟନ୍ତ ନିଜର ଆଗ୍ରହ ପ୍ରକାଶ କରୁ ନ କରୁନାହାନ୍ତି।

# ପଶ୍ଚିମ ଓଡ଼ିଶା ଭୋଟ୍ ଲାଗି ବଦଳିଗଲା

**ଭୁବନେଶ୍ୱର, ୧୮।୯(ସୁନିତ୍ ମିଶ୍ର):** ବିରୋଧୀଙ୍କ ଜିଦ୍‌କୁ ଦେଖି ରାଜ୍ୟ ସରକାର ବାଚସ୍ପତି ନିର୍ବାଚନକୁ ଗୋଟିଏ ଦିନ ଘୁଞ୍ଚାଇଛନ୍ତି। ଆସନ୍ତା ୨୧ ତାରିଖ ପରିବର୍ତ୍ତେ ୨୨ ତାରିଖରେ ହେବ ଏହି ନିର୍ବାଚନ। ତେବେ କଂଗ୍ରେସ ପ୍ରଥମେ ବାଚସ୍ପତି ନିର୍ବାଚନକୁ ବର୍ଜନ କରିଥିବା ବେଳେ ପରବର୍ତ୍ତୀ ସମୟରେ ଭାଜପା ସମାନ କଥା ଦୋହରାଇଥିଲା। ଏହାପରେ ବାଧ୍ୟ ହୋଇ ରାଜ୍ୟ ସରକାର ବିରୋଧୀଙ୍କ କଥାକୁ ସମ୍ମାନ ଜଣାଇବାକୁ ବାଧ୍ୟ ହେଲେ। ତେବେ କଂଗ୍ରେସର ବାଚସ୍ପତି ନିର୍ବାଚନକୁ ବର୍ଜନ ନିଷ୍ପତ୍ତି ପରେ ଉଭୟ ଭାଜପା ଏବଂ ଶାସକ ଦଳ ସମାନ ରାସ୍ତା ଆପଣାଇବା ପଛରେ ପଶ୍ଚିମ ଓଡ଼ିଶାବାସୀଙ୍କ ଭୋଟ୍ ବୋଲି ଚର୍ଚ୍ଚା ଜୋର୍ ଧରିଛି। ଭାଜପାର ଜଣେ ବରିଷ୍ଠ ବିଧାୟକ ମଧ୍ୟ ନିଜ ନାମ ଗୋପନ ରଖିବା ସର୍ତ୍ତରେ ଚର୍ଚ୍ଚା ଚାଲିଥିବା କଥା ସତ୍ୟ ବୋଲି କହିଛନ୍ତି।

ସୂଚନାଯୋଗ୍ୟ ଯେ, ବିକ୍ରମ କେଶରୀ ଆରୁଖ ବାଚସ୍ପତି ପଦରୁ ଇସ୍ତଫା ଦେବା ପରଠାରୁ ଏହି ପଦବୀ ରାଜ୍ୟରେ ଖାଲି ପଡିଛି। ଆରୁଖ ଏବେ ରାଜ୍ୟ ସରକାରଙ୍କ ଗୁରୁତ୍ୱପୂର୍ଣ୍ଣ ଅର୍ଥ ମନ୍ତ୍ରୀ ଭାବେ ଦାୟିତ୍ୱ ତୁଲାଉଛନ୍ତି। ହେଲେ ବାଚସ୍ପତି ପଦବୀ ଖାଲି ପଡିଥିବା ଯୋଗୁ ଉପବାଚସ୍ପତି ରଜନୀକାନ୍ତ ସିଂ କାର୍ଯ୍ୟକାରୀ ବାଚସ୍ପତି ଭାବେ ଦାୟିତ୍ୱ ତୁଲାଉଛନ୍ତି। ହେଲେ ଆସନ୍ତା ୨୨ରେ ବିଧାନସଭାର ମୌସୁମୀ ଅଧିବେଶନ ଆରମ୍ଭ ହେଉଥିବା ବେଳେ ସରକାର ବାଚସ୍ପତି ପଦବୀ ପୂରଣ କରିବାକୁ ଏକ ପ୍ରକାର ବାଧ୍ୟ। ସେଥିଲାଗି ସରକାର ବାଚସ୍ପତି ପଦ ଲାଗି ୧୮ ତାରିଖରେ ନାମାଙ୍କନ ପତ୍ର ଦାଖଲ ଏବଂ ୨୧ରେ ଭୋଟିଂ ହେବ ବୋଲି ସରକାର ଘୋଷଣା କରିଥିଲେ। ହେଲେ କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ପ୍ରଥମେ ଏହାକୁ ବିରୋଧ କରିଥିଲେ। ୨୦ରେ ପଶ୍ଚିମ ଓଡିଶାର ବଡ ପର୍ବ ନୂଆଁଖାଇ ମୁଖ୍ୟତଃ ଦୁଇ ଦିନ ଧୁମ୍ ଧାମ୍‌ରେ ପାଳନ ହୋଇଥାଏ। ୨୧ରେ ବାଚସ୍ପତି ନିର୍ବାଚନ କଲେ ପଶ୍ଚିମଓଡିଶା ପର୍ବ ଛାଡି ଆସି ହେବ ନାହିଁ ବୋଲି କଂଗ୍ରେସ ପକ୍ଷରୁ ବିଧିବଦ୍ଧ ଭାବେ ଜଣାଯାଇଥିଲା। ଏହାସହ ଦଳ ବାଚସ୍ପତି ନିର୍ବାଚନକୁ ବର୍ଜନ କରୁଛି ବୋଲି ମଧ୍ୟ କହିଥିଲା। ଏହାପରେ ଭାଜପା ବିଧାୟକ ନାଉରୀ ନାଏକ ଏହି କଥା ଉଠାଇଥିଲେ ଏବଂ ଦିନକ ପରେ ବିଧିବଦ୍ଧ ଭାବେ ଦଳ ପକ୍ଷରୁ ସମାନ କାରଣ ଦର୍ଶାଇ ବାଚସ୍ପତି ନିର୍ବାଚନ ବର୍ଜନ କରିବା ନେଇ ଘୋଷଣା କଲେ। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ବାଚସ୍ପତି ନିର୍ବାଚନ ଲାଗି ୨୧ରେ ନାମାଙ୍କନ ଦାଖଲ ଏବଂ ୨୨ରେ ଭୋଟିଂ କରାଯିବ ବୋଲି ଘୋଷଣା କଲେ।

ତେବେ ଶାସକ ବିଜେଡିର ବିଧାନସଭାରେ ଆସନ ସଂଖ୍ୟା ଯେତିକି ରହିଛି ତାକୁ ଦେଖିଲେ ବିରୋଧୀଙ୍କ ପକ୍ଷରୁ ସାଧାରଣ ଭାବେ ବାଚସ୍ପତି ପଦ ଲାଗି ପ୍ରାର୍ଥୀ ଦିଆଯିବ ନାହିଁ। ଶାସକ ଦଳରୁ ଯିଏ ପ୍ରାର୍ଥୀ ହେବ ବିନା ପ୍ରତିଦ୍ୱନ୍ଦ୍ୱିତାରେ ଜିତିବା ଏକ ପ୍ରକାର ନିଶ୍ଚିତ। ତେଣୁ ବିରୋଧୀ ବାଚସ୍ପତି ନିର୍ବାଚନ ବର୍ଜନ କରିବାର କାରଣ କ'ଣ ଏବଂ ଶାସକ ଦଳ ବାଚସ୍ପତି ନିର୍ବାଚନ ଘୁଞ୍ଚାଇ ପଛରେ କେଉଁ ରହସ୍ୟ ରହିଛି ତାକୁ ନେଇ ଚର୍ଚ୍ଚା ଜୋର୍ ଧରିଛି। କଂଗ୍ରେସ ବିଧାୟକ ସନ୍ତୋଷ ସିଂ ସାଲୁଜାଙ୍କ କହିବା କଥା, ଯେହେତୁ ଯିଏ ବାଚସ୍ପତି ହେବେ ତାକୁ ସବୁ ଦଳର ନେତାମାନେ ନେଇ ଆସନରେ ବସାଇବେ ଏବଂ ତାଙ୍କ ସମ୍ପର୍କରେ ଦୁଇ ପଦ ଲେଖା କହିବାର ପରମ୍ପରା ରହିଛି ସେଥିଲାଗି ସରକାର ବିରୋଧୀଙ୍କ କଥାରେ ରାଜି ହୋଇଗଲେ। ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ମାଝୀ କହିଛନ୍ତି, ବିଜେଡି ଯାହାକୁ ପ୍ରାର୍ଥୀ ଦେବ ସିଏ ନିର୍ଦ୍ୱନ୍ଦ୍ୱରେ ଜିତିବ। ବାଚସ୍ପତି ନିର୍ବାଚନ ଘୁଞ୍ଚାଇବା ନିଷ୍ପତ୍ତି ନେଇ ବିରୋଧୀଙ୍କୁ ସମର୍ଥନ ଦେବାକୁ ଶାସକ ଦଳ ଚିନ୍ତା କଲା। ଏହାଦ୍ୱାରା ସେମାନଙ୍କୁ ରାଜନୈତିକ ରୋଶର ଶୀକାର ହେବାକୁ ପଡି ନ ପାରେ ବୋଲି ଶାସକ ଦଳ ଚିନ୍ତା କରିଥାଇପାରେ ବୋଲି ମୋହନ କହିଛନ୍ତି। ହେଲେ ଭାଜପାର ଜଣେ ବରିଷ୍ଠ ବିଧାୟକ ଆହୁରି କହିଛନ୍ତି, କଂଗ୍ରେସ ପକ୍ଷରୁ ପଶ୍ଚିମ ଓଡିଶାର ବଡ ପର୍ବ ନୂଆଁଖାଇ ପାଇଁ ବାଚସ୍ପତି ନିର୍ବାଚନ ବର୍ଜନ କରିବା ଲାଗି ଆଗୁଆ ନିଷ୍ପତ୍ତି ନିଆହୋଇଗଲା। ଯେହେତୁ ଏହା ପଶ୍ଚିମଓଡିଶାବାସୀଙ୍କ ଭାବାବେଗର କଥା ସହିତ ଜଡିତ ତେଣୁ ଭାଜପା ବିଳମ୍ବରେ ହେଲେ ମଧ୍ୟ ସମାନ କଥା ଦୋହରାଇଲା। ନ ହେଲେ ଏହାଦ୍ୱାରା ପଶ୍ଚିମଓଡିଶାରେ ଭୋଟ୍ ଉପରେ ପ୍ରଭାବ ନିଶ୍ଚିତ ପଡିଥାଆନ୍ତା। ତେଣୁ ବିଳମ୍ବ ନ କରି ଭାଜପା ଏହି କଂଗ୍ରେସ ଉଠାଇଥିବା କଥା ଦୋହରାଇବାକୁ ବାଧ୍ୟ ହେଲା। ଏହାକୁ ଦେଖି ବିଜେଡି ମଧ୍ୟ ସେଥିରେ ପଛରେ ରହିବାକୁ ଚାହିଁଲା ନାହିଁ ତୁରନ୍ତ ବାଚସ୍ପତି ନିର୍ବାଚନ ତାରିଖ ଘୁଞ୍ଚାଇବାକୁ ବାଧ୍ୟ ହେଇଗଲା। ନ ହେଲେ ବିରୋଧୀ ବାଚସ୍ପତି ଭୋଟ୍ ବର୍ଜନ କରିଥିଲେ ବି କିଛି ଅସୁବିଧା ହୋଇ ନ ଥାଆନ୍ତା। ସାଲୁଜା କହିଛନ୍ତି, ପଶ୍ଚିମ ଓଡିଶାବାସୀଙ୍କ ପର୍ବକୁ ଗୁରୁତ୍ୱ ନ ଦେବା ଭଳି ମନେ ହେବାରୁ ଏହା ଉପରେ ଅଧିକ ଗୁରୁତ୍ୱ ଦଳ ଦେଲା।


# Classified Everyday
0674-2580101, 2549949


REAL ESTATE

**SALE**

Plot sthitiban 3267 sqrft, @ Rs. 4000/- immediate Sale Prime Location of Bhubaneswar, Jaydurga Nagar. Genuine Buyer only contact- #9853376326. D-1345

Book 3BHK/4BHK premium Flat at Saubhagya Nagar, Near OUAT & Narula sweets, Unit-8. (Handover June 2024). Contact: 7978584549. D-74584

"Well Designed two Storey 8 BHK House with 4800 Builtup area for sale at- Ratnakar Bag 2, Tankapani road, Bhubaneswar. 9951082666". D-1327

ଭୁବନେଶ୍ୱର, ଗ୍ୟାରେଜ ଛକରେ 30' ରୋଡ୍ ଥାଇ ଘରବାଡ଼ି, ପାଚେରି ପ୍ଲଟ୍ ବିକ୍ରି ହେବ। 9827119799. D-1303

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

ଭୁବନେଶ୍ୱର କଟକ NH-16 ମଧ୍ୟରେ ଧାକୁଲେଇ ପୀଠ ନିକଟରେ ଘର ଉପଯୋଗୀ ପ୍ଲଟ୍ 30ଫୁଟ୍ ରୋଡ୍, ଇଲେକ୍ଟ୍ରି ଥାଇ ସୁଲଭ ମୂଲ୍ୟରେ ମିଳୁଅଛି। ଯୋଗାଯୋଗ- 7978729819, 7008756026. D-1244




**Newly open SPA positively health benefits with expert therapist. 9938843929.** D-75149

Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-75037

**Body massage by experience, good looking therapist @ 999/-. (Bhubaneswar) 9078484455.** D-1215

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




AlltypeofGemstones, Astrology, Crystal, Vastu, Rudraksh, Yantra, Kavach at Wholesale-Retail @8093050401. D-1248

**LOST**

ମୁଁ ମଞ୍ଜୁବାଳା ପାତ୍ରୋ, ସ୍ୱା- ଶରତ ଚନ୍ଦ୍ର ପାତ୍ରୋ, BJB NAGAR ସ୍ଥିତ "Rath's Green Villa" ରେ ଗୋଟିଏ flat କିଣିଅଛି, ଯାହାର flat No.- D on 2nd floor ଏବଂ ଦଲିଲ ନଂ -11081903458, Dtd- 13.03.2019 ତା୩୦.୦୭.୨୦୨୩ ରିଖ ଦିନ ଜେରକ୍ସ କରିବାପାଇଁ ରାମ ମନ୍ଦିର ପାଖକୁ ଯାଇଥିଲି। ତା' ପରଠାରୁ ମୁଁ ଏହି ଦଲିଲଟିକୁ ପାଉନାହିଁ। ଯେତେ ଚେଷ୍ଟା କଲେ ମଧ ମୋତେ ଏହି ଦଲିଲ ମିଳିଲା ନାହିଁ। ମୁଁ ଏଥିପାଇଁ Kharvel Nagar, Police Station ରେ FIR ଦେଇଛି ଏବଂ Affidavit ଦ୍ୱାରା Public declaration ଦେଉଛି। ମୁଁ ଦଲିଲଟିକୁ କୌଣସି ବ୍ୟାଙ୍କରେ ବନ୍ଧକ ହିସାବରେ ଦେଇ ଋଣ ନେଇନାହିଁ। ମୁଁ declaration କରୁଥିବା ତଥ୍ୟ ସତ୍ୟ ଅଟେ। ଯଦି ଭୁଲ୍ ପ୍ରମାଣିତ ହୁଏ, ଆଇନ ଅନୁଯାୟୀ ଦଣ୍ଡିତ ହେବି। ଯଦି ଏହା କାହାକୁ ମିଳେ ଏହି ନମ୍ବରରେ Contact କରିବାକୁ ଅନୁରୋଧ। Ph. No- 9938677424. D-1349

## LEGAL NOTICE

ମାନ୍ୟବର ଅତିରିକ୍ତ କମିଶନର, ଅତିରିକ୍ତ ଆୟୁକ୍ତ (ଶ୍ରୀଯୁକ୍ତ ପ୍ରଦୀପ୍ତ କୁମାର ନାୟକ) ଙ୍କ ଅଦାଲତ ନଂ ୪ମ୍ବର
ୟୁନିଟ ନଂ ୫ମ୍ବର, ୪ର୍ଥ ମହଲା ବିଭାଗୀୟ ମୁଖ୍ୟ ଦପ୍ତର କୋଠା, ଭୁବନେଶ୍ୱର ଓ.ଏସ୍.ଏସ୍ କେସ୍ ନଂ. ୭୨/୨୦୨୨

କଲ୍ୟାଣୀ ତ୍ରିପାଠୀ, ବୟସ ୪୭ ବର୍ଷ, ସ୍ୱାମୀ- ଆଶିଷ କୁମାର ଶତପଥୀ, (୨) ଇତିଶ୍ରୀ ଶତପଥୀ, ବୟସ ୩୯ ବର୍ଷ, ସ୍ୱାମୀ-ଅକ୍ଷୟ କୁମାର ଶତପଥୀ, ଠିକଣା-ସା- ଭଂଜନଗର, ପୋ-ଭଂଜନଗର, ଥାନା- ଭଂଜନଗର, ଜିଲ୍ଲା- ଗଂଜାମ, ପିନ୍ ନଂ. ୭୬୧୧୨୬ ମ୍ବର ...... ବାଦୀ

ବନାମ

ଭୋବନୀ ଦଳାଇ, ବୟସ ୯୦ ବର୍ଷ, ପିତା-୰ ହରି ଦଳାଇ, ଠିକଣା- ସା-ଓଗାଳପଡା, ପୋ- ଯାଆଁଳା, ଥାନା- ଜଟଣୀ, ଜିଲ୍ଲା- ଖୋର୍ଦ୍ଧା, ପିନ୍ ନଂ. ୭୫୨୦୫୪ମ୍ବର ..... ପ୍ରତିବାଦୀ

ନୋଟିସ୍
(ସି.ପି.ସି. ଅର୍ଡର ୫ ରୁଲ୍ ୨୦ ମୁତାବକ)

ଏତଦ୍ୱାରା ଉପରୋକ୍ତ ପ୍ରତିବାଦୀଙ୍କ ଅବଗତି ନିମନ୍ତେ ଜଣାଇଦିଆଯାଉଅଛି ଯେ ଉପରୋକ୍ତ ରିଭିଜନ କେସ୍ ବାଦୀ ମାନ୍ୟବର ଅତିରିକ୍ତ ଆୟୁକ୍ତ ଇଜିଲାସରେ ଦାଖଲ କରିଅଛନ୍ତି, ଯେହେତୁ ଉପରୋକ୍ତ ମାମଲାର ପ୍ରତିବାଦୀଙ୍କୁ ମୋକଦ୍ଦମାରେ ଶୁଣାଣି ନିମନ୍ତେ ପଞ୍ଜୀକୃତ ଡାକ ଦ୍ୱାରା ନୋଟିସ ଜାରି ହୋଇଥିଲା। କିନ୍ତୁ ଏହି ନୋଟିସ ବିଭିନ୍ନ କାରଣ ଦର୍ଶାଯାଇ ଫେରସ୍ତ ଆସିଅଛି। ଏଣୁ ଅତ୍ର ବିଜ୍ଞାପନ ମାଧ୍ୟମରେ ଆପଣଙ୍କ ଅବଗତି ନିମନ୍ତେ ଜଣାଇଦିଆଯାଉଛି, ଯାହା ତଫସିଲ ବୃତ୍ତିରେ ନିମ୍ନରେ ଦର୍ଶାଯାଇଅଛି।

ଜମିର ବିବରଣୀ

ଜିଲ୍ଲା- ଖୋର୍ଦ୍ଧା, ତହସିଲ- ଜଟଣୀ, ଥାନା-ଜଟଣୀ, ମୌଜା- ଓଗାଳପଡା,ହାଲ ଖାତା ନଂ ୫୭୮ମ୍ବର,ପ୍ଲଟ୍ ନଂ ୨୬୫୦ମ୍ବର, ହାଲ ରକବା ଏ୦.୦୦୭ ଡିସିମିଲ, ଏହାର ସାବିକ ଖାତା ନଂ ୨୫୩ମ୍ବର, ପ୍ଲଟ୍ ନଂ ୧୮୨ମ୍ବର, ହାଲ ରକବା ଏରିଆ ଏ୦.୧୪୦ ଡିସିମିଲ। ହାଲ ଖାତା ନଂ ୫୭୮ମ୍ବର, ପ୍ଲଟ୍ ନଂ ୨୬୫୪ମ୍ବର, ହାଲ ରକବା ଏ୦.୪୮୦ ଡିସିମିଲ, ଏହାର ସାବକ ଖାତା ନଂ ୨୫୩ମ୍ବର, ପ୍ଲଟ୍ ନଂ ୧୮୬ମ୍ବର, ହାଲ ରକବା ଏ0.୪୧୫ ଡିସିମିଲ, ଏକ ମୌଜା, ଏକ ଖାତା ଓ ଦୁଇ ଗୋଟି ପ୍ଲଟ୍‌ର ମୋଟ ରକବା ଏ୦.୦୫୫ ଡିସିମିଲ, ଉପରୋକ୍ତ ରିଭିଜନ କେସ ଶୁଣାଣି ନିମନ୍ତେ ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ କାର୍ଯ୍ୟାଳୟଠାରେ ଆସନ୍ତା ତା. ୧୬.୧୦.୨୦୨୩ରିଖ ଦିବା ୧୧.୩୦ ଘଟିକା ସମୟ ସ୍ଥିର କରାଯାଇଅଛି। ଏଣୁ ଉପରୋକ୍ତ ମାମଲାର ପ୍ରତିବାଦୀ ନିଜେ କିମ୍ବା ତାଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ଉପର ନିର୍ଦ୍ଧାରିତ ତାରିଖ ଓ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ହୋଇ ଉପରୋକ୍ତ ମାମଲାରେ ପକ୍ଷଭୁକ୍ତ ହେବା ନିମନ୍ତେ ଆପତ୍ତି କରିପାରିବେ ଓ ଉପରୋକ୍ତ ମାମଲାର ଶୁଣାଣିର ଅଂଶ ଗ୍ରହଣ କରିପାରିବେ। ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ ମୋକଦ୍ଦମା ଫଏସଲା କରାଯିବ।

ଅତିରିକ୍ତ କମିଶନର, ଅତିରିକ୍ତ ଆୟୁକ୍ତ କୋର୍ଟ ନଂ ୪ମ୍ବର ଅନୁମୋଦନ କ୍ରମେ
ସ୍ୱା.- କୋର୍ଟ ଅଫସର ଅତିରିକ୍ତ କମିଶନର, ଅତିରିକ୍ତ ଆୟୁକ୍ତ କୋର୍ଟ ନଂ ୪ମ୍ବର, ୪ର୍ଥ ମହଲା ବିଭାଗୀୟ ମୁଖ୍ୟ ଦପ୍ତ କୋଠା, ଭୁବନେଶ୍ୱର
ଧ-୧୩୪୬

## ଜନ୍ମଦିନ ଶୁଭେଚ୍ଛା


(ରିଦ୍ଧି)
**ସାନଭି ତନୟା ସାହୁ**
ଠିକଣା- ଦିବ୍ୟ ବିହାର, ଲେନ-୭, ସାମନ୍ତରାପୁର, ଭୁବନେଶ୍ୱର
ଆଜି ତୋର ଜନ୍ମଦିନରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା, ତୋତେ ଦୀର୍ଘାୟୁ କରନ୍ତୁ।
ଶୁଭେଚ୍ଛା ସହ:ବାବା, ମାମା, ଜେଜେ, ମା, ମାମୁ, ମାଇଁ, ଅଜା, ଆଇ ଓ ପରିବାରବର୍ଗ
ଧ-୧୪୪୮୫

## ୧୨ତମ ଜନ୍ମବାର୍ଷିକୀ ଶୁଭେଚ୍ଛା


**ଓମ୍ ସାଇ ବିଶ୍ୱାଳ**
(ଲେଣ୍ଡୋ, ନିରାକାରପୁର, ଖୋର୍ଦ୍ଧା)
ଜଗତର ନାଥ ଶ୍ରୀଜଗନ୍ନାଥ ବୁଦ୍ଧି, ବିଦ୍ୟା, ଆଶିଷ ଦେବେ ଶୁଭ ଜନ୍ମଦିନେ ମା ସର୍ବମଙ୍ଗଳା ତୋତେ ପଣତ ଘୋଡାଇ ରଖିବେ। (ପ୍ରଭୁ ପରମେଶ୍ୱର ତୋତେ ଦୀର୍ଘାୟୁ କରନ୍ତୁ ଏବଂ ତୋର ଚଲାପଥ ସଦା ସର୍ବଦା କୁସୁମିତ କରନ୍ତୁ।
ଶୁଭେଚ୍ଛା ସହ: ସାଇ ପରିବାର, ଆମ ପରିବାର, ତୁମ ପରିବାର, ଗୁରୁମା, ଗୁରୁଜୀ, ବନ୍ଧୁ ଓ ପରିବାରବର୍ଗ।
ଧ-୧୩୫୦

ଧରିତ୍ରୀ
DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପେଁଠ କରନ୍ତୁ।
BHIM UPI
ଦେୟ ପେଁଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।


# ୨୨ରେ ବିଜେଡି, ଭାଜପାର, ୨୪ରେ କଂଗ୍ରେସର ବିଧାୟକ ଦଳ ବୈଠକ



**ଭୁବନେଶ୍ୱର, ୧୮।୯(ସୁନିତ୍ ମିଶ୍ର)**

## ମୌସୁମୀ ଅଧିବେଶନ

ବିଧାନସଭାର ମୌସୁମୀ ଅଧିବେଶନ ଆସନ୍ତା ୨୨ ତାରିଖରୁ ଆରମ୍ଭ ହେବ। ଏଥିଲାଗି ବିରୋଧୀ ଏବଂ ଶାସକ ଦଳ ପରସ୍ପର ବିରୋଧରେ ଲଢ଼େଇ କରିବା ଲାଗି ଏବେଠାରୁ ପ୍ରସ୍ତୁତି ଆରମ୍ଭ କରିଦେଲେଣି। ଶାସକ ବିଜେଡିକୁ ଘେରିବା ସକାଶେ ବିରୋଧୀ କଂଗ୍ରେସ ଏବଂ ଭାଜପା ପାଖରେ ରାଜ୍ୟର ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ରହିଛି। ତେବେ କେଉଁସବୁ ପ୍ରସଙ୍ଗକୁ ଭାଜପା ଏବଂ କଂଗ୍ରେସ ପ୍ରାଧାନ୍ୟ ଦେବେ ସେନେଇ ବିଧିବଦ୍ଧ ଭାବେ ନିଷ୍ପତ୍ତି ହୋଇ ନ ଥିବା ଜଣାପଡ଼ିଛି। ତେବେ ସବୁ ରାଜନୈତିକ ଦଳ ପକ୍ଷରୁ ବିଧାୟକ ଦଳ ବୈଠକରେ ଏ ସମ୍ପର୍କରେ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ। କଂଗ୍ରେସ ଏବଂ ଭାଜପା ବିଧାୟକ ଦଳ ବୈଠକକୁ ନେଇ ଏକପ୍ରକାର ସମୟ ଚୂଡ଼ାନ୍ତ ହୋଇସାରିଥିବା ବେଳେ ଶାସକ ଦଳ ମଧ୍ୟ ଅନୁରୂପ ଭାବେ ବିରୋଧୀଙ୍କୁ ଘେରିବା ଲାଗି ରଣନୀତି ପ୍ରସ୍ତୁତି କରିଛି। ହେଲେ ସେନେଇ ଚୂଡ଼ାନ୍ତ ନିଷ୍ପତ୍ତି ବିଧାୟକମାନଙ୍କ ସହିତ ଆଲୋଚନା ହୋଇନାହିଁ।

ଆସନ୍ତା ବିଧାନସଭା ଅଧିବେଶନରେ ବିରୋଧୀ ମୁଖ୍ୟତଃ ଆଇନଶୃଙ୍ଖଳା, ମରୁଡ଼ି ସମସ୍ୟା, ଶିକ୍ଷକ ଆନ୍ଦୋଳନ ଭଳି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଶାସକ ଦଳକୁ ଘେରିବାକୁ ଲକ୍ଷ୍ୟ ରଖିଛନ୍ତି। ରାଜ୍ୟ ସରକାର ଚଳିତ ଅଧିବେଶନରେ ଅତିରିକ୍ତ ବଜେଟ ଆଣିବାକୁ ଯାଉଥିବାରୁ ବିରୋଧୀଙ୍କୁ ରୋକିବା ଲାଗି କିଛି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉଠାଇପାରନ୍ତି। ତେବେ କଂଗ୍ରେସର ବିଧାୟକ ଦଳ ବୈଠକ ଆସନ୍ତା ୨୪ ତାରିଖରେ ଅନୁଷ୍ଠିତ ହେବ। ବିଧାୟକ ସନ୍ତୋଷ ସିଂ ସାଲୁଜାଙ୍କ ସୂଚନା ଅନୁଯାୟୀ, ୨୨ ତାରିଖରେ ଆରମ୍ଭ ହେବାକୁ ଥିବା ବିଧାନସଭା ପ୍ରଥମ ଦିନ ବାଚସ୍ପତି ନିର୍ବାଚନ ଏବଂ ଶୋକ ପ୍ରସ୍ତାବ ଆଗତ ହୋଇ ସରିଯିବ। ଏହା ପରେ ଦୁଇ ଦିନ ବିଧାନସଭା ବନ୍ଦ ରହିବ। ତେଣୁ ୨୪ ତାରିଖରେ ପ୍ରଦେଶ କଂଗ୍ରେସ କମିଟି(ପିସିସି)ବୈଠକ ସଭାପତି ଶରତ ପଟ୍ଟନାୟକ ଏବଂ ବିଧାୟକ ଦଳ ନେତା ନରସିଂହ ମିଶ୍ରଙ୍କ ଅଧ୍ୟକ୍ଷତାରେ କଂଗ୍ରେସ ଭବନରେ ଅନୁଷ୍ଠିତ ହେବ। ଏଥିରେ ଶାସକ ଦଳକୁ ଘେରିବା ଲାଗି ରଣନୀତି ପ୍ରସ୍ତୁତ ହେବ ବୋଲି ସେ କହିଛନ୍ତି। ସେହିପରି ଭାଜପାର ବିଧାୟକ ଦଳ ବୈଠକ ୨୨ ତାରିଖରେ ଅନୁଷ୍ଠିତ ହେବ। ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ଚରଣ ମାଝୀ ଏହି ସୂଚନା ଦେବା ସହିତ କହିଛନ୍ତି ଯେ, ରାଜ୍ୟରେ ଚାଲିଥିବା ଅଫିସରରାଜ୍ କଥାକୁ ଦଳ ମୁଖ୍ୟ ପ୍ରସଙ୍ଗ କରିବ। ଏହାବାଦ୍ ଅନ୍ୟସବୁ ଗୁରୁତ୍ୱ ପ୍ରସଙ୍ଗକୁ ମଧ୍ୟ ଦଳ ଉଠାଇବ ହେଲେ ଏନେଇ ବିଧାୟକ ଦଳ ବୈଠକରେ ନିଷ୍ପତ୍ତି ହେବ ବୋଲି ସେ କହିଛନ୍ତି। ସେହିପରି ଶାସକ ବିଜେଡି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ୨୨ ତାରିଖ ସକାଳ ୧୦ଟା ସମୟରେ ବିଧାୟକ ଦଳ ବୈଠକ କରିବ।

# ପ୍ରତ୍ୟକ୍ଷ ଟିକସ ସଂଗ୍ରହରେ ୨୩.୫% ବୃଦ୍ଧି

## ସେପ୍ଟେମ୍ବର ୧୬ ମଧ୍ୟରେ ୮.୬୫ ଲକ୍ଷ କୋଟି ସଂଗ୍ରହ




ଭୁବନେଶ୍ୱର,୧୮।୯ (ଅଭୟ ଦାଶ)

ଚଳିତ ବର୍ଷ ଏପ୍ରିଲ ପହିଲାରୁ ସେପ୍ଟେମ୍ବର ୧୬ ମଧ୍ୟରେ ଦେଶର ପ୍ରତ୍ୟକ୍ଷ ଟିକସ ସଂଗ୍ରହ (ଡାଇରେକ୍ଟ ଟ୍ୟାକ୍ସ କଲେକ୍ସନ) ରେ ୨୩.୫% ବୃଦ୍ଧି ଘଟି ୮.୬୫ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ଫଳରେ ସରକାରଙ୍କ ପାଣ୍ଠିକୁ ବର୍ଷକୁ ବର୍ଷ ଭିତ୍ତିରେ ଡାଇରେକ୍ଟ ଟ୍ୟାକ୍ସ କଲେକ୍ସନ ୨୩.୫% ଅଭିବୃଦ୍ଧି ଘଟିଛି। ସେହିପରି ଆଡଭାନ୍ସ ଟ୍ୟାକ୍ସ କଲେକ୍ସନ ୨୦.୭% ବୃଦ୍ଧି ସହ ୩,୫୫,୪୮୧ କୋଟି ଟଙ୍କା ହୋଇଛି, ଡାଇରେକ୍ଟ ଟ୍ୟାକ୍ସ କଲେକ୍ସନରେ ୪.୧୬ ଲକ୍ଷ କୋଟି ଟଙ୍କାର କର୍ପୋରେଶନ୍ ଟ୍ୟାକ୍ସ ଏବଂ ୪.୪୭ ଲକ୍ଷ କୋଟି ଟଙ୍କାର ପର୍ସନାଲ ଇନକମ୍ ଟ୍ୟାକ୍ସ ବି ଅନ୍ତର୍ଭୁକ୍ତ ରହିଛି। ଏପରିକି ସେଥିରେ ସିକ୍ୟୁରିଟି ଟ୍ରାଞ୍ଜାକ୍ସନ ଟ୍ୟାକ୍ସ (ଏସ୍‌ଟିଟି) ମଧ୍ୟ ଅନ୍ତର୍ଭୁକ୍ତ ରହିଛି ବୋଲି ସୋମବାର ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଡାଇରେକ୍ଟ ଟ୍ୟାକ୍ସ (ସିବିଡିଟି) ପକ୍ଷରୁ ବିସ୍ତୃତ ଭାବେ ଉଲ୍ଲେଖ କରାଯାଇଛି। ଏପରିକି ସିବିଡିଟିର ସୂଚନା ଅନୁଯାୟୀ ୨୦୨୩ ଏପ୍ରିଲ ୧ରୁ ସେପ୍ଟେମ୍ବର ୧୬ ମଧ୍ୟରେ ପ୍ରୋଭିଜନାଲ ଡାଇରେକ୍ଟ ଟ୍ୟାକ୍ସ କଲେକ୍ସନ ୮,୬୫,୧୧୭ କୋଟି ଟଙ୍କା ଥିଲା, ଯାହା ୨୦୨୨ବର୍ଷ ତୁଳନାରେ ୨୩.୫% ଅଭିବୃଦ୍ଧି ଘଟିଛି। ଗତ ବର୍ଷ ଏହି ଅବଧି ମଧ୍ୟରେ ଡାଇରେକ୍ଟ ଟ୍ୟାକ୍ସ କଲେକ୍ସନ ୭,୦୦,୪୧୬ କୋଟି ଟଙ୍କା ହୋଇଥିଲା। ସେହିଭଳି ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ସରକାର ୨୦୨୩ ସେପ୍ଟେମ୍ବର ୧୬ ପର୍ଯ୍ୟନ୍ତ ୧,୨୧,୯୪୪ କୋଟି ଟଙ୍କାର ରିଫଣ୍ଡ ଜାରି କରିଛନ୍ତି। ଚଳିତ ଆର୍ଥିକ ବର୍ଷର ପ୍ରଥମ ୬ ମାସ ମଧ୍ୟରେ କର୍ପୋରେଶନ୍ ଟ୍ୟାକ୍ସ ୪,୧୬,୨୧୭ କୋଟି ଟଙ୍କା ଥିବାବେଳେ ପର୍ସନାଲ ଇନକମ ଟ୍ୟାକ୍ସ, ଯେଉଁଥିରେ ସିକ୍ୟୁରିଟି ଟ୍ରାଞ୍ଜାକ୍ସନ ଟ୍ୟାକ୍ସ ମଧ୍ୟ ରହିଛି, ତାହା ୪,୪୭,୨୯୧ କୋଟି ଟଙ୍କା ରହିଛି। ସେହିପରି ଡାଇରେକ୍ଟ ଟ୍ୟାକ୍ସ କଲେକ୍ସନ (ରିଫଣ୍ଡ ଆଡଜଷ୍ଟ କରିବା ପୂର୍ବରୁ) ୯,୮୭,୦୬୧ କୋଟି ଟଙ୍କା ଥିଲା ତେବେ ଗତ ବର୍ଷ ୮,୩୪,୪୬୯ କୋଟି ଟଙ୍କା ରହିଥିଲା। ଏଥିରେ ୧୮.୨୯% ବୃଦ୍ଧି ଘଟିଛି, ଏପରିକି ଆଡଭାନ୍ସ ଟ୍ୟାକ୍ସ କଲେକ୍ସନ ୨୦%ରୁ ଅଧିକ ରହିଛି। ୨୦୨୩ ସେପ୍ଟେମ୍ବର ୧୬ ମଧ୍ୟରେ ପ୍ରୋଭିଜନାଲ ଆଡଭାନ୍ସ ଟ୍ୟାକ୍ସ କଲେକ୍ସନ ୩,୫୫,୪୮୧ କୋଟି ଟଙ୍କା ହୋଇଥିଲା, ଯାହା ଗତ ବର୍ଷ ସମାନ ସମୟ ମଧ୍ୟରେ ୨,୯୪,୪୩୩ କୋଟି ଟଙ୍କା ଥିଲା। ଏଥିରେ ବି ୨୦.୭% ବୃଦ୍ଧି ଦେଖିବାକୁ ମିଳିଛି। ଅପରପକ୍ଷରେ ବର୍ଷକୁ ବର୍ଷ ଡାଇରେକ୍ଟ ଟ୍ୟାକ୍ସ ଓ ଆଡଭାନ୍ସ ଟ୍ୟାକ୍ସ ବୃଦ୍ଧି ସହ ସରକାରଙ୍କ ପକ୍ଷରୁ ଗ୍ରହଣ କରାଯାଉଥିବା ବିଭିନ୍ନ ଟ୍ୟାକ୍ସ ପଦକ୍ଷେପ ସଫଳ ହେଉଥିବା ଦେଖିବାକୁ ମିଳିଛି। ଏଥିସହିତ ଟ୍ୟାକ୍ସ ସଂଗ୍ରହ ପାଇଁ ଉନ୍ନତ ଜ୍ଞାନକୌଶଳର ବ୍ୟବହାର ମଧ୍ୟ ଟ୍ୟାକ୍ସ ବୃଦ୍ଧିରେ ସହାୟକ ହେଉଛି ବୋଲି ସିବିଡିଟି କୁହାଯାଇଛି।

## ଖସିଲା ଶେୟାର ବଜାର କାରବାର

ଭୁବନେଶ୍ୱର,୧୮।୯

ବିଗତ କିଛି ସପ୍ତାହ ହେଲା ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟୁଛି। ଏପରିକି ଚଳିତ ସପ୍ତାହର ପ୍ରଥମ କାର୍ଯ୍ୟ ଦିବସ (ଷ୍ଟକ୍‌ବଜାର) ର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ସୋମବାର ଷ୍ଟକ ମାର୍କେଟରେ କାରବାର ଶେଷ ସୁଦ୍ଧା ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୨୪୨ (୨୪୧.୭୯) ପଏଣ୍ଟ ହ୍ରାସ ଗଟି ୬୭, ୫୯୭ (୬୭,୫୯୬.୮୪) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ମଧ୍ୟ ୫୯ (୫୯.୦୫) ପଏଣ୍ଟ କମି ୨୦,୧୩୩ (୨୦,୧୩୩.୩୦) ଅଙ୍କରେ କାରବାର ବନ୍ଦ ହୋଇଥିଲା। ଉଲ୍ଲେଖଯୋଗ୍ୟ, ଗତ ସପ୍ତାହରେ କ୍ରମାଗତ ୩ୟ ଦିନ ଲାଗି ଶେୟାର ବଜାର କାରବାରରେ ବୃଦ୍ଧି ଘଟିଥିବାବେଳେ ନିବେଶକମାନେ ଉତ୍ସାହର ସହ କାରବାର କରିଥିଲେ।

## ଗୁଣାତ୍ମକ ଉତ୍ପାଦକୁ ଗୁରୁତ୍ୱ



ଭୁବନେଶ୍ୱର,୧୮।୯

ଓଡ଼ିଶାର ବହୁ ଚର୍ଚ୍ଚିତ ତଥା ମେଧାବୀ ଛାତ୍ର ଶେଷ କିଷାନଙ୍କ ସ୍ୱପ୍ନ ଆଜିଠାରୁ ବାସ୍ତବ ରୂପରେ ସାକାର ହୋଇଛି। ପବିତ୍ର ଗଣେଶ ଚତୁର୍ଥୀ ଅବସରରେ ଡ. ଶେଷ କିଷାନ ଫାର୍ମା ପ୍ରାଇଭେଟ ଲିମିଟେଡ ଆନୁଷ୍ଠାନିକ ଭାବେ ଲୋକାର୍ପିତ ହେଉଥିବା ବେଳେ ଆଜିଠାରୁ ଡ. ଶେଷ କିଷାନ ଫାର୍ମା ପ୍ରଡକ୍ଟର ଶୁଭାରମ୍ଭ ସହ ବଜାର ପ୍ରବେଶ ହେଉଛି। ଏ ସମ୍ପର୍କରେ ଡ. ଶେଷ କିଷାନ ଫାର୍ମା ପ୍ରାଇଭେଟ ଲିମିଟେଡର ପ୍ରତିଷ୍ଠାତା ତଥା ସିଇଓ ଡ. ଶେଷ କିଷାନ, କହିଥିଲେ ଆଜିଠାରୁ ଓଡ଼ିଶା ବଜାରରେ ଡ. ଶେଷ କିଷାନ ଫାର୍ମା ପ୍ରଡକ୍ଟ ଉପଲବ୍ଧ ହେବ। ବିଶେଷ କରି ରାଜ୍ୟରେ ଉପଲବ୍ଧ ହେଉଥିବା ଉଭୟ ଘରୋଇ ଓ ଅନ୍ତରାଷ୍ଟ୍ରୀୟ କମ୍ପାନୀର ଉତ୍ପାଦଠାରୁ ଏହା ବେଶ ଉପକାରୀ ହୋଇଥିବାବେଳେ କମ୍ପାନୀ ଗୁଣାତ୍ମକ ସାମଗ୍ରୀ ଓ ସରକାରୀ ନିୟମାବଳୀ ଅନୁଯାୟୀ ଉତ୍ପାଦଗୁଡ଼ିକୁ ପ୍ରସ୍ତୁତି ସହିତ ବଜାରରେ ଉପଲବ୍ଧ କରାଇବୁ ବୋଲି ଶେଷ କିଷାନ ବିସ୍ତୃତ ଭାବେ ଆଲୋକପାତ କରିଥିଲେ।

## ଆଭିଭା ସିଗ୍ନେଚର ୩ଡି ଟର୍ମ ପ୍ଲାନର ଶୁଭାରମ୍ଭ

ଭୁବନେଶ୍ୱର,୧୮।୯

ଭାରତର ସବୁଠାରୁ ବିଶ୍ୱସନୀୟ ଘରୋଇ ଜୀବନ ବୀମା କମ୍ପାନୀ ଆଭିଭା ଲାଇଫ୍ ଇନ୍‌ସ୍ୟୁରାନ୍ସ ପକ୍ଷରୁ ଆଭିଭା ସିଗ୍ନେଚର ୩ଡି ଟର୍ମ ପ୍ଲାନର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି ଏହି ଅଣ-ସଂଯୋଜିତ, ଅଣ-ଅଂଶଗ୍ରହଣକାରୀ ସ୍ୱତନ୍ତ୍ର ପିୟୋର୍ ରିସ୍କ ଲାଇଫ୍ ଇନ୍‌ସ୍ୟୁରାନ୍ସ ପ୍ଲାନ ଗ୍ରାହକଙ୍କୁ ଏକ ବିସ୍ତୃତ ଆର୍ଥିକ କଭର୍ ପ୍ରଦାନ କରିବ ଏବଂ ସେମାନଙ୍କୁ ମୃତ୍ୟୁ, ରୋଗ ଓ ଅକ୍ଷମତା ଭଳି ଜୀବନର ଅପ୍ରତ୍ୟାଶିତ ଘଟଣାଗୁଡ଼ିକରୁ ସୁରକ୍ଷିତ ରଖିବା ପାଇଁ ପ୍ରସ୍ତୁତ କରାଯାଇଛି। ସେହିଭଳି ଏହି ପ୍ଲାନ୍ ଏକ ବିସ୍ତୃତ ଶୃଙ୍ଖଳାର ଲାଭ ଦେବା ସହିତ ଗ୍ରାହକଙ୍କ ଜୀବନର ଲକ୍ଷ୍ୟ ହାସଲ କରିବା ଏବଂ ଆର୍ଥିକ ଅନିଶ୍ଚିତତାରୁ ଦୀର୍ଘାବଧିରେ ସୁରକ୍ଷିତ ରଖିବା ପାଇଁ ସାହାଯ୍ୟ କରୁଥିବା କଭରେଜ ପ୍ରଦାନ କରୁଛି, ଅପରପକ୍ଷରେ ୪ଟି ପ୍ଲାନ୍ ବିକଳ୍ପ ଓ ୩ଟି ରାଇଡର୍ ସମେତ ଆଭିଭା ସିଗ୍ନେଚର ୩ଡି ଟର୍ମ ପ୍ଲାନ୍ ବିଭିନ୍ନ ବର୍ଗର ଗ୍ରାହକଙ୍କ ପାଇଁ ଏକାଧିକ କଷ୍ଟମାଇଜେଶନ ସହିତ ଲମ୍ପ ସମ୍ ଓ ନିୟମିତ ମାସିକ ପେମେଣ୍ଟ ମାଧ୍ୟମରେ ଜୀବନ ବୀମା କଭରେଜ ପ୍ରଦାନ କରୁଛି। ଏ ସମ୍ପର୍କରେ କମ୍ପାନୀର ମାର୍କେଟିଂ ହେଡ୍ ବିନିତ୍ କପାହି କହିଛନ୍ତି, ଆମେ ଆମର ଫ୍ଲାଗଶିପ୍ ତଥା ସିଗ୍ନେଚର ସିରିଜରେ ଏକ ଉଲ୍ଲେଖନୀୟ ଯୋଗ ଆଭିଭା ସିଗ୍ନେଚର ୩ଡି ଟର୍ମ ପ୍ଲାନର ଶୁଭାରମ୍ଭ କରି ବେଶ ଉତ୍ସାହିତ ଅଛୁ, ଜୀବନର ଅନିଶ୍ଚିତତାଗୁଡ଼ିକୁ ଭଲ ଭାବେ ବୁଝିବା ସହିତ ଆମେ ଏଭଳି ଏକ ପ୍ଲାନ୍ ପ୍ରସ୍ତୁତ କରିଛୁ, ଯାହା ସୁରକ୍ଷାର ୩ଟି ସ୍ତମ୍ଭ ରୋଗ, ଅକ୍ଷମତା ଓ ମୃତ୍ୟୁକୁ ଧାରଣ କରିଛି। ବିଶେଷ କରି ଏକ ସୁସ୍ଥ ଜୀବନଶୈଳୀ ବଜାୟ ରଖିବାର ମହତ୍ତ୍ୱ ସମ୍ପର୍କରେ ସଚେତନତା ବୃଦ୍ଧି ପାଉଥିବା ବେଳେ ଲୋକମାନେ ଉପଯୁକ୍ତ ଆହାର ଗ୍ରହଣ କରିବା, ନିୟମିତ ଶାରୀରିକ ବ୍ୟାୟାମ କରିବା ଭଳି ସୁସ୍ଥ ଅଭ୍ୟାସଗୁଡ଼ିକୁ ଗ୍ରହଣ କରିବା ଦିଗରେ ସକ୍ରିୟ ପଦକ୍ଷେପ ନେଉଛନ୍ତି।

## ଫ୍ରିଡମ୍ ଅଏଲର ଜିଲାସ୍ତରୀୟ ରିଟେଲର୍ସ ମିଟ୍

ଭୁବନେଶ୍ୱର,୧୮।୯



ଦେଶର ପ୍ରମୁଖ ଖାଇବା ତେଲ ଫ୍ରିଡମ୍ ଅଏଲର ଓଡ଼ିଶା ବଜାର ପକ୍ଷରୁ ସୋମବାର ଏକ ଜିଲାସ୍ତରୀୟ ରିଟେଲର୍ସ ମିଟ୍ ସତ୍ୟମ୍ ଡିଷ୍ଟ୍ରିବ୍ୟୁଟର ଓ ରାଜ୍ୟଶ୍ରୀ ସପ୍ଲାୟର୍ସ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ରିଟେଲ ମିଟ୍ ଭଦ୍ରକ ଚାରିଘରିଆ ଛକସ୍ଥିତ ନରେନ୍ଦ୍ର ରୟାଲଠାରେ (ଭଦ୍ରକ ଜିଲାର ସମସ୍ତ ଫ୍ରିଡମ୍ ରିଟେଲ ବ୍ୟବସାୟୀମାନଙ୍କୁ ନେଇ ଏକ ବନ୍ଧୁମିଳନ ଉତ୍ସବ) ଆୟୋଜିତ ହୋଇଥିଲା। ଉକ୍ତ ଉତ୍ସବରେ ଫ୍ରିଡମ ଅଏଲର ଓଡ଼ିଶା ହେଡ୍ ଅମୀୟ କୁମାର ଧଳ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲାବେଳେ ସମ୍ମାନିତ ଅତିଥି ଭାବେ ଭାରତ ମସଲାର ନିର୍ଦ୍ଦେଶକ ଶ୍ରୀମନ୍ତ କୁମାର ପଣ୍ଡା, ମନସା ଗ୍ରୁପର ନିର୍ଦ୍ଦେଶକ ବିବେକ ଚନ୍ଦ୍ରା ପ୍ରମୁଖ ଯୋଗ ଦେଇଥିଲେ।

ଏହି ପରିପ୍ରେକ୍ଷୀରେ ଧଳ କହିଥିଲେ, କଠିନ ପରିଶ୍ରମ ଓ ସାଧୁତା ଅବଲମ୍ବନ ସହ ବିଶ୍ୱସ୍ୱନୀୟ ଆଚରଣ ଦ୍ୱାରା ବ୍ୟବସାୟୀ ଗ୍ରାହକଙ୍କ ବିଶ୍ୱାସ ଭାଜନ ହେବା ସହିତ ସଫଳ ବ୍ୟବସାୟୀ ଭାବେ ମଧ୍ୟ ବଜାରରେ ପରିଗଣିତ ହୋଇପାରିବେ। ସେହିଭଳି ସତ୍ୟମ ଡିଷ୍ଟ୍ରିବ୍ୟୁଟର ମୁଖ୍ୟ ନିମାନନ୍ଦ ସାହୁ ଏବଂ ରାଜ୍ୟଶ୍ରୀ ସପ୍ଲାୟର୍ସର ମୁଖ୍ୟ ରାଜ୍ୟଶ୍ରୀ ପ୍ରିୟଦର୍ଶିନୀ ସାହୁଙ୍କ ନେତୃତ୍ୱରେ ଏକ ବନ୍ଧୁମିଳନ ସହ ସାଂସ୍କୃତିକ କାର୍ଯ୍ୟକ୍ରମର ମଧ୍ୟ ଆୟୋଜନ କରାଯାଇଥିଲା। ଯେଉଁଥିରେ ଓଡ଼ିଶାର ଖ୍ୟାତନାମା ସଙ୍ଗୀତ ନିର୍ଦ୍ଦେଶକ ସୁବାସ ରାମ ଓ ଅଭିନେତା ବ୍ରଜ ସିଂହ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ। ପରିଶେଷରେ ସୋରିଷ ତେଲର ଅଧିକ ବିକ୍ରେତା ହିସାବରେ ଭଦ୍ରକ ଜିଲାର ୧୦ ରିଟେଲରଙ୍କୁ ଫ୍ରିଡମ କମ୍ପାନୀ ପକ୍ଷରୁ ପୁରସ୍କାର ସ୍ୱରୂପ ୫ ଲିଟର ଲେଖାଏଁ ଜାର୍ ପ୍ରଦାନ କରାଯାଇଥିଲା। ଉକ୍ତ ମିଟ୍‌ରେ ପ୍ରଭାତ ରଞ୍ଜନ ଦାସ, ହଳଧର ସାହୁ, ବିରଜା ମହାପାତ୍ର, ପ୍ରକାଶ ପାତ୍ର, ଜୀବନେଶ୍ୱର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ଟିଏସ୍‌ଏମ୍‌ଏଲ୍‌କୁ ସଷ୍ଟେନେବଲ୍ ମାଇନିଂ ପୁରସ୍କାର

ଭୁବନେଶ୍ୱର,୧୮।୯

ଟାଟା ଷ୍ଟିଲ୍ ମାଇନିଂ ଲିମିଟେଡ (ଟିଏସ୍‌ଏମ୍‌ଏଲ୍)କୁ ଆଉ ଏକ ଜାତୀୟ ସ୍ତରୀୟ ସମ୍ମାନ ଓ ପୁରସ୍କାର ପ୍ରଦାନ କରାଯାଇଛି। ବିଶେଷକରି ଟାଟା ଷ୍ଟିଲର ସୁକିନ୍ଦା କ୍ରୋମାଇଟ୍ ଖଣି ସମ୍ମାନଜନକ ହିଣ୍ଡାଲ୍‌କୋ-ଆଦିତ୍ୟ ବିର୍ଲା ଆୱାର୍ଡ ଫର ସଷ୍ଟେନେବଲ୍ ମାଇନିଂ ପୁରସ୍କାରରେ ପୁରସ୍କୃତ ହୋଇଛି। ଏପରିକି ଜୈବବିବିଧତାର ସଂରକ୍ଷଣ ଓ ଦୀର୍ଘସ୍ଥାୟୀ ଖଣି ଖନନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସୁକିନ୍ଦା କ୍ରୋମାଇଟ୍ ଖଣିକୁ ଉକ୍ତ ପୁରସ୍କାର ଦିଆଯାଇଛି। ଉଲ୍ଲେଖଯୋଗ୍ୟ, ନୂଆଦିଲ୍ଲୀଠାରେ ଫେଡେରେଶନ୍ ଅଫ୍ ଇଣ୍ଡିଆନ୍ ମିନେରାଲ୍ ଇଣ୍ଡଷ୍ଟ୍ରିଜ୍ (ଫିମି) ଆୱାର୍ଡସ୍ ୨୦୨୨-୨୩ ଅବସରରେ ସୁକିନ୍ଦା କ୍ରୋମାଇଟ୍ ଖଣିକୁ ଉକ୍ତ ପୁରସ୍କାର ପ୍ରଦାନ କରାଯାଇଛି। ଏହି ପରିପ୍ରେକ୍ଷୀରେ ଖଣିର ପ୍ରଦର୍ଶନ ପ୍ରତି ଉଲ୍ଲେଖନୀୟ ଅବଦାନ ପାଇଁ ସୁକିନ୍ଦା କ୍ରୋମାଇଟ୍ ଖଣିର ମୁଖ୍ୟ ଶମ୍ଭୁନାଥ ଝାଙ୍କୁ ମଧ୍ୟ ସାର୍ଟିଫିକେଟ୍ ପ୍ରଦାନ କରାଯାଇଥିଲା। ଅପରପକ୍ଷରେ ଫିମି ପକ୍ଷରୁ ଆରମ୍ଭ କରାଯାଇଥିବା ଏହି ପୁରସ୍କାର ସମାରୋହକୁ ଫିମିର ୫୭ତମ ବାର୍ଷିକ ସାଧାରଣ ବୈଠକ ଅବସରରେ ଆୟୋଜନ କରାଯାଇଥିଲା।

ଏ ସମ୍ପର୍କରେ ଟାଟା ଷ୍ଟିଲ୍‌ର ଫେରୋ ଆଲଏଜ୍ ଓ ମିନେରାଲ ଡିଭିଜନର ଏକ୍‌ଜିକ୍ୟୁଟିଭ୍ ଇନ୍ ଚାର୍ଜ ପଙ୍କଜ ସତିଜା କହିଛନ୍ତି, ଏହି ସମ୍ମାନଜନକ ପୁରସ୍କାର ପାଇ ଆମେ ଅତ୍ୟନ୍ତ ଖୁସି ଅଛୁ। ବିଶେଷକରି ଆମର ବ୍ୟାପକ ଦୀର୍ଘସ୍ଥାୟୀ ଫ୍ରେମ୍‌ୱର୍କ ଏବଂ ଦାୟିତ୍ୱପୂର୍ଣ୍ଣ ଓ ନିରନ୍ତର ଖଣି ଅଭ୍ୟାସ ପ୍ରତି ଅତୁଟ ପ୍ରତିବଦ୍ଧତାକୁ ମାନ୍ୟତା ପ୍ରଦାନ କରିଥିବାରୁ ଆମେ ଜୁରୀ ସଦସ୍ୟଙ୍କୁ କୃତଜ୍ଞତା ଜଣାଉଛୁ। ଏପରିକି ପରିବେଶ ପ୍ରତି ଦାୟିତ୍ୱବାନ ଓ ଏକ ସଚେତନ କର୍ପୋରେଟ ହାଉସ୍ ଭାବେ ଟାଟା ଷ୍ଟିଲ୍ ପକ୍ଷରୁ ଏଫ୍‌ଏଏମ୍‌ଡିର କାର୍ଯ୍ୟକ୍ଷେତ୍ରଗୁଡ଼ିକରେ ଶକ୍ତି ଓ ଜଳ ଅଡିଟ୍ ସମେତ କ୍ରୋମାଇଟ୍ ଖଣିରେ ଅନେକ ଦୀର୍ଘସ୍ଥାୟୀ କାର୍ଯ୍ୟକ୍ରମମାନ ଗ୍ରହଣ କରାଯାଇଛି।

## ଫୁର୍‌ସତ୍



ସାମନ୍ଥା ରୁଥ୍ ପ୍ରଭୁ

## ସଲମାନ୍‌ଙ୍କ ସହ ନଜର ଆସିବେ ସାମନ୍ଥା

ମୁମ୍ବାଇ

ସାଉଥ୍ ଅଭିନେତ୍ରୀ ସାମନ୍ଥା ରୁଥ୍ ପ୍ରଭୁ ସିନେମା ଜଗତରେ ଜଣେ ଲୋକପ୍ରିୟ ଅଭିନେତ୍ରୀ ଭାବେ ଜଣାଶୁଣା। ସେ ଫିଲ୍ମ ବ୍ୟତୀତ ବ୍ୟକ୍ତିଗତ ଜୀବନ ପାଇଁ ମଧ୍ୟ ଅନେକ ସମୟରେ ଲାଇମଲାଇଟ୍‌ରେ ରୁହନ୍ତି। ଫିଲ୍ମ 'ପୁଷ୍ପା-୨'ରେ ତାଙ୍କର ଆଇଟମ୍ ଗୀତ ପାଇଁ ସେ ଅଧିକ ଚର୍ଚ୍ଚାରେ ରହିଥିଲେ। ଏବେ ସେ ବଲିଉଡ୍ ଭାଇଜାନ୍ ସଲମାନ୍ ଖାନ୍‌ଙ୍କ ସହିତ ରୋମାନ୍ସ କରିବେ ବୋଲି ଏକ ଖବର ଆସିଛି। ରିପୋର୍ଟ ମୁତାବକ, କରଣ ଜୋହରଙ୍କ ନିର୍ଦ୍ଦେଶିତ ଏକ ଚଳଚ୍ଚିତ୍ରରେ ସାମନ୍ଥା ନଜରକୁ ଆସିବାକୁ ଯାଉଛନ୍ତି। ଏଥିରେ ପ୍ରସିଦ୍ଧ ସାଉଥ୍ ଅଭିନେତ୍ରୀ ଅନୁଷ୍କା ସେଟ୍ଟୀ ଏବଂ ତ୍ରିଶାଙ୍କୁ ମଧ୍ୟ ଦେଖିବାକୁ ମିଳିବ ବୋଲି କୁହାଯାଉଛି। ତେବେ ସାମନ୍ଥା ନିକଟରେ ଏକ ରୋଗରେ ପୀଡ଼ିତ ଥିଲେ। ସେଥିପାଇଁ ସେ ସିନେମା ଜଗତରୁ କିଛି ସମୟ ପାଇଁ ବିରତି ନେଇ ତାଙ୍କ ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦେଉଥିଲେ। ନିକଟରେ ସାମନ୍ଥାଙ୍କୁ ଫିଲ୍ମ 'କୁଶି'ରେ ଦେଖିବାକୁ ମିଳିଥିଲା। ସାମନ୍ଥା ୨୦୧୦ରୁ ତାଙ୍କ ଅଭିନୟ କ୍ୟାରିୟର ଆରମ୍ଭ କରିଥିଲେ। ବର୍ତ୍ତମାନ ସମୟରେ ସେ ଅନ୍ୟ ଏକ ଫିଲ୍ମ ଶୁଟ୍‌ରେ ବ୍ୟସ୍ତ ଅଛନ୍ତି। ଏଥିସହ ତାଙ୍କୁ ମ୍ୟୁଜିକ୍ ଭିଡିଓ ଓ ଟେଲିଭିଜନରେ ଦେଖିବାକୁ ମିଳିଛି।

## ଭେଣ୍ଟିଲେଟରରେ ଥାଇ ଦେଖିବାକୁ ଆସିଲେ 'ଜୱାନ'



**ମୁମ୍ବାଇ:** ବଲିଉଡ୍ ଅଭିନେତା ଶାହରୁଖ୍ ଖାନ୍‌ଙ୍କ ବିଶ୍ୱବ୍ୟାପୀ ପ୍ରଶଂସକ ରହିଛନ୍ତି। ନିକଟରେ ରିଲିଜ୍ ହୋଇଥିବା ଫିଲ୍ମ 'ଜୱାନ'କୁ ୧୧ ଦିନ ହୋଇଥିଲେ ବି ଫିଲ୍ମର କ୍ରେଜ ଏପର୍ଯ୍ୟନ୍ତ କମିନି। ବର୍ତ୍ତମାନ ଜୱାନ ସାରା ବିଶ୍ୱରେ ୮୦୦ କୋଟି ରୋଜଗାର କରିଥିବାବେଳେ ଦେଶରେ ୫୦୦ କୋଟି ରୋଜଗାର କଲାଣି। ଶାହରୁଖ୍‌ଙ୍କ ଫ୍ୟାନମାନେ କ୍ରମାଗତ ଭାବେ ଫିଲ୍ମକୁ ଉପଭୋଗ କରିବାକୁ ପ୍ରେକ୍ଷାଳୟକୁ ଆସୁଛନ୍ତି। ଏହା ମଧ୍ୟରେ ସୋସିଆଲ ମିଡିଆରେ ଏକ ଭିଡିଓ ବେଶ୍ ଭାଇରାଲ ହେବାରେ ଲାଗିଛି। ଜଣେ ଦିବ୍ୟାଙ୍ଗ ଭେଣ୍ଟିଲେଟରରେ ଥାଇ ମଧ୍ୟ ଫିଲ୍ମ ଦେଖିବାକୁ ସିନେମା ହଲ୍‌ରେ ପହଞ୍ଚିଛନ୍ତି। ଭିଡିଓରେ ଥିବା ଦିବ୍ୟାଙ୍ଗଙ୍କ ନାମ ଅନିସ୍ ଫାରୁଖୀ ବୋଲି ଜଣାପଡିଛି। ଯୁବକ ଜଣକ ଶାହରୁଖ୍‌ଙ୍କ ଜଣେ ବଡ଼ ପ୍ରଶଂସକ। 'ଜୱାନ'ର ବାହାବା ଶୁଣିବା ପରେ ସେ ତାଙ୍କ ପରିବାରକୁ ଥିଏଟରରେ ଏହି ଫିଲ୍ମ ଦେଖିବାର ଇଚ୍ଛା କରୁଥିବା କହିଥିଲେ। ଅନିସଙ୍କ ଅବସ୍ଥା ପାଇଁ ପ୍ରଥମେ ଘର ଲୋକେ ଚିନ୍ତାରେ ପଡ଼ିଥିଲେ। ପରେ ସେ ତାଙ୍କ ଅବସ୍ଥାକୁ ଅନୁଧ୍ୟାନ କରି 'ଜୱାନ'ର ସ୍କ୍ରିନିଂ ପାଇଁ ବ୍ୟବସ୍ଥା କରାଇ ଫିଲ୍ମ ଦେଖିବାକୁ ନେଇଥିଲେ। ଫିଲ୍ମ ଦେଖିବା ପରେ ଅନିସ୍ ବହୁତ ଖୁସି ଥିବା ଦେଖିବାକୁ ମିଳିଛି। ଏ ନେଇ ଶାହରୁଖ୍ ତାଙ୍କୁ ଧନ୍ୟବାଦ ଜଣାଇଛନ୍ତି। ରିପୋର୍ଟ ମୁତାବକ, ୧୧ ଦିନରେ 'ଜୱାନ' ଭାରତରେ ୪୭୭.୨୮ କୋଟି ଟଙ୍କା ସଂଗ୍ରହ କରିଛି। ସେହିପରି ବିଶ୍ୱବ୍ୟାପୀ ୮୦୦.୧ କୋଟି ଟଙ୍କା ରୋଜଗାର କରିଛି।

## କେବେ ନୂଆ କପଡ଼ା କିଣି ନାହାନ୍ତି



**ଇଂଲଣ୍ଡ:** ଅଧିକାଂଶ ଲୋକ ନୂଆ ଜିନିଷ, ନୂଆ କପଡ଼ା ପିନ୍ଧିବାକୁ ପସନ୍ଦ କରିଥାନ୍ତି। ନିଜ ପିଲାଙ୍କୁ ମଧ୍ୟ ନୂଆ ଜିନିଷ ଦେଇଥାନ୍ତି। ହେଲେ ଜଣେ ମହିଳାଙ୍କ କହିବା କଥା, ସେ କେବେ ନୂଆ ଜିନିଷ ବା ନୂଆ କପଡ଼ା କିଣନ୍ତିନି। ସବୁବେଳେ ପୁରୁଣା ଜିନିଷ ହିଁ ବ୍ୟବହାର କରନ୍ତି ଏବଂ ତାଙ୍କ ପିଲାଙ୍କୁ ମଧ୍ୟ ପୁରୁଣା ଜିନିଷ ଦେଇଥାନ୍ତି। ଏମିତି କି ପୁରୁଣା ବହି ଓ ଖେଳନା ମଧ୍ୟ ଦିଅନ୍ତି। ରିପୋର୍ଟ ମୁତାବକ, ଇଂଲଣ୍ଡର ବାସିନ୍ଦା ଜେନ ବାର୍କର ପୈକରଙ୍କ କହିବା କଥା, କିଛି ନୂଆ ଜିନିଷ କିଣିବା ପୂର୍ବରୁ ସେ ପୁରୁଣା ଜିନିଷକୁ ଶେଷ ପର୍ଯ୍ୟନ୍ତ ପିନ୍ଧିଥାନ୍ତି। ଯଦି କିଛି କପଡ଼ା ଖରାପ ହୁଏ, ସେ ତାକୁ ଠିକ୍ କରି ନିଅନ୍ତି। ସେ ତାଙ୍କର ସମସ୍ତ କପଡ଼ାକୁ ଆଲମାରିରେ ସାଇତିକି ରଖନ୍ତି। ଯେପରି ତାକୁ ଅଧିକ ସମୟ ପର୍ଯ୍ୟନ୍ତ ପିନ୍ଧି ହେବ। ଯଦି ତାଙ୍କୁ କୌଣସି ପାର୍ଟିରେ ଯିବାକୁ ପଡ଼େ, ତେବେ ସେ କପଡ଼ା ଭଡ଼ାରେ ନେଇଥାନ୍ତି। ସେ ଅନେକ ସମୟରେ ତାଙ୍କ ଦିବଂଗତ ମା'ଙ୍କ କପଡ଼ା ପିନ୍ଧିବାକୁ ପସନ୍ଦ କରନ୍ତି। ଏହା ତାଙ୍କୁ ତାଙ୍କ ମା' ପାଖରେ ଥିବା ଅନୁଭବ କରାଏ। ପ୍ରକୃତରେ, ଇଂଲଣ୍ଡରେ କିଛିଦିନ ହେବ ଏକ ଆନ୍ଦୋଳନ ଚାଲିଛି; ଯେଉଁଥିରେ କପଡ଼ାର ଅଦଳବଦଳ କରାଯାଉଛି। ଲୋକଙ୍କ କହିବା କଥା, ନୂଆ କପଡ଼ା ବ୍ୟବହାର କରିବା ଅର୍ଥ ଅଧିକ କପଡ଼ା ତିଆରି କରିବା। ଏହା ଫଳରେ ପରିବେଶର କ୍ଷତି ହୋଇଥାଏ। ଯଦି ଆମେ ପୁରୁଣା ଜିନିଷକୁ ବ୍ୟବହାର କରିବା ତେବେ ପରିବେଶର କୌଣସି କ୍ଷତି ହେବନି। ଜଣେ ବ୍ୟକ୍ତିଙ୍କ ଅଦରକାରୀ ଜିନିଷ ଅନ୍ୟ ବ୍ୟକ୍ତି ପାଇଁ କାମର ଜିନିଷ ହୋଇଥାଏ। ଏହି ପ୍ରକ୍ରିୟାରେ ଲୋକେ ନିଜର ପୁରୁଣା କପଡ଼ା ଦାନ କରନ୍ତି, ଫଳରେ ଅନ୍ୟକୁ ଏହି କପଡ଼ା ମିଳିପାରିବ। ପୈକର ମଧ୍ୟ ଏହି ଆନ୍ଦୋଳନର ଅଂଶୀ। ସେଥିପାଇଁ ସେ ପୁରୁଣା କପଡ଼ା ପିନ୍ଧିବାକୁ ପସନ୍ଦ କରୁଛନ୍ତି।

## ଗୋଟିଏ ପରିବାରକୁ ନେଇ ଗାଁ

ଦିଶ୍‌ପୁର



ଭାରତ ବିଭିନ୍ନତାର ଦେଶ। ରାଷ୍ଟ୍ରର କୌଣସି ସ୍ଥାନକୁ ଗଲେ ବି ଆମକୁ କିଛି ନା କିଛି ଭିନ୍ନ ଏବଂ ନୂଆ ଦେଖିବାକୁ ମିଳିବ। ଯାହାଫଳରେ ଦେଶ ପ୍ରତି ଲୋକଙ୍କ ନଜର ବଦଳିଯିବ। ତେବେ ଭାରତରେ ଏପରି ଏକ ଗାଁ ରହିଛି, ଯେଉଁଠାରେ ଗାଁକୁ ରାସ୍ତା ନ ଥିବା ସହ ବିଦ୍ୟୁତ୍ ସଂଯୋଗ ମଧ୍ୟ ନାହିଁ। ସେଠାରେ କେବଳ ଗୋଟିଏ ପରିବାର ବସବାସ କରୁଛନ୍ତି। ସେହି ଗାଁର ନାମ ହେଉଛି, ବର୍ଦ୍ଧନାରା ନମ୍ବର-୨। ଏହି ନାମରେ ଅନ୍ୟ ଏକ ଗାଁ ମଧ୍ୟ ରହିଛି, ଯାହାର ନାଁ ବର୍ଦ୍ଧନାରା ନମ୍ବର-୧। ଆସାମର ନାଲବାରି ଜିଲାରେ ଏହି ଗାଁ ଅବସ୍ଥିତ। ତେବେ ଗାଁରେ ରହୁଥିବା ଗୋଟିଏ ପରିବାରରେ ୫ ଜଣ ସଦସ୍ୟ ରହୁଛନ୍ତି। କିଛି ବର୍ଷ ପୂର୍ବେ ଆସାମ ମୁଖ୍ୟମନ୍ତ୍ରୀ ଏହି ଗାଁ ପାଇଁ ଏକ ରାସ୍ତାର ଉଦ୍‌ଘାଟନ କରିଥିଲେ। ହେଲେ ଏବେ ସେହି ରାସ୍ତା ଭାଙ୍ଗିଗଲାଣି। ଯାହା ଗାଁର ମୁଖ୍ୟ ସହରକୁ ସଂଯୋଗ କରୁଥିଲା। ପୂର୍ବରୁ ଏହି ଗାଁରେ ବହୁ ଲୋକ ବସବାସ କରୁଥିଲେ। ୨୦୧୧ ଜନଗଣନା ସମୟରେ ଏହି ଗାଁରେ ମାତ୍ର ୧୬ ଜଣ ଲୋକ ରହିଥିଲେ। ବେଳକୁବେଳ ତାହା କମ୍ ହେବାରେ ଲାଗିଲା। ଏବେ ରିପୋର୍ଟ ମୁତାବକ, ଏହି ଗାଁରେ କେବଳ ଗୋଟିଏ ପରିବାର ବାସ କରୁଛି ଏବଂ ସେହି ପରିବାରରେ ମାତ୍ର ୫ ସଦସ୍ୟ ଅଛନ୍ତି। ଏହି ଗାଁକୁ ରାସ୍ତା ନ ଥିବା ସହିତ ବର୍ଷାଦିନେ ଲୋକଙ୍କୁ ବହୁ ଅସୁବିଧା ଭୋଗିବାକୁ ପଡ଼ିବାରୁ ଲୋକେ ଏଠାରୁ ଅନ୍ୟତ୍ର ଚାଲିଗଲେ। ଗାଁରେ ରହୁଥିବା ପରିବାର ଏବେ ବି ବର୍ଷାଦିନେ ନୌକା ସାହାଯ୍ୟରେ ଯାତାୟାତ କରୁଛନ୍ତି। ପରିବାରର ମୁଖିଆଙ୍କ ନାମ ବିମଲ ଡେକା। ସେ ତାଙ୍କ ସ୍ତ୍ରୀ ଏବଂ ୩ ପିଲାଙ୍କ ସହିତ ରହୁଛନ୍ତି। ସେମାନଙ୍କ କହିବା ମୁତାବକ, ପିଲାଙ୍କୁ ବର୍ଷାରେ ୨ କି.ମି. କାଦୁଅ ଭିତରେ ପଶି ସ୍କୁଲ ଯିବାକୁ ପଡେ। ନଗର ନିଗମ ଓ ଗାଁ ପଞ୍ଚାୟତ ଏହି ଅଞ୍ଚଳ ପ୍ରତି ଧ୍ୟାନ ଦେଉ ନ ଥିବାରୁ ଗାଁର ଏପରି ଅବସ୍ଥା ହୋଇଛି।

# ଓଏଫ୍‌ସି ପାଇଁ ଐତିହାସିକ ମୁହୂର୍ତ୍ତ: ଲୋବେରା

ଭୁବନେଶ୍ୱର,୧୮।୯
(ସରୋଜ ଜେନା)

ଏଏଫ୍‌ସି ଏସିଆନ୍ କପ୍‌ର ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚ୍ ପାଇଁ ପ୍ରସ୍ତୁତ ଐତିହାସିକ କଳିଙ୍ଗ ଷ୍ଟାଡିୟମ। ପ୍ରଥମ ଥର ପାଇଁ ଏଏଫ୍‌ସି କପ୍ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଥିବା ଓଡ଼ିଶା ଫୁଟବଲ୍ କ୍ଲବ୍(ଓଏଫ୍‌ସି) ଏହାର ପ୍ରଥମ ମ୍ୟାଚରେ ମୋହନବାଗାନ ସୁପର ଜାଏଣ୍ଟ୍‌କୁ ଭେଟିବ। ମ୍ୟାଚ୍ ପୂର୍ବରୁ ସୋମବାର ଏକ ଖବରଦାତା

**ଏଏଫ୍‌ସି କପ୍**
ମ୍ୟାଚ୍: ଓଡ଼ିଶା ଏଫ୍‌ସି ବନାମ ମୋହନ ବାଗାନ ସୁପରଜାଏଣ୍ଟ୍
ଭେନ୍ୟୁ: କଳିଙ୍ଗ ଷ୍ଟାଡିୟମ
ସମୟ: ସନ୍ଧ୍ୟା ୭.୩୦
ପ୍ରସାରଣ: ଫ୍ୟାନକୋଡ୍


କୋଚ୍ ସର୍ଗିଓ ଲୋବେରାଙ୍କ ସହ ଅଧିନାୟକ ଅମରିନ୍ଦର ସିଂ।

ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଓଏଫ୍‌ସିର କୋଚ୍ ସର୍ଗିଓ ଲୋବେରା ଓ ଅଧିନାୟକ ଅମରିନ୍ଦର ସିଂ ଏଥିରେ ଯୋଗଦେଇଥିବା ବେଳେ ମୋହନବାଗାନର ମୁଖ୍ୟ କୋଚ୍ ଜୁଆନ୍ ଫରାଣ୍ଡୋ ଓ ଡିଫେଣ୍ଡର ବ୍ରେଣ୍ଡନ୍ ହମିଲ୍ ଯୋଗ ଦେଇଥିଲେ। ଓଏଫ୍‌ସିକୁ ପ୍ରଥମ ଥର ପାଇଁ ଏଏଫ୍‌ସି କପ୍‌ରେ ଖେଳିବାର ସୁଯୋଗ ମିଳିଥିବା ବେଳେ ଏହା ଆମ ପାଇଁ ଏକ ଐତିହାସିକ ମୁହୂର୍ତ୍ତ ବୋଲି ପ୍ରକାଶ କରିଥିଲେ କୋଚ୍ ସର୍ଗିଓ ଲୋବେରା। ଘରୋଇ ଦର୍ଶକଙ୍କ ସମ୍ମୁଖରେ ମ୍ୟାଚ୍ ଖେଳୁଥିବାରୁ ଏହା ଆମ ପାଇଁ ଏକ ଭଲ ସୁଯୋଗ। ମଙ୍ଗଳବାରର ମ୍ୟାଚକୁ ଆମେ ଯଥାସମ୍ଭବ ଉପଭୋଗ କରିବାକୁ ଚାହିଁବୁ ଏବଂ ବିଜୟୀ ହେବାକୁ ପ୍ରୟାସ କରିବୁ। ଅନ୍ୟପକ୍ଷରେ ମୋହନବାଗାନର ରଣନୀତି ଉପରେ ଫୋକସ କରିବା ପରିବର୍ତ୍ତେ ଆମେ ଆମ ଖେଳ ଉପରେ ଧ୍ୟାନ ଦେବୁ ବୋଲି କହିଛନ୍ତି ଅଧିନାୟକ ଅମରିନ୍ଦର ସିଂ। ମୋହନବାଗାନ ପୂର୍ବରୁ ଏଏଫ୍‌ସି କପ୍ ଖେଳି ସାରିଛି, ଆମେ ପ୍ରଥମ ଥର ଖେଳୁଥିବାରୁ ଚାପ ସେମାନଙ୍କ ଉପରେ ରହିବ ବୋଲି କହିଛନ୍ତି ଅମରିନ୍ଦର। ପ୍ରି ମ୍ୟାଚ୍ ସିଜନ ଥାଇଲାଣ୍ଡରେ ଆୟୋଜିତ ହୋଇଥିବା ବେଳେ ଖେଳାଳିଙ୍କ ମଧ୍ୟରେ ଚମତ୍କାର ସମନ୍ୱୟ ରହିଛି ବୋଲି କହିଛନ୍ତି ଅମରିନ୍ଦର। ଦଳରେ ଡିଏଗୋ ମରିସିଓ ଏବଂ ରୟ କ୍ରିଷ୍ଣାଙ୍କ ଭଳି ଫରୱାର୍ଡ ଖେଳାଳି ରହିଥିବା ବେଳେ କିଭଳି ବ୍ୟବହାର କରିବେ ବୋଲି ପ୍ରଶ୍ନର ଉତ୍ତର ରଖିଥିଲେ ଲୋବେରା। ଫୁଟବଲ ଏକ ଦଳଗତ ଖେଳ ତେଣୁ ଦଳଗତ ଭାବରେ ଆମେ ଖେଳି ବିଜୟ ହାସଲ କରିବାକୁ ଚାହିଁବୁ। କୌଣସି ଖେଳାଳିଙ୍କ ପାଇଁ ସ୍ୱତନ୍ତ୍ର ଯୋଜନା ରହି ନ ଥିବା ଲୋବେରା ସ୍ପଷ୍ଟ କରିଥିଲେ। ଘରୋଇ ଗ୍ରାଉଣ୍ଡରେ ଓଏଫ୍‌ସିର ଟ୍ରାକ୍ ରେକର୍ଡ ଅତ୍ୟନ୍ତ ଚମତ୍କାର ରହିଥିବା ବେଳେ ଦଳ ଏହାକୁ ବଜାୟ ରଖିବାକୁ ଚାହିଁବ ବୋଲି ସେ ସ୍ପଷ୍ଟ କରିଥିଲେ।

ଓଡ଼ିଶାର ହୋମ୍ ଗ୍ରାଉଣ୍ଡରେ ଏହି ମ୍ୟାଚ୍ ରହିଥିବାରୁ ମ୍ୟାଚ୍ ପୂର୍ବରୁ ଆମେ କଡ଼ା ଅଭ୍ୟାସ କରିଛୁ ଓ ବିଜୟୀ ହେବାକୁ ଚେଷ୍ଟା କରିବୁ ବୋଲି କହିଛନ୍ତି ଜୁଆନ୍ ଫେରାଣ୍ଡୋ। ଏହା ପୂର୍ବରୁ ଦଳ ଡୁରାଣ୍ଡ କପ୍ ବିଜୟୀ ହୋଇଥିବା ବେଳେ ଏଏଫ୍‌ସି କପ୍ ଯୋଗ୍ୟତା ପର୍ଯ୍ୟାୟରେ ମଧ୍ୟ ସମାନ ଫର୍ମ ବଜାୟ ରଖିବାକୁ ଉଦ୍ୟମ କରିବ। ଘରୋଇ ମାଟିରେ ଓଏଫ୍‌ସି ଅତ୍ୟନ୍ତ ଶକ୍ତିଶାଳୀ ଦଳ ତେଣୁ ଆମେ ଦୃଢ଼ତାର ସହିତ ମୁକାବିଲା କରିବାକୁ ପ୍ରୟାସ କରିବୁ ବୋଲି ଫେରାଣ୍ଡୋ କହିଛନ୍ତି।

## ବ୍ରିଟେନ, ଇଟାଲି କ୍ୱାର୍ଟରଫାଇନାଲରେ

**ମାଞ୍ଚେଷ୍ଟର, ୧୮।୯ (ଏପି):** ଫ୍ରାନ୍ସ ବିପକ୍ଷରେ ୨-୧ରେ ବିଜୟ ସହ ବ୍ରିଟେନ ଡେଭିସ୍ କପ୍ କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛି। ଇଟାଲି ମଧ୍ୟ ଏହି ପର୍ଯ୍ୟାୟକୁ ଉନ୍ନୀତ ହୋଇଛନ୍ତି। ଡାନ୍ ଇଭାନ୍ସ ୩-୬, ୬-୩, ୬-୪ରେ ଆର୍ଥର ଫିଲ୍ସଙ୍କୁ ପରାସ୍ତ କରି ବ୍ରିଟେନକୁ ୧-୦ରେ ଅଗ୍ରଣୀ କରାଇଥିଲେ। ପରେ ଉଗୋ ହମ୍ବର୍ଟ ୭-୬ (୫), ୩-୬, ୭-୫ରେ କାମେରନ ନୋରିଙ୍କୁ ହରାଇ ଦେବା ଦ୍ୱାରା ଫ୍ରାନ୍ସ ମୁକାବିଲାକୁ ୧-୧ସ୍ତରକୁ ନେଇ ଆସିଥିଲା। ଡବଲ୍ସରେ ବିଜୟ ସହ ଫ୍ରାନ୍ସ ହୁଏତ ଆଗକୁ ଯାଇ ପାରିଥାନ୍ତା, କିନ୍ତୁ ଇଭାନ୍ସ ଓ ନିଲ୍ ସ୍କୁପ୍‌ସ୍କି ୪ ମ୍ୟାଚ ପଏଣ୍ଟ ସେଭ କରିବା ସହ ନିକୋଲାସ ମାହୁଟ ଓ ଏଡୁୱାର୍ଡ ରୋଜର-ଭେସ୍‌ଲିନ୍‌ଙ୍କୁ ୧-୬, ୭-୬(୪), ୭-୬ (୬)ରେ ହରାଇ ଦେଇଥିଲେ। ସୋମବାର ଏହି ବିଜୟ ସହ ଅଷ୍ଟ୍ରେଲିଆ ଆଗରେ ବ୍ରିଟେନ ଗ୍ରୁପ୍ 'ବି'ର ଶୀର୍ଷକୁ ଉନ୍ନୀତ ହୋଇଛି। ଅଷ୍ଟ୍ରେଲିଆ ପୂର୍ବରୁ କ୍ୱାର୍ଟରଫାଇନାଲରେ ପ୍ରବେଶ କରିସାରିଛି। ବ୍ରିଟେନ ଏହାର କ୍ୱାର୍ଟରଫାଇନାଲ ମ୍ୟାଚ ନଭେମ୍ବରରେ ସ୍ପାନିଶ ସହର ମାଲାଗାଠାରେ ଖେଳିବ। ଗ୍ରୁପ୍ 'ଏ'ରୁ କାନାଡା ସହ ଇଟାଲି ଫାଇନାଲ-୮କୁ ଉନ୍ନୀତ ହୋଇଛି।

# ୧୯୯୨: ଇମ୍ରାନଙ୍କ ପାକିସ୍ତାନ ବିଶ୍ୱବିଜେତା

ଦିନିକିଆ କ୍ରିକେଟ ପୁରୁଷ ବିଶ୍ୱକପ୍‌ର ପଞ୍ଚମ ସଂସ୍କରଣରେ ଚାମ୍ପିୟନ ଆଖ୍ୟା ଅର୍ଜନ କରିଥିଲା ପାକିସ୍ତାନ। ଇମ୍ରାନ୍ ଖାଁଙ୍କ ନେତୃତ୍ୱରେ ଦଳ ତୃତୀୟ ବିଶ୍ୱକପ ଖେଳୁଥିବା ବେଳେ ଇଂଲଣ୍ଡକୁ ହରାଇ ଦଳ ହାସଲ କରିଥିଲା ଏହାର ପ୍ରଥମ ଟାଇଟଲ। କ୍ରମାଗତ ଥର ପାଇଁ ଫାଇନାଲରେ ପହଞ୍ଚିଥିବା ଇଂଲଣ୍ଡକୁ ଆଉ ଥରେ ନିରାଶ ହେବାକୁ ପଡ଼ିଥିଲା। ବେନସନ୍ ଆଣ୍ଡ ହେଜେସ୍ ଏହି ବିଶ୍ୱକପର ପ୍ରାୟୋଜକ ରହିଥିଲେ। ୧୯୯୧ ପରିବର୍ତ୍ତେ ଏକ ବର୍ଷ ବିଳମ୍ବରେ ଏହି ବିଶ୍ୱକପ ଆୟୋଜିତ ହୋଇଥିଲା। ପ୍ରଥମ ଥର ପାଇଁ କଳା ଧଳା ପରିବର୍ତ୍ତେ ରଙ୍ଗିନ ପୋଷାକରେ ଦିନିକିଆ କ୍ରିକେଟ ଦେଖିବାକୁ ମିଳିଥିଲା। ୮ ପରିବର୍ତ୍ତେ ୯ ଦଳ ଅଂଶଗ୍ରହଣ କରିଥିବା ବେଳେ ସମୁଦାୟ ୩୯ ମ୍ୟାଚ୍ ଖେଳ ହୋଇଥିଲା। ଏହା ସହିତ ଏହି ବିଶ୍ୱକପ ଅନେକ କାରଣରୁ ସ୍ୱତନ୍ତ୍ର ରହିଥିଲା। ରେନ୍ ରୁଲ୍ ପ୍ରଥମ ଥର ଲାଗୁ କରାଯାଇଥିବା ବେଳେ ଦକ୍ଷିଣ ଆଫ୍ରିକା ସେମି ଫାଇନାଲରେ ପରାଜିତ ହୋଇଥିଲା। ଏହା ସହିତ ସ୍ପିନ୍ ବୋଲରଙ୍କ ଜରିଆରେ ଓପନ କରିବା ଓ ପିଞ୍ଚ ହିଟରଙ୍କ ବ୍ୟବହାର ପ୍ରଥମ ଥର କରିଥିଲା ନ୍ୟୁଜିଲାଣ୍ଡ।

ପାକିସ୍ତାନ ଏହି ସଂସ୍କରଣରେ ବର୍ଷା କାରଣରୁ ସବୁଠାରୁ ଅଧିକ ଲାଭବାନ ହୋଇଥିଲା। ଦଳ ଇଂଲଣ୍ଡ ବିପକ୍ଷ ଲିଗ୍ ମ୍ୟାଚରେ ୭୪ ରନ୍‌ରେ ଅଲଆଉଟ ହୋଇଥିବା ବେଳେ ବର୍ଷା କାରଣରୁ ମ୍ୟାଚ୍ ଧୋଇଯିବା କାରଣରୁ ଦଳ ଏକ ପଏଣ୍ଟ ଅର୍ଜନ କରିଥିଲା। ଏହା ଫଳରେ ପାକିସ୍ତାନ ସେମି ଫାଇନାଲ ପ୍ରବେଶରେ ସମର୍ଥ ହୋଇଥିଲା। ଇମ୍ରାନ୍ ଖାନ୍ ଚମତ୍କାର ଅଲରାଉଣ୍ଡ ପ୍ରଦର୍ଶନ କରି ବ୍ୟାଟ ଜରିଆରେ ୧୮୫ ରନ୍ ଓ ବୋଲିଂରେ ୭ ଉଇକେଟ ଅକ୍ତିଆର କରିଥିଲେ। ସେହିପରି ୱାସିମ ଆକ୍ରମଙ୍କ ବ୍ୟତୀତ ମୁସ୍ତାକ ଅହମଦ ୧୬ ଓ ଆକ୍ୱିବ୍ ଜାଭେଦ୍ ୧୧ ଉଇକେଟ ନେଇଥିଲେ। ପ୍ରଥମ ସେମିରେ ଆୟୋଜକ ନ୍ୟୁଜିଲାଣ୍ଡକୁ ୪ ଉଇକେଟରେ ପରାସ୍ତ କରିଥିଲା ପାକିସ୍ତାନ। ଦ୍ୱିତୀୟ ସେମି ଫାଇନାଲଟି କ୍ରିକେଟର ଅନ୍ୟତମ ବିବାଦୀୟ ମ୍ୟାଚ୍ ରହିଥିଲା। ଦକ୍ଷିଣ ଆଫ୍ରିକା ବିପକ୍ଷ ମ୍ୟାଚକୁ ଇଂଲଣ୍ଡ ୪ ଉଇକେଟରେ ଜିତି ନେଇଥିଲା। ପ୍ରଥମେ ବ୍ୟାଟିଂ କରି ଇଂଲଣ୍ଡ ୪୫ ଓଭରରେ ୨୫୨ ରନ୍ କରିଥିଲା। ବର୍ଷା ହେବା ବେଳକୁ ଦକ୍ଷିଣ ଆଫ୍ରିକାକୁ ୧୩ ବଲରୁ ୨୨ ରନ୍‌ର ଆବଶ୍ୟକତା ରହିଥିଲା। ୨ ଓଭରର ଖେଳ ବନ୍ଦ ହେବା କାରଣରୁ ସଂଶୋଧିତ ଲକ୍ଷ୍ୟରେ ଦକ୍ଷିଣ ଆଫ୍ରିକା ଆଗରେ ଗୋଟିଏ ବଲ୍‌ରେ ୨୨ ରନ୍‌ର ଲକ୍ଷ୍ୟ ରହିଥିଲା। ଫାଇନାଲ ଇଂଲଣ୍ଡ ଓ ପାକିସ୍ତାନ ମଧ୍ୟରେ ହୋଇଥିଲା। ଇମ୍ରାନ୍ ଖାଁ ଓ ୱାସିମ୍ ଆକ୍ରମଙ୍କ ଅଲରାଉଣ୍ଡ ପ୍ରଦର୍ଶନରେ ବିଜୟୀ ହୋଇଥିଲା ପାକିସ୍ତାନ। ଆକ୍ରମ ଫାଇନାଲରେ ପ୍ଲେୟର ଅଫ୍ ଦ ମ୍ୟାଚ୍ ହୋଇଥିଲେ।


ବିଶ୍ୱକପ ଟ୍ରଫି ସହ ଇମ୍ରାନ ଖାଁ।

**ଦିନିକିଆ ବିଶ୍ୱକପ**
ICC MEN'S CRICKET WORLD CUP INDIA 2023
**ଆଉ ୧୬ ଦିନ**

# ହକି ର୍‍ୟାଙ୍କିଙ୍ଗ: ଭାରତ ପୁରୁଷ ଦଳ ୩ୟ

ଲାଉସାନେ (ସୁଇଜରଲାଣ୍ଡ), ୧୮।୯ (ପି.ଟି.)

ଅନ୍ତର୍ଜାତୀୟ ହକି ମହାସଂଘ (ଏଫ୍‌ଆଇଏଚ୍) ଦ୍ୱାରା ସଦ୍ୟ ପ୍ରକାଶିତ ବିଶ୍ୱ ର୍‍ୟାଙ୍କିଙ୍ଗରେ ଭାରତୀୟ ପୁରୁଷ ଦଳ ୩ୟ ସ୍ଥାନରେ ରହିଥିବା ବେଳେ ମହିଳା ଦଳ ୭ମ ସ୍ଥାନରେ ଅଛି। ଗତମାସରେ ଭାରତ ୧୨ମାସରୁ ଅଧିକ ସମୟ ପରେ ୩ୟ ସ୍ଥାନକୁ ଫେରିଛି। ଗତ ମାସରେ ଚେନ୍ନାଇରେ ଏସିଆନ ଚାମ୍ପିୟନ୍ସ ଟ୍ରଫି ୨୦୨୩ରେ ଅପରାଜେୟ ରହିବା ଦ୍ୱାରା ଏହା ଘଟିଛି। ଭାରତ ଏଥିରେ ଖେଳିଥିବା ୭ଟି ମ୍ୟାଚ ମଧ୍ୟରୁ ୬ଟିରେ ବିଜୟ ଲାଭ କରିଥିଲା। ଫାଇନାଲରେ ନେଦରଲାଣ୍ଡ୍ସଠାରୁ ହାରିଯିବା ଫଳରେ ଇଂଲଣ୍ଡ (୨୭୪୫ ପଏଣ୍ଟ) ଶ୍ରେଷ୍ଠ ୩ରୁ ବାଦ୍‌ପଡ଼ି ଚତୁର୍ଥ ସ୍ଥାନରେ ରହିଛି। ୟୁରୋ ହକି ଚାମ୍ପିୟନଶିପ୍ ଟାଇଟଲ ସହ ନେଦରଲାଣ୍ଡ୍ସ (୩୧୧୩) ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ଟାଇଟଲ ହାସଲ କରିଛି। ଏଫ୍‌ଆଇଏଚ୍ ହକି ବିଶ୍ୱକପ୍ ୨୦୨୩ରେ ବ୍ରୋଞ୍ଜ ପଦକ ମଧ୍ୟ ପାଇଛି। ଆଧିପତ୍ୟ ବିସ୍ତାର କରିଥିବାରୁ ନେଦରଲାଣ୍ଡ୍ସ ଦ୍ୱିତୀୟ ସ୍ଥାନରେ ରହିଥିବା ବେଲଜିୟମ (୨୯୮୯)ଠାରୁ ପଏଣ୍ଟ ବ୍ୟବଧାନରେ ଯଥେଷ୍ଟ ଆଗରେ ରହିଛି। ଜର୍ମାନୀ (୨୬୮୯) ଓ ଅଷ୍ଟ୍ରେଲିଆ ଯଥାକ୍ରମେ ୫ମ ଓ ୬ଷ୍ଠ ସ୍ଥାନରେ ଅଛନ୍ତି। ଆର୍ଜେଣ୍ଟିନା (୨୩୫୦) ଗୋଟିଏ ସ୍ଥାନ ଉପରକୁ ଉଠି ସ୍ପେନ (୨୩୪୭) ଆଗରେ ୭ମ ସ୍ଥାନରେ ରହିଛି।

**ମହିଳା ଦଳକୁ ୭ମ ସ୍ଥାନ**

ଏଫ୍‌ଆଇଏଚ୍ ର୍‍ୟାଙ୍କିଙ୍ଗ ତାଲିକାରେ ଭାରତୀୟ ମହିଳା ହକି ଦଳ ୭ମ ସ୍ଥାନରେ ରହିଛି। ନେଦରଲାଣ୍ଡ୍ସ (୩୪୨୨) ମହିଳା ହକି ଦଳ କ୍ରମାଗତ ପ୍ରଭାବୀ ପ୍ରଦର୍ଶନ ଜାରି ରଖିଥିବାରୁ ପ୍ରଥମ ସ୍ଥାନ ଅଧିକାର କରିବାରେ ସମର୍ଥ ହୋଇପାରିଛି। ଦଳର ରେକର୍ଡ ୧୨ତମ ୟୁରୋହକି ଚାମ୍ପିୟନଶିପ୍ ଟାଇଟଲ ଜିତିଛି। ଅଷ୍ଟ୍ରେଲିଆ (୨୮୧୮) ଓ ଆର୍ଜେଣ୍ଟିନା (୨୭୬୭) ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ଅଛନ୍ତି। ୟୁରୋ ହକି ଚାମ୍ପିୟନଶିପ୍‌ରେ ରୌପ୍ୟ ଜିତିଥିବା ବେଲଜିୟମ (୨୬୦୯) ଜର୍ମାନୀ ଆଗରେ ରହିଛି। ଏହି ଦୁଇ ଦଳ ବିଶ୍ୱ ର୍‍ୟାଙ୍କିଙ୍ଗ୍‌ର ଯଥାକ୍ରମେ ୪ର୍ଥ ଓ ୫ମ ସ୍ଥାନରେ ଅଛନ୍ତି। ଭାରତୀୟ ମହିଳା ଦଳ (୨୩୨୫)ଗୋଟିଏ ସ୍ଥାନ ଉପରକୁ ଉଠି ୭ମରେ ରହିଛି।

# ଜ୍ୟୋତିକା, ଆର୍ଯ୍ୟନ ଚାମ୍ପିୟନ

ଭୁବନେଶ୍ୱର, ୧୮।୯
(ତପନ ସ୍ୱାଇଁ)

**ରାଜ୍ୟ ୧୧ ବର୍ଷରୁ କମ୍ ଚେସ୍**

ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ (ଏଓସିଏ) ଓ ପୁରୀ ଜିଲା ଚେସ୍ ଆସୋସିଏଶନ ଆନୁକୂଲ୍ୟରେ ରାଜ୍ୟ ୧୧ ବର୍ଷରୁ କମ୍ (ବାଳିକା, ବାଳକ) ଚେସ୍ ଚାମ୍ପିୟନଶିପ୍ ପୁରୀ ବଳଗଣ୍ଡି ଗ୍ରାଣ୍ଡରୋଡ୍‌ସ୍ଥିତ ବୃନ୍ଦାବତୀ ନିବାସରେ ଅନୁଷ୍ଠିତ ହୋଇଯାଇଛି। ପ୍ରତିଯୋଗିତାର ବାଳିକା ବିଭାଗରେ କଟକର ଜ୍ୟୋତିକା ସାହୁ ଚାମ୍ପିୟନ ଏବଂ ଖୋର୍ଦ୍ଧାର ଇଶାନି ଦାସ ରନରଅପ୍ ଏବଂ ବାଳକ ବିଭାଗରେ ଯାଜପୁରର ଆର୍ଯ୍ୟନ ବେହେରା ଓ କଟକର ସ୍ୱସ୍ତିକ ଶୁଭମ୍ ପଟ୍ଟନାୟକ ରନରଅପ୍ ହୋଇଛନ୍ତି। ଏହି ୪ ଜଣ ଖେଳାଳି ୩୬ତମ ଜାତୀୟ ୧୧ ବର୍ଷରୁ କମ୍ ଚାମ୍ପିୟନଶିପ୍‌ରେ ରାଜ୍ୟ ପକ୍ଷରୁ ପ୍ରତିନିଧିତ୍ୱ କରିବେ। ଆଗାମୀ ଜାତୀୟ ପ୍ରତିଯୋଗିତା ଆନ୍ଧ୍ର ପ୍ରଦେଶର ବିଶାଖାପାଟଣାସ୍ଥିତ ସ୍ୱର୍ଣ୍ଣ ଭାରତୀ ଇନ୍‌ଡୋର ଷ୍ଟାଡିୟମରେ ଅକ୍ଟୋବର ୧ରୁ ୭ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଉଦ୍‌ଯାପନୀ ଉତ୍ସବରେ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ଆସୋସିଏଶନ ସମ୍ପାଦକ ପ୍ରଦ୍ୟୁମ୍ନ ମିଶ୍ର, ଉପସଭାପତି ସୁରେଶ ଚନ୍ଦ୍ର ସାହୁ, ଯୁଗ୍ମ ସମ୍ପାଦକ ଦେବାଶିଷ ମିଶ୍ର, ଶୁଭଶ୍ରୀ ଦାସ, କୋଷାଧ୍ୟକ୍ଷ ଜଗନ୍ନାଥ ସିଂହାରୀ, କାର୍ଯ୍ୟକାରିଣୀ ସଦସ୍ୟ ଗୌରହରି ମହାପାତ୍ର, ସ୍ୱାଧୀନ ମହାନ୍ତି, ପ୍ରଜ୍ଞା ପାରମିତା ନନ୍ଦ, ରଚିତା ମହାନ୍ତି, ଲିପ୍ସା ଦାସ, ଟୁର୍ନାମେଣ୍ଟ ନିର୍ଦ୍ଦେଶକ ସୁବାସ ଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଆର୍ବିଟର ସୁରେଶ ଚନ୍ଦ୍ର ସାହୁ ଓ ସନ୍ତୋଷ କୁମାର ମହାପାତ୍ର ପ୍ରତିଯୋଗିତାକୁ ପରିଚାଳନା କରିଥିଲେ।



ରାଜ୍ୟ ଚେସ୍‌ର କୃତୀ ପ୍ରତିଯୋଗୀମାନେ ପୁରସ୍କାର ସହ ଅତିଥିଙ୍କ ଗହଣରେ।

# ଓଡ଼ିଶାରୁ ୧୬ ଭାଗନେବେ

ଭୁବନେଶ୍ୱର, ୧୮।୯
(ତପନ ସ୍ୱାଇଁ)

**୭ ଓ ୧୯ ବର୍ଷରୁ କମ୍ ଜାତୀୟ ଚେସ୍**

ଜାତୀୟ ଚେସ୍ ପ୍ରତିଯୋଗିତାରେ ଓଡ଼ିଶା ଖେଳାଳିଙ୍କ ପ୍ରତିନିଧିତ୍ୱ ଏବଂ ଖେଳାଳିଙ୍କ ଉତ୍ତମ ପ୍ରଦର୍ଶନ ଜାରି ରହିଛି। ଆଗାମୀ ଜାତୀୟ ୭ ଓ ୧୯ ବର୍ଷରୁ କମ୍ ଚେସ୍ ପ୍ରତିଯୋଗିତାରେ ୧୬ଜଣ ଖେଳାଳି ରାଜ୍ୟରୁ ପ୍ରତିନିଧିତ୍ୱ କରିବେ ବୋଲି ସୂଚନା ଦେଇଛନ୍ତି ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ ସମ୍ପାଦକ ଦେବବ୍ରତ ଭଞ୍ଜ। ତାଙ୍କ ସୂଚନା ଅନୁସାରେ ଜାତୀୟ ୭ ବର୍ଷରୁ କମ୍ ପ୍ରତିଯୋଗିତାରେ ଟିମ୍ ମ୍ୟାନେଜର ସୁରଜ ମହାରଣାଙ୍କ ନେତୃତ୍ୱରେ ବାଳିକାରେ ସୁଶ୍ରୀ ଅଦିତି ମହାରଣା, ବାଳକରେ ସାତ୍ତ୍ୱିକ ସ୍ୱାଇଁ, ଅଭିକ ଆଦିତ୍ୟ ସ୍ୱାଇଁ ସ୍ୱାଭାବିକଭାବେ ଏବଂ ସାହିଲ କୁମାର ବେହେରା, ସ୍ୱୟଂଶ ଦାସ, ସତ୍ୟ ନାରାୟଣ ସ୍ୱାଇଁ, ଆଦିତ୍ୟ ଉପାଧ୍ୟାୟ, ଓମେଶ ଗୋଟୁମୁକ୍କାଲା ସ୍ୱତନ୍ତ୍ର ଭାବେ ଅଂଶଗ୍ରହଣ କରିବାକୁ ଯାଉଛନ୍ତି। ଆସନ୍ତା ୨୧ରୁ ୨୫ ପର୍ଯ୍ୟନ୍ତ କୋଲକାତାରେ ୩୬ତମ ଜାତୀୟ ୭ ବର୍ଷରୁ କମ୍ ଚେସ୍ ପ୍ରତିଯୋଗିତା ଅନୁଷ୍ଠିତ ହେବ। ମାଷ୍ଟର ଚେସ୍ ଫାଉଣ୍ଡେଶନ୍ ଓ ଆଇଆଇଜି ସ୍ପୋର୍ଟ୍ସ ଏକାଡେମୀ ପକ୍ଷରୁ ଭୁବନେଶ୍ୱରରେ ୭ ବର୍ଷରୁ କମ୍ ବର୍ଗରେ ରାଜ୍ୟ ଖେଳାଳି ଚୟନ ଅନୁଷ୍ଠିତ ହୋଇଥିଲା। ସେହିପରି ଜାତୀୟ ଜୁନିୟର (୧୯ ବର୍ଷରୁ କମ୍ ବାଳିକା ଓ ବାଳକ) ବର୍ଗରେ ଟିମ୍ ମ୍ୟାନେଜର ମୃତ୍ୟୁଞ୍ଜୟ ଦାସଙ୍କ ନେତୃତ୍ୱରେ ରାଜ୍ୟରୁ ବାଳିକା ବର୍ଗରେ ଶ୍ରଦ୍ଧା ସ୍ମରଣିକା ନନ୍ଦ, ଈଶା ଜେନ୍, ସନୋଜା ଜେନ୍ ଏବଂ ବାଳକରେ ଶ୍ରୀହାନ ସାବତ, ମୃତ୍ୟୁଞ୍ଜୟ ମଣ୍ଡଳ, ବୈଭବ ଅଗ୍ରୱାଲ, ଶ୍ରୀୟାଂଶ ଦାସ ଓ ପ୍ରିୟାଂଶ ଦାସ ପ୍ରତିନିଧିତ୍ୱ କରିବାକୁ ଯାଉଛନ୍ତି। ଗୁଜରାଟର ଅହମ୍ମଦାବାଦଠାରେ ୨୦୨୩ ସେପ୍ଟେମ୍ବର ୨୦ରୁ ୨୮ ତାରିଖ ପର୍ଯ୍ୟନ୍ତ ଜାତୀୟ କନିଷ୍ଠ (୧୯ ବର୍ଷରୁ କମ୍ ବାଳକ ଓ ବାଳିକା)ଚେସ୍ ପ୍ରତିଯୋଗିତା ଅନୁଷ୍ଠିତ ହେବ। ସୁନ୍ଦରଗଡ଼ ଜିଲା ଚେସ୍ ସଂଘ ଆନୁକୂଲ୍ୟରେ ସୁନ୍ଦରଗଡ଼ରେ ୧୯ ବର୍ଷରୁ କମ୍ ଜାତୀୟ ପ୍ରତିଯୋଗିତା ପାଇଁ ଚୟନ ଅନୁଷ୍ଠିତ ହୋଇଥିଲା। ଏଓସିଏ ସମ୍ପାଦକ ଦେବବ୍ରତ ଭଞ୍ଜ, ସଭାପତି ଜି. ସି. ମହାପାତ୍ର ଏବଂ ଅନ୍ୟ କର୍ମକର୍ତ୍ତା ଉକ୍ତ ଖେଳାଳିମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ସୁବର୍ଣ୍ଣପୁର, ପୁରୀ ଚାମ୍ପିୟନ

ଭୁବନେଶ୍ୱର, ୧୮।୯
(ତପନ ସ୍ୱାଇଁ)

**ଓଡ଼ିଶା ରାଜ୍ୟ ବିଦ୍ୟାଳୟ ସମୂହ ବକ୍ସିଂ**

ଓଡ଼ିଶା ରାଜ୍ୟ ବିଦ୍ୟାଳୟ ସମୂହ ବକ୍ସିଂ ପ୍ରତିଯୋଗିତା ସୋମବାର ପୁରୀଠାରେ ଶେଷ ହୋଇଛି। ଓଡ଼ିଶା ରାଜ୍ୟ ବିଦ୍ୟାଳୟ କ୍ରୀଡ଼ା ସଂଘ ଓ ପୁରୀ ଜିଲା ବିଦ୍ୟାଳୟ କ୍ରୀଡ଼ା ସଂଘର ମିଳିତ ଆନୁକୂଲ୍ୟରେ ଏହି ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏହାର ୧୪ ବର୍ଷରୁ କମ୍ ବୟସ ବାଳକ ବର୍ଗରେ ପୁରୀ ଦଳଗତ ବିଜେତା ଏବଂ ଭୁବନେଶ୍ୱର ରନରଅପ୍ ହୋଇଥିଲା। ସେହିଭଳି ୧୭ ବର୍ଷରୁ କମ୍ ବୟସ ବାଳିକା ବର୍ଗରେ ସୁବର୍ଣ୍ଣପୁର ଚାମ୍ପିୟନ ଓ ପୁରୀ ରନରଅପ୍ ଏବଂ ବାଳକରେ ପୁରୀ ଦଳଗତ ବିଜେତା ଓ ଗଞ୍ଜାମ ରନରଅପ୍ ହୋଇଛି। ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ବିଧାୟକ ଜୟନ୍ତ ଷଡଙ୍ଗୀ, ରାଜ୍ୟ ଗଣଶିକ୍ଷା ବିଭାଗ କ୍ରୀଡ଼ା ଯୁଗ୍ମ ନିର୍ଦ୍ଦେଶକ କୈଳାସ ପ୍ରଧାନ, ଜିଲା ଶିକ୍ଷା ଅଧିକାରୀ ବିଶ୍ୱଜିତ ଘୋଷ, ପୁରୀ ଜିଲା ସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ଜ୍ୟୋତି ମିଶ୍ର, ମହେନ୍ଦ୍ର କୁମାର ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ।


ଅତିଥିଙ୍କ ସହ ବାଳକ ବିଭାଗ ଚାମ୍ପିୟନ ପୁରୀ ଦଳ।

# ରାଉଣ୍ଡ-୨ ପାଇଁ ଥାଇଲାଣ୍ଡରେ ଭାରତୀୟ ଦଳ

ବୁରିରାମ (ଥାଇଲାଣ୍ଡ), ୧୮।୯

'ସିଟି ଅଫ୍ ହାପିନେସ' ଭାବେ ବିଶେଷ ପରିଚିତ ଥାଇଲାଣ୍ଡର ବୁରିରାମ ସହରରେ ଭାରତୀୟ ୧୭ ବର୍ଷରୁ କମ୍ ମହିଳା ଫୁଟବଲ ଦଳ ପହଞ୍ଚିଛି। ବ୍ୟାଙ୍କକଠାରୁ ପାଖାପାଖି ୪୦୦ କିଲୋମିଟର ଦୂରରେ ଅବସ୍ଥିତ ଏହି ସହରରେ ଭାରତୀୟ ଜୁନିୟର ମହିଳା ଦଳ ଏଏଫ୍‌ସି ୧୭ ବର୍ଷରୁ କମ୍ ଏସିଆନ କପ୍ କ୍ୱାଲିଫିକେଶନ ରାଉଣ୍ଡ-୨ ଖେଳିବ। ଗତ ଏପ୍ରିଲରେ ଭାରତୀୟ ମହିଳା ଦଳ ରାଉଣ୍ଡ-୧ରେ ଚମତ୍କାର ପ୍ରଦର୍ଶନ କରିବାପରେ ପ୍ରଥମଥର ପାଇଁ ରାଉଣ୍ଡ-୨ରେ ଖେଳିବାକୁ ଯାଉଛି। କିର୍ଗିଜ ରିପବ୍ଲିକର ବିଶକେକ୍‌ଠାରେ ୩ ଦଳ ବିଶିଷ୍ଟ ଗ୍ରୁପ୍‌ରେ ଭାରତ ୨ଟି ଯାକ ମ୍ୟାଚ ଜିତି ୬ ପଏଣ୍ଟ ପାଇଥିଲା। ସେଠାରେ ଭାରତୀୟ ଦଳ ଆୟୋଜକ କିର୍ଗିଜ ରିପବ୍ଲିକ୍ ଓ ମ୍ୟାନ୍‌ମାରକୁ ପରାସ୍ତ କରିଥିଲା। ରାଉଣ୍ଡ-୨ ପାଇଁ ଭାରତ ଗ୍ରୁପ୍ 'ଏ'ରେ କୋରିଆ, ଇରାନ ଓ ଆୟୋଜକ ଥାଇଲାଣ୍ଡ ସହିତ ସ୍ଥାନ ପାଇଛି। ଏଥିରୁ ଶ୍ରେଷ୍ଠ ୨ଟି ଦଳ ୨୦୨୪ ଏପ୍ରିଲରେ ଇଣ୍ଡୋନେସିଆରେ ହେବାକୁଥିବା ଅନ୍ତିମ ଟୁର୍ନାମେଣ୍ଟ ପାଇଁ ଯୋଗ୍ୟତା ଅର୍ଜନ କରିବ।

ପ୍ରିୟା ପି.ଭି. ଭାରତୀୟ ଦଳର ମୁଖ୍ୟ କୋଚ୍ ଏବଂ ଓଡ଼ିଶାର ଅନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ ଶ୍ରଦ୍ଧାଞ୍ଜଳି ସାମନ୍ତରାୟ ସହକାରୀ କୋଚ୍ ଅଛନ୍ତି। ଆଗାମୀ ଗୁରୁତ୍ୱପୂର୍ଣ୍ଣ ପ୍ରତିଯୋଗିତାରେ ଭାରତୀୟ ଦଳର ଭଲ ପ୍ରଦର୍ଶନ ନେଇ ଶ୍ରଦ୍ଧାଞ୍ଜଳି ଆଶାପ୍ରକାଶ କରିଥିବାବେଳେ ଏବେ କୋଚ୍ ପ୍ରିୟା ତାହାକୁ ଦୋହରାଇଛନ୍ତି। ନିକଟରେ ଏଆଇଏଫ୍‌ଏଫ୍ କୋଚ୍ ଅଫ୍ ଦି ଇୟର ବିବେଚିତ ହୋଇଥିବା ପ୍ରିୟା କହିଛନ୍ତି ଯେ, ଭାରତୀୟ ଦଳ ପାଇଁ ସାଫ୍ ପରେ ଏଏଫ୍‌ସି ୧୭ ବର୍ଷରୁ କମ୍ ମହିଳା ଏସିଆନ କପ୍ କ୍ୱାଲିଫାୟର୍ସ ଦ୍ୱିତୀୟ ବଡ଼ ଟୁର୍ନାମେଣ୍ଟ। "ଆମ ପିଲାମାନେ ଭଲଭାବେ ପ୍ରସ୍ତୁତ ହୋଇଛନ୍ତି। ତେଣୁ ଆଗାମୀ ପ୍ରତିଯୋଗିତାର ପ୍ରତି ମ୍ୟାଚରେ ସେମାନଙ୍କ ଦକ୍ଷତା ଦେଖାଇବା ପାଇଁ ଉତ୍ସାହର ସହ ଅପେକ୍ଷା କରିଛନ୍ତି। ସେମାନେ କେବଳ ପଡ଼ିଆକୁ ଓହ୍ଲାଇବାକୁ ଅପେକ୍ଷା କରିଛନ୍ତି"। ଆଗାମୀ ଟୁର୍ନାମେଣ୍ଟ ଆମ ଖେଳାଳିଙ୍କ ପାଇଁ ନୂଆ ଅଭିଜ୍ଞତା ଓ ଚ୍ୟାଲେଞ୍ଜ ଆଣିବ। ଦ୍ୱିତୀୟ ରାଉଣ୍ଡରେ ଆମେ ପ୍ରଥମ ରାଉଣ୍ଡ ଅପେକ୍ଷା ଅଧିକ କଷ୍ଟସାଧ ପ୍ରତିଦ୍ୱନ୍ଦ୍ୱୀଙ୍କ ବିପକ୍ଷରେ ଖେଳିବାକୁ ଯାଉଛୁ। ତେବେ ଆମେ ସେଥିପାଇଁ ନିଜକୁ ଭଲଭାବେ ପ୍ରସ୍ତୁତ କରିଛୁ। ଗୋଆରେ ଆମେ ସ୍ଥାନୀୟ ବାଳକଙ୍କ ବିପକ୍ଷରେ ଅଭ୍ୟାସ ମ୍ୟାଚ ଖେଳିଛୁ। ଆଗାମୀ ମୁକାବିଲା ଯେତେ କଷ୍ଟସାଧ ହେଲେ ହେଁ ପିଲାମାନେ ଶ୍ରେଷ୍ଠ ପ୍ରଦର୍ଶନ ଦେବାନେଇ ଆଶା ରହିଛି। ଆମେ ନିଜକୁ ପ୍ରମାଣିତ କରିବାର ଅଛି" ବୋଲି ପ୍ରିୟା ପ୍ରକାଶ କରିଛନ୍ତି।


ଥାଇଲାଣ୍ଡରେ ପହଞ୍ଚିବାପରେ କୋଚ୍ ଓ ସପୋର୍ଟ ଷ୍ଟାଫ୍‌ଙ୍କ ସହ ୧୭ ବର୍ଷରୁ କମ୍ ଭାରତୀୟ ମହିଳା ଫୁଟବଲ ଦଳ।

**ଏଏଫ୍‌ସି ୧୭ ବର୍ଷରୁ କମ୍ ମହିଳା ଏସିଆନ କପ୍ କ୍ୱାଲିଫିକେଶନ**

# ଫିଗର ଅନୁଯାୟୀ ସ୍କର୍ଟ

ବର୍ତ୍ତମାନ ଫ୍ୟାଶନ ଟ୍ରେଣ୍ଡରେ ସ୍କର୍ଟ-ଟପ୍ସର ଡିମାଣ୍ଡ ବଢୁଥିବା ଦେଖିବାକୁ ମିଳୁଛି । ତେବେ ଶରୀରର ଗଠନ ଅନୁଯାୟୀ କେଉଁଭଳି ସ୍କର୍ଟ ଚୟନକଲେ ଆପଣ ଅଧିକ ଫ୍ୟାଶନେବଲ ଲାଗିବେ, ଜାଣିରଖନ୍ତୁ ସେ ସମ୍ପର୍କରେ...



⏭ବର୍ତ୍ତମାନ କମ୍ ଘେରଯୁକ୍ତ ଏ ଲାଇନ ସ୍କର୍ଟ ଲାଟେଷ୍ଟ ଟ୍ରେଣ୍ଡ ପାଲଟିଛି । ପତଳା ଅପେକ୍ଷା ସାଉଣ୍ଡ କିମ୍ବା ଅଳ୍ପ ମୋଟା ଫିଗରକୁ ଏହି ସ୍କର୍ଟ ସୁନ୍ଦର ମାନୁଛି । ତେଣୁ ଏଭଳି ସ୍କର୍ଟ ବାଛୁଥିଲେ ଏହା ସହ ବ୍ଲାକ୍ ଟି-ଶାର୍ଟ ଏବଂ କିଛି ଡିଜାଇନର ଆସେସରିଜ୍ ବାଛନ୍ତୁ । ବିଶେଷକରି ବ୍ରାଇଟ୍ କଲର ପ୍ରିଣ୍ଟେଡ୍ ସ୍କର୍ଟ ସହ ସିଙ୍ଗଲ୍ ଡିପ୍ କଲର ଟପ୍ସର କମ୍ବିନେଶନ ବେଶି ଭଲ ଲାଗିଥାଏ ।

⏭ଯଦି ଆପଣ ଖୁବ୍ ପତଳା ଏବଂ କିଭଳି ସ୍କର୍ଟ ପିନ୍ଧିଲେ ଭଲ ଦିଶିବେ ଭାବୁଛନ୍ତି ତେବେ ଅଧିକ ଘେର ଥିବା ଲଙ୍ଗ୍‌ସ୍କର୍ଟ ସହ ଥ୍ରୀ-ଫୋର୍ଥ ହାତ ଥିବା ଟପ୍ସ କିଣନ୍ତୁ । ମନେ ରଖନ୍ତୁ, ସ୍କର୍ଟ ଏବଂ ଟପ୍ସ ଉଭୟ ସାମାନ୍ୟ ଢିଲା ରଖନ୍ତୁ ନଚେତ୍ ଆପଣ ଅଧିକ ପତଳା ଲାଗିବେ ।

⏭ଯଦି ଆପଣଙ୍କ ଅଣ୍ଟାରୁ ତଳକୁ ମୋଟା ବା ପିଅର ଶେପ୍ ଫିଗର ତେବେ ସ୍ଲିମ୍ ଏବଂ ଷ୍ଟାଇଲିଶ୍ ଲୁକ୍ ପାଇବା ପାଇଁ ଶର୍ଟ ସ୍କର୍ଟ ପରିବର୍ତ୍ତେ ଲଙ୍ଗ୍ ସ୍କର୍ଟ ବାଛିଲେ ଭଲ । ଡିପ୍ କଲର କିମ୍ବା ପ୍ରିଣ୍ଟେଡ୍ ଫ୍ଲୋୟୀ ସ୍କର୍ଟ ସହ ଶର୍ଟହ୍ୟାଣ୍ଡ ଟପ୍ସ କିମ୍ବା ଟି-ଶାର୍ଟର କମ୍ବିନେଶନ ଆଟ୍ରାକ୍ଟିଭ୍ ଲୁକ୍ ଦେଇପାରିବ ।

⏭ଯଦି ଆପଣଙ୍କ କାନ୍ଧ, ଛାତି ତୁଳନାରେ ଅଣ୍ଟା ଅଧିକ ସରୁ ତେବେ ଚଉଡ଼ା ଅଣ୍ଟା ପଟି ଥିବା ସ୍କର୍ଟ ବାଛନ୍ତୁ । ଏହା ଆରମ୍ଭରୁ ସରୁ ଏବଂ ତଳ ଆଡ଼କୁ ଅଧିକ କୁଞ୍ଚ ବା ଫିସ୍ କଟ୍ ହେବା ପରିବର୍ତ୍ତେ ସମ୍ପୂର୍ଣ୍ଣ କୁଞ୍ଚଯୁକ୍ତ ହେଲେ ଅଧିକ ଭଲ ଲାଗିଥାଏ । ଏହାଦ୍ୱାରା ଆପଣଙ୍କ ଫିଗର ଆକର୍ଷଣୀୟ ଲାଗିବ ।

# ଫୁଲକୁଣ୍ଡରେ ପିମ୍ପୁଡ଼ି ହେଉଥିଲେ...

ଗାର୍ଡେନିଂ କରିବାକୁ ଅନେକେ ପସନ୍ଦ କରନ୍ତି। ଘର ଭିତରେ ବିଭିନ୍ନ ଇନ୍‌ଡୋର ପ୍ଲାଣ୍ଟରୁ ଆରମ୍ଭକରି ଛାତ ଉପରେ କୁଣ୍ଡରେ ବିଭିନ୍ନ ଫୁଲ, ଫଳ, ପରିବା ଆଦି ଗଛ ଲଗାଇବା ସେମାନଙ୍କୁ ଖୁସିଦିଏ। ହେଲେ କେବେ କେବେ କୁଣ୍ଡ ଭିତରେ ପିମ୍ପୁଡ଼ି ବସା ବାନ୍ଧିବା ଯୋଗୁ ଗଛ ଝାଉଁଳିପଡ଼ିବା କିମ୍ବା ଆଉ କେବେ ମରିଯାଉଥିବା ଦେଖିବାକୁ ମିଳେ। ଯଦି ଆପଣ ବି ଏଥିପାଇଁ ଚିନ୍ତିତ ତେବେ ଜାଣିରଖନ୍ତୁ ପିମ୍ପୁଡ଼ି ଦୂରକରିବାର କେତୋଟି ସହଜ ଉପାୟ...



- ପିମ୍ପୁଡ଼ି ସାଧାରଣତଃ କଫିକୁ ପସନ୍ଦ କରି ନ ଥାଏ । ତେଣୁ କୁଣ୍ଡ ଭିତରେ କିଛି କଫି ପାଉଡର ପକାନ୍ତୁ । ଏହାଦ୍ୱାରା ନା କେବଳ ପିମ୍ପୁଡ଼ି ଚାଲିଯିବେ ବରଂ ଗଛକୁ କିଛି ପୋଷାକତତ୍ତ୍ୱ ମଧ୍ୟ ମିଳିଯିବ ।
- ପାଣିରେ ନିମ୍ବତେଲ ବା ନିମ୍ ଅଏଲ ମିଶାଇ ଗଛମୂଳରେ ଏବଂ ପତ୍ରରେ ସ୍ପ୍ରେ କରନ୍ତୁ । ଏହାଦ୍ୱରା ପିମ୍ପୁଡ଼ି ଚାଲିଯିବେ ।
- କୁଣ୍ଡ ଚାରିପଟେ ଲଙ୍କାଗୁଣ୍ଡ, ପିପରମିଣ୍ଟ, ଡାଲଚିନି ଗୁଣ୍ଡ, ବେକିଂ ସୋଡ଼ା ଆଦି ପକାଇଲେ ବି ଉପକୃତ ହୋଇପାରିବେ ।
- ଏକ ବଡ଼ ଟବ୍‌ରେ ୪-୫ ଲିଟର ପାଣି ନେଇ ସେଥିରେ ୧ କପ୍ ଡିସ୍ ୱାଶ ସୋପ୍ ମିଶାନ୍ତୁ । ପିମ୍ପୁଡ଼ି ହେଉଥିବା କୁଣ୍ଡକୁ ଏହି ଟବ୍ ଭିତରେ କିଛି ସମୟ ରଖନ୍ତୁ, ଦେଖିବେ ପିମ୍ପୁଡ଼ି ମରିଯିବେ ।
- ପାଣିରେ ତେଲ ଏବଂ ଡିଟରଜେଣ୍ଟ ମିଶାଇ ସ୍ପ୍ରେ କଲେ ବି ପିମ୍ପୁଡ଼ି ଦୂରହେବେ ।
- ପ୍ରାକୃତିକ ଉପାୟରେ ପିମ୍ପୁଡି ଦୂରକରିବାରେ ଲେମ୍ବୁରସ ସାହାୟକ । ପାଣିରେ ସମ ପରିମାଣର ଲେମ୍ବୁରସ ମିଶାଇ ସ୍ପ୍ରେ ବଟଲରେ ଭର୍ତ୍ତି କରି ପିମ୍ପୁଡି ଲାଗିଥିବା କୁଣ୍ଡରେ ଭଲ ଭାବେ ସ୍ପ୍ରେ କଲେ ପିମ୍ପୁଡ଼ି ଚାଲିଯିବେ ।
- ଏସବୁ ଉପାୟ କାମ ନ କଲେ କୀଟନାଶକ ବ୍ୟବହାର କରନ୍ତୁ । ମାର୍କେଟ୍‌ରେ ଡାୟାଟୋମାସିଅସ୍ ଆର୍ଥ ଭଳି ଅର୍ଗାନିକ୍ ଇନ୍‌ସେକ୍ଟିସାଇଡ୍ ମଧ୍ୟ ଉପଲବ୍ଧ । ଏହାକୁ ବ୍ୟବହାର କରି ପିମ୍ପୁଡ଼ି ମାରିପାରିବେ । ଓଦା ମାଟିରେ ଏହା ଭଲ କାମ କରି ନ ଥାଏ । ତେଣୁ ବର୍ଷା ହେଲେ ମାଟି ଶୁଖିବା ପରେ ପୁଣି ଏହାକୁ ପକାନ୍ତୁ ।

# ଅଳ୍ପ ବୟସରୁ...

ଡା. ସରୋଜିନୀ ଷଡ଼ଙ୍ଗୀ

ଜଣେ ନାରୀ ପାଇଁ ଜରାୟୁ ବା ଗର୍ଭାଶୟ ଏକ ଅମୂଲ୍ୟ ଅଙ୍ଗ । ଏହା ଗର୍ଭରେ ଏକ ଶିଶୁକୁ ଧାରଣକରି ନାରୀକୁ ମା' ହେବାର ପୂର୍ଣ୍ଣତା ପ୍ରଦାନ କରେ। ହେଲେ କେବେ କେବେ ବିଭିନ୍ନ ଜଟିଳ ପରିସ୍ଥିତିରେ କେତେଜଣ ମହିଳାଙ୍କ ଶରୀରରୁ ଏହି ଅଙ୍ଗ ବାହାର କରିବାକୁ ହୁଏ। ବିଶେଷକରି ଯଦି ଅଳ୍ପ ବୟସରେ ଜରାୟୁ ଅପସାରଣ କରାଯାଏ ତେବେ ପରବର୍ତ୍ତୀ ସମୟରେ ଏଥିନେଇ ଉପୁଜୁଥିବା ବିଭିନ୍ନ ସମସ୍ୟାଠୁ ଦୂରେଇ ରହିବାକୁ ଅନେକ ଦିଗ ପ୍ରତି ସତର୍କ ହେବା ନିହାତି ଆବଶ୍ୟକ...









**ନା**ରୀ ଶରୀରର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ହେଉଛି ଗର୍ଭାଶୟ ବା ଜରାୟୁ । ମାସିକ ଋତୁସ୍ରାବକୁ ସନ୍ତୁଳିତ ରଖିବା ପାଇଁ ମସ୍ତିଷ୍କ ଓ ଡିମ୍ବକୋଷରୁ ଇଷ୍ଟ୍ରୋଜେନ୍ ଓ ପ୍ରୋଜେଷ୍ଟେରୋନ୍ ନାମକ ସ୍ତ୍ରୀ ହରମୋନ୍ ଝରିଥାଏ, ଯାହା ଜରାୟୁକୁ ସୁସ୍ଥ ରଖିବା ସହ ମହିଳାମାନଙ୍କର ନାରୀତ୍ୱ ଲାଳିତ୍ୟ ଓ ମାଧୁର୍ଯ୍ୟକୁ ଅକ୍ଷୁଣ୍ଣ ରଖିବାରେ ସାହାଯ୍ୟ କରିଥାଏ । ଇଷ୍ଟ୍ରୋଜେନ୍ ଏକ ଚମତ୍କାର ହର୍‌ମୋନ । ଏହା କେବଳ ମହିଳାମାନଙ୍କୁ ସୌନ୍ଦର୍ଯ୍ୟମୟୀ କରେ ନାହିଁ ବରଂ ସେମାନଙ୍କର ସ୍ୱାସ୍ଥ୍ୟ ପାଇଁ ଏକ ରକ୍ଷାକବଚ ପାଲଟିଥାଏ କହିଲେ ଅତ୍ୟୁକ୍ତି ହେବନାହିଁ। ହେଲେ କୌଣସି ମହିଳାଙ୍କର ଜରାୟୁ ଅପସାରଣ ସମୟରେ ଡିମ୍ବକୋଷର ଅପସାରଣ ହେଲେ ମେନୋପଜ୍ ବା ମାସିକ ଋତୁସ୍ରାବ ବିରତିର ଲକ୍ଷଣମାନ ଦେଖାଦେଇଥାଏ ଏବଂ ଏହି ହର୍‌ମୋନ କ୍ଷରଣ କମିଯାଏ, ଯଦ୍ଦ୍ୱାରା ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଦେଖାଦିଏ । ଆସନ୍ତୁ, ଜାଣିବା ଜରାୟୁ ଅପସାରଣ କ'ଣ, ଏହାର ବୟସସୀମା କେତେ, ଏହାର କାରଣ, ଲକ୍ଷଣ ଓ ଚିକିତ୍ସା ବିଷୟରେ ।

**ଜରାୟୁ ଅପସାରଣ କ'ଣ-** ଯେତେବେଳେ ଅସ୍ତ୍ରୋପଚାର ଦ୍ୱାରା ମହିଳାମାନଙ୍କ ଜରାୟୁ ବା ଗର୍ଭାଶୟ କାଢ଼ିନିଆଯାଏ ଏବଂ ଜରୁରୀ ହେଲେ ଦୁଇଟି ଯାକ ଡିମ୍ବକୋଷକୁ ମଧ୍ୟ କାଢ଼ି ନିଆଯାଏ ତାକୁ ଜରାୟୁ ଅପସାରଣ ବା ହିଷ୍ଟେରୋକ୍ଟୋମି କୁହାଯାଏ ।

**କାରଣ:** ଅତିରିକ୍ତ ରକ୍ତସ୍ରାବ ବା ଆବ୍‌ନର୍ମାଲ ୟୁଟେରାଇନ ବ୍ଲିଡିଂ (ଏୟୁବି), ଗର୍ଭାଶୟରେ ଟ୍ୟୁମର (ଫାଇବ୍ରଏଡ୍ ୟୁଟେରସ), ଟ୍ୟୁବୋ ଓଭାରିଆନମାସ୍ (ଟି.ଓ. ମାସ୍), ଏଣ୍ଡୋମେଟ୍ରିଓସିସ୍ (ଅସ୍ଥାନିକ ଗର୍ଭଝିଲ୍ଲୀ), ଗର୍ଭାଶୟ ବା ଜରାୟୁ ଗ୍ରୀବା କର୍କଟ ରୋଗ, ବିନାଇନ୍ ଓଭାରିଆନ୍ ଟ୍ୟୁମର, ଜରାୟୁ ପରଫୋରେସନ୍, ଜରାୟୁ ଗ୍ରୀବା ଚିରିଗଲେ ବା ଜରାୟୁ ଫାଟିଗଲେ । ବେଳେବେଳେ ପ୍ରସବ ପରେ ଅତିରିକ୍ତ ରକ୍ତସ୍ରାବ ହେଲେ, ଗର୍ଭଫୁଲ ଜରାୟୁରେ ଲାଗିଗଲେ, ମୋଲାର ବା ଅଙ୍ଗୁରଦାନା ଗର୍ଭ ହେଲେ ବା ସେପ୍ଟିକ୍ ଗର୍ଭପାତ ହେଲେ ଜରାୟୁ ଅପସାରଣ କରାଯାଏ ।

**ବୟସ ସୀମା:** ସାଧାରଣତଃ ୪୦ ବର୍ଷରୁ ଊର୍ଦ୍ଧ୍ୱ ବୟସରେ ଏହି ଅସ୍ତ୍ରୋପଚାର ହୋଇଥାଏ । ସ୍ଥଳ ବିଶେଷରେ କେତେକ ଜରୁରୀ ପରିସ୍ଥିତିରେ ଯଥା ବେଶି ରକ୍ତସ୍ରାବ ହେଲେ ବା ଟ୍ୟୁମର ହେଲେ କିମ୍ବା କର୍କଟ ରୋଗ କିମ୍ବା ଅନ୍ୟ କିଛି ଜଟିଳତା ଯୋଗୁ ୪୦ ବର୍ଷରୁ କମ୍ ବୟସରେ ମଧ ଜରାୟୁ ଅପସାରଣ କରାଯାଇଥାଏ ।

**ଜଟିଳତା:** ମାସିକ ଋତୁସ୍ରାବର ବିରତି ପରେ ଓଭାରି ବା ଡିମ୍ବକୋଷର ଆକାର କମିଯାଏ ଏବଂ ଇଷ୍ଟ୍ରୋଜେନ୍ ହରମୋନ୍ ଝରିବା ମଧ କମିଯାଏ । ତେଣୁ ବୟସ୍କା ମହିଳାମାନଙ୍କର କେତେକ ଜଟିଳତା ଦେଖାଦେଇଥାଏ । ହେଲେ ଯେଉଁମାନଙ୍କର ଅଳ୍ପ ବୟସରୁ ଜରାୟୁ ଅପସାରଣ ସଙ୍ଗେ ସଙ୍ଗେ ଡିମ୍ବକୋଷ କାଢ଼ିଦିଆଯାଏ(ସର୍ଜିକାଲ ମେନୋପଜ୍) ସେମାନଙ୍କ ଠାରେ ମେନୋପଜ୍‌ର ଅଳ୍ପକାଳୀନ ଓ ଦୀର୍ଘକାଳୀନ ଲକ୍ଷଣମାନ ଦେଖାଦେଇଥାଏ । ଏମିତିକି ଡିମ୍ବକୋଷ ନ କାଢ଼ିଲେ ମଧ୍ୟ ଜରାୟୁ କାଢ଼ିଦେଲା ପରେ ଓଭାରି ଆକ୍ଟିଭ ରହି ନ ଥାଏ । ତେଣୁ ମେନୋପଜ୍‌ର ଲକ୍ଷଣମାନ ଦେଖାଦିଏ ।

**ଉଷ୍ମ ହୁଳା:** ହଠାତ୍ ରାତି ଅଧରେ କାନମୂଳ ଗରମ ହୋଇଯାଇ ଗମ୍ ଗମ୍ ଝାଳ ବୋହିବା ଏବଂ ଝାଳ ବୁହା କମିଯିବା ପରେ ଛାତି ଧଡ଼ଧଡ଼ ହୋଇ ଦୁର୍ବଳ ଲାଗିବା ଭଳି ଲକ୍ଷଣ ଦେଖାଯାଏ । ଘନଘନ ପରିସ୍ରା ସଂକ୍ରମଣ ହୋଇଥାଏ ।

**ମାନସିକ ସମସ୍ୟା:** କେତେଜଣଙ୍କର ମାନସିକ ଲକ୍ଷଣ ମଧ୍ୟ ଦେଖାଦେଇଥାଏ । ଯଥା ମାନସିକ ଅବସାଦ, ଭୟ ଓ ଆତଙ୍କ ଭାବ, ଏକୁଟିଆ ଓ ଅସହାୟ ପଣ ଆଦି । ବେଳେବେଳେ ଶଙ୍କାକୁଳ ମନୋଭାବ ମଧ୍ୟ ଦେଖାଦେଇଥାଏ । ଅବସର ଗ୍ରହଣ ପରେ ବା ବୟସ୍କ ହୋଇଗଲେ ଆର୍ଥିକ, ଶାରୀରିକ ଓ ମାନସିକ ରୋଗାକ୍ରାନ୍ତ ହେବାରୁ ସେମାନେ ଜୀବନ ପାଇଁ ବୀତସ୍ପୃହ ହୋଇପଡ଼ନ୍ତି ।

**ଚର୍ମରେ ସଙ୍କୋଚନ:** ଇଷ୍ଟ୍ରୋଜେନ୍ ଅଭାବରୁ ମୁହଁ ଓ ଦେହରେ କୋଲାଜେନ୍ ଅଂଶ କମିଯାଇ ଚର୍ମ ସଙ୍କୁଚିତ ହୋଇଯାଏ । ବିଶେଷ ଭାବରେ ମୁହଁ ଓ ଆଖି ଚାରିପାଖର ଚର୍ମ ସଙ୍କୁଚିତ ହୋଇଯାଏ । ଏହାଛଡ଼ା ସାରା ଦେହରେ ଚର୍ମର ମସୃଣତା କମିଯାଏ ଏବଂ କେଶର ସାନ୍ଦ୍ରତା ମଧ୍ୟ କମିଯାଏ ।

**ଅସ୍ଥି ସମସ୍ୟା:** ଜରାୟୁ ଅପସାରଣ ପରେ ଦୀର୍ଘକାଳୀନ ମୁଖ୍ୟ ସମସ୍ୟା ହେଉଛି ହାଡ଼ପୋରିଆ ରୋଗ ବା ଅସ୍ଥି ଶିଥିଳତା । ଇଷ୍ଟ୍ରୋଜେନ୍ ହାଡ଼ର ସାନ୍ଦ୍ରତା ବଜାୟ ରଖେ । ସର୍ଜିକାଲ ମେନୋପଜ୍ ପରେ ହାଡ଼ କ୍ଷୟହେବା ଯୋଗୁ ହାଡ଼ ପତଳା ହୋଇ ବଙ୍କେଇଯାଏ । ବିଶେଷ ଭାବେ ମେରୁଦଣ୍ଡ ହାଡ଼ ବଙ୍କେଇଯିବାରୁ ମହିଳାମାନେ ନଇଁଯିବା ସହ ତାଙ୍କର ଉଚ୍ଚତା ମଧ୍ୟ କମିଯାଏ । ବିନା ଆଘାତରେ ହାଡ଼ ଭାଙ୍ଗିଯାଏ । ଏଇ ସମୟରେ କ୍ୟାଲସିୟମ ନ ଖାଇଲେ ବିଶେଷ ଭାବରେ ମଧୁମେହ ରୋଗୀ ଓ ଥାଇରଏଡ୍ ରୋଗୀମାନଙ୍କର ଶୀଘ୍ର ହାଡ଼ପୋରିଆ ରୋଗ ହୋଇଥାଏ । 'ବୋନ୍ ମ୍ୟାରୋ ଡେନ୍‌ସିଟି ମେଜରମେଣ୍ଟ' ବା ବିଏମ୍‌ଡି ଦ୍ୱାରା ଏହା ମାପ କରାଯାଇଥାଏ ଏବଂ ସେହି ଅନୁସାରେ କ୍ୟାଲସିୟମ ଓ ଭିଟାମିନ୍ ଡି ଖାଇବାକୁ ପଡ଼ିଥାଏ ।

**ଷ୍ଟ୍ରୋକ୍ ସମସ୍ୟା:** ଅଳ୍ପ ବୟସରେ ଜରାୟୁ ଅପସାରଣ ହେଲେ, ଇଷ୍ଟ୍ରୋଜେନ୍ ଅଭାବରୁ ରକ୍ତରେ ଏଲ୍‌ଡିଏଲ୍ କୋଲେଷ୍ଟେରଲ ବଢ଼ିଯାଏ । ତେଣୁ ହୃଦ୍‌ରୋଗ, ହୃଦ୍‌ଘାତ(ହାର୍ଟ ଆଟାକ) ଏବଂ ମସ୍ତିଷ୍କ ଘାତ ବା ଷ୍ଟ୍ରୋକ୍ ହେବା ଆଶଙ୍କା ବଢ଼ିଯାଏ ।

*- ସ୍ତ୍ରୀରୋଗ ଓ ପ୍ରସୂତି ବିଶେଷଜ୍ଞ*
*ଲିଙ୍କ୍‌ରୋଡ୍, କଟକ-୧୨*
*ମୋ-୯୪୩୭୦୫୫୦୦୭*

## ପ୍ରତିକାର

**ଅଳ୍ପ** ବୟସ୍କମାନଙ୍କ ଜରାୟୁ ଅପସାରଣ ପରେ ସେମାନେ ଫିଟ୍ ରହିବା ପାଇଁ ସନ୍ତୁଳିତ ଜୀବନଶୈଳୀ ସହ ପ୍ରତିଦିନ ବ୍ୟାୟାମ କରିବା ଆବଶ୍ୟକ । ଏହାଛଡ଼ା ସୁଷମ ଖାଦ୍ୟ, କ୍ୟାଲସିୟମ, ଫଳ, ୱାଲନଟ୍, ଆଲମଣ୍ଡ ଆଦି ଖାଇବା ଜରୁରୀ । ଏହାଛଡ଼ା ବେଶି ତେଲ ଓ ଚର୍ବିଜାତୀୟ ଖାଦ୍ୟ ନ ଖାଇ ଭିଟାମିନ୍‌ଯୁକ୍ତ ଆଦି ଖାଇବା ଭଲ । ସବୁଠାରୁ ଜରୁରୀ କଥା ହେଲା ଏହି ମହିଳାମାନେ ନିୟମିତ ଭାବରେ ଡାକ୍ତରଙ୍କ ପାଖରେ ଚେକ୍‌ଅପ୍ କରି ଔଷଧ ସେବନ କରିବା ସହ ସକାରାତ୍ମକ ମନୋଭାବ ନେଇ ଜୀବନ ଜୀଇବା ଦରକାର ।





## ସୌନ୍ଦର୍ଯ୍ୟ

# ତ୍ୱଚା ପାଇଁ ବରଦାନ ସଜନାଶାଗ



ସଜନାଶାଗରେ ଭରିରହିଛି ଅନେକ ପୋଷକ ତତ୍ତ୍ୱ, ଯାହା ଶରୀର ପାଇଁ ବେଶ୍ ଉପକାରୀ। ହେଲେ ଆପଣ ଜାଣି ଆଶ୍ଚର୍ଯ୍ୟ ହେବେ ଏହା ସୌନ୍ଦର୍ଯ୍ୟ ବୃଦ୍ଧି କରିବାରେ ମଧ ସାହାଯ୍ୟ କରିଥାଏ। ଜାଣିରଖନ୍ତୁ ଏହାକୁ ବ୍ୟବହାର କରିବାର ଉପାୟ...



⏭ସଜନାଶାଗକୁ ଶୁଖାଇ ଭଲ ଭାବେ ଗୁଣ୍ଡ କରିଦିଅନ୍ତୁ । ଏକ ଚାମଚ ଶାଗ ଗୁଣ୍ଡରେ ଅଧା ଚାମଚ ଲେମ୍ବୁରସ, ୧ ଚାମଚ ଲେଖାଏ ମହୁ ଏବଂ ଗୋଲାପଜଳ ମିଶାଇ ପେଷ୍ଟ ପ୍ରସ୍ତୁତ କରନ୍ତୁ । ଏହାକୁ ମୁହଁରେ ଲଗାଇ ୧୦ ମିନିଟ୍ ରଖନ୍ତୁ । ପରେ ନଖ ଉଷୁମ ପାଣିରେ ମୁହଁ ଧୋଇଦିଅନ୍ତୁ । ଏହାଦ୍ୱାରା ତ୍ୱଚାରେ ରିଙ୍କଲ ମାର୍କ ଦେଖାଯାଇ ନ ଥାଏ । ଏହା ତ୍ୱଚାକୁ ସଫା, ଟାଇଟ୍ ରଖିବା ସହ ଏଜିଂ ସମସ୍ୟା ଦୂରକରି ୟଙ୍ଗର ଲୁକ୍ ଦେଇଥାଏ ।

⏭ସଜନାଶାଗ ଖାଇବା ସହ ଏହାର ଗୁଣ୍ଡ ଲଗାଇବା ବି ତ୍ୱଚା ପାଇଁ ଲାଭଦାୟକ । ଏଥିରେ କୋଲାଜେନ୍ ପ୍ରୋଟିନ୍ ଭରି ରହିଛି । ଫଳରେ ଏହାକୁ ବ୍ୟବହାର କରିବା ଦ୍ୱାରା ସ୍କିନ୍ ଟାଇଟ୍ ଏବଂ ସୁନ୍ଦର ରହିଥାଏ ।

⏭ସ୍କିନ୍ ଟୋନ୍ ଡାର୍କ ଥିଲେ ସଜନାଶାଗ ପେଷ୍ଟକୁ ଲଗାଇ ପାରିବେ । ଏହା ସ୍ପଟ୍‌ଲେସ୍ କରିବା ସହ ସ୍କିନ୍‌ଟୋନ୍ ବଢ଼ାଇ ତ୍ୱଚାକୁ ଉଜ୍ଜ୍ୱଳ କରିବାରେ ସାହାଯ୍ୟ କରିଥାଏ ।

⏭ସଜନାତେଲରେ ଆଣ୍ଟି ବ୍ୟାକ୍ଟେରିଆଲ ଗୁଣ ଭରି ରହିଛି ଯାହାକି ବ୍ରଣ ସମସ୍ୟା ଦୂର କରିଥାଏ । ସଜନାଶାଗକୁ ପେଷ୍ଟକରି ବି ଆପଣ ବ୍ରଣ ହୋଇଥିବା ସ୍ଥାନରେ ଲଗାଇଲେ ଉପକୃତ ହେବେ ।

⏭ଓଠ ପାଇଁ ସବୁଠୁ ଭଲ ମଶ୍ଚରାଇଜର ଭାବେ କାମ କରିଥାଏ ସଜନାତେଲ । ଯେଉଁଥି ଲାଗି ବିଭିନ୍ନ ଲିପ୍‌ବାମ୍ ଏବଂ ଲିପ୍ କେୟାର ପ୍ରଡକ୍ଟଗୁଡ଼ିକରେ ଏହାକୁ ବ୍ୟବହାର କରାଯାଇଥାଏ ।

## ଖାଦ୍ୟରୁଚି

# ଗାଜର ଖିରି

**ଆବଶ୍ୟକ ସାମଗ୍ରୀ:** ଅଧା କି.ଗ୍ରା. ଗାଜର, କ୍ଷୀର ୧ ଲିଟର, ଚିନି ୧୦୦ ଗ୍ରାମ୍, ଛୋଟ ଛୋଟ କଟାହୋଇଥିବା କାଜୁ ୨ ବଡ଼ ଚାମଚ, ୨ ଚାମଚ କିସ୍‌ମିସ୍, ପେସ୍ତା ଅଧା ଚାମଚ, ୪ଟି ଗୁଜୁରାତି ଗୁଣ୍ଡ, ବେକିଂ ସୋଡ଼ା ୧/୪ ଛୋଟ ଚାମଚ ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଗାଜରରୁ ଚୋପା ଛଡ଼ାଇ ଦିଅନ୍ତୁ । ଏହାକୁ ଭଲ ଭାବେ କୋରି ଦିଅନ୍ତୁ । ଏକ ପାତ୍ରରେ ଚୁଲାରେ କ୍ଷୀର ଗରମ କରନ୍ତୁ । ଏହାକୁ ଭଲ ଭାବେ ଫୁଟି ଅଧା ହେବା ପର୍ଯ୍ୟନ୍ତ ଅପେକ୍ଷା କରନ୍ତୁ । ବେକିଂ ସୋଡ଼ା ପକାଇ ଭଲ ଭାବେ ଗୋଳାଇ ଦିଅନ୍ତୁ । କୋରା ଯାଇଥିବା ଗାଜରକୁ ସେଥିରେ ପକାଇ ଭଲଭାବେ ମିଶାନ୍ତୁ । ଏହା ଗାଢ଼ ହୋଇଗଲେ ସେଥିରେ ଚିନି ଏବଂ କାଜୁ, କିସ୍‌ମିସ୍, ପେସ୍ତା ଆଦି ପକାଇ ଧୀରେ ଧୀରେ ଗୋଳାଇ ଦିଅନ୍ତୁ । ଶେଷରେ ଗୁଜୁରାତି ଗୁଣ୍ଡ ପକାଇ ମିଶାନ୍ତୁ । ବର୍ତ୍ତମାନ ଚୁଲା ବନ୍ଦ କରିଦିଅନ୍ତୁ । ପ୍ରସ୍ତୁତ ହୋଇଗଲା ସ୍ୱାଦିଷ୍ଟ ଗାଜର ଖିରି । ଏହାକୁ ଗରମ ଗରମ କିମ୍ବା ଫ୍ରିଜ୍‌ରେ ରଖି ଥଣ୍ଡାକରି ମଧ ଖାଇପାରିବେ ।



4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

# ଡୁପ୍ଲାଣ୍ଟିସ୍‌ଙ୍କ ବିଶ୍ୱ ରେକର୍ଡ



ଆର୍ମାଣ୍ଡ ଡୁପ୍ଲାଣ୍ଟିସ୍

**ୟୁଜିନି (ୟୁଏସ୍‌ଏ), ୧୮।୯ (ଏପି)**

ପ୍ରିଫଣ୍ଟେନ କ୍ଲାସିକ୍ ଟ୍ରାକ୍ ଆଣ୍ଡ ଫିଲ୍ଡ ମିଟ୍‌ରେ ପୋଲ୍‌ଭଲ୍ଟରେ ନୂଆ ବିଶ୍ୱ ରେକର୍ଡ କରିଛନ୍ତି ସ୍ୱିଡେନ୍‌ର ପୋଲ୍‌ଭଲ୍ଟର ଆର୍ମାଣ୍ଡ ଡୁପ୍ଲାଣ୍ଟିସ୍। ଇଥିଓପିଆ ଡିଷ୍ଟାନ୍ସ ରନର ଗୁଡାଫ୍ ଟିସେଗେ ମଧ୍ୟ ନୂଆ ବିଶ୍ୱ ରେକର୍ଡ କରିଛନ୍ତି। ମୋଣ୍ଡୋ ଭାବେ ପରିଚିତ ଡୁପ୍ଲାଣ୍ଟିସ ୬.୨୩ ମିଟର ଲମ୍ଫ ମାରି ନିଜ ରେକର୍ଡକୁ ଭଙ୍ଗ କରିଥିଲେ। ବର୍ତ୍ତମାନର ବିଶ୍ୱ ଚାମ୍ପିୟନ ଚଳିତବର୍ଷ ପ୍ରାରମ୍ଭରେ ଇନ୍‌ଡୋରରେ ୬.୨୨ ମିଟର ଜମ୍ପ କରି ରେକର୍ଡ ପ୍ରତିଷ୍ଠା କରିଥିଲେ। ଏହା ପୂର୍ବରୁ ଇଥିଓପିଆର ଗୁଡାଫ୍ ଟିସେଗେ ୧୪:୦୦.୨୧ ଟାଇମିଂରେ ୫,୦୦୦ ମିଟର ଅତିକ୍ରମ କରି ବିଶ୍ୱରେକର୍ଡ ଭଙ୍ଗ କରିଥିଲେ। ପୂର୍ବରୁ ଏହି ରେକର୍ଡ କେନିଆର ଫେଥ୍ କିପ୍‌ୟେଗନ (୧୪:୦୫.୨୦)ଙ୍କ ନାମରେ ରହିଥିଲା। ସେ ଚଳିତବର୍ଷ ପ୍ୟାରିସରେ ଏହି ସଫଳତା ହାସଲ କରିଥିଲେ। ଟିସେଗେ ଆହୁରି ମଧ୍ୟ ତାଙ୍କ ବ୍ୟକ୍ତିଗତ ଶ୍ରେଷ୍ଠଠାରୁ ୧୨ ସେକେଣ୍ଡ ଆଗୁଆ ରେସ୍ ଶେଷ କରିଥିଲେ। କେନିଆର ବିଟ୍ରିସ ଚେବେଟେ ୧୪:୦୫.୯୨ ଟାଇମିଂରେ ରନରଅପ୍ ହୋଇଥିଲେ। ଟିସେଗେ କହିଛନ୍ତି, ଆସନ୍ତା ବର୍ଷ ସେ ୧୪ ମିନିଟ୍‌ରୁ କମ୍ ସମୟରେ ରେସ୍ ଶେଷ କରିବାକୁ ଚେଷ୍ଟା କରିବେ। ପ୍ରିଫଣ୍ଟେନ କ୍ଲାସିକ ସାଧାରଣତଃ ମେ ମାସ ଶେଷ ଭାଗରେ ହୋଇଥାଏ।

# ଅଷ୍ଟ୍ରେଲିଆ ସିରିଜ୍ ପାଇଁ ଅଶ୍ୱିନ ସାମିଲ

**ନୂଆଦିଲ୍ଲୀ,୧୮।୯(ପି.ଟି.)**

ଦିନିକିଆ କ୍ରିକେଟ ବିଶ୍ୱକପ ପୂର୍ବରୁ ଅଷ୍ଟ୍ରେଲିଆ ବିପକ୍ଷରେ ଭାରତ ଏକ ୩ ମ୍ୟାଚ ବିଶିଷ୍ଟ ସିରିଜ ଖେଳିବ। ଏହି ଗୁରୁତ୍ୱପୂର୍ଣ୍ଣ ଦିନିକିଆ ସିରିଜ୍ ପାଇଁ ଭାରତୀୟ ଦଳ ସୋମବାର ଘୋଷଣା କରାଯାଇଛି। ଦଳକୁ ଭେଟେରାନ୍ ଅଫ୍ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ ପ୍ରତ୍ୟାବର୍ତ୍ତନ କରିଥିବା ବେଳେ ପ୍ରଥମ ଦୁଇ ଦିନିକିଆ ପାଇଁ ବିରାଟ କୋହଲି, ଅଧିନାୟକ ରୋହିତ ଶର୍ମା ଓ ଉପ ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ବିଶ୍ରାମ ଦିଆଯାଇଛି। ପ୍ରଥମ ଦୁଇଟି ମ୍ୟାଚରେ ଲୋକେଶ ରାହୁଲ ଭାରତୀୟ ଦଳର ନେତୃତ୍ୱ ନେବେ। ସେପ୍ଟେମ୍ବର ୨୨ରେ ପ୍ରଥମ ମ୍ୟାଚ୍ ମୋହାଲିରେ ଓ ୨୪ ତାରିଖରେ ଦ୍ୱିତୀୟ ମ୍ୟାଚ ଇନ୍ଦୋରରେ ଖେଳାଯିବ। ୨୭ ତାରିଖରେ ରାଜକୋଟରେ ହେବାକୁଥିବା ଅନ୍ତିମ ଦିନିକିଆ ପାଇଁ କୋହଲି, ରୋହିତ ଓ ପାଣ୍ଡ୍ୟା ଭାରତୀୟ ଦଳକୁ ପ୍ରତ୍ୟାବର୍ତ୍ତନ କରିବେ।



ରବିଚନ୍ଦ୍ରନ ଅଶ୍ୱିନ

## କୋହଲି, ରୋହିତ, ପାଣ୍ଡ୍ୟାଙ୍କୁ ବିଶ୍ରାମ

**ପ୍ରଥମ ଦୁଇ ଦିନିକିଆ ପାଇଁ ଦଳ:** ଲୋକେଶ ରାହୁଲ(ଅଧିନାୟକ), ରବୀନ୍ଦ୍ର ଜାଡେଜା(ଉପ ଅଧିନାୟକ), ଋତୁରାଜ ଗାଏକ୍ୱାଡ, ଶୁବମନ ଗିଲ୍, ଶ୍ରେୟସ୍ ଆୟର, ସୂର୍ଯ୍ୟକୁମାର ଯାଦବ, ତିଲକ ବର୍ମା, ଇଶାନ କିଶନ(ଉଇକେଟ କିପର), ଶାର୍ଦ୍ଦୂଳ ଠାକୁର, ୱାଶିଂଟନ୍ ସୁନ୍ଦର, ଆର. ଅଶ୍ୱିନ୍, ଯଶପ୍ରୀତ୍ ବୁମ୍‌ରା, ମହମ୍ମଦ ଶାମି, ମହମ୍ମଦ ସିରାଜ, ପ୍ରସିଦ୍ଧ କ୍ରିଷ୍ଣା।

**ଅନ୍ତିମ ଦିନିକିଅ ଦଳ:** ରୋହିତ ଶର୍ମା (ଅଧିନାୟକ), ହାର୍ଦ୍ଦିକ ପାଣ୍ଡ୍ୟା (ଉପ ଅଧିନାୟକ), ଲୋକେଶ ରାହୁଲ (ଉଇକେଟ କିପର), ବିରାଟ କୋହଲି, ରବୀନ୍ଦ୍ର ଜାଡେଜା, ଶୁବମନ ଗିଲ୍, ଶ୍ରେୟସ୍ ଆୟର, ସୂର୍ଯ୍ୟକୁମାର ଯାଦବ, ଇଶାନ କିଶନ (ଉଇକେଟ କିପର), ଅକ୍ଷର ପଟେଲ (ସବଜେକ୍ଟ ଟୁ ଫିଟନେସ୍), ଶାର୍ଦ୍ଦୂଳ ଠାକୁର, ୱାଶିଂଟନ୍ ସୁନ୍ଦର, ଆର. ଅଶ୍ୱିନ୍, ଯଶପ୍ରୀତ୍ ବୁମ୍‌ରା, ମହମ୍ମଦ ଶାମି, ମହମ୍ମଦ ସିରାଜ।

# ବିନା ପ୍ରସ୍ତୁତିରେ ଅଭିଯାନ ଆରମ୍ଭ କରିବ ଭାରତ

**ହାଙ୍ଗଝୋ,୧୮।୯(ପି.ଟି.)**

ଚାଇନାର ହାଙ୍ଗଝୋରେ ଏସିଆନ୍ ଗେମ୍ସ ୨୦୨୩ ଆରମ୍ଭ ହେବାକୁ ଯାଉଛି। ସେପ୍ଟେମ୍ବର ୨୩ରୁ ଏହି ଟୁର୍ନାମେଣ୍ଟ ଆରମ୍ଭ ହେବାକୁ ଯାଉଥିବା ବେଳେ ମଙ୍ଗଳବାର ଆରମ୍ଭ ହେବ ଫୁଟବଲ ଟୁର୍ନାମେଣ୍ଟ। ଭାରତୀୟ ପୁରୁଷ ଦଳ ଚାଇନା ବିପକ୍ଷରୁ ଖେଳି ଏହାର ଅଭିଯାନ ଆରମ୍ଭ କରିବ। ଶେଷ ମୁହୂର୍ତ୍ତରେ ଭାରତୀୟ ଦଳ ଘୋଷଣା କରାଯାଇଥିବା ବେଳେ ଦଳର ସମସ୍ତ ଖେଳାଳି ଏକତ୍ର ଅଭ୍ୟାସ କରିବାର ମଧ୍ୟ ସୁଯୋଗ ପାଇ ନାହାନ୍ତି। ଶୁକ୍ରବାର ଦଳ ଘୋଷଣା ହୋଇଥିବା ବେଳେ ରବିବାର ଚାଇନା ଗସ୍ତ କରିଥିଲା ଭାରତ। ଏପରି କି ଦଳର ଦୁଇ ଡିଫେଣ୍ଡର କୋନସାମ ଚିଙ୍ଗଲସେନା ସିଂ ଓ ଲାଲଚୁଙ୍ଗନୁଙ୍ଗାଙ୍କୁ ଭିଜା ନ ମିଳିବାରୁ ଉଭୟ ଦଳ ସହିତ ଗସ୍ତ କରି ନାହାନ୍ତି। ଉଭୟଙ୍କ ପାଇଁ ଏକ୍ସପ୍ରେସ୍ ଭିଜା ବ୍ୟବସ୍ଥା କରାଯାଉଥିବା ବେଳେ ଆସନ୍ତା ଦୁଇ ଦିନ ମଧ୍ୟରେ ଉଭୟ ଦଳ ସହିତ ଯୋଗଦେବେ ବୋଲି ଚେଫ୍ ଡେ ମିଶନ ଭୂପିନ୍ଦର ସିଂ ବାଜୱା କହିଛନ୍ତି। ଉଭୟ ଖେଳାଳି ମଙ୍ଗଳବାର ମ୍ୟାଚରୁ ବାଦ୍ ପଡିଥିବା ବେଳେ ବରିଷ୍ଠ ଖେଳାଳି ସୁନୀଲ ଛେତ୍ରୀ ଓ ସନ୍ଦେଶ ଝିଙ୍ଗନଙ୍କୁ ବିଶ୍ରାମ ଦେବାକୁ ନିଷ୍ପତ୍ତି ନେଇଛନ୍ତି। ଉଭୟ ଖେଳାଳି କିଛି ସପ୍ତାହ ହେବ ଅଭ୍ୟାସ ଆରମ୍ଭ କରିଛନ୍ତି। ପରବର୍ତ୍ତୀ ଦୁଇ ମ୍ୟାଚ୍ ପାଇଁ ଉଭୟଙ୍କୁ ବିଶ୍ରାମ ଦିଆଯାଉଛି। ଚାଇନା ଭାରତ ଅପେକ୍ଷା ଶକ୍ତିଶାଳୀ ଦଳ ହୋଇଥିବା ବେଳେ ଭାରତର ବିଜୟ ସମ୍ଭାବନା ମଧ୍ୟ ସାମାନ୍ୟ କମ୍। ଅନ୍ୟପକ୍ଷରେ ବାଂଲାଦେଶ ଓ ମ୍ୟାନ୍‌ମାର ବିପକ୍ଷ ମ୍ୟାଚକୁ ଭାରତ ସହଜରେ ଜିତିବାର ସମ୍ଭାବନା ରହିଛି। ଶେଷ ଥର ପାଇଁ ୨୦୦୨ ବୁସାନ୍ ଏସିଆନ୍ ଗେମ୍ସରେ ଉଭୟ ଦଳ ସାମ୍ନାସାମ୍ନି ହୋଇଥିଲେ। ଚାଇନା ୨-୦ରେ ଏହି ମ୍ୟାଚକୁ ଜିତି ନେଇଥିଲା। ଏପରି କି ପ୍ରଥମ ମ୍ୟାଚ୍ ପାଇଁ ଚାଇନାକୁ ଫେଭରିଟ୍ ବିବେଚନା କରିଛନ୍ତି ଷ୍ଟିମାକ୍।


ଏସିଆନ ଗେମ୍ସ ପାଇଁ ଚାଇନାରେ ଭାରତୀୟ ଫୁଟବଲ ଦଳ।

# ଫିଟ୍‌ନେସ୍ ଟେଷ୍ଟ ଦେବେ ନର୍ଜେ, ମାଗାଲା

**ଜୋହାନ୍ସବର୍ଗ, ୧୮।୯ (ପି.ଟି.)**

ଭାରତରେ ହେବାକୁଥିବା ଆଗାମୀ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ବିଶ୍ୱକପ୍‌ରେ ଦକ୍ଷିଣ ଆଫ୍ରିକା ଫାଷ୍ଟ ବୋଲର ଏନ୍‌ରିଚ୍ ନର୍ଜେ ଓ ସାସାଣ୍ଡା ମାଗାଲାଙ୍କ ଖେଳିବା ନେଇ ଅନିଶ୍ଚିତତା ଦେଖା ଦେଇଛି। ଚଳିତ ସପ୍ତାହରେ ଫିଟ୍‌ନେସ୍ ଟେଷ୍ଟ ପରେ ଏହି ଦୁଇ ଖେଳାଳି ଉପଲବ୍ଧ ହେବେ କି ନା ତାହା ସ୍ପଷ୍ଟ ହୋଇଯିବ। ଏହି ଦୁଇ ଖେଳାଳି ବିଶ୍ୱକପ୍ ପାଇଁ ଦକ୍ଷିଣ ଆଫ୍ରିକାର ପ୍ରାରମ୍ଭିକ ୧୫ ଜଣିଆ ଦଳରେ ସ୍ଥାନ ପାଇଥିଲେ। ମାତ୍ର ନିକଟରେ ଶେଷ ହୋଇଥିବା ଅଷ୍ଟ୍ରେଲିଆ ବିପକ୍ଷ ୫ ମ୍ୟାଚ ବିଶିଷ୍ଟ ଅନ୍ତର୍ଜାତୀୟ ଦିନିକିଆ ସିରିଜରେ ପ୍ରତ୍ୟେକ ଗୋଟିଏ ଲେଖାଏ ମ୍ୟାଚ ଖେଳିଥିଲେ। ଦକ୍ଷିଣ ଆଫ୍ରିକା ସେପ୍ଟେମ୍ବର ୨୩ରେ ଭାରତ ଅଭିମୁଖେ ଗସ୍ତ କରିବ।




